

‘ବାରଣାସୀ’କୁ ନେଇ ଚର୍ଚ୍ଚା

▶ପୃଷ୍ଠା ୧୧ ଦେଖନ୍ତୁ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-115 ◆WEDNESDAY ◆22 OCTOBER 2025 ◆PAGE-12 ◆₹ 6.00 | PANIKOILI | ◆ବର୍ଷ-୪୩ ◆ସଂଖ୍ୟା-୧୧୫ ◆ବୁଧବାର ◆୨୨ ଅକ୍ଟୋବର ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦


**ଧାନ କ୍ଷେତକୁ ନେଇ ବଢୁଛି ଚିନ୍ତା**

# ପଛକୁ ପଛ ଆସୁଛି ୩ ଲଘୁଚାପ

■ ଭୁବନେଶ୍ୱର,୨୧।୧୦(ସମିସ): କ୍ଷେତରେ ଲହଡ଼ି ଭାଙ୍ଗୁଛି ଧାନ ଫସଲ। କିଛି ଅଞ୍ଚଳରେ ଧାନ ପାଚିବା ପାଚିବା ଅବସ୍ଥାରେ ପହଞ୍ଚି ଥିବା ବେଳେ ଅନେକ ସ୍ଥାନରେ ପାଚିଲା ଧାନ କ୍ଷେତରେ ଲହଡ଼ି ମାରୁଛି । ଅନୁକୂଳ ମୌସୁମୀ ଯୋଗୁଁ ଚଳିତ ବର୍ଷ ଆଶାନୁରୂପ ଅମଳ ହେବ ବୋଲି ଚାଷୀ ଅନୁମାନ କରୁଛନ୍ତି। ଏହି ସମୟରେ ବଙ୍ଗୋପସାଗରରେ ପଛକୁ ପଛ ୩ଟି ଲଘୁଚାପ ରାଜ୍ୟର ଚାଷୀଙ୍କ ନିଦ ହଜାଇ ଦେବା ସହ ଚିନ୍ତା କାରଣ ପାଲଟିଛି । ବର୍ଷା କି ପବନ ହେଲେ ଧାନ କ୍ଷେତ ଗଭୀର ଭାବରେ ପ୍ରଭାବିତ ହେବ ଓ ଅମଳ କମିବ ବୋଲି ଚାଷୀମାନେ ଆଶଙ୍କା କରିଛନ୍ତି ।

ସମ୍ପ୍ରତି ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଲଘୁଚାପ ସୁଦୃଶ୍ୟ ଲଘୁଚାପରେ ପରିଣତ ହୋଇଛି। ବର୍ତ୍ତମାନ ଏହା ଦକ୍ଷିଣ-ପଶ୍ଚିମ ବଙ୍ଗୋପସାଗରରେ ସକ୍ରିୟ ରହିଥିବା ବେଳେ ପଶ୍ଚିମ-ଉତ୍ତର ପଶ୍ଚିମକୁ ଦିଗକୁ କରୁଛି। ବୁଧବାର ଅପରାହ୍ଣ ସୁଦ୍ଧା ଏହା ଆହୁରି ଘନୀଭୂତ ହୋଇ ଅବପାତରେ ପରିଣତ ହେବାର ସମ୍ଭାବନା ରହିଛି। ପରବର୍ତ୍ତୀ ୨୪ ଘଣ୍ଟାରେ ଏହା ଘନୀଭୂତ ହୋଇ ଉତ୍ତର ତାମିଲନାଡୁ, ପୁଡୁଚେରୀ, ଦକ୍ଷିଣ ଆନ୍ଧ୍ର ଉପକୂଳ ଆଡକୁ ଗତି କରିବା ନେଇ ପାଣିପାଗ କେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଏହା ପ୍ରଭାବରେ ଦକ୍ଷିଣ ଓଡ଼ିଶାର କିଛି ଜିଲ୍ଲାରେ ବର୍ଷା ନେଇ ମଧ୍ୟ ଆକଳନ କରାଯାଇଛି।



ମାତ୍ର ଏହି ଲଘୁଚାପ ପଛେପଛେ ପୁଣି ଏକ ଲଘୁଚାପ ସୃଷ୍ଟି ସମ୍ପର୍କରେ ପାଣିପାଗ ବିଜ୍ଞାନୀଙ୍କ ଆକଳନକୁ ନେଇ ସବୁ ମହଲରେ ଉତ୍କଣ୍ଠା ପ୍ରକାଶ ପାଇଛି। ପାଣିପାଗ ବିଜ୍ଞାନୀମାନେ ଚଳିତ ସପ୍ତାହରେ ଆଉ ଏକ ଲଘୁଚାପ ନେଇ ଆକଳନ କରିଛନ୍ତି । ବିଭିନ୍ନ ମଡ଼େଲରେ ଏ ସମ୍ପର୍କରେ ପୂର୍ବାନୁମାନ କରାଯାଇଥିବାବେଳେ କିଛି ପାଣିପାଗ ବିଜ୍ଞାନୀ ରାଜ୍ୟରେ ବର୍ଷା ହେବା ଆଶଙ୍କା କରିଛନ୍ତି। ପାଣିପାଗ ବିଶେଷଜ୍ଞ ପ୍ରଫେସର ସୁରେନ୍ଦ୍ରନାଥ ପଶୁପାଳକ କହିଛନ୍ତି ଯେ ଚଳିତ ସପ୍ତାହରେ ବଙ୍ଗୋପସାଗରରେ ୨ଟି ଲଘୁଚାପର ସମ୍ଭାବନା ରହିଛି। ବର୍ତ୍ତମାନ ଗୋଟିଏ ଲଘୁଚାପ ସୃଷ୍ଟି ହୋଇଥିବା ବେଳେ ଆଉଗୋଟିଏ ଲଘୁଚାପ ଆଗକୁ ସୃଷ୍ଟି ହେବ। ବିଭିନ୍ନ ମଡେଲ୍‌ର ଆକଳନକୁ ଅନୁଧ୍ୟାନ କରି ପ୍ରଫେସର ପଶୁପାଳକ କହିଛନ୍ତି ଯେ ବଙ୍ଗୋପସାଗରରେ ଚଳିତ ସପ୍ତାହରେ ସମୁଦ୍ର

**ଦକ୍ଷିଣ ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ବର୍ଷା ଆଶଙ୍କା**

ଓ ଉପରିସ୍ତ ବାୟୁମଣ୍ଡଳର ପ୍ରତିକୂଳ ପରିସ୍ଥିତି ଯୋଗୁଁ ବର୍ତ୍ତମାନ ରହିଥିବା ଲଘୁଚାପ ୨୪ ତାରିଖ ସୁଦ୍ଧା ଘନୀଭୂତ ନ ହୋଇ ୨୪-୨୫ ମଧ୍ୟରେ ସମ୍ଭାବ୍ୟ ଦ୍ୱିତୀୟ ଲଘୁଚାପ ସହିତ ମିଶି ଅନ୍ୟ ଗୋଟିଏ ପାଣିପାଗ ନିୟାମକ (ସିଷ୍ଟମ) ହେବ। ତେବେ ଏହା କେବେ ଓ କେତେ ଘନୀଭୂତ ହେବ ଏବଂ ଗତିପଥ କ'ଣ ରହିବ ତାହା ବର୍ତ୍ତମାନ ଅନିଶ୍ଚିତତା ମଧ୍ୟରେ। ଏହା ୨୪ ତାରିଖ ବେଳକୁ ସ୍ପଷ୍ଟ ହେବ। ବର୍ତ୍ତମାନ ସାମୁଦ୍ରିକ ବାୟୁର ପ୍ରବାହ ଯୋଗୁଁ ଉତ୍ତରା ଥଣ୍ଡା ପବନ ରାଜ୍ୟକୁ ଆସିପାରୁ ନାହିଁ। ସପ୍ତାହେ ପର୍ଯ୍ୟନ୍ତ ସର୍ବନିମ୍ନ ତାପମାତ୍ରାରେ ବିଶେଷ ପରିବର୍ତ୍ତନ ସମ୍ଭାବନା ନାହିଁ। ଏହା ସହିତ ମଝିରେ ମଝିରେ ବର୍ଷା ଓ ମେଘୁଆ ପାଗର ମଧ୍ୟ ସମ୍ଭାବନା ରହିଛି ବୋଲି ପ୍ରଫେସର ପଶୁପାଳକ କହିଛନ୍ତି।

ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ରର ପୂର୍ବତନ ନିର୍ଦ୍ଦେଶକ ଶରତ ସାହୁ କହିଛନ୍ତି ଯେ ବର୍ତ୍ତମାନର ଲଘୁଚାପ ଦକ୍ଷିଣ-ପଶ୍ଚିମ ଆଡ଼କୁ ଗତି କରିବା ନେଇ ଜଣାପଡୁଛି। ଏହା ଆରବ ସାଗର ଆଡ଼କୁ ବି ଯାଇପାରେ। ଏହାର ପ୍ରଭାବରେ ଓଡ଼ିଶାରେ ୨୪ରୁ ୨୬ ଭିତରେ ବର୍ଷା ହୋଇପାରେ। ଆଭ୍ୟନ୍ତରୀଣ ଓଡ଼ିଶାରେ ମାତ୍ରାଧିକ ବର୍ଷା ହେବାର ସମ୍ଭାବନା ରହିଛି। ଏହାପରେ ବଙ୍ଗୋପସାଗରରେ ଆଉ ଦୁଇଟି ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି। ଗୋଟିଏ ୨୬ ବା ୨୭ ତାରିଖରେ ଓ ଅନ୍ୟଟି ୨୮ ବା୨୯ ତାରିଖରେ ସୃଷ୍ଟି ହେବା ନେଇ ଜଣାପଡୁଛି। ୨୮-୨୯ ବେଳକୁ ▶ପୃଷ୍ଠା-୭

# ଦୀପାବଳି ବେପାର ୬ ଲକ୍ଷ କୋଟି

■ ନୂଆଦିଲ୍ଲୀ,୨୧।୧୦(ଏଜେନ୍ସି : ଚଳିତ ବର୍ଷର ଦୀପାବଳି କେବଳ ଆଲୋକ ଏବଂ ମିଠାର ପର୍ବ ନ ଥିଲା, ଏହା ଭାରତୀୟ ଅର୍ଥନୀତି ପାଇଁ ଉତ୍ସାହଜନକ ପରିବେଶ ଥିଲା । ଏହି ସମୟରେ ଦେଶର ବଜାରଗୁଡ଼ିକ ପୂର୍ବବର୍ଷ କାରବାରର ସମସ୍ତ ରେକର୍ଡ ଭାଙ୍ଗିଦେଇଛି । ଏଥର ସାରା ଦେଶରେ ୬ ଲକ୍ଷ କୋଟିରୁ ଅଧିକ ଟଙ୍କାର କାରବାର



ହୋଇଛି । ଗତବର୍ଷ ଏହି ସମୟରେ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିବା ବେଳେ ଏଥର ଏଥିରେ ୨୫ ପ୍ରତିଶତ ବୃଦ୍ଧି ପାଇ ୬ ଲକ୍ଷ କୋଟିରୁ ଅଧିକରେ ପହଞ୍ଚିଛି । ଏହାକୁ ଦେଶର ବ୍ୟବସାୟ ଇତିହାସରେ ସବୁଠାରୁ ବଡ଼ ଉତ୍ସବ ବିକ୍ରି (ଫେଷ୍ଟିଭ୍ ସେଲ୍) ବୋଲି କୁହାଯାଉଛି । ଏହି ସମୟରେ ୫.୪୦ ଲକ୍ଷ କୋଟି ଟଙ୍କାର ସାମଗ୍ରୀ ବିକ୍ରି ହୋଇଥିବା ବେଳେ ସେବା କ୍ଷେତ୍ରରେ ୬୫ ହଜାର କୋଟି ଟଙ୍କାର ରେକର୍ଡ କାରବାର ହୋଇଛି ।

କନଫେଡେରେସନ ଅଫ୍ ଅଲ୍ ଇଣ୍ଡିଆ ଟ୍ରେଡର୍ସ (କ୍ୟାଟ୍)ର ସର୍ଭେ ରିପୋର୍ଟ ଅନୁଯାୟୀ, ଏହି ବର୍ଷର ବିକ୍ରି କୌଣସି ଗୋଟିଏ କ୍ଷେତ୍ର ।।ରେ ସୀମିତ ନ ଥିଲା । ରାସନ ସାମଗ୍ରୀ ଠାରୁ ଆରମ୍ଭ କରି, ମୋଟର ଯାନ, ଇଲେକଟ୍ରୋନିକ୍ସ ସାମଗ୍ରୀ, ସୁନା ଏବଂ ରୁପା ଅଳଙ୍କାର ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ବିକ୍ରି ବଟାରେ ଇତିହାସ ସୃଷ୍ଟି ହୋଇଛି । କ୍ୟାଟ୍‌ର ଜାତୀୟ ସଭାପତି ବି.ସି. ଭରତିଆ କହିଛନ୍ତି ଯେ

- **ଗତ ବର୍ଷ ତୁଳନାରେ କାରବାର ୨୫% ବଢ଼ିଛି**
- **ସେବା କ୍ଷେତ୍ରରେ ୬୫ ହଜାର କୋଟିର କାରବାର ରେକର୍ଡ**

ପ୍ରାୟ ପ୍ରତ୍ୟେକ କ୍ଷେତ୍ରରେ କିଣାକିଣି ଜୋରଦାର ହୋଇଛି । ନବରାତ୍ରୀ (୨୯ ସେପଟେମ୍ବର)ରୁ ଦୀପାବଳି (୨୦ ଅକଟୋବର) ମଧ୍ୟରେ ହୋଇଥିବା କାରବାରକୁ ଫେଷ୍ଟିଭ୍ ସିଜିନ ରୂପେ ବିଚାର କରାଯାଉଛି । ଏହି ସମୟ ମଧ୍ୟରେ ସର୍ବାଧିକ କାରବାର ଗ୍ରସରି ଏବଂ ଏଫ୍‌ଏମ୍‌ସିଜି (ରାସନ ଓ ଅନ୍ୟ ଅତ୍ୟାବଶ୍ୟକ ସାମଗ୍ରୀ)ର ଭାଗ ସର୍ବାଧିକ ୧୨%ଥିଲା । ଉତ୍ସବ ଋତୁରେ ସମୃଦ୍ଧିର ପ୍ରତୀକ ଭାବରେ ବିବେଚିତ ସୁନା ଏବଂ ରୁପା ଅଳଙ୍କାର କାରବାର ୧୦% ସହ ଦ୍ୱିତୀୟ ସ୍ଥାନରେ ରହିଛି । ଏହାବ୍ୟତୀତ, ▶ପୃଷ୍ଠା-୭

**ନୂଆପଡା ଉପନିର୍ବାଚନ**

# ୧୯ ପ୍ରାର୍ଥୀଙ୍କ ନାମାଙ୍କନ ଦାଖଲ

■ ଭୁବନେଶ୍ୱର,୨୧।୧୦(ସମିସ): ନୂଆପଡା ବିଧାନସଭା ଉପ ନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲର ଶେଷ ହୋଇଛି। ଶେଷ ଦିନ ସୁଦ୍ଧା ସମୁଦାୟ ୧୯ ଜଣ ପ୍ରାର୍ଥୀ ଏହି ଉପନିର୍ବାଚନ ପାଇଁ ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ବିଜୁ ଜନତା ଦଳର ସ୍ନେହାଙ୍ଗିନୀ ଛୁରିଆ,ବିଜେପିରୁ ଜୟ ଢୋଲକିଆ ଏବଂ କଂଗ୍ରେସ ପ୍ରାର୍ଥୀ ଭାବରେ ଘାସିରାମ ମାଝୀ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ସମାଜବାଦୀ ପାର୍ଟିର ରମାକାନ୍ତ ହାତୀ, ବହୁଜନ ମୁକ୍ତି ପାର୍ଟିର ହେମନ୍ତ ତାଣ୍ଡି, ବହୁଜନ ସମାଜ ପାର୍ଟିର ରାଜା ରାମ ସାହୁ, ଓଡ଼ିଶା ଜନତା ଦଳର ଶୁକଧର ଦଣ୍ଡସେନା, ରାଷ୍ଟ୍ରୀୟ ପରିବର୍ତ୍ତନ ଦଳର ସୀତାରାମ ବେହେରା ନାମାଙ୍କନ ପତ୍ର ଦାଖଲ କରିଛନ୍ତି। ଏମାନଙ୍କ ସହିତ ୧୧ ଜଣ ସ୍ୱାଧୀନ ପ୍ରାର୍ଥୀ ଆଶ୍ରୟ ମହାନନ୍ଦ, ଇଂ ଚକ୍ରାନ୍ତ ଜେନା, ପୁରୁଷୋତ୍ତମ ବେହେରା, କମଲ କୁମାର ଛତ୍ରିଆ, ଭୁବନଲାଲ ସାହୁ, ଲୋଚନ ମାଝୀ, ଭୁଜବଳ ଆଡ଼ବଙ୍ଗ, କିଶୋର କୁମାର ବାଗ, ଭକ୍ତ ବନ୍ଧୁ ଧରୁଆ, ନୀତା ବାଗ ଏବଂ ଲକ୍ଷ୍ମୀ କାନ୍ତ ତାଣ୍ଡି ପ୍ରମୁଖ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ଅକ୍ଟୋବର ୨୪ (ଶୁକ୍ରବାର) ନାମାଙ୍କନ ପତ୍ର ପ୍ରତ୍ୟାହାରର ଶେଷ ତାରିଖ ରହିଛି।

**ଦୀପାବଳି ପ୍ରଦୂଷଣ**

# ଦିଲ୍ଲୀକୁ ଟପିଲା ଭୁବନେଶ୍ୱର

■ ଭୁବନେଶ୍ୱର,୨୧।୧୦(ସମିସ): ଦୀପାବଳି ବାଣ ପ୍ରଦୂଷଣରେ ଜାତୀୟ ରାଜଧାନୀ ଦିଲ୍ଲୀକୁ ଟପିଛି ଓଡ଼ିଶାର ରାଜଧାନୀ ଭୁବନେଶ୍ୱର। ପ୍ରଦୂଷଣ କ୍ଷେତ୍ରରେ ସାରା ଦେଶରେ ଦିଲ୍ଲୀ ସବୁଠାରୁ ଅପଖ୍ୟାତି ଅର୍ଜନ

- **୬୫୭ରେ ପହଞ୍ଚିଲା ବାୟୁର ଗୁଣବତ୍ତା**
- **କେବଳ କାଗଜ କଲମରେ କଟକଣା**

କରିଥିବା ସମୟରେ ଭୁବନେଶ୍ୱର ତାହାକୁ ବି ଅତିକ୍ରମ କରିଛି । ଗତକାଲି ଏକ ସମୟରେ ବାୟୁର ଗୁଣବତ୍ତାମାନ ରାଜଧାନୀ ଭୁବନେଶ୍ୱରରେ ୬୦୦ ଏକ୍ୟୁଆଇ (ଏୟାର କ୍ୱାଲିଟି ଇଣ୍ଡେକ୍ସ) ଅତିକ୍ରମ କରିଛି। ଯାହା ଅତ୍ୟନ୍ତ ଦୂଷିତ ଓ ସ୍ୱାସ୍ଥ୍ୟ ପାଇଁ କ୍ଷତିକାରକ ଭାବରେ ଗଣାଯାଇଛି। ଅନ୍ୟପକ୍ଷରେ ଦ୍ୱୈତନଗରୀ କଟକ-ଭୁବନେଶ୍ୱର ପାଇଁ ଜାରି କମିଶନରେଟ ପୁଲିସର କଟକଣା କେବଳ କାଗଜକଲମରେ ସୀମିତ ରହିଛି । ▶ପୃଷ୍ଠା-୭



# ଚୌଦ୍ୱାର ଜେଲ୍‌ରେ ଗ୍ୟାଙ୍ଗ୍‌ୱାର୍ !

**କଏଦୀଙ୍କୁ ମରଣାନ୍ତକ ଆକ୍ରମଣ**

■ କଟକ/ଚୌଦ୍ୱାର,୨୧।୧୧ (ସମିସ): ଚୌଦ୍ୱାର ମଣ୍ଡଳ କାରଗାରରେ ଦିନକୁ ଦିନ ଗ୍ୟାଙ୍ଗ୍‌ୱାର୍ ଉଗ୍ର ରୂପ ଧାରଣ କରୁଛି। ନିକଟରେ ଜେଲ୍ ଭିତରୁ ୨ଜଣ ଦୁର୍ଦ୍ଦାନ୍ତ ଅପରାଧି ଖସି ପଳାଇଥିବା ବେଳେ ପୁଣି ଗତକାଲି ଭୋର୍ ସମୟରେ ଘଟିଛି ଆଉ ଏକ ହିଂସା। ଜଣେ କଏଦୀ ଶୋଇଥିବା ବେଳେ ଆଉ ଜଣେ କଏଦୀ ତା' ସେଲ୍ ମଧ୍ୟକୁ ଯାଇ ଏକ ମାଙ୍କଡ଼ା ପଥରରେ ମୁଣ୍ଡକୁ ଆକ୍ରମଣ କରିଛି। ଏଥିରେ ସମ୍ପୃକ୍ତ କଏଦୀର ମୁଣ୍ଡରେ ୩୫ଟି ଷ୍ଟିଚ୍ ପଡ଼ିଛି। ସେ ଗୁରୁତର ହୋଇ ଏସ୍‌ସିବି ମେଡିକାଲ୍‌ରେ ଚିକିତ୍ସିତ ହେଉଛି। ଗୁରୁତର କଏଦୀର ନାଁ କବି ସେଠ। ସେ ୱାର୍ଡ ନମ୍ବର ୬୨ର ଅନ୍ତେବାସୀ ହୋଇଥିବା ବେଳେ ତା' ପୂର୍ବରୁ ସେମିତି କୌଣସି ବିଶୃଙ୍ଖଳିତ ଆଚରଣ ନଥିବା ପୁଲିସ କହିଛି।

ସୂଚନା ଅନୁସାରେ, ଜେଲ୍ ଭିତରେ ୨ଗୋଷ୍ଠୀ ମଧ୍ୟରେ ଦୀର୍ଘ ଦିନ ହେବ ଛକାପଞ୍ଝା ଲାଗି ରହିଥିଲା। ଗୁରୁତର ହୋଇଥିବା କବି ଗୋଟିଏ ଗୋଷ୍ଠୀର ସମର୍ଥନରେ ରହିଥିବା ବେଳେ ଆକ୍ରମଣ କରିଥିବା କଏଦୀ ସନ୍ତୋଷ ସିହ୍ନା ଅନ୍ୟ ଏକ ଗୋଷ୍ଠୀର ବୋଲି ଜଣାପଡ଼ିଛି। ଗତ ସୋମବାର ଜେଲ୍ ପକ୍ଷରୁ ସକାଳ ଜଳଖିଆ ଖାଇବାକୁ ଦିଆଯାଇଥିଲା। ପୂର୍ବ ଶତ୍ରୁତା କାରଣରୁ ଆକ୍ରମଣକାରୀ କଏଦୀ ସନ୍ତୋଷ ଓ କବି ମଧ୍ୟରେ ବଚସା ହୋଇଥିଲା। ପରେ କବିର ଖାଇବା ଥାଳିକୁ ଫିଙ୍ଗି ଦେଇଥିଲା ସନ୍ତୋଷ। ▶ପୃଷ୍ଠା-୭

# ରାଜ୍ୟରେ ବନ୍ଦ ହେବ ୫୬୩୦ ବିଦ୍ୟାଳୟ !

**ପଶ୍ଚିମ ଓଡ଼ିଶାରୁ ୧୮୨୬; ନୂଆପଡ଼ାରେ ୧୫୬**

■ ଭୁବନେଶ୍ୱର, ୨୧।୧୦(ସମିସ): ୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ କରିବେ ରାଜ୍ୟ ସରକାର। ଏଥିପାଇଁ ପ୍ରାଥମିକ ପର୍ଯ୍ୟାୟରେ ସର୍ଭେ ମଧ୍ୟ ସରିଛି। ରାଜ୍ୟସାରା ପ୍ରାୟ ୫୬୩୦ ବିଦ୍ୟାଳୟକୁ ବନ୍ଦ ସର୍ଭେ କରାଯାଇଥିବାବେଳେ କେବଳ ପଶ୍ଚିମ ଓଡ଼ିଶାର ୧୮୨୬ ବିଦ୍ୟାଳୟ ବନ୍ଦ କରିବା ପାଇଁ ଚିହ୍ନଟ ହୋଇଛି। ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଜିଲ୍ଲା କମିଟି ସୁପାରିଶ କରିଥିବାବେଳେ ନୂଆପଡ଼ା ଜିଲ୍ଲାର ୧୫୬ଟି ବିଦ୍ୟାଳୟ ଏହି ତାଲିକାରେ ରହିଛି। ସାଧାରଣ ନିର୍ବାଚନ ପୂର୍ବରୁ ବନ୍ଦ ସ୍କୁଲ୍‌ଗୁଡ଼ିକୁ ଖୋଲିବା ପାଇଁ ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ବିଦ୍ୟାଳୟ ବନ୍ଦ କରିବା ପାଇଁ ନିଷ୍ପତ୍ତି ନେଇଥିବାରୁ ଅଭିଭାବକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ଦେଖାଦେଇଛି।

୨୦ରୁ କମ୍ ଛାତ୍ରଛାତ୍ରୀ ଥିବା ବିଦ୍ୟାଳୟକୁ ବନ୍ଦ ବା ନିକଟସ୍ଥ ବିଦ୍ୟାଳୟରେ ମିଶ୍ରଣ ପାଇଁ ଗତ ମାର୍ଚ୍ଚ ମାସରେ ବିଜ୍ଞପ୍ତି ଜାରି ହୋଇଥିଲା। ସେହି ଅନୁଯାୟୀ ଜିଲ୍ଲା ଶିକ୍ଷାଧିକାରୀ (ଡିଇଓ)ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇ କମ୍ ପିଲା ଥିବା ବିଦ୍ୟାଳୟର ଭିତ୍ତିଭୂମି ଯାଞ୍ଚ କରିବା ସହ ନିକଟସ୍ଥ ବିଦ୍ୟାଳୟ ସହ ଦୂରତା ସମ୍ପର୍କରେ ସର୍ଭେ କରାଯାଇଥିଲା। ତଦନୁଯାୟୀ ସୁନ୍ଦରଗଡ଼ ଜିଲ୍ଲାରେ ସର୍ବାଧିକ ୩୯୭ଟି ବିଦ୍ୟାଳୟ ଚିହ୍ନଟ ହୋଇଥିବାବେଳେ ବରଗଡ଼ ଜିଲ୍ଲାରେ ୨୭୩, ବଲାଙ୍ଗୀରରେ ୨୮୬, ବୌଦ୍ଧରେ ୧୪୫, ଝାରସୁଗୁଡ଼ାରେ ୧୦୭, ନୂଆପଡ଼ାରେ ୧୫୬, ସମ୍ବଲପୁରରେ ୨୩୩, ସୋନପୁରରେ ୧୪୪ ଓ ଦେବଗଡ଼ରେ ୮୫ଟି ବିଦ୍ୟାଳୟକୁ ବନ୍ଦ କରିବା ପାଇଁ ଚିହ୍ନଟ କରାଯାଇଛି। କିଛି ସ୍ଥାନରେ ଗ୍ରାମବାସୀ ଏହାକୁ ବିରୋଧ କରିବାରୁ ଆସନ୍ତା ୩୧ ତାରିଖ ମଧ୍ୟରେ ସମ୍ପୃକ୍ତ ବିଦ୍ୟାଳୟର ପରିଚାଳନା କମିଟି ଓ ▶ପୃଷ୍ଠା-୭

# ଘରୁ ଘୋଷାଡ଼ି ଆଣି ବିଜେଡି ମହିଳା କର୍ମୀଙ୍କୁ ମରଣାନ୍ତକ ଆକ୍ରମଣ

■ ଜଗତସିଂହପୁର, ୨୧।୧୦ (ସମିସ): ଜଗତସିଂହପୁର ସଦର ଥାନା ଅନ୍ତର୍ଗତ ପଟସରା ଗ୍ରାମର ବିଜେଡି କର୍ମୀ ରଶ୍ମିରଞ୍ଜିତା ପରିଜାଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ଗ୍ରାମର ଅନିରୁଦ୍ଧ ରାଉତ ତାଙ୍କୁ ଘରୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ନିସ୍ତୁକ ମାଡ଼ ମାରିବା ସହ ତାଙ୍କ ମୁଣ୍ଡ ଫଟାଇ

**ଗୁରୁତର ଅବସ୍ଥାରେ ମେଡିକାଲରେ ଭର୍ତ୍ତି**

ଦେଇଛନ୍ତି। ଗାଁର କିଛି ପୁରୁଷ ଓ ମହିଳା ମଧ୍ୟ ସାମିଲ ହୋଇ ରଶ୍ମିଙ୍କୁ ଆକ୍ରମଣ କରିଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କ ଅଭିଯୋଗ ଆଧାରରେ ସଦର ଥାନା ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

ଅନିରୁଦ୍ଧ ରାଉତ ଗତକାଲି ନିଶା ସେବନ କରି ରଶ୍ମିଙ୍କ ଘର ନିକଟରେ ପହଞ୍ଚିଥିଲେ। ▶ପୃଷ୍ଠା-୭



**ଘଟଣାକୁ ନବୀନଙ୍କ ଦୃଢ଼ ନିନ୍ଦା**

## ଗ୍ରହଣୀୟ ନୁହେଁ ଅଶାନ୍ତି, ଆତଙ୍କରାଜ



■ ଭୁବନେଶ୍ୱର,୨୧।୧୦(ସମିସ): ଜଗତସିଂହପୁରରେ ବିଜୁ ଜନତା ଦଳର କର୍ମୀ ରଶ୍ମି ପରିଜାଙ୍କ ଉପରେ ହୋଇଥିବା ସଂଘବଦ୍ଧ ମରଣାନ୍ତକ ଆକ୍ରମଣ ଘଟଣାରେ ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀଦଳ ନେତା ନବୀନ ପଟ୍ଟନାୟକ। ନିଜ ସୋସିଆଲ୍ ମିଡିଆ ଆକାଉଣ୍ଟରେ ନବୀନ ଏହି ଘଟଣାକୁ ଦୃଢ଼ ନିନ୍ଦା କରିବା ସହ ମହିଳାଙ୍କ ଉପରେ ବଢୁଥିବା ଏପରି ଘଟଣା କଦାପି ଗ୍ରହଣୀୟ ନୁହେଁ ବୋଲି କହିଛନ୍ତି। ଶାନ୍ତିପ୍ରିୟ ଓଡ଼ିଶାରେ ଅଶାନ୍ତିର ଏ ବାତାବରଣ ଜନମାନସରେ ଆତଙ୍କ ସୃଷ୍ଟି କରିଛି। ରାଜ୍ୟରେ ଅସାମାଜିକ ବ୍ୟକ୍ତି ଅପରାଧ ଘଟାଇବାକୁ ଭୟ କରୁନାହାନ୍ତି; ଆଇନଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇପଡିଛି। ସରକାର ଦୋଷୀଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ଆଇନ ବ୍ୟବସ୍ଥା ଉପରେ ଲୋକଙ୍କ ଆସ୍ଥା ବଜାୟ ରଖନ୍ତୁ ବୋଲି ନବୀନ ତାଙ୍କ ପୋଷ୍ଟରେ ଉଲ୍ଲେଖ କରିଛନ୍ତି ।

■ **ଝାଡ଼ଖଣ୍ଡ ନାବାଳିକାକୁ ରାଜଧାନୀରେ ଦୁଷ୍କର୍ମ**

# ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ ହେଲା ମାମଲା

■ **ଭୁବନେଶ୍ୱର, ୨୧।୧୦(ସମିସ):** ରାଜଧାନୀରେ ଝାଡ଼ଖଣ୍ଡ ନାବାଳିକାକୁ ଦୁଷ୍କର୍ମ ଘଟଣା ଏବେ ନୂଆ ମୋଡ଼ ନେଇଛି। ଘଟଣାଟି ସମ୍ବେଦନଶୀଳ ହୋଇଥିବାରୁ ମାମଲାକୁ ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ କରାଯାଇଛି। ପୁଲିସ ଡିଜି ଯୋଗେଶ ବାହାଦୂର ଖୁରାନିଆ ଆଜି ଏନେଇ ସୂଚନା ଦେଇଛନ୍ତି। କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ ନିରାକରଣ ଶାଖା (ସିଏଡବ୍ଲୁ ଓ ସିଡବ୍ଲୁ)ର ୪ ଜଣ ଡିଏସପି ଏହି ମାମଲାର ତଦନ୍ତରେ ସହଯୋଗ କରିବେ। ସିଏଡବ୍ଲୁ ଓ ସିଡବ୍ଲୁ ଓ କ୍ୟାପିଟାଲ ଥାନା ପୁଲିସର ମିଳିତ ସହଯୋଗରେ ତଦନ୍ତ

**ଡାଏରୀ ଖୋଲିବ ରହସ୍ୟ**

ଆଗକୁ ବଢ଼ିବ। ସିଏଡବ୍ଲୁ ଓ ସିଡବ୍ଲୁ ଆଇଜି ଏମ୍ ସାଇନିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମାମଲାର ତଦନ୍ତ ହେବ। ଡିଜିଙ୍କ ନିର୍ଦ୍ଦେଶ ପରେ ଏହି ସ୍ୱତନ୍ତ୍ର ଟିମ୍ ଗଠନ ହୋଇଛି। ଝାଡ଼ଖଣ୍ଡ ପୁଲିସ ସହ ମଧ୍ୟ ଓଡ଼ିଶା ପୁଲିସ ଯୋଗାଯୋଗରେ ରହିବ।

ସୂଚନା ଅନୁସାରେ, ଗତ ବୁଧବାର ରାତିରେ କ୍ୟାପିଟାଲ ହସ୍ପିଟାଲକୁ ଜଣେ ଦୁଷ୍କର୍ମ ପୀଡ଼ିତା ଆସିଥିଲେ। ତାଙ୍କର ପ୍ରଚୁର ରକ୍ତସ୍ରାବ ହେବା ସହ ଅବସ୍ଥା ସଙ୍କଟାପନ୍ନ ରହିଥିଲା। ତାଙ୍କୁ ଅଟୋ ଯୋଗେ ଆଣିଥିବା ଜଣେ ମହିଳା ଡାକ୍ତରଖାନାରେ ଛାଡ଼ି ଫେରାର ହୋଇ ଯାଇଥିଲେ। ଖବର ପାଇ କ୍ୟାପିଟାଲ ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା। ନାବାଳିକାଜଣଙ୍କ ମାତ୍ର ୧୬ବର୍ଷୀୟା ହୋଇଥିବା ବେଳେ ତାଙ୍କ ଘର ଝାଡ଼ଖଣ୍ଡ ବୋଲି ▶ପୃଷ୍ଠା-୭

**ଅଶାନ୍ତ ବାରିପଦା ସହର**

# କଥାକଥାକେ ବାହାରୁଛି ବନ୍ଧୁକ

■ ବାରିପଦା, ୨୧।୧୦ (ସମିସ): ଅଶାନ୍ତ ବାରିପଦା ସହର। ଭୁଶୁଡ଼ିଗଲାଣି ଆଇନଶୃଙ୍ଖଳା। ଚୋରି, ଲୁଟ୍, ରାହାଜାନି, ଛିନ୍‌ତାଇ, ଅପହରଣ ଭଳି ଆପରାଧିକ ଘଟଣା ନିତିଦିନିଆ

- **ଢାବାରେ ପଶି ମାଲିକଙ୍କୁ ନିସ୍ତୁକ ପିଟିଲେ**
- **ବାଡ଼େଇ ଭାଙ୍ଗିଦେଲେ ସିସିଟିଭି, ଚେୟାର, ଟେବୁଲ**

ହୋଇଗଲାଣି। କଥାକଥାକେ ବନ୍ଧୁକ ବାହାର କରି ସାଧାରଣରେ ଆତଙ୍କ ଖେଳାଉଛନ୍ତି। ଦିନ ଆଲୁଅରେ ହେଉ ଅବା ରାତିର ନିର୍ଜନତା, ସଂଘବଦ୍ଧ ଭାବେ ସହରରେ ଚକ୍କର୍ କାଟି ବିଭିନ୍ନ ଅପରାଧ ଘଟାଉଛନ୍ତି। କିନ୍ତୁ ଏହା ଉପରେ ରୋକ୍ ଲଗାଇବା ପାଇଁ ସତେଯେପରି ପୁଲିସର ଯୁ ନାହିଁ। ଏପରି ପରିସ୍ଥିତିରେ ଗତକାଲି ଦୀପାବଳି ରାତିରେ



ସହରର ଜଣେ ଢାବା ମାଲିକଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି। ବନ୍ଧୁକ ଦେଖାଇ ତାଙ୍କୁ ଭୟଭୀତ କରିବା ସହ ସଂଘବଦ୍ଧ ଭାବେ ଠେଙ୍ଗାରେ ନିସ୍ତୁକ ମାଡ଼ ମାରିଛନ୍ତି। ଆକ୍ରମଣର ଶିକାର ଢାବା ମାଲିକ ହେଲେ ଆଶିଷ କୁମାର ପ୍ରଧାନ(ବୁବୁ)। ଆଶିଷଙ୍କ ଅଭିଯୋଗ ଆଧାରରେ ଭଞ୍ଜପୁର ପୁଲିସ ତଦନ୍ତ ଆରମ୍ଭ କରିଛି। ରିପୋର୍ଟ ଲେଖା ହେବା ବେଳକୁ ପୁଲିସ ୨ଜଣ ଆକ୍ରମଣକାରୀଙ୍କୁ ଅଟକ ରଖି ପଚରାଉଚରା କରୁଛି।

ସୂଚନାନୁଯାୟୀ, ସୋମବାର ରାତି ପ୍ରାୟ ୧୧ଟା ୧୫ରେ ୨ଟି ବାଇକ୍ ଓ ଗୋଟିଏ ସ୍କୁଟିରେ ୭ଜଣ ଯୁବକ ମୁର୍ଗାବାଡ଼ିସ୍ଥିତ କାଠମାଣ୍ଡୁ ଢାବାକୁ ଯାଇଥିଲେ। ସେଠାରେ ସେମାନେ ଢାବା ମାଲିକ ଆଶିଷ ଓ କର୍ମଚାରୀଙ୍କୁ ଗାଳିଗୁଲଜ କରିଥିଲେ। ସଂଘବଦ୍ଧ ଭାବେ ସେମାନେ ଆଶିଷଙ୍କୁ ଠେଙ୍ଗାରେ ନିସ୍ତୁକ ପିଟିବା ସହ ଢାବାରେ ଲାଗିଥିବା ସିସିଟିଭି, ଚେୟାର, ଟେବୁଲ ଆଦି ଭାଙ୍ଗି ▶ପୃଷ୍ଠା-୭

# ବିଦ୍ୟୁତ୍ ଆଘାତରେ ଗଲା ୩ ଜୀବନ

■ ସାକ୍ଷୀଗୋପାଳ/ବରଗଡ଼, ୨୧।୧୦(ସମିସ): ଗତ ୨୪ ଘଣ୍ଟାରେ ବିଦ୍ୟୁତ୍ ଆଘାତରେ ରାଜ୍ୟରେ ୩ଜଣଙ୍କ ମୃତ୍ୟୁ ହୋଇଛି । ପୁରୀ ଜିଲ୍ଲା ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ପ୍ରସିଦ୍ଧ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀ



ମନ୍ଦିର ନିକଟରେ ଦୁଇଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ବରଗଡ଼ ଜେଲ୍‌ର ଜଣେ ବିଚାରାଧୀନ କଏଦୀ ପ୍ରାଣ ହରାଇଛନ୍ତି।

- **ଭଜନ ସଂଧ୍ୟା ଦେଖିବା ବେଳେ ୨ ମୃତ**
- **ବରଗଡ଼ ଜେଲରେ କଏଦୀଙ୍କ ମୃତ୍ୟୁ**

ଦୀପାବଳି ରାତିରେ ବାମାବର୍ତ୍ତୀ ବାଙ୍ଗୀୟ ତନ୍ତ୍ରପୀଠ ମା' ଦକ୍ଷିଣ କାଳୀଙ୍କ ମନ୍ଦିର ନିକଟରେ ବିଳମ୍ବିତ ରାତିରେ ପର୍ଯ୍ୟନ୍ତ ଏକ ଭଜନ ସଂଧ୍ୟା ଚାଲିଥିଲା। ରାତି ପ୍ରାୟ ୧୨ଟାରେ ମଞ୍ଚ ପାର୍ଶ୍ୱରେ ଜଣେ ପୁରୁଷ ଓ ଜଣେ ମହିଳା ଅସାବଧାନତା ବଶତଃ ବିଦ୍ୟୁତ୍ ସଂସ୍ପର୍ଶରେ ଆସିଯିବାରୁ ଗୁରୁତର ଆହତ ହୋଇଥିଲେ। ସାକ୍ଷୀଗୋପାଳ ଅଗ୍ନିଶମ କେନ୍ଦ୍ରର ଆଗ୍ନିକମାନେ ଦୁହିଁଙ୍କୁ ଚିକିତ୍ସା ନିମନ୍ତେ ବୀରଗୋବିନ୍ଦପୁର ଗ୍ରାମରେ ଖୋଲାଯାଇଥିବା ଅସ୍ଥାୟୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ▶ପୃଷ୍ଠା-୭






## ଜାପାନର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ

ଟୋକିଓ, ୨୧।୧୦ (ଏଜେନ୍ସି): ଲିବରାଲ ଡେମୋକ୍ରାଟିକ ପାର୍ଟି (ଏଲଡିପି) ନେତ୍ରୀ ସାନେ ତାକାଇଚି ମଙ୍ଗଳବାର ଜାପାନର ପ୍ରଧାନମନ୍ତ୍ରୀ ନିର୍ବାଚିତ ହୋଇଛନ୍ତି। ପ୍ରଥମ ମହିଳା ଭାବେ ସେ ଏହି କୃତିତ୍ୱ ହାସଲ କରିଛନ୍ତି। ସଂସଦର ନିମ୍ନ ସଦନରେ ହୋଇଥିବା ନିର୍ବାଚନରେ ସେ ୨୩୭ ଭୋଟ ପାଇ ବିଜୟୀ ହୋଇଛନ୍ତି। ନିମ୍ନ ସଦନ ପରେ ସେ ଉଚ୍ଚ ସଦନରୁ ମଧ୍ୟ ନିର୍ବାଚିତ ହୋଇଥିଲେ। ଏଠାରେ ପ୍ରଥମ ପର୍ଯ୍ୟାୟରେ ସଂଖ୍ୟାଗରିଷ୍ଠତା ପାଇଁ ଗୋଟିଏ ଭୋଟ ପଛରେ ପଡ଼ି ଯାଇଥିଲେ। ତେଣୁ ଦ୍ୱିତୀୟ



ପର୍ଯ୍ୟାୟରେ ସେ ୧୨୫-୪୬ ଭୋଟରେ ଜିତିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ପରି ବିଶ୍ୱ ନେତାମାନେ ତାକାଇଚିଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ସୂଚନା ଅନୁଯାୟୀ ଏକ ଦୁର୍ବଳ ମେଣ୍ଟ ସହିତ ତାକାଇଚି ପ୍ରଧାନମନ୍ତ୍ରୀ ହୋଇଛନ୍ତି। ସେ ଦିବଂଗତ ପୂର୍ବତନ ପ୍ରଧାନମନ୍ତ୍ରୀ ସିଞ୍ଜୋ ଆବେଙ୍କ ସମର୍ଥକ ଏବଂ ଏକ ଦୃଢ଼ ସାମରିକ, କଠୋର ପ୍ରବାସୀ ନୀତି ଏବଂ ଜାପାନର ଶାନ୍ତିବାଦୀ ସମ୍ବିଧାନରେ ସଂଶୋଧନକୁ ସମର୍ଥନ କରନ୍ତି। ଚଳିତ ମାସ ପ୍ରାରମ୍ଭରେ ତାକାଇଚି ଏଲଡିପି ନେତ୍ରୀ ନିର୍ବାଚିତ ହୋଇଥିଲେ। ତାକାଇଚି ୨୦୨୧ ଏବଂ ୨୦୨୪ରେ ମଧ୍ୟ ପ୍ରଧାନମନ୍ତ୍ରୀ ହେବାକୁ ଚେଷ୍ଟା କରିଥିଲେ। କିନ୍ତୁ ପର୍ଯ୍ୟାପ୍ତ ସମର୍ଥନ ପାଇପାରି ନଥିଲେ।

**ସୀମା ଟପିଲା ପ୍ରଦୂଷଣ ମାତ୍ରା**

# ଦିନରେ ବି ଦିଲ୍ଲୀ ଅନ୍ଧାର

### ୫ ବର୍ଷରେ ସର୍ବାଧିକ; ବାୟୁ ବିଷାକ୍ତ
### ପଞ୍ଜାବ ଉପରେ ଦୋଷ ଲଦିଲେ ଦିଲ୍ଲୀମନ୍ତ୍ରୀ
### ପାଳ ଜଳାଇବାରୁ ବଢ଼ିଲା ପ୍ରଦୂଷଣ
### ବିଜେପିକୁ ନିଶାଣ କଲା ଆପ୍



ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଦୀପାବଳି ପରେ ଦିଲ୍ଲୀ ବାୟୁ ବିଗିଡ଼ି ଯାଇଛି। ଏହାର ଗୁଣବତ୍ତା ଦ୍ରୁତଗତିରେ ହ୍ରାସ ପାଇ ବିଷାକ୍ତ ହୋଇଯାଇଛି। ନିଃଶ୍ୱାସପ୍ରଶ୍ୱାସ ନେବା ମଧ୍ୟ କଠିନ ହୋଇଯାଇଛି। ପ୍ରଦୂଷଣ ସ୍ତର ତଥା ପିଏମ ୨.୫ ଗତ ୫ ବର୍ଷରେ ସର୍ବାଧିକ ରହିଛି। କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ (ସିପିସିବି) ପକ୍ଷରୁ ଏହି ସୂଚନା ଦିଆଯାଇଛି। ଦୀପାବଳି ପରେ ଗତ ୨୪ ଘଣ୍ଟାରେ ବାୟୁରେ ପିଏମ ୨.୫ ସ୍ତର ୪୮୮ ଗ୍ରାମ ପ୍ରତି କ୍ୟୁବିକ ମିଟର ପର୍ଯ୍ୟନ୍ତ ପହଞ୍ଚି ଯାଇଛି। ପର୍ବ ପୂର୍ବରୁ ଏହା ୧୫୬.୬ ମାଇକ୍ରୋଗ୍ରାମ ଥିଲା। ସେହିପରି ୨୦୨୧ରେ ଦୀପାବଳି ପରେ ଦିଲ୍ଲୀରେ ପିଏମ ୨.୫ ସ୍ତର ୪୫୪.୫ ଥିଲା। ଏହା ୨୦୨୨ରେ ୧୬୮, ୨୦୨୩ରେ ୩୧୯.୭ ଏବଂ ୨୦୨୪ରେ ୨୨୦ ରେକର୍ଡ କରାଯାଇଥିଲା।

ଅନ୍ୟପକ୍ଷରେ ଦୀପାବଳି ଦିନ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶର ଉଲ୍ଲଙ୍ଘନ କରାଯାଇଥିଲା। ଦିଲ୍ଲୀ-ଏନସିଆରରେ ସାରା ରାତି ବାଣ ଫୁଟାଯାଇଥିଲା। ଏହି କାରଣରୁ ମଙ୍ଗଳବାର ସକାଳେ ଦିଲ୍ଲୀ-ଏନସିଆରର ବାୟୁ ବିଷାକ୍ତ ହୋଇଗଲା। ସିପିସିବି ଅନୁଯାୟୀ ଦ୍ୱାରକାରେ ବାୟୁ ଗୁଣବତ୍ତା ସୂଚକାଙ୍କ (ଏକ୍ୟୁଆଇ) ୪୧୭ରେ ପହଞ୍ଚି ଯାଇଛି। ଅଶୋକ ବିହାରରେ ଏହା ୪୦୪, ୱାଜିରପୁରରେ ୪୨୩ ଏବଂ ଆନନ୍ଦ ବିହାରରେ ୪୦୪ ଥିଲା। ଏହା ମଧ୍ୟରେ ପ୍ରଦୂଷଣକୁ ନେଇ ଟଣାଓଟରା ଆରମ୍ଭ ହୋଇଯାଇଛି। ଏଥିପାଇଁ ଦିଲ୍ଲୀର ପରିବେଶ ମନ୍ତ୍ରୀ ମନଜିନ୍ଦର ସିଂହ ସିରସା ପଞ୍ଜାବ ସରକାରଙ୍କୁ ଦାୟୀ କରିଛନ୍ତି। ସେ ସାମ୍ବାଦିକ ସମ୍ମିଳନୀରେ ସେ ପଞ୍ଜାବରେ ନଡ଼ା ଜାଳିବାର ଭିଡିଓ ଦେଖାଇ ଥିଲେ। କହିଥିଲେ ଯେ ପଞ୍ଜାବର ଆମ ଆଦମୀ ପାର୍ଟି (ଆପ୍) ସରକାର ଚାଷୀମାନଙ୍କୁ ସେମାନଙ୍କ କ୍ଷେତରେ ପାଳ ଜାଳିବାକୁ ବାଧ୍ୟ କରିଥିଲା। ଦୀପାବଳି ରାତିରେ ସର୍ବାଧିକ ପାଳ ଜଳା ଯାଇଥିଲା। ଏଥିପାଇଁ ଦିଲ୍ଲୀର ବାୟୁମଣ୍ଡଳ ପ୍ରଦୂଷିତ ହୋଇଥିଲା। ଆପ୍ ପକ୍ଷରୁ କୁହାଯାଇଛି ଯେ ବିଜେପି ସରକାର ପ୍ରଦୂଷଣ ନିୟନ୍ତ୍ରଣ କରିବାରେ ବିଫଳ ହୋଇ ଅନ୍ୟ ଉପରେ ଦୋଷ ଲଦୁଛନ୍ତି। ବେଆଇନ ବାଣ କାରବାର ରୋକିବାରେ ବିଫଳ ହୋଇଛନ୍ତି। ପ୍ରଦୂଷଣର ତଥ୍ୟ ମଧ୍ୟ ଲୁଚାଉଛନ୍ତି।

# ବିହାରରେ ନାହାନ୍ତି ମୁଖ୍ୟମନ୍ତ୍ରୀ ଚେହେରା

ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ପାଇଁ ଦ୍ୱିତୀୟ ତଥା ଅନ୍ତିମ ପର୍ଯ୍ୟାୟ ନାମାଙ୍କନ ପ୍ରକ୍ରିୟା ସୋମବାର ଶେଷ ହୋଇଛି। ପ୍ରଥମ ପର୍ଯ୍ୟାୟରେ ମୋଟ ୧,୩୧୪ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି ବୋଲି ନିର୍ବାଚନ କମିଶନ ସୂଚନା ଦେଇଛନ୍ତି। ତେବେ କ୍ଷମତାସୀନ ଏନ୍‌ଡିଏ ଏବଂ ବିରୋଧୀ ମହାମେଣ୍ଟ ଇଣ୍ଡିଆ ଏବଂ ଅନ୍ୟ ଦଳଗୁଡିକ ପ୍ରଥମ ଥର ପାଇଁ ମୁଖ୍ୟମନ୍ତ୍ରୀ ଚେହେରା ବିଷୟରେ କୌଣସି ଘୋଷଣା କରିନାହାନ୍ତି। ବିହାର ରାଜନୀତିରେ ପ୍ରଥମ ଥର ପାଇଁ ଏଭଳି ହୋଇଛି।

ସୂଚନା ଅନୁଯାୟୀ ପ୍ରଥମ ପର୍ଯ୍ୟାୟରେ ୩୦୦ ରୁ ଅଧିକ ପ୍ରାର୍ଥୀଙ୍କ ନାମାଙ୍କନ ପ୍ରତ୍ୟାଖ୍ୟାନ କରାଯାଇଛି। ୬୧ ଜଣ ନିଜ ପ୍ରାର୍ଥିପତ୍ର ପ୍ରତ୍ୟାହାର କରିନେଇଛନ୍ତି। ୨୪୩ ସଦସ୍ୟ ବିଶିଷ୍ଟ ବିଧାନସଭା ମଧ୍ୟରୁ ୧୨୧ ଆସନ ପାଇଁ ନଭେମ୍ବର ୬ ତାରିଖରେ ଏବଂ ଦ୍ୱିତୀୟ ପର୍ଯ୍ୟାୟର ୧୨୨ ଆସନ ପାଇଁ ନଭେମ୍ବର ୧୧ ତାରିଖରେ ଭୋଟ୍ ହେବ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ପ୍ରାର୍ଥୀଙ୍କ ସ୍ଥିତି ଅକ୍ଟୋବର ୨୩ ସୁଦ୍ଧା ସ୍ପଷ୍ଟ ହେବ। ତେବେ ଏ ପର୍ଯ୍ୟନ୍ତ ମହାମେଣ୍ଟର କଳି ଛିଡ଼ି ପାରିନାହିଁ। ଶେଷ ଦିନ ସୁଦ୍ଧା ଇଣ୍ଡିଆ ମେଣ୍ଟ ଭିତରେ ବିଭାଜନ, ଟିକେଟ ବଣ୍ଟନକୁ ନେଇ ଅସନ୍ତୋଷ ଏବଂ ଆଭ୍ୟନ୍ତରୀଣ ବିଦ୍ରୋହ ଜାରି ରହିଛି। ଆରଜେଡି ପ୍ରଥମ ଥର ପାଇଁ ନାମାଙ୍କନ ଶେଷ ତାରିଖର ସାତ ଘଣ୍ଟା ପୂର୍ବରୁ ୧୪୩ ପ୍ରାର୍ଥୀଙ୍କ ତାଲିକା ପ୍ରକାଶ କରିଛି। ଏହା ପୂର୍ବରୁ ଦଳର ପ୍ରାର୍ଥିମାନେ ନାମାଙ୍କନ ଦାଖଲ କରିବା ଜାରି ରଖିଛନ୍ତି।

୨୪୩ ଆସନ ପାଇଁ ମହାମେଣ୍ଟର ୨୫୪ ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିଛନ୍ତି, । ବିକାଶଶୀଳ ଇନସାନ ପାର୍ଟି (ଭିଆଇପି) ଯୋଗୁଁ ଏପରି ହୋଇଛି। ଆରଜେଡି ୧୪୩ ଜଣ, କଂଗ୍ରେସ ୬୧ ଜଣ, ସିପିଆଇ(ଏମ୍) ୨୦ ଜଣ, ସିପିଆଇ ୯ ଜଣ, ସିପିଏମ୍ ୬ ଜଣ ଏବଂ ମୁକେଶ ସାହାନିଙ୍କ ଦଳ ୧୫ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରିଛି। ପରସ୍ପର ବିରୁଦ୍ଧରେ ୧୨ ଜଣ ପ୍ରାର୍ଥୀଙ୍କୁ ପ୍ରାର୍ଥୀ କରାଯାଇଛି। ବିହାର ନିର୍ବାଚନରେ ପ୍ରଥମ ଥର ପାଇଁ ଏନଡିଏ ଏବଂ ଇଣ୍ଡିଆ ଟିକେଟ ବଣ୍ଟନ ସମ୍ପର୍କରେ ଏକ ମିଳିତ ସାମ୍ବାଦିକ ସମ୍ମିଳନୀ କରି ନ ଥିଲେ। ସମସ୍ତ ଦଳ ନାମାଙ୍କନର ଶେଷ ସମୟ ପର୍ଯ୍ୟନ୍ତ ତାଲିକା ପ୍ରକାଶ କରି ଚାଲିଥିଲେ। ମୁଖ୍ୟମନ୍ତ୍ରୀ ମୁହଁକୁ ନେଇ ଏନଡିଏ ଏବଂ ଇଣ୍ଡିଆ ମଧ୍ୟରେ ଟଣାଓଟରା ଚାଲିଛି। ପ୍ରଥମ ଥର ପାଇଁ ଉଭୟ ପକ୍ଷରୁ କୌଣସି ନାମ ପ୍ରକାଶ କରାଯାଇ ନାହିଁ।

## ବିଜେପି ଧମକରେ ମୋ ଲୋକ ପ୍ରାର୍ଥିପତ୍ର ପ୍ରତ୍ୟାହାର କରୁଛନ୍ତି: ପ୍ରଶାନ୍ତ କିଶୋର

ପାଟନା, ୨୧।୧୦ (ଏଜେନ୍ସି): ଜନ ସୁରାଜ ଦଳ ମୁଖ୍ୟ ପ୍ରଶାନ୍ତ କିଶୋର ବିଜେପି ବିରୋଧରେ ଗମ୍ଭୀର ଅଭିଯୋଗ ଲଗାଇଛନ୍ତି। ସେ କହିଛନ୍ତେ ଯେ ବିହାରରେ ସୁରଟ ଭଳି ଘଟଣାର ପୁନରାବୃତ୍ତି ହୋଇଛି। ଲୋକସଭା ନିର୍ବାଚନରେ ଯେଉଁ ଭଳି ଭାବେ ବିଜେପି ସୁରଟରେ ସବୁ ବିରୋଧୀ ପ୍ରାର୍ଥୀଙ୍କୁ ବସାଇ ଦେଇଥିଲା ସେହିଭଳି ଏଠାରେ ମଧ୍ୟ କରିଛି। ଏହି ଦଳ ଧମକ ଦେଇ ଜନ ସୁରାଜର ତିନି ପ୍ରାର୍ଥୀଙ୍କୁ ବସାଇ ଦେଇଛି। ନିର୍ବାଚନ ନ ଲଢ଼ିବା ପାଇଁ ସେମାନଙ୍କୁ ବାଧ୍ୟ କରାଯାଇଛି। ବିଜେପିର ପ୍ରମୁଖନେତାମାନେ ଚାପ ପକାଇ ଦାନାପୁର, ଗୋପାଳଗଞ୍ଜ ଏବଂ ବ୍ରହ୍ମପୁର ସିଟ୍‌ର ଜନ ସୁରାଜ ପ୍ରାର୍ଥୀଙ୍କୁ ପ୍ରାର୍ଥିପତ୍ର ଦାଖଲ କରିବାକୁ ଦେଇନାହାନ୍ତି କିମ୍ବା ପ୍ରାର୍ଥିପତ୍ର ପ୍ରତ୍ୟାହାର କରିବାକୁ ବାଧ୍ୟ କରିଛନ୍ତି। ଜନ ସୁରାଜର ପ୍ରାର୍ଥୀମାନଙ୍କୁ ବିଜେପି ନେତା ଭେଟୁଥିବାର ଫଟୋ ମଧ୍ୟ ସେ ଜାରି କରିଛନ୍ତି। ସେ ସେଖପୁରା ହାଉସ୍‌ରେ ସାମ୍ବାଦିକ ସମ୍ମିଳନୀ କରି ଭୟରେ ଏହି ପ୍ରାର୍ଥିମାନେ ପ୍ରାର୍ଥିପତ୍ର ଦାଖଲ କରି ନ ଥିବା କିମ୍ବା ପ୍ରତ୍ୟାହାର କରିଥିବା କହିଛନ୍ତି।

ପ୍ରଶାନ୍ତ କିଶୋର କହିଛନ୍ତି ଜିଏ ଜିତିଲେ ବି ସରକାର ଗଠନ କରିବାର ଅପକୀର୍ତ୍ତି ବିଜେପି ପାଖରେ ରହିଛି। ଏଥିପାଇଁ ବିଜେପି ପ୍ରସିଦ୍ଧି ଲାଭ କରିଛି। ଦୀର୍ଘ ସମୟ ଧରି ଜନ ସୁରାଜକୁ ଭୋଟ୍ କଟା ଦଳ ଭାବରେ ନାମିତ କରିଥିବା ବିଜେପି ଏବେ ଜନ ସୁରାଜକୁ ହିଁ ସବୁଠାରୁ ଅଧିକ ଭୟଭୀତ କରୁଛି। ପ୍ରଥମ ମାମଲା ଦାନାପୁରରୁ ଆସିଥିଲା। ଏଠାରେ ଇଣ୍ଡିଆର ସଦସ୍ୟ ଥିବା ଅପରାଧୀକ ନେତାମାନେ ଜେଲ୍‌ରୁ ନିର୍ବାଚନ ଲଢ଼ନ୍ତି। ଏହି ଶକ୍ତିଶାଳୀ ନେତାମାନଙ୍କୁ ଭୟ କରି ଜନସାଧାରଣ ସ୍ଥାନୀୟ ବ୍ୟବସାୟୀ ଅଖିଳେଶ ଓରଫ ମୁକୁଲ ଶାହାଙ୍କୁ ଜନ ସୁରାଜ ଟିକେଟ୍ ଦେବାକୁ ନିଷ୍ପତ୍ତି ନେଇଥିଲେ। ସେ ମନୋଜ ଭାରତୀଙ୍କ ଠାରୁ ଜନ ସୁରାଜ ଚିହ୍ନ ଗ୍ରହଣ କରିଥିଲେ, କିନ୍ତୁ ତାଙ୍କ ନାମାଙ୍କନ ଦାଖଲ କରିପାରି ନଥିଲେ। ଆରଜେଡି ଗୁଣ୍ଡାମାନେ ତାଙ୍କୁ ବନ୍ଦୀ କରି ରଖିଥିବା ବିଜେପି ନେତା ଅଭିଯୋଗ କରିଥିଲେ। ଏହା ସତ୍ତ୍ୱେ ସେ ବିଜେପି ନେତାମାନଙ୍କ ସହିତ ଥିଲେ।



## ଭାଇରାଲ ଭିଡିଓକୁ ନେଇ ନୀତୀଶଙ୍କୁ ତେଜସ୍ୱୀଙ୍କ କଟାକ୍ଷ

ପାଟନା, ୨୧।୧୦ (ଏଜେନ୍ସି): ବିହାର ବିଧାନସଭା ନିର୍ବାଚନ ମଧ୍ୟରେ ପୁଣିଥରେ ମୁଖ୍ୟମନ୍ତ୍ରୀ ନୀତୀଶ କୁମାର ଚର୍ଚ୍ଚାର କେନ୍ଦ୍ରରେ ଅଛନ୍ତି। ତାଙ୍କର ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି। ଏନ୍‌ଡିଏର ଏକ ବୈଠକରେ ୭୪ ବର୍ଷୀୟ ନୀତୀଶ ଜଣେ ମହିଳାଙ୍କୁ ସମ୍ମାନିତ କରୁଛନ୍ତି। ସେ ନମସ୍କାର କରି ମୁଖ୍ୟମନ୍ତ୍ରୀଙ୍କୁ ସମ୍ମାନ ଦେଉଛନ୍ତି। କିନ୍ତୁ ନୀତୀଶ ସେହି ମହିଳାଙ୍କୁ ଫୁଲମାଳ ପିନ୍ଧାଇବାକୁ ପ୍ରୟାସ କରୁଛନ୍ତି। ଜେଡିୟୁ ରାଜ୍ୟସଭା ସାଂସଦ ସଞ୍ଜୟ ଝା ଅଟକାଇବା ସତ୍ତ୍ୱେ ମୁ¬¬ଖ୍ୟମନ୍ତ୍ରୀ ମାନି ନ ଥିଲେ। ଫୁଲମାଳକୁ ମହିଳାଙ୍କ ହାତକୁ ପ୍ରଦାନ କରିବା ପାଇଁ କହିଥିଲେ। ଏହା କହିବାରୁ ନୀତୀଶ ତାଙ୍କୁ ଆଡ଼ ଆଖିରେ ଅନାଇ ଥିଲେ। ପରେ ନିଜେ ମାଳ ପିନ୍ଧାଇ ଶାନ୍ତ ହୋଇଥିଲେ। ଏହା ଦେଖି ଲୋକେ ସ୍ଲୋଗାନ ଦେଇଥିଲେ। ଏହି ସମୟରେ ନୀତୀଶ ମାଇକ୍ରୋ ଫୋନ ଧରି 'ସେ ଜଣ ଭଲ ଲୋକ' ବୋଲି କହିଥିଲେ। ଏହାକୁ ନେଇ ଆରଜେଡି ତଥା ବିରୋଧୀ ଦଳ ନେତା ତେଜସ୍ୱୀ ଯାଦବ ନୀତୀଶଙ୍କୁ କଟାକ୍ଷ କରିଛନ୍ତି। ନୀତୀଶ ସୁସ୍ଥ ନାହାନ୍ତି ବୋଲି ଏହା ଦର୍ଶାଉଛି। ଯଦି ସେ ସୁସ୍ଥ ଅଛନ୍ତି ତେବେ ଏଭଳି କାହିଁକି ବ୍ୟବହାର କରୁଛନ୍ତି।

## ହ୍ୱାଇଟ୍ ହାଉସ୍‌ରେ ବୁଲ୍‌ଡୋଜର ଚଲାଇଲେ ଟ୍ରମ୍ପ

ୱାସିଂଟନ, ୨୧।୧୦ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜ ସ୍ୱପ୍ନ ପୂରଣ ପାଇଁ ସରକାରୀ କାର୍ଯ୍ୟାଳୟ ତଥା ବାସଭବନ ହ୍ୱାଇଟହାଉସ୍‌ରେ ବୁଲ୍‌ଡୋଜର ଚଳାଇଛନ୍ତି। ସେ ଇଷ୍ଟ ୱିଙ୍ଗର କିଛି ଅଂଶକୁ ଭାଙ୍ଗି ଦେଇଛନ୍ତି। ଏକ ପ୍ରବେଶ ଦ୍ୱାର ଏବଂ ଝରକା ଆଦିକୁ ସୋମବାର ଭାଙ୍ଗି ଦିଆଯାଇଛି। ନୂଆ ବଲ୍‌ରୁମ୍ ନିର୍ମାଣ କରିବା ପାଇଁ ଟ୍ରମ୍ପ ଏପରି କରିଛନ୍ତି। ଶହେ ବର୍ଷରେ ପ୍ରଥମ ଥର ପାଇଁ ହ୍ୱାଇଟହାଉସ ଭଙ୍ଗାଯାଉଛି। ସେ କହିଛନ୍ତି ଯେ ଇଷ୍ଟ ୱିଙ୍ଗକୁ ସମ୍ପୂର୍ଣ୍ଣ ଭାବେ ଅତ୍ୟାଧୁନିକ କରାଯାଉଛି। ଏଥିରେ ୯୯୯ ଲୋକ ବସିପାରିବେ। ବଲ୍‌ରୁମ୍ ନିର୍ମାଣ ପାଇଁ ଟିକସଦାତାଙ୍କ ଅର୍ଥ ଖର୍ଚ୍ଚ କରାଯିବ ନାହିଁ। ସେ ନିଜସ୍ୱ ଅର୍ଥ ବ୍ୟବହାର କରି ଏହାର ନିର୍ମାଣ କରିବେ। ଏହି ବଲରୁମ୍ ବଡ଼ ସମାବେଶ ଏବଂ ସରକାରୀ କାର୍ଯ୍ୟକ୍ରମ ପାଇଁ ବ୍ୟବହୃତ ହେବ। ଭବିଷ୍ୟତ ପିଢ଼ିର ରାଷ୍ଟ୍ରପତିଙ୍କ ସେବା କରିବ। ଦୀର୍ଘ ୧୫୦ ବର୍ଷରୁ ଅଧିକ ସମୟ ହେଲା ପ୍ରତ୍ୟକ ରାଷ୍ଟ୍ରପତି ହ୍ୱାଇଟ୍ ହାଉସରେ ଏକ ବଲରୁମ୍ ନିର୍ମାଣ ହେଉ ବୋଲି ଚାହୁଁଥିଲେ। ୯୦,୦୦୦ ବର୍ଗଫୁଟରେ ଏହାର ନିର୍ମାଣ ହେବ। ଟ୍ରମ୍ପଙ୍କ କାର୍ଯ୍ୟକାଳ ଶେଷ ହେବା ପୂର୍ବରୁ ନିର୍ମାଣ ସରିବ। ଏଥିପାଇଁ ପ୍ରାୟ ୨୦୦ ନିୟୁତ ଡଲାର ଖର୍ଚ୍ଚ ହେବ।



# ୫ କୋଟି ବିଏମ୍‌ଡବ୍ଲ୍ୟୁ କାର୍ ପାଇଁ ଲୋକପାଳଙ୍କ ବରାଦ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଭାରତର ଦୁର୍ନୀତି ନିରୋଧୀ ଶାଖା ଲୋକପାଳଙ୍କୁ ନେଇ ବଡ଼ ବିବାଦ ସୃଷ୍ଟି ହୋଇଛି। ଏହି ବିବାଦ ଲୋକପାଳଙ୍କ ବିଳାସପୂର୍ଣ୍ଣ ଗାଡ଼ି ସୌକ ପାଇଁ ହୋଇଛି। ବିଏମ୍‌ଡବ୍ଲ୍ୟୁ କାର୍ କିଣିବା ପାଇଁ ଲୋକପାଳ ଟେଣ୍ଡର ଜାରି କରିଛନ୍ତି। ଏହାକୁ ନେଇ ଦୁର୍ନୀତି ରୋକିବାକୁ ଗଠନ କରାଯାଇଥିବା ଏହି ସଂସ୍ଥାରେ ଭ୍ରଷ୍ଟାଚାର ଚାଲିଥିବା ଚର୍ଚ୍ଚା ହେଉଛି। ଗତ ୧୬ ତାରିଖରେ ୭ଟି ହାଇ-ଏଣ୍ଡ ବିଏମଡବ୍ଲ୍ୟୁ ଲଙ୍ଗ ହ୍ୱିଲ୍ ବେସ୍ (ଏଲଡବ୍ଲ୍ୟୁବି) କ୍ରୟ କରିବା ପାଇଁ ସାର୍ବଜନୀନ ଟେଣ୍ଡର ଜାରି କରାଯାଇଥିଲା। ନିଜର ପ୍ରଶାସନିକ ଏବଂ ଲଜିଷ୍ଟିକ ବ୍ୟବସ୍ଥାକୁ ମଜବୁତ କରିବା ପାଇଁ ଏଭଳି ପଦକ୍ଷେପ ନିଆଯାଇଥିବା କୁହାଯାଇଥିଲା। ତେବେ ଟେଣ୍ଡରରେ ଗୋଟିଏ କାର୍‌ର ମୂଲ୍ୟ ୭୦ ଲକ୍ଷ ଟଙ୍କାରୁ ଅଧିକ ହେବ ବୋଲି ଧାର୍ଯ୍ୟ କରାଯାଇଥିଲା। ଏଭଳି ୭ଟି କାର୍ କ୍ରୟ କରାଯିବ। ଏହାର ମୂଲ୍ୟ ପ୍ରାୟ ୫ କୋଟି ଟଙ୍କା ହେବ।

ସମସ୍ତଙ୍କ ପାଇଁ ଟେଣ୍ଡର ପ୍ରକ୍ରିୟା ଖୋଲାଯାଇଛି। ଇଚ୍ଛୁକ ପକ୍ଷମାନଙ୍କୁ ନଭେମ୍ବର ୭ ତାରିଖ ସୁଦ୍ଧା ଟେଣ୍ଡର ଜମା କରିବାକୁ କୁହାଯାଇଛି। ଏହି ଦିନଠାରୁ ହିଁ ଟେଣ୍ଡର ଡକରା ଆରମ୍ଭ ହେବ। କାର୍ ଡେଲିଭରି ଦେବା ପରେ ଲୋକପାଳଙ୍କ ଡ୍ରାଇଭର ଏବଂ କର୍ମଚାରୀଙ୍କୁ ବିଏମ୍‌ଡବ୍ଲ୍ୟୁ ୭ ଦିନ ପାଇଁ ପ୍ରଶିକ୍ଷଣ ଦେବ। ଏଥିରେ ଗାଡ଼ିର ବ୍ୟବସ୍ଥା ଏବଂ ଉତ୍ତମ ପରିଚାଳନା ବିଷୟରେ ସମ୍ପୂର୍ଣ୍ଣ ସୂଚନା ଦିଆଯିବ। ତେବେ ଏଭଳି ଟେଣ୍ଡର ଜନସାଧାରଣ ଏବଂ ବିରୋଧୀଙ୍କ ଦୃଷ୍ଟି ଆକର୍ଷଣ କରିଛି। ଲୋକେ ଏହାକୁ ବିରୋଧ କରୁଛନ୍ତି। ଲୋକପାଳ ନିରୋଧୀ ସଂସ୍ଥା ଏଭଳି ଗାଡ଼ି ଟିକସଦାତାଙ୍କ ଅର୍ଥ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ଏହାକୁ ନେଇ କଂଗ୍ରେସ ପ୍ରବକ୍ତା ଡ. ସାମା ମହମ୍ମଦ ବିଜେପି ସରକାର ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ନିଶାଣ କରିଛନ୍ତି। କଂଗ୍ରେସ ସରକାରଙ୍କୁ ଗାଦିଚ୍ୟୁତ କରିବା ପାଇଁ ଗଠିତ ଏହି ସଂସ୍ଥା ଏବେ କେବଳ କାଗଜପତ୍ରରେ ଚାଲିଛି ଏବଂ ଟିକସଦାତା ଅର୍ଥକୁ ବର୍ବାଦ କରୁଥିବା ଅଭିଯୋଗ କରିଛନ୍ତି। ସାମା କହିଛନ୍ତି ଯେ ଏହା ସେହି ସଂସ୍ଥା ଯାହାକୁ 'ଦୁର୍ନୀତି ବିରୋଧରେ ଭାରତ' ଆନ୍ଦୋଳନ ପରେ ଦୁର୍ନୀତି ବିରୋଧୀ ଲଢେଇ ପାଇଁ ଗଠନ କରାଯାଇଥିଲା। ଏହି ଆନ୍ଦୋଳନକୁ ଆରଏସଏସ ସମର୍ଥନ ଦେଇଥିଲା। କଂଗ୍ରେସ ସରକାରଙ୍କୁ ଭୁଶୁଡ଼ାଇବା ଏହାର ଉଦ୍ଦେଶ୍ୟ ଥିଲା। ଏହି ଆନ୍ଦୋଳନ ପାଇଁ ନରେନ୍ଦ୍ର ମୋଦୀ ପ୍ରଧାନମନ୍ତ୍ରୀ ହୋଇଥିଲେ। ସେ ଏଭଳି ଏକ ଲୋକପାଳ ଗଠନ କରିଥିଲେ ଯାହା କେବଳ କାଗଜପତ୍ରରେ ରହିଛି। ବର୍ତ୍ତମାନ ଟିକସଦାତାଙ୍କ ଟଙ୍କା ଉପଭୋଗ କରୁଥିବା ଦୁର୍ନୀତିଗ୍ରସ୍ତ ଅଧିକାରୀମାନେ ଲୋକପାଳରେ ଅଛନ୍ତି। ସେହିପରି ସାମାଜିକ କର୍ମୀ ତଥା ନେତା ପ୍ରଶାନ୍ତ ଭୂଷଣ କହିଛନ୍ତି ଯେ ଦୀର୍ଘ ବର୍ଷ ହେଲା ଖାଲି ପଦବୀ ପୂରଣ ନ କରି ମୋଦୀ ସରକାର ଲୋକପାଳକୁ ନଷ୍ଟ କରିଦେଇଛନ୍ତି। ଦୁର୍ନୀତିକୁ ନେଇ ଚିନ୍ତିତ ନ ଥିବା ଏବଂ ବିଳାସପୂର୍ଣ୍ଣ ଜୀବନଯାପନରେ ଖୁସି ଥିବା ସଦସ୍ୟମାନଙ୍କୁ ଏଥିରେ ନିଯୁକ୍ତି ଦେଇଛନ୍ତି। ସେମାନେ ଏବେ ନିଜ ପାଇଁ ୭ଟି ବିଏମଡବ୍ଲ୍ୟୁ କାର୍ କିଣୁଛନ୍ତି!

ସାମାଜିକ ଗଣମାଧ୍ୟମ ବ୍ୟବହାରକାରୀମାନେ ଏହି ବିଳାସପୂର୍ଣ୍ଣ କାର୍ କ୍ରୟକୁ ନେଇ ଦୁର୍ନୀତି ବିରୋଧୀ ସଂସ୍ଥା ଉପରେ ପ୍ରଶ୍ନ ଉଠାଇଛନ୍ତି। ସେମାନେ କହିଛନ୍ତି ଯେ ଦୁର୍ନୀତି ବିରୋଧୀ ଆନ୍ଦୋଳନରୁ ଲୋକପାଳ ଜନ୍ମ ହୋଇଥିଲା। ଏବେ ଏହାର ସଦସ୍ୟ ୫ କୋଟି ଟଙ୍କାର ଗାଡ଼ିରେ ବୁଲିବେ। ଏହା ବିଡ଼ମ୍ବନାର ବିଷୟ। ଦୁର୍ନୀତିର ଚୌକିଦାରରୁ ପୋଷା କୁକୁର ପାଲଟି ଯାଇଛନ୍ତି। ସଚ୍ଚୋଟତା କେବଳ ମରିନାହିଁ; ଏହା ଲୋପ ପାଇଯାଇଛି। ଅନ୍ୟ ଜଣେ ଲେଖିଛନ୍ତି ଯେ ଦୁର୍ନୀତି ଏବଂ ପରିବାରବାଦ ଆମ ବ୍ୟବସ୍ଥାରେ ଏତେ ଗଭୀର ଭାବରେ ଜଡ଼ିତ ଯେ କ୍ଷମତା ପାଇବା ପରେ ସମସ୍ତେ ସମାନ ଆଚରଣ କରନ୍ତି।

## ଅଭିନେତା ଅସରାନୀଙ୍କ ପରଲୋକ



ମୁମ୍ବଇ, ୨୧।୧୦ (ଏଜେନ୍ସି): ବଲିଉଡର ପ୍ରଖ୍ୟାତ ଅଭିନେତା ଗୋବର୍ଦ୍ଧନ ଅସରାନୀଙ୍କ ପରଲୋକ ହୋଇଛି। ବ୍ଲକବଷ୍ଟର ଫିଲ୍ମ ସୋଲେର ଇଂରେଜ ଜେଲର ଭୂମିକାରେ ଅଭିନୟ କରିଥିବା ଅସରାନୀ ସୋମବାର ଦ୍ୱିପହର ୧ଟାରେ ଶେଷ ନିଃଶ୍ୱାସ ତ୍ୟାଗ କରିଥିଲେ। ମୃତ୍ୟୁବେଳକୁ ତାଙ୍କୁ ୮୪ ବର୍ଷ ହୋଇଥିଲେ। ଏହାର ଚାରି ଦିନ ପୂର୍ବରୁ ତାଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ତାଙ୍କ ଫୁସଫୁସରେ ପାଣି ଜମି ଯାଇଥିଲା। ଅସରାନୀଙ୍କ ମ୍ୟାନେଜର ବାବୁଭାଇ କହିଛନ୍ତି ଯେ ଅଭିନେତା ତାଙ୍କ ମୃତ୍ୟୁକୁ ଗୋପନ ରଖିବାକୁ ଚାହୁଁଥିଲେ। ଏହି କାରଣରୁ ମୃତ୍ୟୁ ପରେ ସାନ୍ତାକ୍ରୁଜର ଶାନ୍ତିନଗର ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିଲା। ଏହି ଶେଷ ଯାତ୍ରାରେ କେବଳ ୧୫-୨୦ ପରିବାର ସଦସ୍ୟ ଉପସ୍ଥିତ ଥିଲେ।

# ପଞ୍ଜାବର ପୂର୍ବତନ ଡିଜିପିଙ୍କ ବିରୋଧରେ ପୁଅ ହତ୍ୟା ଅଭିଯୋଗ

ପଞ୍ଚକୁଲା, ୨୧।୧୦ (ଏଜେନ୍ସି): ପଞ୍ଜାବର ପୂର୍ବତନ ପୁଲିସ୍ ମହାନିର୍ଦ୍ଦେଶକ (ଡିଜିପି) ମହମ୍ମଦ ମୁସ୍ତାଫା ଏବଂ ତାଙ୍କ ପତ୍ନୀ ତଥା ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନାଙ୍କ ପୁଅ ଅକିଲ ଅଖତାର (୩୫)ଙ୍କ ସନ୍ଦେହଜନକ ମୃତ୍ୟୁ ମାମଲା ନୂଆ ମୋଡ ନେଇଛି। ଏହି ମାମଲାର ତଦନ୍ତରେ ଭୟଙ୍କର ତଥ୍ୟ ସାମ୍ନାକୁ ଆସିଛି। ମନସା ଦେବୀ ପୁଲିସ ଏହି ଆଧାରରେ ଏବଂ ଭାଇ ସମସୁଦ୍ଦିନଙ୍କ ଅଭିଯୋଗରେ ବାପା ମହମ୍ମଦ ମୁସ୍ତାଫା, ମାଆ ରେଜିଆ, ସେମାନଙ୍କ ଝିଏ ଏବଂ ବୋହୂ ସମେତ ପରିବାରର ପାଞ୍ଚ ଜଣ ସଦସ୍ୟଙ୍କ ବିରୋଧରେ ଏତଲା ରୁଜୁ କରାଯାଇଛି। ଗତ ୧୬ ତାରିଖ ରାତିରେ ପଞ୍ଚକୁଲାରେ ଅକିଲଙ୍କ ମୃତ୍ୟୁ ହୋଇଥିଲା। ସେତେବେଳେ ଔଷଧର ଓଭରଡୋଜ ଯୋଗୁଁ ପୁଅ ପ୍ରାଣ ହରାଇ ଥିଲା ବୋଲି ପରିବାର ପକ୍ଷରୁ କୁହାଯାଇଥିଲା। କିନ୍ତୁ ଅକିଲଙ୍କ ମୃତ୍ୟୁ ପୂର୍ବର ଏକ ଭିଡିଓ ସାମ୍ନାକୁ ଆସିଛି। ଏହା ମାମଲାକୁ ଅଧିକ ଜଟିଳ କରିଦେଇଛି। ଏକ ଅନୈତିକ ସମ୍ପର୍କ ପାଇଁ ପୁଅକୁ ହତ୍ୟା କରାଯାଉଥିଲା ବୋଲି କୁହାଯାଉଛି। ଭିଡିଓରେ ସେ କହିଥିଲେ ପରିବାର ସଦସ୍ୟ ତାଙ୍କୁ ହତ୍ୟା ଷଡ଼ଯନ୍ତ୍ର କରିଥିଲେ। ତାଙ୍କ ବାପା ଏବଂ ତାଙ୍କ ସ୍ତ୍ରୀଙ୍କ ମଧ୍ୟରେ ଥିବା ଅନୈତିକ ସମ୍ପର୍କ ବିଷୟରେ ଜାଣିସାରିଥିଲି। ସେ ମୋ ସ୍ତ୍ରୀ



ଥିଲେ, କିନ୍ତୁ ବିବାହ ଡାଡ୍‌ଙ୍କ ସହ ହୋଇଥିବା ପରି ଲାଗୁଥିଲା। ୨୦୧୮ ରେ ଡାଡ୍‌ଙ୍କୁ ସେ ଧରିଥିଲେ। କେମିତି ତାଙ୍କ ସ୍ତ୍ରୀ ଏବଂ ଡାଡ୍ ଏତେ ନିକଟତର ହେଲେ ଜାଣିନାହାନ୍ତି। କିନ୍ତୁ ବିବାହ ପରେ ସ୍ତ୍ରୀ ତାଙ୍କୁ ହାତ ମାରିବାକୁ ଦେଇ ନ ଥିଲା। ସେବେଠାରୁ ପରିବାର ସଦସ୍ୟମାନେ ତାଙ୍କୁ ହତ୍ୟା କରିବାକୁ ଷଡ଼ଯନ୍ତ୍ର କରୁଛନ୍ତି। ଏହାକୁ ଆଧାର କରି ଅକିଲଙ୍କ ଭାଇ ପଞ୍ଚକୁଲା ପୁଲିସ କମିଶନରଙ୍କ ନିକଟକୁ ଅଭିଯୋଗ ପଠାଇ ଥିଲେ। ଏହି ଘଟଣାର ତଦନ୍ତ ଦାବି କରିଥିଲେ।

ଅକିଲଙ୍କ ଗୋଟିଏ ପୁଅ ଏବଂ ଗୋଟିଏ ଝିଅ ଅଛି। ସେ ପଞ୍ଜାବ ଏବଂ ହରିୟାଣା ହାଇକୋର୍ଟରେ ପ୍ରାକ୍ଟିସ କରୁଥିଲେ। ପଞ୍ଚକୁଲା ଡିସିପି ସୃଷ୍ଟି ଗୁପ୍ତା କହିଛନ୍ତି ଯେ ଜଣେ ଏସିପି-ର୍‍ୟାଙ୍କର ଅଧିକାରୀଙ୍କ ନେତୃତ୍ୱରେ ଏକ ଏସଆଇଟି ଗଠନ କରାଯାଇଛି। ଏହି ଟିମ୍ ମାମଲାର ତଦନ୍ତ କରିବ। କାରଣ ପରିବାର ବିରୋଧରେ ଗମ୍ଭୀର ଅଭିଯୋଗ କରାଯାଇଛି। ପୂର୍ବତନ ମନ୍ତ୍ରୀ ରେଜିଆ ସୁଲତାନା ମଧ୍ୟ ଏହି ଷଡ଼ଯନ୍ତ୍ରରେ ସାମିଲ ଥିଲେ ବୋଲି ଅଭିଯୋଗ ଆସିଛି। ପରିବାର ଏବଂ ଅକିଲାଙ୍କ ମଧ୍ୟରେ ବିବାଦ ଚାଲିଥିଲା ବୋଲି ସମସୁଦିନ ଅଭିଯୋଗ କରିଥିଲେ। ଅନୈତିକ ସମ୍ପର୍କର ପର୍ଦ୍ଦାଫାସ ହେବା ପରେ ତାଙ୍କ ମା ଏବଂ ଭଉଣୀ ସମେତ ତାଙ୍କ ସମଗ୍ର ପରିବାର ଅକିଲଙ୍କୁ ହତ୍ୟା କରିବାକୁ କିମ୍ବା ମିଥ୍ୟା ମାମଲାରେ ଫସାଇବାକୁ ଷଡ଼ଯନ୍ତ୍ର କରୁଥିଲେ। ଜୀବନ ପ୍ରତି ଭୟ ଥିବା ସେ ଅଭିଯୋଗ କରିଥିଲେ। ଏହା ପରେ ତାଙ୍କର ମୃତ୍ୟୁ ହୋଇ ଯାଇଥିଲା।

# ଦୁର୍ଘଟଣାରେ ଗଲା ୪ ଜୀବନ

## ବିଦ୍ୟୁତ୍ ଖୁଣ୍ଟରେ ପିଟିହେଲା ବାଇକ୍; ଦୁଇ ମୃତ

ବାଲିବନ୍ଧ, ୨୧।୧୦(ସମିସ): କେନ୍ଦୁଝର ଜିଲ୍ଲା ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥର ଝୁମ୍ପୁରା ଥାନା ଅନ୍ତର୍ଗତ ବାଲିବନ୍ଧ ପଞ୍ଚାୟତ ମୁରୁସୁଆଁ ନିକଟରେ ମଙ୍ଗଳବାର ଅପରାହ୍ନରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କ ମୃତ୍ୟୁ ହୋଇଛି। ମୃତକଦ୍ୱୟ ହେଲେ, ବାରିଆ ଥାନା ସିଙ୍ଗବାଜୁଣୀ ଗ୍ରାମର ଭୂପତି ରାଉତ ଏବଂ ଯାଜପୁର ଅଞ୍ଚଳର ଆଶିଷ ଦାସ। ଦୁହେଁ ଏକ ବାଇକ୍‌ରେ ମୁଳି ପଟୁ ଝୁମ୍ପୁରା ଅଭିମୁଖେ ଆସୁଥିଲେ। ମୁରୁସୁଆଁ ନିକଟରେ ବାଇକ୍‌ଟି ଭାରସାମ୍ୟ ହରାଇ ଡିଭାଇଡର୍‌ରେ ପିଟି ହେବା ପରେ ପାଖରେ ଥିବା ଏକ ବିଦ୍ୟୁତ୍ ଖୁଣ୍ଟକୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ଝୁମ୍ପୁରା ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିବା ସହ ଶବଦ୍ୱୟକୁ ବ୍ୟବଚ୍ଛେଦ ପାଇଁ କେନ୍ଦୁଝର ମୁଖ୍ୟ ଡାକ୍ତରଖାନାକୁ ପଠାଇଛି।

## ବାଇକ୍‌କୁ ଧକ୍କାଦେଲା ହାଇୱା; ଦୁଇ ମୃତ

ବଡ଼ବିଲ, ୨୧।୧୦(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ବିର୍ସାମୁଣ୍ଡା ଛକ ନିକଟରେ ଏକ ଦୁର୍ଘଟଣାରେ ଦୁଇଜଣଙ୍କର ପ୍ରାଣହାନି ହୋଇଛି। ମୃତକଦ୍ୱୟ ହେଲେ, ଦୀପକ ମହାକୁଡ଼ (୨୭) ଓ ଦେବାଶିଷ ଆପଟ (୩୧)। ସୋମବାର ସନ୍ଧ୍ୟାରେ ବୋଲାଣି ଥାନା ହରମଠ ଗ୍ରାମର ଦୀପକ ଓ ଦେବାଶିଷ କୌଣସି କାମରେ ଏକ ବାଇକ୍(ଓଡି୦୯କେ୯୫୭୨)ରେ ବଡ଼ବିଲରୁ ଘରକୁ ଫେରୁଥିଲେ। ବିର୍ସାମୁଣ୍ଡା ଛକ ନିକଟରେ ଏକ ହାଇୱା (ଓଡି୧୪ଏଜି୧୬୫୪) ସେମାନଙ୍କୁ ଧକ୍କା ଦେବାରୁ ଏହି ଅଘଟଣ ଘଟିଥିଲା। ଘଟଣାସ୍ଥଳରେ ଦୀପକଙ୍କ ମୃତ୍ୟୁ ହୋଇଯାଇଥିଲା। ଦେବାଶିଷଙ୍କୁ ବଡ଼ବିଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ କଟକ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ବଡ଼ବିଲ ପୁଲିସ ଗାଡ଼ିଦ୍ୱୟକୁ ଜବତ କରି ତଦନ୍ତ ଚଳାଇଛି।

**ଅପର୍ଣ୍ଣା ହତ୍ୟା ମାମଲା**

# ଝାରପଡ଼ା ଜେଲ୍‌ରେ ଦୀପକକୁ ଝାଳବୁହା ଜେରା

ଭୁବନେଶ୍ୱର, ୨୧।୧୦ (ସମିସ): ମହିଳା ଟ୍ରାଫିକ୍ କନେଷ୍ଟବଳ ଶୁଭମିତ୍ରା ସାହୁ ହତ୍ୟା ଘଟଣାରେ ଗିରଫ କନେଷ୍ଟବଳ ସ୍ୱାମୀ ଦୀପକ ରାଉତର ଅଡୁଆ ବଢ଼ିଛି। ପ୍ରଥମ ପତ୍ନୀ ଅପର୍ଣ୍ଣା ରାଉତ ହତ୍ୟା ମାମଲାରେ ଦୀପକ ପ୍ରଥମଥର ପାଇଁ ତଦନ୍ତର ସାମ୍ନା କରିଛି। ଅପର୍ଣ୍ଣା ହତ୍ୟା ମାମଲାର ତଦନ୍ତ କରୁଥିବା କଟକ ଗ୍ରାମାଞ୍ଚଳ ପୁଲିସ ମୁଖ୍ୟାଳୟର ଡିଏସପି ଅଜୟ କୁମାର ଦାସ ଝାରପଡ଼ା ଜେଲରେ ଦୀପକକୁ ପଚରାଉଚରା କରିଛନ୍ତି। ଦୀର୍ଘ ୩ଘଣ୍ଟା ଧରି ଜେରା କରିବା ସହ ବହୁ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାସଲ କରିଛନ୍ତି। ସେପଟେ ଘଟଣା ସହ ଜଡ଼ିତ ସମସ୍ତଙ୍କୁ ପଚରାଉଚରା ସରିଥିବା ବେଳେ ଡାକ୍ତରଙ୍କ ଚୂଡ଼ାନ୍ତ ମତାମତ ମଧ୍ୟ ଆସିଯାଇଛି।

ଡାକ୍ତରଙ୍କ ଚୂଡ଼ାନ୍ତ ରିପୋର୍ଟରୁ ପୁଲିସକୁ ଚାଞ୍ଚଲ୍ୟକର ତଥ୍ୟ ମିଳିଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପୁନଃ ଯାଞ୍ଚ ପରେ ମଧ୍ୟ ତାହା ଦୁର୍ଘଟଣାଜନିତ କ୍ଷତ ନୁହେଁ ବୋଲି ଜଣାପଡ଼ିଛି। ଚୂଡ଼ାନ୍ତ ରିପୋର୍ଟ ହାତରେ ଲାଗିବା ପରେ ତଦନ୍ତକୁ ଜୋରଦାର୍ କରିଛି ପୁଲିସ। ତଦନ୍ତକାରୀ ଅଧିକାରୀ ଶ୍ରୀ ଦାସ ଗତକାଲି ଝାରପଡ଼ା ଜେଲକୁ ଆସି ଦୀପକକୁ ପ୍ରଥମଥର ପାଇଁ ପଚରାଉଚରା କରିଛନ୍ତି। ଅପର୍ଣ୍ଣାଙ୍କ ଟ୍ରକ୍ ଧକ୍କା କରିଥିବା ନେଇ ଦୀପକ ଦେଇଥିବା ଏଫ୍‌ଆଇଆରରେ ଗୋଟିଏ କଥା ଉଲ୍ଲେଖ ରହିଥିବା ବେଳେ ତଦନ୍ତରେ ଭିନ୍ନ କଥା ସାମ୍ନାକୁ ଆସୁଛି। ପ୍ରଥମତଃ ଦୀପକ ଏତଲାରେ ଦର୍ଶାଇଥିବା ଟ୍ରକ୍, ଦୁର୍ଘଟଣା ଘଟାଇନଥିବା ସ୍ପଷ୍ଟ ହୋଇଥିବା ବେଳେ ଦୁର୍ଘଟଣା ସାକ୍ଷୀମାନେ ମଧ୍ୟ ଭିନ୍ନ ବୟାନ ଦେଇଛନ୍ତି। ମୋଟାମୋଟି କହିବାକୁ ଗଲେ, ଦୀପକ ଆଣିଥିବା ଅଭିଯୋଗ ଆଉ ପୁଲିସର ତଦନ୍ତ ମଧ୍ୟରେ ଆକାଶ ପାତାଳ ଫରକ ଦେଖାଦେଇଛି। ସେପଟେ, ଅପର୍ଣ୍ଣାଙ୍କ ମୃତ୍ୟୁ ପରେ ବୀମା ବାବଦକୁ ଦୀପକ ପ୍ରାୟ କୋଟିଏରୁ ଅଧିକ ଟଙ୍କା ପାଇଥିବାର ପ୍ରମାଣ ପାଇଛି ପୁଲିସ। ସେସବୁ ଟଙ୍କା କେଉଁ କେଉଁଠାରେ ବିନିଯୋଗ କରିଛି, କିପରି ଖର୍ଚ୍ଚ କରିଛି, ସେନେଇ ମଧ୍ୟ ପଚରାଉଚରା କରାଯାଇଛି। ଏସବୁ ଦିଗକୁ ନେଇ ପୁଲିସ ଦୀପକକୁ ପଚରାଉଚରା କରିଛି। ଦିନ ୨ଟାରୁ ଅପରାହ୍ଣ ୫ଟା ପର୍ଯ୍ୟନ୍ତ ଝାଳବୁହା ଜେରା କରିଛି ପୁଲିସ। ଏହି ୩ ଘଣ୍ଟାର ପଚରାଉଚରା ମଧ୍ୟରେ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ହାତେଇଛି ପୁଲିସ। ଖୁବ୍‌ଶୀଘ୍ର ଦୀପକକୁ ରିମାଣ୍ଡରେ ନେବାକୁ ପୁଲିସ ଯୋଜନା କରିଛି।

ଅଭିଯୋଗ ଅନୁସାରେ, ୨୦୨୨ ମସିହା ମାର୍ଚ୍ଚ ମାସ ୧୭ ତାରିଖ ଦିନ ଦୀପକ ଓ ପ୍ରଥମ ପତ୍ନୀ ଅପର୍ଣ୍ଣା (ରାଜସ୍ୱ ନିରୀକ୍ଷକ) କାର୍ ଯୋଗେ ଢେଙ୍କାନାଳରୁ ଭୁବନେଶ୍ୱର ଆସୁଥିଲେ। ଅପର୍ଣ୍ଣା ପରିସ୍ରା କରିବାକୁ କହିବାରୁ ଖୁଣ୍ଟୁଣି ଥାନା ଅନ୍ତର୍ଗତ ରାଧାକିଶୋରପୁରଠାରେ ଦୀପକ କାର ରଖିଥିଲା। ଅପର୍ଣ୍ଣା ପରିସ୍ରା କରିବାକୁ ଯାଉଥିବା ବେଳେ ଟ୍ରକ୍ ଧକ୍କାରେ ଆହତ ହୋଇଥିଲେ। ଦୀପକ ତାଙ୍କୁ ପ୍ରଥମେ କଟକସ୍ଥିତ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରିଥିଲା ଓ ସେଠାରେ ଅପର୍ଣ୍ଣାଙ୍କ ମୃତ୍ୟୁ ହୋଇଯାଇଥିଲା। ମର୍କତନଗର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହେବା ସହ କଟକ ବଡ଼ ଡ଼ାକ୍ତରଖାନାରେ ମୃତଦେହ ବ୍ୟବଚ୍ଛେଦ କରାଯାଇଥିଲା। ଅପର୍ଣ୍ଣାଙ୍କୁ ଓଡି-୦୨-ଏସ୍-୩୪୮୬ ନମ୍ବର ବିଶିଷ୍ଟ ଏକ ଟ୍ରକ ଧକ୍କା ଦେଇଥିବା ଦୀପକ ଖୁଣ୍ଟୁଣି ଥାନାରେ ଅଭିଯୋଗ କରିବା ପରେ ପୁଲିସ ଦୁର୍ଘଟଣା ଜନିତ ମାମଲା ରୁଜୁ କରିଥିଲା। ଦୀପକ ଟ୍ରକ୍ ମାଲିକଙ୍କୁ ଟଙ୍କା ଦେଇ ମିଛ କହିବାକୁ କହିଥିଲା ବୋଲି ସେତେବେଳେ ଟ୍ରକ୍ ମାଲିକ ବୟାନ ଦେଇଥିଲେ। ଦୀପକ ଦେଇଥିବା ଟ୍ରକର ସଂପୃକ୍ତି ନ ମିଳିବାରୁ ପୁଲିସ ଏଫ୍‌ଆରଟି ନୋ କ୍ଲୁ କରି ମାମଲାକୁ ବନ୍ଦ କରି ଦେଇଥିଲା। ଏବେ ଦ୍ୱିତୀୟ ପତ୍ନୀ ଶୁଭମିତ୍ରା ହତ୍ୟାକାଣ୍ଡରେ ଦୀପକ ଗିରଫ ହେବାପରେ ଅପର୍ଣ୍ଣାଙ୍କୁ ମଧ୍ୟ ହତ୍ୟା କରିଥିବା ଭଉଣୀ ରୋଜାଲିନ କରିବା ପରେ ଖୁଣ୍ଟୁଣି ଥାନା ମାମଲା ରୁଜୁ କରି ତଦନ୍ତ କରୁଛି।

ତଦନ୍ତକାରୀ ଅଧିକାରୀ ଡିଏସ୍‌ପି ଅଜୟ ଦାସ ଦୁର୍ଘଟଣା ମାମଲାର ସମସ୍ତ ନଥିପତ୍ରକୁ ଜବତ କରିବା ସହ ଅପର୍ଣ୍ଣାଙ୍କ ପରିବାରର ୮ଜଣ ସଦସ୍ୟ, ଦୁର୍ଘଟଣା ମାମଲାର ତଦନ୍ତକାରୀ ଅଧିକାରୀ, ସାକ୍ଷୀ ଓ ତତ୍କାଳୀନ ଖୁଣ୍ଟୁଣି ଥାନା ଅଧିକାରୀଙ୍କୁ ପଚରାଉଚରା କରିଥିଲେ। ଅପର୍ଣ୍ଣାଙ୍କୁ ମୃତ ଘୋଷଣା କରିଥିବା ଡାକ୍ତର ଓ ମୃତଦେହକୁ ବ୍ୟବଚ୍ଛେଦ କରିଥିବା ଡାକ୍ତରଙ୍କୁ ମଧ୍ୟ ତଦନ୍ତ ପରିସରଭୁକ୍ତ କରାଯାଇଛି। ଏଥିସହ ବ୍ୟବଚ୍ଛେଦ ସମୟରେ ଉପସ୍ଥିତ ଥିବା ଦୀପକର ଭାଇ, ଭାଉଜଙ୍କ ସମେତ ଅନ୍ୟ ବ୍ୟକ୍ତିଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଦୀପକର ଧରମଭଉଣୀ ତଥା କମିସନରେଟ ପୁଲିସରେ କାର୍ଯ୍ୟରତ ଜଣେ ମହିଳା କନେଷ୍ଟବଳଙ୍କୁ ମଧ୍ୟ ଜେରା କରିଥିଲା ପୁଲିସ। ସେପଟେ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ପୁନଃ ଯାଞ୍ଚ କରାଯାଇଥିଲା। ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ଅପର୍ଣ୍ଣାଙ୍କ ଶବ ବ୍ୟବଚ୍ଛେଦ ରିପୋର୍ଟକୁ ଆଉ ଥରେ ଯାଞ୍ଚ କରି ଏକ ରିପୋର୍ଟ ପ୍ରଦାନ କରିଛନ୍ତି।

**ଦୀପାବଳି ହେଲା ରକ୍ତରଞ୍ଜିତ**

# ମଦ ନିଶାରେ ସ୍ତ୍ରୀକୁ ହାଣି ହତ୍ୟା



- ଝିଅକୁ ବି ଛାଡ଼ିଲାନି, ଟାଙ୍ଗିଆ ଚୋଟରେ ଗୁରୁତର
- ଗୁରୁତର ଝିଅକୁ କଟକ ସ୍ଥାନାନ୍ତର
- ଫେରାର୍ ବେଳେ ମାଡ଼ି ବସିଲା ପୁଲିସ

ଦାନଗଦି/ଯାଖପୁରା,୨୧।୧୦(ସମିସ): ମଦ ନିଶାରେ ସ୍ତ୍ରୀକୁ ଟାଙ୍ଗିଆରେ ହାଣି ହତ୍ୟା କରିବା ପରେ ମନ ଶାନ୍ତ ହେଲାନି ଯେ ପାଖରେ ଶୋଇଥିବା ଝିଅକୁ ବି ହାଣି ଗୁରୁତର କରିଦେଲା। ଦୀପାବଳି ରାତିରେ ସମସ୍ତେ ଭୋଜିଭାତରେ ମାତିଥିବା ବେଳେ ଯଖପୁରା ଥାନା ଅଞ୍ଚଳ ରାବଣା ଛକ ନିକଟ ଏକ ଇଟାଭାଟିରେ ଏପରି ଏକ ଆପରାଧିକ ଘଟଣା ଘଟିଛି। ମୃତ ମହିଳାଜଣଙ୍କ ହେଲେ, ଝାଡ଼ଖଣ୍ଡ ଅଞ୍ଚଳର କର୍ପୂରୀ ସୋରେନ। ଏହି ଘଟଣାରେ ପୁଲିସ ଅଭିଯୁକ୍ତ ସ୍ୱାମୀ ସୁନାରାମ ସୋରେନକୁ ଗିରଫ କରି କୋର୍ଟଚାଲାଣ କରିଛି।

ସୂଚନାନୁସାରେ, ରାବଣା ଛକ ନିକଟ ଏକ ଇଟାଭାଟିରେ ଏହି ସୋରେନ୍ ଦମ୍ପତି କାମ ରକୁଥିଲେ। ସେମାନଙ୍କ ମଧ୍ୟରେ କିଛି ଦିନ ହେବ ମତାନ୍ତର, ମନାନ୍ତର ଘଟିଥିବାରୁ ପତ୍ନୀ କର୍ପୂରୀ ନିଜ ୭ବର୍ଷର ଝିଅ ଶୁଭ ସୋରେନକୁ ଧରି ଅଲଗା ରହୁଥିଲେ। ସୋମବାର ଦୀପାବଳି ଅବସରେ ଇଟାଭାଟିରେ ଭୋଜିଭାତ ଚାଲୁଥିଲା। ସବୁ ଶ୍ରମିକ ଭୋଜିଭାତରେ ସାମିଲ ହୋଇଥିଲେ। ମତାନ୍ତର ଭୁଲି ସୁନାରାମ ଓ କର୍ପୂରୀ ଏକାଠି ଭୋଜି ଖାଇଥିଲେ। ତେବେ ଅଚାନକ ପୂର୍ବ କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହେବାରୁ ମଦନିଶାରେ ଥିବା ସୁନାରାମ ଉତ୍କ୍ଷିପ୍ତ ହୋଇ ଏକ ଟାଙ୍ଗିଆରେ କର୍ପୂରୀକୁ ଆକ୍ରମଣ କରିଥିଲା। ଫଳରେ ଘଟଣାସ୍ଥଳରେ ତା'ର ମୃତ୍ୟୁ ହୋଇଯାଇଥିଲା। ଏତିକିରେ ସୁନାରାମର ରାଗ ଶାନ୍ତ ହେଲାନି। ପାଖ କ୍ୟାମ୍ପରେ ଶୋଇଥିବା ଝିଅ ଶୁଭକୁ ମଧ୍ୟ ଟାଙ୍ଗିଆରେ ହାଣି ପକାଇଥିଲା। ଚିତ୍କାର ଶୁଣି ଭୋଜିରେ ଥିବା ଅନ୍ୟମାନେ ଦୌଡ଼ି ଆସିବାରୁ ସୁନାରାମ ଘଟଣାସ୍ଥଳରୁ ଫେରାର୍ ହୋଇଯାଇଥିଲା।

ପାଖ ଲୋକେ ଝିଅକୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି ପ୍ରଥମେ ଦାନଗଦି ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଅବସ୍ଥା ସଂକଟାପନ୍ନ ହେବାରୁ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି।

କଳିଙ୍ଗନଗର ଏଏସ୍‌ପି ସୁପ୍ରସନ୍ନ ମଲ୍ଲିକ ଓ ଯଖପୁରା ଥାନା ଅଧିକାରୀ ଅସିବ କୁମାର ସାହୁ ସାଇଣ୍ଟିଫିକ ଟିମ୍ ସହ ଘଟଣାସ୍ଥଳରେ ପହଞ୍ଚି ଘଟଣାର ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ପୁଲିସ ଏକ ମାମଲା ରୁଜୁକରି ମୃତଦେହକୁ ବ୍ୟବଚ୍ଛେଦ ପାଇଁ ଦାନଗଦି ଡାକ୍ତରଖାନାକୁ ପଠାଇଛି। ଅପରପକ୍ଷେ, ଘଟଣା ପରେ ଅଭିଯୁକ୍ତ ସୁନାରାମ ଫେରାର ହୋଇ ପଳାଉଥିବା ବେଳେ ୨୦ କିମି ଦୂର ଟମକା ଥାନା ମହୁଲମୂଳ ନିକଟରୁ ପୁଲିସ ତାକୁ ଗିରଫ କରିଛି। ପୁଲିସ ସୁନାରାମକୁ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ପାଇବା ପାଇଁ ପଚରାଉଚରା କରୁଛି। ପାରିବାରିକ କଳହରୁ ଏହି ହତ୍ୟାକାଣ୍ଡ ହୋଇଥିବା ପୁଲିସ ପ୍ରାଥମିକ ତଦନ୍ତରୁ ଜାଣିବାକୁ ପାଇଛି।

## ଖୋଲା କୂଅରେ ପଡ଼ି ବୃଦ୍ଧ ମୃତ

ମହୁଲଡିହା, ୨୧।୧୦ (ସମିସ): ମହୁଲଡିହା ଥାନା ଅନ୍ତର୍ଗତ କେଶଡିହା ପଞ୍ଚାୟତ ବଡ଼ବାଲିପୋଷି ସାହିରେ ଖୋଲା କୂଅରେ ପଡ଼ି ଜଣେ ବୃଦ୍ଧଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ, ସଦନ ହେମ୍ବ୍ରମ(୭୪)। ଘରଠାରୁ ଅଳ୍ପଦୂରରେ ଥିବା କୂଅକୁ ସଦନ ଗାଧୋଇବାକୁ ଯାଇଥିଲେ। ସେଠାରେ ପାଣି ଉଠାଉଥିବା ବେଳେ ଅସାବଧାନତାବଶତଃ କୂଅରୁ ଖସି ପଡ଼ିଥିଲେ। ପାଖରେ କେହି ନଥିବାରୁ ତାଙ୍କୁ ଉଦ୍ଧାର କରିବା ବିଳମ୍ବ ହୋଇଯାଇଥିଲା। ପରିବାରଲୋକ ତାଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୁଅ ତୁରାମ ହେମ୍ବ୍ରମ ମହୁଲଡିହା ଥାନାରେ ଅଭିଯୋଗ କରିବା ପରେ ଏଏସ୍‌ଆଇ ସନ୍ତୋଷ କୁମାର ନାଏକ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛନ୍ତି।

## ହାତରେ ବାଣ ଫୁଟି ଛିଣ୍ଡିଗଲା ପାପୁଲି

ସୋର, ୨୧।୧୦ (ସମିସ): ଆଲୋକର ପର୍ବ ଦୀପାବଳିରେ ଅଘଟଣ। ବାଣ ଫୁଟି ଜଣେ ଯୁବକଙ୍କ ହାତ ପାପୁଲି ଛିଣ୍ଡି ଯାଇଥିବା ବେଳେ ୬ ଜଣ ନାବାଳକଙ୍କ ସମେତ ୧୨ରୁ ଊର୍ଦ୍ଧ୍ୱ ଗୁରୁତର ଆହତ ହୋଇଛନ୍ତି। ବାଲେଶ୍ୱର ଜିଲ୍ଲା ସୋର ବ୍ଲକ୍‌ରେ ଏହି ଅଘଟଣ ଘଟିଛି।



**୬ ନାବାଳକଙ୍କ ସମେତ ୧୨ ଆହତ**

ସୋର ଥାନା ଗୋବିନ୍ଦପୁର ଗ୍ରାମର ବାବୁ ମହାନ୍ତି (୩୬) ଗତକାଲି ସନ୍ଧ୍ୟାରେ ବାଣ ଫୁଟାଉଥିବା ବେଳେ ହଠାତ ବାଣଟି ତାଙ୍କ ବାମ ହାତ ପାପୁଲିରେ ଫାଟି ଯାଇଥିଲା। ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ ହାତରୁ ପାପୁଲି ଅଲଗା ହୋଇଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ପରେ ଡାକ୍ତରଙ୍କ ପରାମର୍ଶକ୍ରମେ ତାଙ୍କୁ ବାଲେଶ୍ୱର ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେହିପରି ବାଣ ଫୁଟାଇବା ବେଳେ ସୋରର ବିଭିନ୍ନ ଅଞ୍ଚଳରୁ ମୁକ୍ତିକାନ୍ତ ନାୟକ(୪୦), ଅନିମା ରାଉତ (୩୮), ସୌଭଗ୍ୟ ଜେନା (୧୪), ଖଗେଶ ମହାକୁଡ଼(୫),ସୌମ୍ୟାଶୁ ପଲେଇ(୧୨), ଶୁଭ୍ରଜିତ ସ(୧୪), ବିଷ୍ଣୁପ୍ରସାଦ ସାହୁ(୧୩), ସାଇ ରାଉତ(୫) ପ୍ରମୁଖ ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଛନ୍ତି।

**ଜଗତସିଂହପୁରରେ ମହିଳାଙ୍କୁ ଦୁର୍ବ୍ୟବହାର ଓ ଆକ୍ରମଣ ଘଟଣା**

# ବିଜେଡି ପକ୍ଷରୁ ଡିଜିପିଙ୍କୁ ଦାବିପତ୍ର



କଟକ, ୨୧।୧୦(ସମିସ): ଜଗତସିଂହପୁର ଥାନା ଆଲିପିଙ୍ଗଳର ପାଟସରା ନିବାସୀ ଜନୈକା ମହିଳା ରଶ୍ମି ପରିଜାଙ୍କ ଉପରେ ହୋଇଥିବା ନିର୍ମମ ଆକ୍ରମଣ ଘଟଣାରେ ତଦନ୍ତ ସହ ତୁରନ୍ତ ଏବଂ କଠୋର କାର୍ଯ୍ୟାନୁଷ୍ଠାନ ଦାବି କରି ବିଜୁ ଜନତା ଦଳ ପକ୍ଷରୁ ଡିଜିପିଙ୍କୁ ଆଜି ଏକ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟସଭା ସାଂସଦ ସୁଲତା ଦେଓ, ଛାତ୍ର ବିଜେଡି ସଭାପତି ଈପସିତା ସାହୁ , ବିଜେଡି ମୁଖପାତ୍ର ଲେନିନ ମହାନ୍ତି , ବିଜେଡି ନେତ୍ରୀ ସୋଫିଆ ଆଲାମ ପ୍ରମୁଖଙ୍କୁ ନେଇ ଏକ ପ୍ରତିନିଧିଦଳ କଟକସ୍ଥିତ ପୁଲିସ ମୁଖ୍ୟାଳୟରେ ଡିଜିପିଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

ଏହି ଘଟଣା ରାଜ୍ୟରେ ମହିଳା ଏବଂ ସାମାଜିକ କର୍ମୀଙ୍କ ସୁରକ୍ଷା ପ୍ରତି ଗମ୍ଭୀର ପ୍ରଶ୍ନ ଉଠାଇଛି ଏବଂ ମୁକ୍ତ ମତବ୍ୟକ୍ତ ପ୍ରତି ଅସହିଷ୍ଣୁତାର ଧାରା ପ୍ରତିଫଳିତ କରୁଛି ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ପ୍ରତ୍ୟେକ ନାଗରିକ, ବିଶେଷକରି ମହିଳା ଏବଂ ସାମାଜିକ କର୍ମୀଙ୍କୁ ଏପରି ଘୃଣ୍ୟ ହିଂସା ଏବଂ ଭୟଭୀତ କରିବାରୁ ସୁରକ୍ଷିତ ରଖିବା ରାଜ୍ୟର ମୌଳିକ କର୍ତ୍ତବ୍ୟ। ତେଣୁ ଭାରତୀୟ ନ୍ୟାୟ ସଂହିତାର ପ୍ରାସଙ୍ଗିକ ଧାରା ଅନୁଯାୟୀ ଘଟଣାର ତୁରନ୍ତ ଏବଂ ନିରପେକ୍ଷ ତଦନ୍ତ ନିର୍ଦ୍ଦେଶ ଦିଆଯାଉ ବୋଲି ଦାବି ହୋଇଛି। ସମସ୍ତ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରିବା ,ଆଗକୁ ଆକ୍ରମଣ କିମ୍ବା ଭୟଭୀତ କରିବା ରୋକିବା ପାଇଁ ରଶ୍ମି ପରିଜା ଏବଂ ତାଙ୍କ ପରିବାରକୁ ପର୍ଯ୍ୟାପ୍ତ ପୁଲିସ ସୁରକ୍ଷା ପ୍ରଦାନ କରିବା, ସ୍ଥାନୀୟ ପୁଲିସ କର୍ତ୍ତୃପକ୍ଷଙ୍କ ପକ୍ଷରୁ କରାଯାଇଥିବା ଅବହେଳା ତଥା ନିଷ୍କ୍ରିୟତାର ତଦନ୍ତ କରିବାକୁ ଦାବି କରିଛି ବିଜେଡି।

ସୂଚନାଥାଉକି, ଦୀପାବଳି ରାତିରେ ଜଗତସିଂହପୁର ଥାନା ଅନ୍ତର୍ଗତ ଆଲିପିଙ୍ଗଳର ପାଟସରା ନିବାସୀ କପିଳେନ୍ଦ୍ର ପରିଜାଙ୍କ ପତ୍ନୀ ରଶ୍ମି ପରିଜାଙ୍କୁ ଦୁର୍ବୃତ୍ତ ମାନେ ଆକ୍ରମଣ କରିଥିଲେ। ଆଲିପିଙ୍ଗଳ ଗ୍ରାମ ନିବାସୀ ଅନିରୁଦ୍ଧ ରାଉତ, ଅଦୈତ ରାଉତ, ହରେକୃଷ୍ଣ ଜେନା, ଜ୍ଞାନରଞ୍ଜନ ଜେନା, ବିମଳା ରାଉତ, ସଞ୍ଜୁ ଜେନା ଏବଂ ବର୍ଷା ରାଉତ ପ୍ରମୁଖ ରଶ୍ମିଙ୍କ ଘରେ ଜୋରଜବରଦସ୍ତ ପ୍ରବେଶ କରିବା ସହ ଅଶ୍ଳୀଳ ଭାଷା ପ୍ରୟୋଗ ସହ ତାଙ୍କୁ ତଳେ ପକାଇ ମାଡ଼ ମାରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ ସେ ଗୁରୁତର ଆହତ ହୋଇ ଚିକିତ୍ସିତ ହେଉଛନ୍ତି। ସାମାଜିକ ଗଣମାଧ୍ୟମରେ ମତ ମନ୍ତବ୍ୟ ରଖୁଥିବା ରଶ୍ମି ପୂର୍ବରୁ ଜଗତସିଂହପୁର ଥାନା ଆଇଆଇସି ଏବଂ ଜଗତସିଂପୁର ଏସପିଙ୍କ ନିକଟରେ ତାଙ୍କ ଜୀବନ ପ୍ରତି ବିପଦ ଥିବା ନେଇ ଅଭିଯୋଗ କରିଥିଲେ ମଧ୍ୟ ପୁଲିସ ନିଷ୍କ୍ରିୟତା ଅବଲମ୍ବନ କରିଥିଲା। ଏହି ପ୍ରତିନିଧିଦଳରେ ଅନ୍ୟମାନଙ୍କ ମଧ୍ୟରେ ଡଃ ପ୍ରିୟବ୍ରତ ମାଝୀ, ତୁମ୍ବନାଥ ପଣ୍ଡା, ମିହିର ରାୟ, ରୀତାଞ୍ଜଳି ପ୍ରଧାନ ଓ ଜ୍ୟୋତ୍ସ୍ନାମୟୀ ପରିଡ଼ା ପ୍ରମୁଖ ସାମିଲ ହୋଇଥିଲେ।

# ମନାକଲେ ବି ମାନୁନି ଇସ୍କନ

ପୁରୀ, ୨୧।୧୦ (ସମିସ): ମାନୁନି ଇସ୍କନ। ଗଜପତି ମହାରାଜାଙ୍କ କଥା ବି ଶୁଣିବା ଅବସ୍ଥାରେ ନାହିଁ। ଶାସ୍ତ୍ରୀୟ ମତକୁ ଆଧାର କରି ନିର୍ଦ୍ଦିଷ୍ଟ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଇସ୍କନ ମୁଖ୍ୟଙ୍କୁ ଏକାଧିକଥର ଚିଠି ଲେଖିଛନ୍ତି। ହେଲେ ସେମାନେ ଏଥିରେ ସହମତି ହେଉନାହାନ୍ତି। ପୁଣି ଗଜପତି ମହାରାଜା ଦିବ୍ୟସିଂହଦେବ ଇସ୍କନ ମୁଖ୍ୟଙ୍କୁ ଚିଠି ଲେଖିଛନ୍ତି। ମଙ୍ଗଳବାର ଏ ସଂକ୍ରାନ୍ତରେ ଶ୍ରୀନଅର ପକ୍ଷରୁ ପ୍ରେସ୍ ବିଜ୍ଞପ୍ତି ଜରିଆରେ ସ୍ପଷ୍ଟ କରାଯାଇଛି।

ଶ୍ରୀ ଗଜପତି ମହାରାଜାଙ୍କ ବ୍ୟକ୍ତିଗତ ସଚିବ ରାଧାକୃଷ୍ଣ ପଣ୍ଡା ଜଣାଇଛନ୍ତି ଯେ ଚଳିତ ବର୍ଷ ସେପ୍ଟେମ୍ବର ୬ରେ ଗଜପତି ମହାରାଜା ମାୟାପୁର (ପଶ୍ଚିମବଙ୍ଗ)ରେ ଅବସ୍ଥିତ ଇସ୍କନ ଗଭର୍ଣ୍ଣିଂବଡି କମିଶନ(ଜିବିସି)ର ଅଧ୍ୟକ୍ଷ ଗୋବର୍ଦ୍ଧନ ଦାସଙ୍କୁ ଚିଠି ଲେଖିଥିଲେ। ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟି (ପୁରୀ)ର ଚୂଡ଼ାନ୍ତ ନିଷ୍ପତ୍ତି କ୍ରମେ ବିଶ୍ୱର ବିଭିନ୍ନ ଦେଶରେ ଅବସ୍ଥିତ ଇସ୍କନ ମନ୍ଦିରମାନେ ଶାସ୍ତ୍ର ଓ ପାରମ୍ପରିକ ରୀତିରେ ନିର୍ଦ୍ଦିଷ୍ଟ ତିଥି ଅନୁଯାୟୀ ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ସ୍ନାନଯାତ୍ରା ଓ ରଥଯାତ୍ରା ପାଳନ କରିବା ଲାଗି ଗଜପତି ମହାରାଜା ଜଣାଇଥିଲେ। ଚଳିତ ମାସ ୧୯ ତାରିଖରେ ଇସ୍କନ ଜିବିସି ଅଧ୍ୟକ୍ଷ ପତ୍ର ମାଧ୍ୟମରେ ଗଜପତି ମହାରାଜାଙ୍କୁ ଉତ୍ତର ଦେଇଛନ୍ତି। ସେଥିରେ ଉଲ୍ଲେଖ କରାଯାଇଛି ଯେ, ଇସ୍କନ ଭାରତ ଏବଂ ବିଦେଶର ସମସ୍ତ ମନ୍ଦିରରେ ଶାସ୍ତ୍ରୋକ୍ତ ତିଥି (ଜ୍ୟେଷ୍ଠ ପୂର୍ଣ୍ଣିମା)ରେ ସ୍ନାନଯାତ୍ରା ପାଳନ କରିବାକୁ ସମ୍ମତ ହୋଇଥିଲେ ମଧ୍ୟ ଶ୍ରୀଜଗନ୍ନାଥ ମନ୍ଦିର ପରିଚାଳନା କମିଟିଙ୍କର ଶାସ୍ତ୍ର ଓ ପାରମ୍ପରିକ ନିର୍ଦ୍ଧାରିତ ତିଥି ଅନୁଯାୟୀ ଅର୍ଥାତ୍ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ୯ଦିନ ମଧ୍ୟରେ ଭାରତ ବାହାରେ ରଥଯାତ୍ରା ପାଳନ କରିବା ନିଷ୍ପତ୍ତି ସହିତ ସହମତ ହୋଇପାରୁନାହାନ୍ତି। ଏହାର ଉତ୍ତର ଦେଇ ଗଜପତି ମହାରାଜା ମଙ୍ଗଳବାର ଅର୍ଥାତ୍ ଅକ୍ଟୋବର ୨୧ ତାରିଖରେ ଇସ୍କନ ଜିବିସି ଅଧ୍ୟକ୍ଷଙ୍କୁ ସେମାନଙ୍କ ସିଦ୍ଧାନ୍ତର ପୁନଃବିଚାର କରିବାକୁ ପୁଣି ଏକ ପତ୍ର ଲେଖିଛନ୍ତି। ପବିତ୍ର ଶାସ୍ତ୍ର ଏବଂ ପୁରାତନ ପାରମ୍ପରିକ ରୀତିର ସମ୍ମାନ ରଖି ସମସ୍ତ ଦେଶର ଇସ୍କନ ମନ୍ଦିରମାନେ ଆଷାଢ଼ ଶୁକ୍ଳ ଦ୍ୱିତୀୟା ତିଥିଠାରୁ ଆରମ୍ଭ ହେଉଥିବା ୯ଦିନ ମଧ୍ୟରେ ରଥଯାତ୍ରା ପାଳନ କରିବା ନିମନ୍ତେ ଗଜପତି ମହାରାଜା ଦିଗ୍‌ଦର୍ଶନ ଦେଇଛନ୍ତି।

## ବାଣ ବିସ୍ଫୋରଣରେ ପୁଅ ମୃତ, ବାପ ଗୁରୁତର

କଣିହାଁ, ୨୧।୧୦(ସମିସ): ଭାଇ-ଭାଇ ଭିତରେ କଳହର ଉଗ୍ର ରୂପ। ବୋମା ଧରି ଗୋଡ଼ାଉଥିଲେ, ନିଜ ହାତରେ ଫୁଟିଗଲା। ପୁଅ ମୃତ, ବାପା ଗୁରୁତର। ଅନୁଗୋଳ ଜିଲ୍ଲା ସମଲ ଥାନା କର୍ଣ୍ଣପାଳ ପଞ୍ଚାୟତର ଶିପୁର ଗାଁରେ ଏଭଳି ଅଭାବନୀୟ ଘଟଣା ଘଟିଛି। ମୃତକ ହେଲେ, ସେହି ଗ୍ରାମର ସରୋଜ ପ୍ରଧାନ (୨୬ ବର୍ଷ)। ତାଙ୍କ ବାପା ପ୍ରବୋଧ ପ୍ରଧାନ(୫୫)ଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

ସୂଚନା ମୁତାବକ, ସୋମବାର ରାତି ପ୍ରାୟ ସାଢ଼େ ୯ ଟାରେ ପ୍ରବୋଧ ଓ ତାଙ୍କ ଭାଇ ତ୍ରିନାଥ ପ୍ରଧାନଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ପ୍ରବୋଧ ତ୍ରିନାଥଙ୍କୁ ଆକ୍ରମଣ କରିଥିଲେ। ଘରେ ରଖିଥିବା ବୋମା ଧରି ତାଙ୍କୁ ଗୋଡ଼ାଇଥିଲେ। ଏହି ସମୟରେ ତାଙ୍କ ପୁଅ ସରୋଜ ଅଟକାଇଥିଲେ। ଏତିକିବେଳେ ବୋମା ବିସ୍ଫୋରଣ ହୋଇଥିଲା। ଘଟଣାସ୍ଥଳରେ ସରୋଜଙ୍କ ମୃତ୍ୟୁ ହୋଇଥିଲା। ଗୁରୁତର ପ୍ରବୋଧଙ୍କୁ ଉଦ୍ଧାର କରି ପରିବାର ଲୋକେ ପ୍ରଥମେ ଖମାର ଡାକ୍ତରଖାନାକୁ ନେଇଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଏବେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସମଲ ଥାନା ନିଜଆଡ଼ୁ ଏକ ମାମଲା ରୁଜୁ କରିଛି। ଏସ୍‌ଆଇ ଅଜିତ ନାଏକଙ୍କ ଅଭିଯୋଗକୁ ଭିତିକରି ଥାନା ପକ୍ଷରୁ କେସ ନଂ ୩୦୬/୨୫ରେ ଏକ ମାମଲା ରୁଜୁ ପରେ ପୁଲିସ ଘଟଣାସ୍ଥଳରେ ଅନୁସନ୍ଧାନ ଚଳାଇଛି। ପାଳଲହଡ଼ା ଉପଖଣ୍ଡ ଡାକ୍ତରଖାନାକୁ ସରୋଜଙ୍କ ଶବ ବ୍ୟବଚ୍ଛେଦ ପାଇଁ ପଠାଯାଇଛି। ଗୁରୁତର ପ୍ରବୋଧଙ୍କ ଡାହାଣ ହାତଟି ନଷ୍ଟ ହୋଇଯାଇଛି।

**ନିର୍ବାଚନ ଆଚରଣବିଧି ଉଲ୍ଲଂଘନ କରୁଛି ସରକାରୀ ଦଳ**

# ସିଇଓଙ୍କ ନିକଟରେ ଫେରାଦ ହେଲା ବିଜେଡି

- ଜୟ ଢୋଲକିଆଙ୍କ ପାଇଁ ଶିକ୍ଷାନୁଷ୍ଠାନରେ ବୈଠକ
- ଗୋଣ୍ଡ ସମାଜ ବୈଠକରେ ଶିକ୍ଷାମନ୍ତ୍ରୀଙ୍କ ପ୍ରଚାର



ଭୁବନେଶ୍ୱର, ୨୧।୧୦(ସମିସ): ନୂଆପଡ଼ା ଉପନିର୍ବାଚନରେ ସରକାରୀ ଦଳ ଆଦର୍ଶ ଆଚରଣ ବିଧି ଉଲ୍ଲଂଘନ କରିଥିବା ନେଇ ଅଭିଯୋଗ ଆଣିଛି ବିଜେଡି। ବିଜେଡିର ଏକ ପ୍ରତିନିଧି ଦଳ ଆଜି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଏସଂପର୍କରେ ବିଧିବଦ୍ଧ ଅଭିଯୋଗ କରିବା ସହ ବିଜେପି ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରିଛି। ଦଳ ପକ୍ଷରୁ ଅଭିଯୋଗ କରାଯାଇଛି ଯେ ରାଜ୍ୟ ଗଣ ଶିକ୍ଷା ଓ ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ବିଭାଗ ମନ୍ତ୍ରୀ ନିତ୍ୟାନନ୍ଦ ଗୋଣ୍ଡ ଗତ ୨୦ ତାରିଖରେ ନୂଆପଡ଼ାର ଗୋପୀନାଥ ଜିଏନ୍‌ଏମ୍ ନର୍ସିଂ ଟ୍ରେନିଂ କଲେଜ ପରିସରରେ ଏକ ରାଜନୈତିକ ବୈଠକ କରିଛନ୍ତି। ଏହି ବୈଠକରେ ସେ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କ ପାଇଁ ପ୍ରଚାର କରିଥିଲେ। ଏହି ବୈଠକଟି ଗୋଣ୍ଡ ସମାଜର ବ୍ୟାନର ତଳେ ଆୟୋଜିତ ହୋଇଥିଲେ ହେଁ, ଏହାର ବିଷୟବସ୍ତୁ ଏବଂ ଉଦ୍ଦେଶ୍ୟ ସ୍ପଷ୍ଟ ଭାବରେ ରାଜନୈତିକ ଥିଲା। ଏଠାରେ ବିଜେପି ପ୍ରାର୍ଥୀଙ୍କ ସପକ୍ଷରେ ଭୋଟରମାନଙ୍କୁ ପ୍ରଭାବିତ କରାଯାଇଥିଲା। ନିର୍ବାଚନ ଆୟୋଗଙ୍କ ଆଦର୍ଶ ଆଚରଣ ସଂହିତା ଅନୁଯାୟୀ, କୌଣସି ରାଜନୈତିକ ବୈଠକ କିମ୍ବା ପ୍ରଚାର ପାଇଁ ସରକାରୀ କିମ୍ବା ବେସରକାରୀ ଶିକ୍ଷାନୁଷ୍ଠାନର ବ୍ୟବହାର ହୋଇପାରିବ ନାହିଁ। ଶିକ୍ଷା କ୍ଷେତ୍ରରେ ନିରପେକ୍ଷତା ବଜାୟ ରଖିବା ଏବଂ ଛାତ୍ରଛାତ୍ରୀ, କର୍ମଚାରୀ ଏବଂ ଶୈକ୍ଷିକ ପରିସର ଯେପରି ରାଜନୈତିକ ପ୍ରଭାବରୁ ମୁକ୍ତ ରହେ ତାହା ସୁନିଶ୍ଚିତ କରିବାର ନିୟମ ରହିଛି। ମାତ୍ର ରାଜ୍ୟ ସରକାରଙ୍କ ଜଣେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ନିର୍ବାଚନୀ ଫାଇଦା ପାଇଁ ତାଙ୍କ ସରକାରୀ ପଦବୀ ଓ ରାଜ୍ୟ ସମ୍ବଳର ଅପବ୍ୟବହାର କରିଛନ୍ତି। ବିଜେଡି ନିର୍ବାଚନ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରି ଏହି ଅଭିଯୋଗ ଆଣିଛି। ବିଜେଡି କହିଛି ଯେ ଶିକ୍ଷାନୁଷ୍ଠାନ ମଧ୍ୟରେ ଏକ ରାଜନୈତିକ ବୈଠକ ଆୟୋଜନ କରି ସେଥିରେ ମନ୍ତ୍ରୀ ଶ୍ରୀ ଗୋଣ୍ଡ ଅଂଶଗ୍ରହଣ କରିଥିବାରୁ ଏହା ନିର୍ବାଚନ ଆଚରଣ ବିଧିର ଉଲ୍ଲଂଘନ। ଉପରୋକ୍ତ ବିଷୟକୁ ଦୃଷ୍ଟିରେ ରଖି, ମୁଖ୍ୟ ନିର୍ବାଚନ ଅଧିକାରୀ ଏହି ଘଟଣାର ତଦନ୍ତ କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନେବାକୁ ବିଜେଡି ଦାବି କରିଛି। ଏହାବ୍ୟତୀତ ଚଳିତ ନିର୍ବାଚନ ସମୟରେ ରାଜନୈତିକ କାର୍ଯ୍ୟକଳାପ ପାଇଁ ଶିକ୍ଷାନୁଷ୍ଠାନ କିମ୍ବା ଅନ୍ୟାନ୍ୟ ସରକାରୀ ସମ୍ପତ୍ତିର ଅପବ୍ୟବହାର ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ବିଜେଡି ଅନୁରୋଧ କରିଛି।

ସକାଳ
THE SAKALA



# କାଳୀପୂଜା; ଉତ୍ସବମୁଖର ଗାଁଠୁ ସହର









ଭୋଗରାଇ, ୨୧।୧୦ (ସମିସ)

ଭୋଗରାଇ ବ୍ଲକ ଜଳେଶ୍ୱରପୁର ପଞ୍ଚାୟତର ସେହି ଗ୍ରାମରେ ଥିବା ଯାତ୍ରା ପଡିଆରେ ବାବା ଈଷାଣେଶ୍ୱର ଯୁବକ ସଂଘ ଦ୍ୱାରା ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। କମିଟିର ସଭାପତି କୁଣ୍ଡରୀକାକ୍ଷ ଜେନାଙ୍କ ପ୍ରଚେଷ୍ଟାରେ ୨୦ ଅକ୍ଟୋବର ସୋମବାର ପାଖରୁ ୨୮ ଅକ୍ଟୋବର ସୋମବାର ପର୍ଯ୍ୟନ୍ତ ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତା ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ସୂଚନା ଦେଇଛନ୍ତି। ଏହି କମିଟିର ସମ୍ପାଦକ ବିଶ୍ୱମ୍ବର ଗିରି, ସ୍ଥାନୀୟ ସରପଂଚ ବିରୁପାକ୍ଷ ଜେନା, ମୃତ୍ୟୁଞ୍ଜୟ ପାତ୍ର, ଅଧ୍ୟାପକ ଅନୁପ ସାମଲ ଆଦି ଶହ ଶହ ସଭ୍ୟ ସହଯୋଗ କରିଥିଲେ।

**କାଳିପଦା:** ବାଲିଆପାଳସ୍ଥିତ ଶ୍ରୀ ଗୋପୀନାଥ ସ୍ପିନିଙ୍ଗ ମିଲରେ ଥିବା କାଳୀମନ୍ଦିରରେ କାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ପୂଜାରେ କାଳୀମନ୍ଦିର କମିଟି ତଥା ସୂତାକଳର ପୂର୍ବତନ ପରିଚାଳନା ନିର୍ଦ୍ଦେଶକ ଭରତ ମହାନ୍ତି ପୂଜାରେ ସଂକଳ୍ପ ହୋଇଥିଲେ। କମିଟିର ଅନ୍ୟ ପ୍ରତିନିଧି ବିପିନ ପରିଡା ( ଅଧୁନା ମିଲର ପ୍ରତିନିଧି), ବିଜେପି ନେତା ରବୀନ୍ଦ୍ର ନାଥ ଅଣ୍ଡିଆ, ମୃତ୍ୟୁଞ୍ଜୟ ନାୟକ, ପିତାମ୍ବର ଦାସ, ରାମଚନ୍ଦ୍ର ରାଉତ, ରାଜ କିଶୋର ଦାସ ପ୍ରମୁଖ ପୂଜାରେ ସଂକଳ୍ପ ହୋଇ ଥିଲେ। ଅନ୍ୟମାନଙ୍କ ମଧ୍ୟରେ ସନ୍ୟାସୀ ବେହେରା, ନରହରି ଜେନା, ରାଧାନାଥ ରାଉତ, ପ୍ରଫୁଲ୍ଲ ଖିଲାର, ସଦାଶିବ ସେଠୀ, ଅଧ୍ୟାପକ ଡ. ସୁକାନ୍ତ ଗିରି, ଶ୍ରୀହରି ମଣ୍ଡଳ, ଅଶୋକ କୁମାର ଜେନା, ବୀର ମାଧବ ଦାସ ପ୍ରମୁଖ ପୂଜାରେ ଉପସ୍ଥିତ ହୋଇଥିଲେ। ମନ୍ଦିରର ସ୍ଥାୟୀ ପୂଜକ ସୁଦର୍ଶନ ମହାପାତ୍ର ଓ ଅରୁଣ ମହାପାତ୍ର ପୂଜକ ରୂପେ ବରଣ ହୋଇଥିଲେ। ଏହି ପୂଜାକୁ କମିଟିର ଅନ୍ୟ ସଦସ୍ୟ ପଦ୍ମଲୋଚନ ଜେନା, ଦୀନବନ୍ଧୁ ଜେନା, ଗୌରମୋହନ ସାହୁ, ନବ କୃଷ୍ଣ ସାହୁ ପ୍ରମୁଖ ପରିଚାଳନା କରିଥିଲେ।

**ରାଜଘାଟ:** ପବିତ୍ର କାଳୀପୂଜା ଅବସରରେ ବସ୍ତା ବ୍ଲକ ନଟାକଟା ପଞ୍ଚାୟତ ଅନ୍ତର୍ଗତ ବେଲା ଗ୍ରାମ ପୋଖରୀ ପାଶ୍ୱର୍ରେ ଥିବା ମା' ଦକ୍ଷିଣେଶ୍ୱରୀ ମନ୍ଦିରରେ କାଳୀପୂଜା ଅନୁଷ୍ଠିତ ହୋଇଯାଇଛି। କମିଟି ସଭାପତି ବେଣୁଧର ଚାନ୍ଦ ଓ ଉପସଭାପତି ଉଜ୍ଜ୍ୱଳ କୁମାର ଚାନ୍ଦଙ୍କ ତତ୍ତ୍ୱାବଧାନରେ ମା'ଙ୍କର ପୂଜାର ଆୟୋଜନ କରାଯାଇଥିଲା। ପାଖ ଆଖ ଗ୍ରାମରୁ ଶତାଧିକ ବ୍ରତୀ ତଥା ମାନସିକଧାରୀ ପୂଜା କରିଥିଲେ। ମୁଖ୍ୟ ପୂଜକ ପଣ୍ଡିତ ଯତୀନ୍ଦ୍ର ଦାଶଙ୍କ ଓ ତାପସ ପାଣିଗ୍ରାହୀଙ୍କ ଦ୍ୱାରା ପୂଜା ଏବଂ ମହାଯଜ୍ଞ କାର୍ଯ୍ୟ ସମ୍ପାଦନ ହୋଇଥିଲା। ସଭାପତି ଶ୍ରୀ ଚାନ୍ଦ ପୂଜାରେ ସଂକଳ୍ପ ହୋଇଥିଲେ। ମଙ୍ଗଳବାର ପୂର୍ବାହ୍ଣରେ ବିଧାୟକ ଅଶ୍ୱିନୀ କୁମାର ପାତ୍ର ଯୋଗ ଦେଇଥିବା ବେଳେ ଅପରାହ୍ଣରେ ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ ଯୋଗ ଦେଇ ମାଆଙ୍କୁ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ସଂପାଦକ ତ୍ରିଲୋଚନ ଶୂର, ସହ ସଂପାଦକ ଅରୁଣ ପାତ୍ର, କୋଷାଧ୍ୟକ୍ଷ ପୂର୍ଣ୍ଣଚନ୍ଦ୍ର ସାହୁ, ତାରାକାନ୍ତ ଚାନ୍ଦ, ସାଗର କୁମାର ଭଦ୍ର, ମନୋରଞ୍ଜନ ଦାସ, ଗୁରୁପ୍ରସାଦ ଧଳ, ଚନ୍ଦନ ସାହୁ, ମଧୁସୂଦନ ଶୂର, ଅନିଲ ଭଦ୍ର, ତପନ ଚାନ୍ଦ ପ୍ରମୁଖ କର୍ମକର୍ତ୍ତା ପୂଜାକାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।







**ନୀଳଗିରି:** ନୀଳଗିରି ବ୍ଲକ୍ ପୋଡ଼ାଶୁଳଠାରେ ଚାଲିଥିବା ମା' ଶ୍ୟାମାକାଳୀଙ୍କ ପୂଜା ୫୭ ବର୍ଷରେ ପଦାର୍ପଣ କରିଛି। ରଙ୍ଗୀନ ଆଲୋକ ମାଳାର ସାଜସଜ୍ଜା ଝଲସୁଛି ପୋଡାଶୁଳ। ପ୍ରଥମ ବର୍ଷ ଏହା ଘଟପୂଜାରୁ ଆରମ୍ଭ ହୋଇଥିଲା। ପରବର୍ଷ ସ୍ଥାନୀୟ ଜନତାଙ୍କ ସାହାଯ୍ୟରେ ମାତ୍ର ୧୦୦ ଟଙ୍କାରେ ପୂଜା କାର୍ଯ୍ୟ ସମାପିତ ହୋଇଥିଲା। ପରେ ଜଗନ୍ନାଥପୁର ଅଞ୍ଚଳର ଅନାଦି ଜେନା ପ୍ରାୟ ୪ ବର୍ଷ ଧରି ମା'ଙ୍କ ମୂର୍ତ୍ତି ତିଆରି କରିଥିଲେ। ତେବେ ସେଦିନ ଶହେ ଟଙ୍କାରୁ ଆରମ୍ଭ ହୋଇଥିବା ପୂଜା ଆଜି ପ୍ରାୟ ୧୨ ଲକ୍ଷ ଟଙ୍କାକୁ ଛୁଇଁଲାଣି। ଘଟପୂଜାରୁ ଆରମ୍ଭ ହେବା ପରେ ତାର ପରବର୍ତ୍ତୀ ଅବସ୍ଥାରେ ମା'ଙ୍କ ମୂର୍ତ୍ତି ନିର୍ମାଣ ହୋଇ ପୂଜା ସମାପନ ପରେ ବିସର୍ଜନ ଦିଆଯାଇ ଆସୁଥିଲା। ଦୁଇ ବର୍ଷ ହେବ ବର୍ଷ ସ୍ୱତନ୍ତ୍ର ଏକ ମନ୍ଦିରରେ ମା' ଶ୍ୟାମାକାଳୀଙ୍କ ବିଗ୍ରହ ପ୍ରତିଷ୍ଠା ହୋଇ ପୂଜାର୍ଚ୍ଚନା କରାଯାଉଛି। ଚଳିତବର୍ଷ ଏହି ପୂଜାର ମୁଖ୍ୟ ଆକର୍ଷଣ ବଜାର ରାସ୍ତାର ଉଭୟପାଶ୍ୱର୍ରେ ନିର୍ମିତ ହୋଇଥିବା ଏବର୍ଷର ସୀତା ସ୍ୱୟମ୍ବର, ଜମଦଣ୍ଡ ଓ ଗଙ୍ଗାମାତା କୁଞ୍ଜଗୁଡ଼ିକ ଦେଖିବାକୁ ଲୋକାରଣ୍ୟ ହୋଇପଡ଼ିଛି ପୋଡ଼ାଶୁଳ ଅଞ୍ଚଳ। ଶାନ୍ତିଶୃଙ୍ଖଳା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହାର ସୁପରିଚାଳନା ପାଇଁ ପୋଡ଼ାଶୋଳ ବଜାର କମିଟି ଓ କାଳି ପୂଜା କମିଟି ମିଳିତ ଭାବେ କାର୍ଯ୍ୟ କରୁଛନ୍ତି। କମିଟି ସଭାପତି ଭାସ୍କର ଚନ୍ଦ୍ର ମିଶ୍ର, ସମ୍ପାଦକ ବିନୋଦ ମହାନ୍ତି, ସଦସ୍ୟ କୈଳାସ ମହାନ୍ତି, ସନ୍ତୋଷ ଗାଇଁ, ହରେକୃଷ୍ଣ ମହାକୁଡ଼, ବିକାଶ ପତି, ଜୟକୃଷ୍ଣ ମହାକୁଡ଼, ଅଶୋକ ଦାସ, ଦିନୋଥ ଦାସ, ଲକ୍ଷ୍ମୀଧର ବେହେରା ପ୍ରମୁଖ ସହଯୋଗ କରୁଛନ୍ତି।

**ଚନ୍ଦନେଶ୍ୱର ବଣିକ ସଂଘ :** ଭୋଗରାଇର ଚନ୍ଦନେଶ୍ୱର ଏଣ୍ଡୋମେଣ୍ଟ ବଣିକ ସଂଘ ପକ୍ଷରୁ ୩୧ତମ ମା' କାଳୀଙ୍କ ପୂଜାର୍ଚ୍ଚନା ବେଶ ଆଡ଼ମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ମା'ଙ୍କ ମୃଣ୍ମୟ ମୂର୍ତ୍ତି ସାଙ୍ଗକୁ ସୁଉଚ୍ଚ ତୋରଣ ଏବଂ ରଙ୍ଗିନ ଆଲୋକମାଳାରେ ଚନ୍ଦନେଶ୍ୱର ବଜାର ଝଲସି ଉଠୁଛି। ଖାଲି ସେତିକି ନୁହେଁ, ପୂଜା କମିଟି ପକ୍ଷରୁ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ମହୋତ୍ସବର ମଧ ବ୍ୟବସ୍ଥା ରହିଥିବା କଥା ସଭାପତି ତଥା ବିଶିଷ୍ଟ ସମାଜସେବୀ ଅଭିଜିତ ପଣ୍ଡା ସୂଚନା ଦେଇଛନ୍ତି। ଚନ୍ଦନେଶ୍ୱର ବଜାରରେ ଭୟାବହ ଅଗ୍ନିକାଣ୍ଡ ଘଟିବା ପରେ ବ୍ୟବସାୟୀମାନେ ଦୀର୍ଘ ବର୍ଷହେବ ମା'ଙ୍କ ପୂଜାର୍ଚ୍ଚନା କରି ଆସୁଛନ୍ତି। ପୂର୍ବତନ ସରପଞ୍ଚ ତପନ କୁମାର ପଣ୍ଡା ମା'ଙ୍କ ମୂର୍ତ୍ତି ଦାନ କରିଥିବାବେଳେ ବଜାରର ପ୍ରାୟ ୪ ଶହ ବ୍ୟବସାୟୀଙ୍କ ସହଯୋଗରେ ପୂଜାର୍ଚ୍ଚନା ହୋଇଛି। କମିଟିର ସମ୍ପାଦକ କାର୍ତ୍ତିକ ସାହୁ, ଉପଦେଷ୍ଟା ଚନ୍ଦନ ଦାସ, ବରିଷ୍ଠ ବ୍ୟବସାୟୀ ପ୍ରଭାତ ଗିରି, ସୁବ୍ରତ ଦାସ, ହରିପଦ ଜେନା, ପ୍ରଶାନ୍ତ ଗିରି, ଆନନ୍ଦ ପ୍ରଧାନ, ନିଶିକାନ୍ତ ଗିରି, ବସନ୍ତ ଚନ୍ଦ, ନିରଞ୍ଜନ ଗିରି, ଝୁନା ବାରିକ, ସୁକୁମାର ବାରିକ, ପ୍ରଶାନ୍ତ ଦାସ, ହେମନ୍ତ ଜେନା, ଅମିତ ଜେନା, ରାଜକିଶୋର ସାହୁ, ଉମେଶ ସାହୁ, ଶାନ୍ତିପଦ ପଣ୍ଡା, ଜୟକୃଷ୍ଣ ସାହୁ ପ୍ରମୁଖ ସହଯୋଗ କରିଥିଲେ।

**ଖଇରା:** ଖଇରା ବ୍ଲକ ଅଧୀନ ଗଣ୍ଡିବେଡରେ କାଳୀପୂଜା ପାଇଁ ଗଣ୍ଡିବେଡ ବଜାର ଉତ୍ସବ ମୁଖର ହୋଇ ପଡିଛି। ସୋମବାର ରାତିରେ ଆଧ୍ୟାତ୍ମିକ ପରିବେଶ ମଧ୍ୟରେ ଶଙ୍ଖଘଣ୍ଟାର ତାଳେ ତାଳେ ମା' କାଳୀଙ୍କୁ ଆରାଧନା କରାଯାଇଥିଲା। ବଣିକ ସଂଘର ସଭାପତି ଙ୍କ ରାଜେଶ ମହାକୁଡ, ବ୍ୟବସାୟୀ ନରେନ୍ଦ୍ର ବରାଳ, ପ୍ରତାପ ଚନ୍ଦ୍ର ଗିରିଙ୍କ ଦ୍ୱାରା ଘଟୋତ୍ତଳନ କରାଯାଇଥିଲା। ପଣ୍ଡିତ ମଧୁସୁଦନ ଆଚାର୍ଯ୍ୟ ଓ ସଦାଶିବ ଆଚାର୍ଯ୍ୟଙ୍କ ଦ୍ୱାରା ମା'ଙ୍କୁ ଆବାହନ କରାଯାଇଥିଲା। ବଣିକ ସଂଘର ସମସ୍ତ ସଭ୍ୟ ଙ୍କ ଦ୍ୱାରା ପୂଜା ପରିଚାଳିତ ହେଉଥିବା ବେଳେ ଆଗାମୀ ୪ଦିନ ଧରି ସାଂସ୍କୃତିକ କାର୍ଯ୍ୟକ୍ରମ ସାଙ୍ଗକୁ ସଭା, ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଥିବା ନେଇ କମିଟି ପକ୍ଷରୁ ପ୍ରକାଶ କରାଯାଇଛି।

## ଗାଡ଼ି ଧକ୍କାରେ ଚାରି ଗୋରୁ ମୃତ, ଜାତୀୟ ରାଜପଥ ଅବରୋଧ



ସୋର, ୨୧।୧୦(ସମିସ): ସୋର ଥାନା ୧୬ ନମ୍ବର ଜାତୀୟ ରାଜପଥ ବାରିକପୁର ହାଟ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ଅଜଣା ଗାଡି ଧକ୍କାରେ ଦୁଇଟି ବାଛୁରୀ, ଏକ ଗାଈ ଏବଂ ଏକ ଷଣ୍ଢର ମୃତ୍ୟୁ ହୋଇଯାଇଥିଲା। ଏହି ଖବର ଜଣାପଡିବା ପରେ ଆଜି ସକାଳେ ସ୍ଥାନୀୟ ଅଞ୍ଚଳର କିଛି ଯୁବକ ଘଟଣାସ୍ଥଳରେ ପହଞ୍ଚି ଜାତୀୟ ରାଜପଥ ଅବରୋଧ କରିଥିଲେ। ପ୍ରତିଦିନ ରାଜପଥରେ ଏମିତି ଗୋରୁ ଗାଈଙ୍କ ମୃତ୍ୟୁ ହେଉଥିବାରୁ ପ୍ରଶାସନ ଏହାର ସ୍ଥାୟୀ ପ୍ରତିକାର କରିବା ପାଇଁ ଜାତୀୟ ରାଜପଥ ଅବରୋଧ କରାଯାଇଥିଲା। ଦୀର୍ଘ ଚାରି ଘଣ୍ଟା ଧରି ରାସ୍ତା ଅବରୋଧ କରାଯିବା ଫଳରେ ଉଭୟ ପାଶ୍ୱର୍ରେ ଶତାଧିକ ଗାଡି ଅଟକି ରହିଥିଲା। ଖବର ପାଇ ବାହାନଗା ତହସିଲଦାର ଶଙ୍କର ପଟ୍ଟନାୟକ, ସଦର ଏସଡିପିଓ ଶୁଭ୍ରାଂଶୁ ନାୟକ, ସୋର ଥାନାଧିକାରୀ ସୁଦୀପ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଲୋକଙ୍କୁ ବୁଝାସୁଝା କରିଥିଲେ। ଫଳରେ ଦୀର୍ଘ ଚାରି ଘଣ୍ଟା ପରେ ରାସ୍ତା ଅବରୋଧ ହଟିଥିଲା। ପରେ ପୁଲିସ ମୃତ ଗୋରଗୁଡ଼ିକୁ ଗାତ ଖୋଳି ପୋତିଥିବା ଜଣାପଡିଛି।

### ଜବତ ବାଣ ନିଷ୍କ୍ରିୟବେଳେ ଫୁଟିଲା

## ପ୍ରଚଣ୍ଡ ଶବ୍ଦରେ ଫାଟିଲା କାନ୍ଥ, ଭାଙ୍ଗିଲା ଝରକା କାଚ

ସୋର,୨୧।୧୦(ସମିସ): ସୋର ଥାନା ରାଧିକାନଗର ଗ୍ରାମରେ ପୁଲିସ ପକ୍ଷରୁ ଜବତ କରାଯାଇଥିବା ବେଆଇନ ବାଣକୁ ନିଷ୍କ୍ରିୟବେଳେ ଲୋକଙ୍କ ଘର କାନ୍ଥ ଫାଟିବା ସହିତ ଝରକା କାଚ ଭାଙ୍ଗି ଥିବା ଅଭିଯୋଗ ହୋଇଛି। ଗତ କିଛି ଦିନ ଧରି ସୋର ପୁଲିସ ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ବିପୁଳ ମାତ୍ରାରେ ବେଆଇନ ବାଣ ଜବତ କରାଯାଇଥିଲା। ଗତକାଲି ମଧ୍ୟାହ୍ନରେ ଉକ୍ତ ଜବତ ବାଣକୁ ନିଷ୍କ୍ରିୟ ପାଇଁ ବାଲେଶ୍ୱରରୁ ଏକ ଟିମ୍ ସୋର ଥାନାରେ ପହଞ୍ଚିବା ପରେ ପୁଲିସ ଏବଂ ସୋର ଅଗ୍ନିଶମ ବିଭାଗ ସହଯୋଗରେ ସବିରା ପଞ୍ଚାୟତ ରାଧିକାନଗର ନିକଟ କାଂଶବାଂଶ ନଦୀକୂଳରେ ଥିବା ଏକ ଖୋଲା ସ୍ଥାନକୁ



ଚୟନ କରିଥିଲେ। ସେଠାରେ ଗାତ ଖୋଳି କିଛି ବାଣକୁ ପୋତା ଯାଇଥିବା ବେଳେ ଅନେକ ବାଣରେ ନିଆଁ ଲଗାଯାଇଥିଲା। ଯାହାଦ୍ୱାରା ହୋଇଥିବା ପ୍ରଚଣ୍ଡ ଶବ୍ଦରେ ସ୍ଥାନୀୟ ୬ଟି ଗାଁ ସମେତ ଆଖପାଖ ଅଞ୍ଚଳ ହୁଲୁସ୍ଥୁଲ ହୋଇଯାଇଥିଲା। ଏଥିରେ ସବିରା ଓ ତଳନଗର ପଞ୍ଚାୟତର ୬ ଟି ଗାଁର ଅନେକ ଲୋକଙ୍କ ଘର କାନ୍ଥ ଫାଟିବା ସହିତ କବାଟ ଝରକା ଭାଙ୍ଗିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ପୁଲିସ ପକ୍ଷରୁ କରାଯାଇଥିବା ଏପରି କାର୍ଯ୍ୟକୁ ବିରୋଧ କରାଯିବା ସହିତ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। କ୍ଷତିଗ୍ରସ୍ତ ଲୋକଙ୍କୁ ପ୍ରଶାସନ ପକ୍ଷରୁ ତୁରନ୍ତ ସହାୟତା ପ୍ରଦାନ କରିବାକୁ ସାଧାରଣରେ ଦାବି ହୋଇଛି।

## ବିଦ୍ୟାଳୟ ତାଲା ଭାଙ୍ଗି ଚୋରି

ରାଜଘାଟ, ୨୧।୧୦ (ସମିସ): ବସ୍ତା ଥାନା ସନ୍ତୋଷପୁର ପଞ୍ଚାୟତ ଅନ୍ତର୍ଗତ ଥେଙ୍ଗଡିହା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅଫିସ ଗୃହ ସମେତ ୩ଟି ଶ୍ରେଣୀ ଗୃହର ତାଲା ଭାଙ୍ଗି ରବିବାର ବିଳମ୍ବିତ ରାତ୍ରିରେ ଅଫିସ୍ ରୁମ୍‌ରେ ଥିବା କିଛି ବିଜ୍ଞାନ ଉପକରଣ ଓ ଖେଳ ସାମଗ୍ରୀ ସହ ଶ୍ରେଣୀ ଗୃହରେ ଲାଗିଥିବା ଏକ ଏଲଇଡି ଟିଭି ଲୁଟି ନେଇଛନ୍ତି ଦୁର୍ବୃତ୍ତ। ପ୍ରଧାନ ଶିକ୍ଷକ ରାମେଶ୍ୱର ମାରାଣ୍ଡି ସୋମବାର ଅମର୍ଦାରୋଡ଼ ଫାଣ୍ଡିରେ ଲିଖିତ ଅଭିଯୋଗ କରିଥିବାବେଳେ ଅମର୍ଦାରୋଡ଼ ଫାଣ୍ଡି ଅଧିକାରୀ ବିଜୟ ବାରିକ ମାମଲା ରୁଜୁ କରି ପ୍ରାଥମିକ ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।

## ବାଣ ନିଆଁରୁ ଅଗ୍ନିକାଣ୍ଡ, ଜଳିଗଲା ଦୁଇ ବଖରା

ସୋର, ୨୧।୧୦(ସମିସ): ସୋର ପୌର ପାଳିକା ଅନ୍ତର୍ଗତ ସନ୍ତସରପୁର ଗ୍ରାମରେ ଗତକାଲି ଦୀପାବଳି ଅବସରରେ ବାଣ ନିଆଁରୁ ଅଗ୍ନିକାଣ୍ଡ ଘଟି ଦୁଇ ବଖରା ଘର ପୋଡି ପାଉଁଶ ହୋଇଯାଇଥିବା ବେଳେ ଗ୍ରାମବାସୀଙ୍କ ଉପସ୍ଥିତ ବୁଦ୍ଧି ଯୋଗୁଁ ୧୦ଟି ଗୋରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ପବିତ୍ର ଦୀପାବଳି ପାଇଁ ସରକାରଙ୍କ ପକ୍ଷରୁ ସଂଧ୍ୟା ୭ଟାରୁ ରାତି ୯ଟା ପର୍ଯ୍ୟନ୍ତ ବାଣ ଫୁଟାଇବାକୁ ନିର୍ଦ୍ଦେଶ ଥିବା ବେଳେ ସୋରରେ ପ୍ରଶାସନର ଅବହେଳା ପାଇଁ ଲୋକେ ରାତି ୧୧ ଟା ପର୍ଯ୍ୟନ୍ତ ବାଣ ଫୁଟାଇଥିବା ଜଣାପଡିଛି। ରାତିରେ ବାଣ ଫୁଟାଇବା ବେଳେ ଜଣେ ବ୍ୟକ୍ତିଙ୍କ ଘରେ ନିଆଁ ଲାଗି ଦୁଇ ବଖରା ଘର ପୋଡି ପାଉଁଶ ହୋଇଥିବା ଜଣାପଡିଛି। ଗତକାଲି ରାତି ୧୦ଟାରେ ସୋର ପୌରପାଳିକା ଅଧିନ ୧୪ ନମ୍ବର ୱାର୍ଡ ସନ୍ତସରପୁର ଗ୍ରାମର ଜୟନ୍ତ କୁମାର ଭୋଇଙ୍କ ଚାଳ ଘରେ ବାଣ ନିଆଁ ପଡିବାରୁ ହଠାତ ଅଗ୍ନିକାଣ୍ଡ ଘଟିଥିଲା। ଗ୍ରାମବାସୀ ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରିବା ସହିତ ଗୁହାଳ ଘରୁ ୧୦ଟି ଗୋରୁଙ୍କୁ ଫିଟାଇଦେଇଥିଲେ। ଖବର ପାଇ ସୋର ଅଗ୍ନିଶମ ବିଭାଗର ଗୋଟିଏ ଦମକଳ ଘଟଣା ସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ ମଧ୍ୟ ସେତେବେଳକୁ ଦୁଇ ବଖରା ଘର ସମ୍ପୁର୍ଣ୍ଣ ପୋଡି ପାଉଁଶ ହୋଇଯାଇଥିଲା। ଜୟନ୍ତ ଜଣେ ଗରିବ ଶ୍ରେଣୀର ଲୋକ ହୋଇଥିବାରୁ ତାଙ୍କୁ ତୁରନ୍ତ ସରକାରୀ ସହାୟତା ପ୍ରଦାନ କରିବାକୁ ଗ୍ରାମବାସୀମାନେ ଦାବି କରିଛନ୍ତି।



## ଶତାୟୁଙ୍କ ପରଲୋକ

ନୀଳଗିରି, ୨୧।୧୦ (ସମିସ): ନୀଳଗିରି ବ୍ଲକ ସଜନାଗଡ ପଞ୍ଚାୟତ ରାଜେନ୍ଦ୍ରପୁର ଗ୍ରାମର ହଗୁର ଦାସ(ଡୁମା)ଙ୍କ ୧୦୮ ବର୍ଷରେ ଦେହାନ୍ତ ହୋଇଯାଇଛି। ସେ ଦୀର୍ଘ ଦିନ ଧରି ବୟସାନୁଭିତ୍ତିକ ବାର୍ଦ୍ଧକ୍ୟ ଜନିତ ଭାବେ ଶଯ୍ୟାଶାୟୀ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ବଡ଼ପୁଅ ପୂର୍ଣ୍ଣଚନ୍ଦ୍ର ଦାସ ଓ ସାନ ପୁଅ ଭଗବାନ ଦାସ, ଝିଅ, ଜ୍ୱାଇଁ, ନାତିନାତୁଣୀ, ବନ୍ଧୁ ବାନ୍ଧବ ଓ ପରିବାର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ। ଖବର ପାଇ ରାଜେନ୍ଦ୍ରପୁରସ୍ଥିତ ବାସଭବନରେ ସ୍ଥାନୀୟ ବିଧାୟକ ସନ୍ତୋଷ ଖଟୁଆ, ପୂର୍ବତନ ବିଧାୟକ ଙ୍ କ ସୁକାନ୍ତ କୁମାର ନାୟକ ଶେଷ ଦର୍ଶନ କରିବା ସହ ତାଙ୍କ ଶବାଧାରରେ ମାଲ୍ୟାର୍ପଣ କରିଥିଲେ। ଅଧ୍ୟାପକ ତ୍ରିଲୋଚନ ବାରିକ, ବନମାଳୀ ବିଶ୍ୱାଳ, ଉପେନ୍ଦ୍ର ନାୟକ, ସଞ୍ଜୟ ନାୟକ, ବିଜୟ ବେହେରା, ଦିପୁ ବାଗ ପ୍ରମୁଖ ମୃତକଙ୍କ ପରିବାରକୁ ସମବେଦନା ଜଣାଇବା ସହ ଶେଷ ଦର୍ଶନ କରିଥିଲେ। ବଡ ପୁଅ ପୂର୍ଣ୍ଣଚନ୍ଦ୍ର ମୁଖାଗ୍ନି ଦେଇଥିବା ବେଳେ ଶୋକାକୁଳ ପରିବେଶରେ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ ହୋଇଛି।



## ପୂର୍ବଶତ୍ରୁତାକୁ ନେଇ ଗୁଳିମାଡ଼, ଯୁବକ ଗିରଫ

**ବନ୍ଧୁକ ଓ କଟୁରି ଜବତ**

ନୀଳଗିରି, ୨୧।୧୦ (ସମିସ)

ନୀଳଗିରି ଥାନା ଇଶ୍ୱରପୁର ଫାଣ୍ଡି ଅଧୀନ ଦ୍ୱାରିକା ଛକ ଠାରେ ପୂର୍ବ ଶତ୍ରୁତାକୁ ନେଇ ଗଣ୍ଡଗୋଳ ସହ ଗୋଟିଏ ରାଉଣ୍ଡ ଫଲ୍ସ ଫାୟାରିଂ ହୋଇଛି। ଫଲ୍ସ ଫାୟାରିଂ କରୁଥିବା ଯୁବକ ଗିରଫ ହୋଇଛି। ଘଟଣା ସ୍ଥଳରୁ ବନ୍ଧୁକ, କଟୁରି ଜବତ କଲା ପୁଲିସ। ସୋମବାର ସନ୍ଧ୍ୟା ୭ଟା ୩୦ ସମୟରେ ନୀଳଗିରି ଉପଖଣ୍ଡ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅସ୍ତିଆ ଛକଠାରେ ଥିବା ଜୈନିକ ମଟର ସାଇକେଲ ଗ୍ୟାରେଜରେ ଉକ୍ତ ପଞ୍ଚାୟତ ଦ୍ୱାରିକା ଗ୍ରାମର ବାସିନ୍ଦା ତାପସ ବାରିକ(୩୮) ଗ୍ୟାରେଜ ମାଲିକ ମିଲନ୍ ବାରିକଙ୍କ ମଧ୍ୟରେ ପୂର୍ବ ଶତ୍ରୁତା ଥିବାବେଳେ ଗତ ସନ୍ଧ୍ୟାରେ ତାପସ ନିଜ ଗାଡିରେ ପ୍ରେସର ଦେବାକୁ ନେଇ ଗ୍ୟାରେଜ ମାଲିକ ମିଲନ୍ ସହ ଯୁକ୍ତିତର୍କ ଗଣ୍ଡଗୋଳ ସହ ତାପସ ବାରିକ ବନ୍ଧୁକରୁ ଫଲ୍ସ ଫାୟାରିଂ କରିଥିଲେ। ପରେ ଗାଁକୁ ଯିବାପରେ ପୁଣି ଗଣ୍ଡଗୋଳ ହୋଇଥିଲା। ଗ୍ୟାରେଜ ମାଲିକ ମିଲନ୍ ଓ ସ୍ଥାନୀୟ ଅଞ୍ଚଳ ଲୋକେ ଛାନିଆ



ହୋଇ ନୀଳଗିରି ଥାନାକୁ ଜଣାଇଥିଲେ। ଖବର ପାଇ ଫାଣ୍ଡି ଅଧିକାରୀ ବିକାଶ କୁମାର ଭୋଇ ଘଟଣା ସ୍ଥଳରେ ପହଞ୍ଚି ଗ୍ୟାରେଜ ମାଲିକ ଓ ସ୍ଥାନୀୟ ଲୋକଙ୍କ ସହ ଆଲୋଚନା କରି ଏହି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ସମୟରେ ତାପସ ବାରିକ ଘଟଣା ସ୍ଥଳରୁ ଦୌଡ଼ି ପଳାଇଥିଲା। ଇଶ୍ୱରପୁର ଫାଣ୍ଡି ଅଧିକାରୀ ସମସ୍ତ ଘଟଣା ଏସଡିପିଓ ପ୍ରମୋଦ କୁମାର ମଲ୍ଲିକଙ୍କୁ ଜଣାଇବା ପରେ ଶ୍ରୀ ମଲ୍ଲିକଙ୍କ ନିର୍ଦ୍ଦେଶରେ ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଏକ ସାଦା ପୋଷାକଧାରୀ ଟିମ୍ ଉକ୍ତ ରାତିରେ ଅଭିଯୁକ୍ତ ଘରେ ଚଢ଼ଉ କରାଯାଇଥିବା ବେଳେ ଦୁର୍ବୃତ୍ତ ତାପସ ବାରିକଙ୍କୁ ଘରପାଖରୁ କାବୁ କରିବା ସହିତ ଏକ ବନ୍ଧୁକ ଓ କଟୁରୀ ଜବତ କରିଥିଲା। ତାର ନାମରେ ପୂର୍ବରୁ ଏକାଧିକ ମାମଲା ରହିଥିବାର ସୂଚନା ମିଳିଥିବା ବେଳେ ନୀଳଗିରି ଥାନା ପକ୍ଷରୁ ଏକ ମାମଲା ରୁଜୁ ହେବାସହ ମଙ୍ଗଳବାର ନୀଳଗିରି ପୁଲିସ ତାପସ ବାରିକକୁ କୋର୍ଟଚାଲାଣ କରିଥିବା ଜଣାପଡିଛି।




ସହରର ବିଭିନ୍ନ ସ୍ଥାନରେ କାଳୀପୂଜା

# ଦୀପାବଳିରେ ଅଘଟଣ; ବାଣରୁ ଜଳିଗଲା ଦୋକାନ ଘର

ବାଲେଶ୍ୱର,୨୧।୧୦(ସମିସ)

ଦୀପାବଳିରେ ବାଲେଶ୍ୱର ସହରରେ ଏକ ଅଘଟଣ ଘଟିଛି। ବାଣ ଫୁଟା ଚାଲିଥିବା ବେଳେ ଏକ ବାଣ ଗୋଟିଏ ଦୋକାନରେ ପଶିଯାଇ ଫାଟିଯିବା ଫଳରେ ଦୋକାନଟି ପୋଡି ପାଉଁଶ ହୋଇଯାଇଛି। ଘଟଣାସ୍ଥଳରେ ଦମକଳବାହିନୀ ପହଁଚି ପାଖାପାଖି ଦେଢ଼ଘଂଟା ପରେ ନିଆଁକୁ ଆୟତ କରିଥିଲା। ଏଭଳି ଏକ ଘଟଣା ଘଟିଛି ସହରର ଆଜିମାବାଦ ସ୍ଥିତ ବିଶ୍ୱନାଥ ମେସିନାରୀ ଦୋକାନରେ। ଆଜିମାବାଦ ରାସ୍ତାରେ ରହିଛି ବିଶ୍ୱନାଥ ମେସିନାରୀ ଦୋକାନ। ବିଶେଷ କରି ଏହି ଦୋକାନରେ ଡ୍ରିଲ ମେସିନ, କଟର ମେସିନ ସାଙ୍ଗକୁ ନିର୍ମାଣ କାର୍ଯ୍ୟ ପାଇଁ ଆବଶ୍ୟକ ହେଉଥିବା ବିଭିନ୍ନ ଯନ୍ତ୍ରାଂଶ ରହିଛି। ଏହି ଦୋକାନର ଉପର ମହଲାରେ ରହିଥିଲା କାଗଜ ପେଟି ମଧ୍ୟରେ କିଛି ସାମଗ୍ରୀ ରହିଥିଲା। ତେବେ ସୋମବାର ରାତିରେ ପାଖାପାଖି ୯ଟା ସମୟରେ ସେଠାରେ ବାଣ ଫୁଟା ହେଉଥିବା ବେଳେ ଏକ ବାଣ କୌଣସି ପ୍ରକାର ଉପର ମହଲାରେ ରଖାଯାଇଥିବା ପେଟିରେ ଲାଗିଥିଲା। ଏହାଛଡା ଦୋକାନକୁ ଲାଗି ରହିଛି ଏକ ବିଦ୍ୟୁତ ଖୁଂଟ। ତେବେ ନିଆଁ ଜଳିବା ପରେ ଉକ୍ତ ବିଦ୍ୟୁତ ଖୁଂଟରୁ ଯାଇଥିବା ତାର ଜଳିଯିବାରୁ ଦୋକାନରେ ସଟ ସର୍କିଟ ହୋଇ ସମ୍ପୂର୍ଣ୍ଣ ଦୋକାନ ଜଳିଯାଇଥିଲା। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଲୋକ ସେକ ସଲିମ କହିଛନ୍ତି ଯେ, ଦୋକାନରେ ନିଆଁ ଜଳୁଥିବା ବେଳେ ଏକ ପୁଲିସ ପିସିଆର ଗାଡି ସେହି



ରାସ୍ତା ଦେଇ ଯାଉଥିଲା। ସେମାନେ ତୁରନ୍ତ ଦମକଳ ବାହିନୀକୁ ଖବର ଦେଇଥିଲେ। ଘଟଣା ସ୍ଥଳରେ ଦମକଳ ବାହିନୀ ପହଁଚି ପାଖାପାଖି ଦେଢ଼ଘଂଟା ପରେ ନିଆଁକୁ ଆୟତ କରିଥିଲା। ହେଲେ ସେତେବେଳେକୁ ଦୋକାନର ବିଭିନ୍ନ ସାମଗ୍ରୀ ଗୁଡିକ ପୋଡି ପାଉଁଶ ହୋଇଯାଇଥିଲା।

## ପରିତ୍ୟକ୍ତ ଘରୁ ବାଣ ଜବତ

ବାଲେଶ୍ୱର,୨୧।୧୦(ସମିସ): ଏକ ପରିତ୍ୟକ୍ତ ଘର ମଧ୍ୟରେ କିଛି ବେଆଇନ ବାଣ ରଖାଯାଇଥିବା ବେଳେ ତାହାକୁ ଜବତ କରାଯାଇଛି। ବାଲେଶ୍ୱର ସହର ପୁରୁଣା ଷ୍ଟାଡିୟମର ପଛପଟରେ ଏକ ପରିତ୍ୟକ୍ତ ଘରେ ବେଆଇନ ଭାବେ ଦେଶୀ ବାଣ ଗଛିତ ରହିଥିଲା। ଖବର ପାଇ ପୌରପରିଷଦ ପକ୍ଷରୁ ପୁଲିସ ସହାୟତାରେ ଚଢ଼ଉ କରାଯାଇଥିଲା। ଚଢ଼ଉ ବେଳେ ବ୍ୟାଗରେ ଭର୍ତ୍ତି ହୋଇ ବାଣଗୁଡିକ ଉକ୍ତ ପରିତ୍ୟକ୍ତ ଘରେ ରହିଥିବା ଦେଖିବାକୁ



ମିଳିଥିଲା। ପାଖାପାଖି ୫୦ହଜାର ଟଙ୍କାରୁ ଅଧିକ ମୂଲ୍ୟରେ ଏହି ବାଣ ସବୁ ଗଛିତ ରହିଥିଲା। ଯାହାକୁ ପୌରପରିଷଦ ପକ୍ଷରୁ ଜବତ କରାଯାଇଥିଲା।

# କେଏଲଏମ୍ ୧୪ ସଙ୍ଗୀତ ପ୍ରତିଯୋଗିତା ଉଦ୍‌ଯାପିତ

ବାଲେଶ୍ୱର,୨୧।୧୦(ସମିସ): ସ୍ଥାନୀୟ ଉଦ୍ୟୋଗ ଭବନରେ କେଏଲଏମ -୧୪ ସଙ୍ଗୀତ ପ୍ରତିଯୋଗିତାର ଅନ୍ତିମ ପର୍ଯ୍ୟାୟ ଅନୁଷ୍ଠିତ ହୋଇଯାଇଛି। ଦିବଂଗତ କଣ୍ଠ ଶିଳ୍ପୀ କିଶୋର କୁମାର, ଲତା ମଙ୍ଗେସକର ଓ ମହମ୍ମଦ ରଫି ଗାଇଥିବା କାଳଜୟୀ ଗୀତକୁ ଆଧାର କରି ଏହି ପ୍ରତିଯୋଗିତାର ଆୟୋଜନ କରାଯାଇଥାଏ। ବରେଣ୍ୟ ଅତିଥି ଭାବରେ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ ଶ୍ରଦ୍ଧାଞ୍ଜଳି ରାଏ, ବିକ୍ରମ ପଣ୍ଡା, ପ୍ରଶାନ୍ତ ଦାସ, ସଂଗ୍ରାମ ଦାସ, ସୁବ୍ରତ କର ଓ ଦେବେନ୍ଦ୍ର ନାଥ ରାଏ। ସୁମହନ ମ୍ୟୁଜିକ, ବିଗତ ୧୪ ବର୍ଷ ଧରି ଏହି ପ୍ରତିଯୋଗୀତାର ଆୟୋଜନ କରି ଲୁକାୟିତ ଯୁବ ପ୍ରତିଭା ମାନଙ୍କୁ ପ୍ରେରଣା ଦେଉ ଥିବାରୁ ସମ୍ମାନୀୟ ଅତିଥି ଅନୁଷ୍ଠାନର ସଭାପତି ସୁଜିତ ଭୋଇଙ୍କ ଉଦ୍ୟମକୁ ପ୍ରଶଂସା କରିଥିଲେ। ସୁମହନ ମ୍ୟୁଜିକ ପ୍ରତିବର୍ଷ ସଙ୍ଗୀତରେ ନିପୁଣ ପ୍ରତିଭାବାନ ସଙ୍ଗୀତଜ୍ଞଙ୍କୁ ସମ୍ମାନୀତ କରିଆନ୍ତି। ସେହିକ୍ରମରେ ଏବର୍ଷ ଲୋକପ୍ରିୟ କଣ୍ଠଶିଳ୍ପୀ ଶଙ୍କର ଦାନଙ୍କୁ ଅନୁଷ୍ଠାନ ପକ୍ଷରୁ ସମ୍ବର୍ଦ୍ଧିତ କରି ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ଅବସରରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲା ଏବଂ ବିଜେତା ମାନଙ୍କୁ ପୁରସ୍କୃତ କରାଯାଇଥିଲା। ୨୦୨୫ କେ.ଏଲ.ଏମ-୧୪ ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ କୃତି ପ୍ରତିଯୋଗୀମାନେ ସଙ୍ଗୀତରେ ସେମାନଙ୍କର ଉତ୍କର୍ଷତା ପ୍ରତିପାଦନ କରିଛନ୍ତି। ଏହି ସଙ୍ଗୀତ ପ୍ରତିଯୋଗିତାର ବିଭିନ୍ନ ବିଭାଗରେ ବିଚାରକ ଭାବେ କାର୍ଯ୍ୟ ତୁଲାଇ ଥିଲେ ମମତା ହାଜରା, ଅମୃତାଂଶୁ ପଟ୍ଟନାୟକ, ରଶ୍ମିରେଖା ସାହାଣୀ, ସାଇ ଶୁଭଙ୍କର, ମୌସୁମୀ ଦାସ, ସମରେନ୍ଦ୍ର ମହାପାତ୍ର, ପ୍ରମୋଦ ଦାସ, ଉଜ୍ଜ୍ୱଳ ଚାନ୍ଦ ଓ ସୁଜିତ ଭୋଇ। ସମ୍ପାଦକ ନରୋତ୍ତମ ଜେନା ପ୍ରତିଯୋଗିତା ସଂଚାଳନ କରିଥିଲେ ଓ ଉପ ସଭାପତି ସମରେନ୍ଦ୍ର ମହାପାତ୍ର ଅତିଥିଙ୍କ ସ୍ୱାଗତ କରିଥିଲେ। ସଭ୍ୟ ମନୋରଞ୍ଜନ ପରିଡା କାର୍ଯ୍ୟକ୍ରମ ପରିଚାଳନା ଦାୟିତ୍ୱ ତୁଲାଇଥିଲେ।

# ଶିଶୁ ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସଙ୍କ ପରଲୋକ

ବାଲେଶ୍ୱର,୨୧।୧୦(ସମିସ): ବିଶିଷ୍ଟ ଶିଶୁ ସାହିତ୍ୟିକ ଭାସ୍କର ଚନ୍ଦ୍ର ଦାସଙ୍କ ଆଜି ମେଘଡମ୍ବରୁସ୍ଥିତ ତାଙ୍କ ବାସଭବନରେ ପରଲୋକ ହୋଇଯାଇଛି। ମୃତ୍ୟୁବେଳକୁ ତାଙ୍କୁ ୮୩ ବର୍ଷ ବୟସ ହୋଇଥିବାବେଳେ ଦୀର୍ଘ ଦିନ ଧରି ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡିତ ଥିଲେ। ଆଜି ଦିନ ୨ ଘଟିକା ୩୦ରେ ହୃଦଘାତରେ ତାଙ୍କର



ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ କୁହାଯାଇଛି। ମୃତ୍ୟୁଶଯ୍ୟା ନିକଟରେ ତାଙ୍କ ପତ୍ନୀ କମଳ କୁମାରୀ ଦାସ, ବଡ ପୁଅ ତପନ ଓ ସାନ ପୁଅ ରଞ୍ଜନ, ବୋହୂ ମମତା ଓ କବିତା, ଝିଅ ରଞ୍ଜିତା, ସଞ୍ଜିତା, ପୁଷ୍ପିତା, ଜ୍ୱାଇଁ ଗଜେନ୍ଦ୍ର, ଚିତ୍ତରଞ୍ଜନ ଓ ସୁଶାନ୍ତଙ୍କ ସମେତ ନାତିନାତୁଣୀମାନେ ଉପସ୍ଥିତ ଥିଲେ। ସ୍ୱର୍ଗତ ଦାସ ଶିଶୁ କିଶୋର ପତ୍ରିକା 'ଶିଶୁ ସାରଥୀ'ର ସମ୍ପାଦକ ରହିବା ସହ ନିଖିଳ ଓଡ଼ିଶା ଶିଶୁ ସାହିତ୍ୟ ଏକାଡେମୀର ସମ୍ପାଦକ ମଧ୍ୟ ଥିଲେ। ଆଜି ସନ୍ଧ୍ୟାରେ ସ୍ଥାନୀୟ ନୁଣିଆଯୋଡି ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ବଡ ପୁଅ ତପନ ମୁଖାଗ୍ନି ଦେଇଥିଲେ। ତାଙ୍କ ମୃତ୍ୟୁ ଖବର ପାଇ ଶେଷ ଦର୍ଶନ ନିମନ୍ତେ ଶିଶୁ ସାହିତ୍ୟିକ ପୀତାମ୍ବର ଦାସ, କମଳ ଦାସ, ରମେଶ ବେହେରା, ରେମୁଣା ବ୍ଲକ ଚେୟାରମେନ ରାଜେନ୍ଦ୍ର ରାଉତ, କୁରୁଡା ସରପଞ୍ଚ ତାପସ ପାଣିଗ୍ରାହୀ, ସମାଜସେବୀ ଆଦିତ୍ୟ ଚଣ୍ଡ, ଭଣଜା ସୁମନ୍ତ ପାତ୍ର, ପୁତୁରା ରାମକୃଷ୍ଣ ଦାସ, ହରେକୃଷ୍ଣ ଦାସ, କୁନା ଦାସ, ଭାଇ ଦିବାକର ଦାସ ଓ ନିଶାକର ଦାସ ପ୍ରମୁଖ ଉପସ୍ଥିତ ରହି ପୁଷ୍ପାର୍ଘ୍ୟ ଦେଇ ତାଙ୍କ ଆତ୍ମାର ସଦଗତି କାମନା କରିଥିଲେ।

# ଦୀପାବଳି ଉପଲକ୍ଷେ ଚିତ୍ରକଳା ପ୍ରତିଯୋଗିତା



ବାଲେଶ୍ୱର,୨୧।୧୦(ସମିସ): ପବିତ୍ର ଦୀପାବଳି ଉପଲକ୍ଷେ ନୋସି କଲଚୁରାଲ ଏକାଡେମି ତରଫରୁ ନୋସି ପରିସରରେ ସ୍କୁଲ ଛାତ୍ରଛାତ୍ରୀଙ୍କୁ ଦୀପାବଳିର ମହତ୍ତ୍ୱ ଓ ପ୍ରତିଭାର ବିକାଶ ପାଇଁ ଏକ ଚିତ୍ରକଳା ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏହି ପ୍ରତିଯୋଗିତାର ବିତରଣ ସଭାରେ ମୁଖ୍ୟଅତିଥି ଭାବେ ସୁତେଇ ଓଡ଼ିଶା ଆଦର୍ଶ ବିଦ୍ୟାଳୟର ପ୍ରିନସିପାଲ ରାମକୃଷ୍ଣ ସାହୁ ଯୋଗଦେଇ ଛାତ୍ରଛାତ୍ରୀଙ୍କ କଳା ପ୍ରତିଭାକୁ ପ୍ରଶଂସା କରିଥିଲେ। ଏକାଡେମି ମୁଖ୍ୟ ଉପଦେଷ୍ଟା ଶିଳ୍ପୀ କେଶୁଦାସ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ବିଚାରକ ଭାବେ ଅରୁଣ ବାରିକ ଓ ଦେବାଶିଷ ପତି ମୂଲ୍ୟାୟନ କରିବା ସହ ପ୍ରତି ବିଭାଗରେ ଶ୍ରେଷ୍ଠ ଦଶ ଜଣଙ୍କୁ ପୁରସ୍କୃତ କରିବା ପାଇଁ ବିବେଚିତ କରିଥିଲେ। ୪ଟି ବିଭାଗରେ ମୋଟ ୧୦୦ ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ସନ୍ଧ୍ୟାର ସାଂସ୍କୃତିକ କାର୍ଯ୍ୟକ୍ରମରେ ତନିଷ୍କା ସାମଲ, ତନୁଶ୍ରୀ ମହଲା, ରଜନୀ ରାଣୀ ମଲ୍ଲିକ, ଶୁଭଲକ୍ଷ୍ମୀ ସାସମଲ, ପୁଷ୍ପା ଜେନା, ଶିଲି ସପ୍ନାଲୀ, ଶ୍ରୀୟାଂଶି ପଣ୍ଡା, ଦୁର୍ଗେଶ୍ୱରୀ ସିଂ, ଅଲିଭା ମଲ୍ଲିକ, ମୋନାଲିସା ପ୍ରଧାନ, ପ୍ରତ୍ୟୁଷା ଦାଶ, କୃଷ୍ଣା ମହାପାତ୍ର, ସାଇ ଶିବାଙ୍ଗୀ ସାହୁ ପ୍ରମୁଖ ନୃତ୍ୟ ଗୀତ ଓ ଏକକ ଅଭିନୟ କରି ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଥିଲେ। ପ୍ରଶାନ୍ତ ବେହେରା ଧନ୍ୟବାଦ ପ୍ରଦାନ କରିଥିଲେ।

# ବିବେକ ଭାରତୀ ଆଶ୍ରମକୁ ତୁଳସୀ ମିଶ୍ରଙ୍କ ଦାନ



ବାଲେଶ୍ୱର,୨୧।୧୦(ସମିସ): ସହରର ଗୋପାଳ ଗାଁ ନିବାସୀ ଅବସରପ୍ରାପ୍ତ ଷ୍ଟେଟ ବ୍ୟାଙ୍କ ଅଧିକାରୀ ତୁଳସୀ ରଞ୍ଜନ ମିଶ୍ର ଏକ ଲକ୍ଷ ଟଙ୍କା ଦାନ କରିଛନ୍ତି। ଖଇରା ବ୍ଲକ୍ ଅନ୍ତର୍ଗତ ଡଗରପଡାସ୍ଥିତ ବିବେକ ଭାରତୀ ସେବାଶ୍ରମର ଛାତ୍ର ମାନଙ୍କ ଯୋଗାସନ କକ୍ଷ ନିର୍ମାଣ ପାଇଁ ଶ୍ରୀ ମିଶ୍ର ଉକ୍ତ ଅର୍ଥ ରାଶି ଆଶ୍ରମର ସମ୍ପାଦକ ସ୍ୱାମୀ ଗଣେଶା ନନ୍ଦ ପୁରୀଙ୍କୁ ପ୍ରଦାନ କରିଛନ୍ତି। ଏହି ଚେକ୍ ପ୍ରଦାନ ସମୟରେ ଦିବାକର ମହାପାତ୍ର, ବୀରେନ କର, ଗୋପାଳ ଚନ୍ଦ୍ର ନାୟକ, ଗୋପବନ୍ଧୁ ଗିରି ପ୍ରମୁଖ ଉପସ୍ଥିତ ଥିଲେ।

# ଦୁର୍ଷ୍କର୍ମ ଅଭିଯୁକ୍ତକୁ ଗିରଫ ଦାବି

ବାଲେଶ୍ୱର,୨୧।୧୦(ସମିସ): ଜଳେଶ୍ୱର ଅଞ୍ଚଳର ଜଣେ ୫ବର୍ଷର ଶିଶୁକନ୍ୟା ଦୁଷ୍କର୍ମର ଶିକାର ହୋଇଥିଲା। ଏହି ଘଟଣାକୁ ଅନୁସନ୍ଧାନ କରି ଜଳେଶ୍ୱର ଥାନାରେ 'ଶିଶୁ ଯୌନ ଶୋଷଣ ଆଇନ' ଅନୁଯାୟୀ ଗୋଟିଏ ମୋକଦ୍ଦମା ପଞ୍ଜୀକରଣ କରାଯାଇଛି। ମାତ୍ର ଦୁଷ୍କର୍ମକାରୀ ଏପର୍ଯ୍ୟନ୍ତ ଗିରଫ ହୋଇନାହିଁ। ଏହି ବାବଦରେ ଯଥାଶୀଘ୍ର ଘଟଣାର ଅନୁସନ୍ଧାନ କରି ଆସାମୀକୁ ଗିରଫ କରି କୋର୍ଟ ଚାଲାଣ କରାଯାଉ ବୋଲି ଆଜି ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ତଥ୍ୟ ଅନୁସନ୍ଧାନ ଦଳ ପକ୍ଷରୁ ଏକ ଦାବିପତ୍ର ଜଳେଶ୍ୱର ଥାନାକୁ ଦିଆଯାଇଛି। ଦାବି ଅନୁସାରେ ୧୦ରୁ୧୨ଦିନ ମଧ୍ୟରେ ଅଭିଯୁକ୍ତକୁ ଗିରଫ ନ କରାଗଲେ ବାଲେଶ୍ୱର ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବ ବୋଲି କହିଛି। ଦାବିପତ୍ର ପ୍ରଦାନ ସମୟରେ ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଅନୁସନ୍ଧାନ ଦଳର ମୁଖ୍ୟ ମହମ୍ମଦ ଇସଲାମଙ୍କ ସହିତ ସହଯୋଗୀ ପ୍ରତିମା ପଣ୍ଡା, କବିତାରାଣୀ ଦାସ ଓ ସକିଲା ବାନୋ ପ୍ରମୁଖ ଉପସ୍ଥିତ ଥିଲେ।

# ୭୭ତମ ପୁଲିସ ଶହୀଦ ଦିବସ



ବାଲେଶ୍ୱର,୨୧।୧୦(ସମିସ): ସ୍ଥାନୀୟ ପୁଲିସ ପରେଡ ଗ୍ରାଉଣ୍ଡରେ ୭୭ତମ ପୁଲିସ ଶହୀଦ ଦିବସ ପାଳିତ ହୋଇଯାଇଛି। ପୂର୍ବାଞ୍ଚଳ ରେଞ୍ଜ ଡିଆଇଜି ପିନାକ ମିଶ୍ର ପୁଲିସ ପତାକାକୁ ଉତ୍ତୋଳନ କରି ପ୍ରଥମେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରିଥିଲେ। ୧୯୬୯ମସିହା ଅକ୍ଟୋବର ଏକୋଇଶରେ ଜାମ୍ମୁ କାଶ୍ମୀରର ଲଦାଖ ସୀମାରେ ଚୀନର ସୈନ୍ୟମାନେ ଲଦାଖକୁ ଦଖଲ କରିବା ପାଇଁ ଉଦ୍ୟମ କରିବା ସମୟ ରେ ସିଆରପିଏଫର ଦଶ ଜଣ ଯବାନ ସଂଘର୍ଷରେ ସହିଦ ହୋଇଥିଲେ। ସେଇ ସହିଦମାନଙ୍କ ସ୍ମୃତିରେ ଆଜିର ଦିନକୁ ସମଗ୍ର ଭାରତରେ ପୁଲିସ ପ୍ରଶାସନ ପକ୍ଷରୁ ଶହୀଦ ଦିବସ ପାଳନ କରାଯାଉଛି ବୋଲି ଡିଆଇଜି ଶ୍ରୀ ମିଶ୍ର ସୂଚନା ଦେଇଥିଲେ। ଡିଆଇଜି ୨୦୨୪ମସିହାରେ ଭାରତରେ ଆଇନ ଶୃଙ୍ଖଳା ପରିସ୍ଥିତି ସମୟ ରେ ବିଭିନ୍ନ ରାଜ୍ୟରେ ଶହୀଦ ହୋଇଥିବା ୧୯୧ ଜଣ ପୁଲିସ କର୍ମଚାରୀଙ୍କ ନାମ ପଢି ଥିଲେ। ଶେଷରେ ଡିଆଇଜି ଶ୍ରୀ ମିଶ୍ରଙ୍କ ସମେତ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ପ୍ରତ୍ୟୁଷ ଦିବାକର ଓ ଉପସ୍ଥିତ ପୁଲିସ ଅଧିକାରୀମାନେ ଶହୀଦ ସ୍ମୃତି ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଜଣାଇ ଥିଲେ। ଆଡିସିନାଲ ଏସପି ଦେବଜ୍ୟୋତି ଦାଶ ଓ ଅଶ୍ୱନୀ କୁମାର ନାୟକ, ସଦର ଏସ୍‌ଡିପିଓ ସୁଧାଂଶୁ ଶେଖର ନାୟକ, ଡିଏସପି (ସିଟି) ତପସ୍ୱିନୀ କହଁର ଓ ନିର୍ମଳା ଗୋଛାୟତ, ଆର ଆଇ ସତାକ ଶଙ୍କର ଟୁଡୁ ଓ ଭୂପେନ୍ଦ୍ର ନାଥ ପ୍ରିୟା, ଟାଉନ ଥାନା ଅଧିକାରୀ ବିଜୟ ଦାସ, ସହଦେବଖୁଣ୍ଟା ଥାନା ଅଧିକାରୀ ଅଜୟ କୁମାର ମୁର୍ମୁ ଏବଂ ସଦର ଥାନା ଅଧିକାରୀ ସାଲଖାନ ମୁର୍ମୁ ଉପସ୍ଥିତ ରହିଥିଲେ।

# ଦୀପାବଳିରେ ପ୍ରଦୂଷଣ ଓ ପ୍ଲାଷ୍ଟିକମୁକ୍ତ ଅଭିଯାନ

ବାଲେଶ୍ୱର,୨୧।୧୦(ସମିସ): ଦୀପାବଳିରେ ଭିନ୍ନ ଢଙ୍ଗରେ କାର୍ଯ୍ୟକ୍ରମ ଆୟୋଜନ କରିଛନ୍ତି ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ଆର୍ଯ୍ୟ ସେବା ସଂଘ। ପବିତ୍ର ଦୀପାବଳି ଉପଲକ୍ଷେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ "ନିଜେ ହସିବା ଓ ଅନ୍ୟକୁ ହସାଇବା" ମାଧ୍ୟମରେ ନିଧିପଣ୍ଡାସ୍ଥିତ ଆକିନିଆ ଆବାସିକ ବିଦ୍ୟାଳୟରେ ସଫେଇ କାର୍ଯ୍ୟକ୍ରମ ସହ ପ୍ରଦୂଷଣ ଓ ପ୍ଲାଷ୍ଟିକ ମୁକ୍ତ ପରିବେଶ ସଂକ୍ରାନ୍ତୀୟ ସଚେତନତା ସୃଷ୍ଟି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପରେ ପିଲାମାନଙ୍କୁ ଫଳ, କେକ୍ ଓ ମିଠା ବଣ୍ଟନ କରାଯାଇଥିଲା।



# ଶିଶୁଶ୍ରମିକ ଉଚ୍ଛେଦ ପାଇଁ ସ୍ୱେଚ୍ଛାସେବୀଙ୍କ ବୈଠକ

ବାଲେଶ୍ୱର,୨୧।୧୦(ସମିସ): ସିଏସିଏଲ ଓଡ଼ିଶା ଶାଖା ତରଫରୁ ବାଲେଶ୍ୱର ଜିଲ୍ଲାରେ ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନମାନଙ୍କର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଏସିଏଲ ଓଡ଼ିଶା ଶାଖାର ରାଜ୍ୟ ଆବାହକ ସୁକାନ୍ତ ନାୟକଙ୍କ ଅଧ୍ୟକ୍ଷତାରେ ଏହି ବୈଠକରେ ସିଏସିଏଲ ଅନୁଷ୍ଠାନର ଲକ୍ଷ୍ୟ ଓ କାର୍ଯ୍ୟାବଳୀ ସଂପର୍କରେ ଆଲୋଚନା ହୋଇଥିଲା। ଏହି ବୈଠକରେ ରାଜ୍ୟ ସହ ଆବାହକ ପ୍ରସନ୍ନ କୁମାର ମିଶ୍ର ଜିଲ୍ଲାରେ ଶିଶୁ ଶ୍ରମିକ ଚିହ୍ନଟ, ଶିଶୁ ଶ୍ରମିକ ବୃଦ୍ଧି ହେଉଥିବାର କାରଣ ଓ



ଏହାର ଉଚ୍ଛେଦ ପାଇଁ ଏକ ଛଅ ମାସିଆ ଖସଡ଼ା ସଂପର୍କରେ ଆଲୋଚନା କରିଥିଲେ। ଜିଲ୍ଲା ଆବାହକ ଉବାଚକ ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବାଲ୍ୟ ବିବାହ ରୋକିବା ପାଇଁ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ବାଲେଶ୍ୱର,୨୧।୧୦(ସମିସ)

ଅନ୍ତର୍ଜାତୀୟ କନ୍ୟା ଦିବସ ଅବସରରେ ଶିଶୁ ଅଧିକାର ସୁରକ୍ଷା ଏବଂ ବାଲେଶ୍ୱରରେ ବାଲ୍ୟ ବିବାହ ବନ୍ଦ କରିବା ପାଇଁ କାର୍ଯ୍ୟ କରୁଥିବା ଏନଜିଓ ବିଏଡିସି ଜିଲ୍ଲାପାଳ ସୂର୍ଯ୍ୟବଂଶୀ ମୟୂର ବିକାଶଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛି। ଯେଉଁଥିରେ ଦୀପାବଳିରୁ ଗଣତନ୍ତ୍ର ଦିବସ ୨୬ ଜାନୁଆରୀ ପର୍ଯ୍ୟନ୍ତ ବାଲେଶ୍ୱରରେ ବ୍ୟାପକ ଅଭିଯାନ ଚଳାଇବା ପାଇଁ ପ୍ରଶାସନର ସମର୍ଥନ ଲୋଡ଼ିଛି। ସ୍ମାରକ ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଭାରତ ସରକାରଙ୍କ "ବାଲେଶ୍ୱରରେ ବିବାହ ମୁକ୍ତ ଭାରତ' ଅଭିଯାନକୁ ଏକ ବର୍ଷ ପୂରଣ ହେବାକୁ ଯାଉଛି। ଏହା ବାଲେଶ୍ୱରରେ ଅଭିଯାନର ସଫଳତାକୁ ଆହୁରି ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲା ପ୍ରଶାସନ ନେତୃତ୍ୱରେ ଏକ ସ୍ୱତନ୍ତ୍ର ଜିଲ୍ଲାସ୍ତରୀୟ ପଦକ୍ଷେପର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଛି। ସ୍ମାରକପତ୍ରରେ ଜିଲ୍ଲା ପ୍ରଶାସନକୁ ପୂଜାରୀ, ମୌଲବୀ, ଚର୍ଚ୍ଚର ପାଷ୍ଟରମାନଙ୍କୁ ନିର୍ଦ୍ଦେଶ ଦେଇ ଏକ ସର୍କୁଲାର ଜାରି କରିବାକୁ ଅନୁରୋଧ କରାଯାଇଥିଲା। ଏବଂ ବିବାହ ଉତ୍ସବ ପାଳନ କରୁଥିବା ଅନ୍ୟମାନେ ଏବଂ ବ୍ୟାଣ୍ଡ ଗ୍ରୁପ୍, ବିବାହ ହଲ୍ (ଭୋଜୀ) ମାଲିକ ଏବଂ କ୍ୟାଟରର୍ ଭଳି ସେବା ପ୍ରଦାନକାରୀମାନେ, ବାଲ୍ୟବିବାହ ପରିଚାଳନାରେ ଯେକୌଣସି ସହାୟତା ବେଆଇନ ଏବଂ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି। ଏହା ସହିତ ଗତ ବର୍ଷ ମଧ୍ୟରେ କୌଣସି ବାଲ୍ୟବିବାହ ହୋଇନଥିବା ପଞ୍ଚାୟତଗୁଡ଼ିକୁ ଚିହ୍ନଟ କରିବାରେ ପ୍ରଶାସନର ସହଯୋଗ ପାଇଁ ଅନୁରୋଧ କରାଯାଇଛି, ଯାହା ଦ୍ୱାରା ସେଗୁଡ଼ିକୁ ଆସନ୍ତା ବର୍ଷ 'ବାଲ୍ୟବିବାହ ମୁକ୍ତ ପଞ୍ଚାୟତ' ଭାବରେ ଘୋଷଣା କରାଯାଇପାରିବ।

# ସମ୍ପାଦକୀୟ




ଆତଙ୍କବାଦକୁ ସମୂଳେ ବିଲୋପ କରିବାର ମୁଖ୍ୟ ଅସ୍ତ୍ର ହେଉଛି ବହି ଓ କଲମ।
-ମଲାଲା ୟୁସୁଫ୍‌ଜାଇ

ସକାଳ
THE SAKALA

## ବଞ୍ଚିବାର ରାହା

ବିଶ୍ୱ ପାଣିପାଗ ସଂଗଠନ(ଡବ୍ଲୁଏମ୍‌ଓ)ର ସଦ୍ୟତମ ରିପୋର୍ଟ ସମଗ୍ର ବିଶ୍ୱ ଏବଂ ମାନବ ସଭ୍ୟତା ପାଇଁ ପୁଣି ଥରେ ସତର୍କ ଘଣ୍ଟି ବଜାଇଛି। ଏହି ରିପୋର୍ଟ ଅନୁଯାୟୀ ଜଳବାୟୁର ଅସ୍ୱାଭାବିକ ପରିବର୍ତ୍ତନ ଏବଂ ବିଶ୍ୱ ତାପମାନ ବୃଦ୍ଧିରେ ସିଂହଭାଗ ଅବଦାନ ରଖୁଥିବା ଅଙ୍ଗାରକାମ୍ଳ ବାଷ୍ପ ପରିମାଣ ୨୦୨୩-୨୪ରେ ରେକର୍ଡ ପରିମାଣରେ ବୃଦ୍ଧି ପାଇଛି। ବିଶ୍ୱ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ମାତ୍ରା ହାରାହାରି ୪୨୩.୯ ପିପିଏମ୍‌ରେ ପହଞ୍ଚିସାରିଛି, ଯାହାର ପ୍ରଭାବରେ ୨୦୨୪ ବିଶ୍ୱ ଇତିହାସର ସବୁଠାରୁ ଉତ୍ତପ୍ତ ବର୍ଷ ରୂପେ ଅଲୋଡ଼ା ରେକର୍ଡ ସୃଷ୍ଟି କରିଛି। ଏଥିସହିତ ବିଶ୍ୱ ତାପମାତ୍ରାକୁ ପ୍ରାକ୍-ଶିଳ୍ପାୟନ ସମୟର ତାପମାତ୍ରାରୁ ଅଧିକ ୧.୫ ଡିଗ୍ରୀ ସେଲ୍‌ସିୟସ୍ ମଧ୍ୟରେ ସୀମିତ ରଖିବା ପାଇଁ ହୋଇଆସୁଥିବା କସରତ ବିଫଳ ହୋଇଛି। ବାୟୁମଣ୍ଡଳକୁ କାର୍ବନ ନିର୍ଗମନର ପରିମାଣ ଯଥାସମ୍ଭବ ହ୍ରାସ କରିବା ପାଇଁ ପ୍ୟାରିସ୍ ଜଳବାୟୁ ଚୁକ୍ତିନାମାରେ ହୋଇଥିବା ଧାର୍ଯ୍ୟ ଲକ୍ଷ୍ୟର ବିପରୀତମୁଖୀ ଏହି ମାନବୀୟ କାର୍ଯ୍ୟଧାରା ମାନବସଭ୍ୟତା ପାଇଁ ହିଁ ବିପଦ ସୃଷ୍ଟି କରିଚାଲିଛି, ତାହା ବୁଝିବାକୁ ଆମକୁ ବୋଧହୁଏ ଆହୁରି ଅନେକ ବର୍ଷ ଧରି ଅପେକ୍ଷା କରିବାକୁ ପଡ଼ିବ।

ପରିବେଶବିତ୍‌ମାନଙ୍କର କହିବା ଅନୁଯାୟୀ ୧୯୬୦ ଦଶକରେ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳ ଉପସ୍ଥିତିର ବାର୍ଷିକ ହାରାହାରି ବୃଦ୍ଧି ମାତ୍ରା ଥିଲା ମାତ୍ର ୦.୮ ପିପିଏମ୍। ୨୦୧୧-୨୦ରେ ଏହା ବାର୍ଷିକ ୨.୪ ପିପିଏମ୍ ହାରରେ ବୃଦ୍ଧି ପାଇଥିବା ବେଳେ ୨୦୨୩ ରୁ ୨୦୨୪ ମଧ୍ୟରେ ଏକାଥରକେ ୩.୫ ପିପିଏମ୍ ବୃଦ୍ଧି ଘଟିଛି। ଏବେ ଆମ ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ଉପସ୍ଥିତି ୪୨୩.୯ ପିପିଏମ୍, ଯାହା ପ୍ରାକ୍ ଶିଳ୍ପାୟନ ସ୍ଥିତିଠାରୁ ୧୫୨% ଅଧିକ। ବିଶ୍ୱ ତାପମାନ ବୃଦ୍ଧିରେ ଅଙ୍ଗାରକାମ୍ଳ ବାଷ୍ପର ଅବଦାନ ପ୍ରାକ୍‌ଶିଳ୍ପାୟନ ସମୟଠାରୁ ୬୬% ଏବଂ ଗତ ଦଶନ୍ଧିରେ ୭୯% ରହିଛି। ଏହି ପୃଷ୍ଠଭୂମିରେ ପ୍ୟାରିସ୍ ଚୁକ୍ତିନାମାର ସଂକଳ୍ପ ପୂରଣ ହେବ କେମିତି? ବିଡ଼ମ୍ବନା ହେଉଛି ଅଙ୍ଗାରକାମ୍ଳର ୫୦% କେବଳ ମଣିଷ ଦ୍ୱାରା ହିଁ ସୃଷ୍ଟ, ଯାହାର ପରିଣାମ ତା'କୁ ହିଁ ଭୋଗ କରିବାକୁ ପଡୁଛି। ବାୟୁମଣ୍ଡଳରେ ଅଙ୍ଗାରକାମ୍ଳର ପରିମାଣ ବୃଦ୍ଧି ପଛରେ ଡବ୍ଲୁଏମ୍‌ଓ ଯେଉଁ କେତେକ କାରଣ ଦର୍ଶାଇଛି ସେଥିରେ ମାନବକୃତ କାର୍ଯ୍ୟକଳାପ ବ୍ୟତୀତ, ମହାସାଗରର ଓ ଭୂପୃଷ୍ଠର ଅଙ୍ଗାରକାମ୍ଳ ଶୋଷଣ କ୍ଷମତା ଧୀରେଧୀରେ ସଂକୁଚିତ ହୋଇଆସୁଛି। ଏହାସହିତ ବନାଗ୍ନି ଘଟଣାମାନ ବୃଦ୍ଧି ପାଇ ଚାଲିଛି। ଉପରୋକ୍ତ ପ୍ରାକୃତିକ କାରଣଗୁଡ଼ିକ ମଧ୍ୟ ଯେ ପରୋକ୍ଷରେ ମାନବକୃତ ତାହା ଅସ୍ୱୀକାର କରିହେବ ନାହିଁ। ତେଣୁ ମଣିଷ ନିଜେ ହିଁ ନିଜକୁ ବିଲୟ ମୁହଁକୁ ଟାଣି ନେଉଛି।




ମଣିଷକୁ ଆଜି ପ୍ରକୃତି ବିମୁଖ କରିବାର ମୁଖ୍ୟ କାରଣ ହେଉଛି ବଞ୍ଚିବାର ରାହା। ଏହାର ଅନ୍ୱେଷଣ ଯେତେ ଦ୍ରୁତ ଓ ପରିବ୍ୟାପ୍ତ ହେଉଛି ପ୍ରକୃତି ସେତିକି ବିପଦମୁଖୀ ହେବାରେ ଲାଗିଛି। ରାହାର ଅନୁସନ୍ଧାନ ସହିତ ସୁଖ ସ୍ୱାଚ୍ଛନ୍ଦ୍ୟ ଓ ବିଳାସପୂର୍ଣ୍ଣ ଜୀବନଶୈଳୀର କାମନା ମଣିଷକୁ ପ୍ରକୃତି ହନ୍ତା ରୂପେ ଉପସ୍ଥାପିତ କରିଛି। ବିକାଶ ପରିବେଶ ଅନୁକୂଳ ନ ହେବା ଏବଂ ଆବଶ୍ୟକତାଠାରୁ ଅଧିକ ଚାହିଦା ଯୋଗୁଁ ମାନବ ସଭ୍ୟତା ଆଜି ବିଲୟମୁଖୀ ହୋଇସାରିଛି। ଯାହାକୁ ଆମେ ରୋଜଗାରର ରାହା ଭାବେ ଗ୍ରହଣ କରିଛୁ ତାହା ଏବେ ଆମର ବଞ୍ଚିବାର ରାହା ପାଣି ଓ ପବନକୁ ହିଁ ବିଷାକ୍ତ କରିଚାଲିଛି। ବିଳାସ ଓ ବଞ୍ଚିବାର ରାହା ମଧ୍ୟରୁ ଆମକୁ ଗୋଟିକୁ ଏବେ ବାଛିବାକୁ ପଡ଼ିବ। ଆମେ ଯାହାକୁ ବାଛିବା ତାହା ଆମର ବର୍ତ୍ତମାନ ଓ ଭବିଷ୍ୟତକୁ ନିର୍ଦ୍ଧାରଣ କରିବ।

ବିଶ୍ୱର ଯେକୌଣସି ରାଷ୍ଟ୍ରରେ ବିକାଶ ଓ ଜୀବିକା ପାଇଁ ଶିଳ୍ପାୟନ ଅପରିହାର୍ଯ୍ୟ ଏବଂ ଏହାଦ୍ୱାରା ପ୍ରଦୂଷଣ ସ୍ତର ବଢ଼ିବା ମଧ୍ୟ ଅନିବାର୍ଯ୍ୟ। ସହରାଞ୍ଚଳଗୁଡ଼ିକ ରୋଜଗାର ଓ ବିକାଶର ପେଣ୍ଠ ରୂପେ ପରିଗଣିତ ହେଉଥିବାରୁ ସେଠାରେ ପ୍ରଦୂଷଣ ଅଧିକ। ଯେଉଁ ସହର ଯେତେ ଉନ୍ନତ ଓ ବିକଶିତ ତାହା ସେତେ ଅଧିକ ପ୍ରଦୂଷିତ। ତେଣୁ ସେଠାରେ ରହୁଥିବା ବାସିନ୍ଦାଙ୍କ ଉପରେ ଏହି ପ୍ରଦୂଷଣର ପ୍ରଭାବ ପଡ଼ିବା ସ୍ୱାଭାବିକ। ପୁଣି ଏକ ପ୍ରଦୂଷିତ ପରିବେଶ ହିଁ ନାନା ପ୍ରକାର ରୋଗବ୍ୟାଧିର ଉତ୍ପତ୍ତିସ୍ଥଳ। ଏହା ଜାଣି ମଧ୍ୟ ପ୍ରଦୂଷଣକୁ ନିୟନ୍ତ୍ରଣରେ ରଖିବା ପରିବର୍ତ୍ତେ ଆମେ ଯଦି ଅପରିଣାଦର୍ଶୀ ଓ ଅଯତ୍ନଶୀଳ ହୋଇ ଆଇନ୍ ଓ କଟକଣା ଉଲ୍ଲଂଘନ କରି ଚାଲିବା ନ୍ୟାୟାଳୟ, ସରକାର, କର୍ତ୍ତୃପକ୍ଷ କିଛି କରିପାରିବେ ନାହିଁ। ଆମେ ନିଜେ ସଚେତନ ନ ହେଲେ ଏବଂ ଆତ୍ମନିୟନ୍ତ୍ରଣ ନ କଲେ ଆମ ବିକାଶ ଅର୍ଥହୀନ ହୋଇ ଗଣମୃତ୍ୟୁର ଘଣ୍ଟି ବଜାଇବ, ଯାହା ଏବେ ଡବ୍ଲୁଏମ୍‌ଓର ତଥ୍ୟ ଆମକୁ ଚେତାବନୀ ଦେଇସାରିଛି।

ପରିବେଶ ବିଗିଡ଼ି ଗଲାଣି କହି ଚିତ୍କାର କରିବାର ବେଳ ଏବେ ଆଉ ନାହିଁ। କେବଳ ତ୍ୱରିତ ଓ ପ୍ରଭାବଶାଳୀ କାର୍ଯ୍ୟାନୁଷ୍ଠାନ ହିଁ ସମୟର ଆହ୍ୱାନ। ଆଶା କରିବା ଆମ ସରକାର, ନୀତି ନିର୍ମାତା, ବିଚାରାଳୟ, ବିଧାନପାଳିକା ଏବଂ ଜନସାଧାରଣ ସମସ୍ତେ ମିଶି ବଞ୍ଚିବା ଏବଂ ଅନ୍ୟକୁ ବଞ୍ଚାଇବାର ରାହା ଖୋଜିବେ। ଏକ ସ୍ୱଚ୍ଛ ଓ ସବୁଜ ପରିବେଶ ନ ରହିଲେ ବିଦେଶୀ ପୁଞ୍ଜି ଲଗାଣ ତଥା ଶିଳ୍ପାୟନ ପ୍ରକ୍ରିୟା ପ୍ରଭାବିତ ହୋଇପାରେ। ସମ୍ପ୍ରତି ଅଧିକାଂଶ ନିବେଶକ ପରିବେଶ ସଚେତନ ହେବାର ଦେଖାଯାଉଛି। ସେମାନେ ଏବେ ଉତ୍ପାଦନର କାର୍ବନ ଫୁଟ୍‌ପ୍ରିଣ୍ଟ ବା ପ୍ରଦୂଷଣ ପରିମାଣ ପରଖୁଛନ୍ତି। କୃଷିଜାତ ଦ୍ରବ୍ୟ ମଧ୍ୟ ଏଥିରୁ ବାଦ ଯାଉନାହିଁ। ତେଣୁ ଆମକୁ ବିକାଶ ସହିତ ପରିବେଶକୁ ସୁରକ୍ଷିତ ରଖି ତାଳ ମିଳାଇ ଆଗକୁ ଚାଲିବାକୁ ହେବ। ଏକ ସୁସ୍ଥ ପରିବେଶରେ ହିଁ ବଞ୍ଚିବାର ରାହା ଖୋଜିବାକୁ ପଡ଼ିବ।

## ଟେରର-ଟାରିଫ-ଟ୍ରମ୍ପ

**ଡକ୍ଟର ଅଜୟ କୁମାର ସାହୁ**

୨୦୨୫ ମସିହା ଅକ୍ଟୋବର ୧୦ ତାରିଖ। ସ୍ୱିଡେନର ରାଜଧାନୀ ଷ୍ଟକହୋମରୁ ଘୋଷଣା ହେଲା - ଚଳିତ ବର୍ଷ ନୋବେଲ ଶାନ୍ତି ପୁରସ୍କାର ପାଇବେ ଭେନେଜୁଏଲାର 'ଗଣତନ୍ତ୍ର ବଞ୍ଚାଅ ଆନ୍ଦୋଳନ'ର ନେତ୍ରୀ ମାରିୟା କୋରିନା ମଚାଡୋ। କିନ୍ତୁ ମାରିୟାଙ୍କଠାରୁ ଅଧିକ ଚର୍ଚ୍ଚିତ ହେଲେ ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ହ୍ୱାଇଟ ହାଉସ ଚଳଚଞ୍ଚଳ ହୋଇ ଉଠିଲା। ବୈଠକ ପରେ ବୈଠକ ବସିଲା। ଖୁବ ସମୀକ୍ଷା ହେଲା। ଯେମିତି ଆମେରିକା ଯୁଦ୍ଧ ହାରିଯାଇଛି। ଆମେରିକା ରାଷ୍ଟ୍ରପତି ଟ୍ରମ୍ପ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ଯେମିତି ମୁଣ୍ଡ ଲଗାଇଲେ ଏବଂ ପ୍ରଚାରପ୍ରସାର କରିଥିଲେ ପୁରସ୍କାର ଘୋଷଣା ପରେ ଯୁଦ୍ଧ ହାରିଲା ପରି ପରିସ୍ଥିତି ହିଁ ହୋଇଛି। ଉଚ୍ଚାଭିଳାଷର ପରାଜୟ ଘଟିଛି।

ପାକିସ୍ତାନର ସେନା ମୁଖ୍ୟ ମୁନିରଙ୍କୁ ଆମେରିକା ଡାକି ଟ୍ରମ୍ପ ଆପ୍ୟାୟିତ କରିଥିଲେ। ତାହାଙ୍କ ମୁହଁରେ ନୋବେଲ ଶାନ୍ତି ପୁରସ୍କାର ପାଇବା ପାଇଁ ପ୍ରସ୍ତାବ ରଖିଲେ। ସାରା ବିଶ୍ୱ ଚକିତ ହେଲା। ତାଚ୍ଛଲ୍ୟ ବି କଲା। ଯେଉଁ ଦେଶ ଆତଙ୍କର ଗଡ଼, ଯେଉଁଠି ପାଳି ପୋଷି ଆତଙ୍କିମାନଙ୍କୁ ବିଭିନ୍ନ ଦେଶକୁ ରପ୍ତାନି କରାଯାଏ ଏବଂ ଆତଙ୍କ ସୃଷ୍ଟି କରାଯାଏ, ସେହି ଦେଶ କହୁଛି ଟ୍ରମ୍ପଙ୍କୁ ନୋବେଲ ଦିଅ। ଇସ୍ରାଏଲ ପ୍ରଧାନମନ୍ତ୍ରୀ ନେତାନ୍ୟାହୁ ପୁଣି ମୁନିରଙ୍କ ପ୍ରସ୍ତାବକୁ ସମର୍ଥନ କଲେ। ଯିଏ ହମାସ ସହ ଯୁଦ୍ଧରେ ଆଜି ବି ଲିପ୍ତ। ହଜାର ହଜାର ଶିଶୁଙ୍କୁ ହତ୍ୟା କରିଛନ୍ତି, ଶତାଧିକ ଗଣମାଧ୍ୟମ କର୍ମୀଙ୍କୁ ମାରିଛନ୍ତି, ହଜାର ହଜାର ଲୋକଙ୍କୁ ନିର୍ମମ ଭାବରେ ଧାରାଶାୟୀ କରିଛନ୍ତି, ଗାଜା ପଟିରେ ଧ୍ୱଂସ ଲୀଳା ଚଳାଇଛନ୍ତି, ଯାହାଙ୍କ ନାମରେ ମିଳିତ ଜାତିସଂଘରେ ହତ୍ୟାକାରୀ ବୋଲି ଅଭିଯୋଗ ରହିଛି, ଇଣ୍ଟରନ୍ୟାଶନାଲ କ୍ରିମିନାଲ କୋର୍ଟ ଏବଂ ଇଣ୍ଟରନ୍ୟାଶନାଲ କୋର୍ଟ ଅଫ ଜଷ୍ଟିସ ଯାହାଙ୍କର ଗିରଫ ପାଇଁ ୱାରେଣ୍ଟ ଜାରି କରିଛି, ସିଏ ପୁଣି ସମର୍ଥନ କରୁଛନ୍ତି। ଏହାଠାରୁ ବିଶ୍ୱର ବଡ଼ ହାସ୍ୟାସ୍ପଦ କଥା ଆଉ କ'ଣ ହୋଇପାରେ! ସୈତାନ ମୁହଁରେ ବେଦ ପାଠ ପରି।

ପୁଣି ଯିଏ ଯୁଦ୍ଧ କରାଏ, ଅସ୍ତ୍ର ବିକ୍ରିକରି ଯୁଦ୍ଧକୁ ବଢ଼ାଏ, ନିଜ କଥା ନ ମାନିଲେ ଗାଦିଚ୍ୟୁତ କରାଏ, ଅସ୍ତ୍ରଶସ୍ତ୍ର କିଣାବିକାର ପ୍ରତିଯୋଗିତା ବଢ଼ାଏ, ସୈନ୍ୟ ପଠାଏ, ଧମକ ଚମକ ଦେଇ ଡରାଏ, ପରୋକ୍ଷ ପକ୍ଷଭୁକ୍ତ ହୋଇ ଯୁଦ୍ଧ କରେ ତା' ପାଇଁ ପୁଣି ଶାନ୍ତି ସମ୍ମାନ ଭିକ୍ଷା! ଯେଉଁଠି ସମ୍ମାନ ମଗାଯାଏ, ସେଇଠି ଲୋକହସା ହିଁ ହେବାକୁ ପଡ଼ିଥାଏ। ସମ୍ମାନ ବ୍ୟକ୍ତିର ମାନ୍ୟତାକୁ ଭିତ୍ତି କରି ଆସିଥାଏ। ଟ୍ରମ୍ପଙ୍କୁ ଆଉ କେହି ଭଲ ଲୋକ ଯେମିତି ମିଳିଲେ ନାହିଁ। ଏମିତି ଘୋର ପ୍ରତିକୂଳ ପରିସ୍ଥିତି ଭିତରେ ନୋବେଲ ଶାନ୍ତି ପୁରସ୍କାର ଆଶା ଓ ନିଶା କିନ୍ତୁ ଟ୍ରମ୍ପଙ୍କର ଅମଳିନ ଥିଲା। ଶକ୍ତିଶାଳୀ ରାଷ୍ଟ୍ରର ନେତା। ସେ ଯେଉଁଠି ଠିଆ ହେବେ ସେଇଠୁ ଗଣତି ଆରମ୍ଭ ହେବ। ନୋବେଲ ମେଡାଲ ତାହାଙ୍କ ଛାତିରେ ଆସି ଝୁଲିଯିବ। ଏମିତିକା ସମ୍ମୋହନ ବୋଧହୁଏ ଥିଲା। ଏହା ଶାନ୍ତି ସମ୍ମାନର କଥା। ଭୟ ଓ ଭ୍ରାନ୍ତିର ଖାତିର ନୁହେଁ। ଭୟ ଓ ଭ୍ରାନ୍ତିରେ କେବଳ ଘୃଣା ମିଳିଥାଏ। ଯେମିତି ଗଛ ଲଗାଇବ ସେମିତିକା ଫଳ ପାଇବ। ସେମିତି ହିଁ ହେଲା। ଅଶାନ୍ତ ଗଛରେ ଶାନ୍ତି ଫଳ ଫଳି ପାରିଲା ନାହିଁ।

ଟ୍ରମ୍ପ ନିରାଶ ହେଲେ। ବିଚଳିତ ଓ ବିବ୍ରତ ହେଲେ। ରାଗରେ ରକ୍ତ ଚାଉଳ ଚୋବାଇଲେ। ପାକ-ଭାରତ ଯୁଦ୍ଧ ଟ୍ରମ୍ପ ବନ୍ଦ କଲେ, ତେଣୁ ତାଙ୍କୁ ନୋବେଲ ଶାନ୍ତି ପୁରସ୍କାର ମିଳୁ ବୋଲି ଭାରତ କହୁ ବୋଲି ବହୁତ ଚାପ ପକାଇଲେ। ହେଲେ ଭାରତ ସେ ଭୁଲ କଲାନାହିଁ। ତେଣୁ ରାଗରେ ଟ୍ରମ୍ପ 'ଟାରିଫ ଛାଟ' ମାରିଲେ। ଭାରତ ନଇଁଲା ନାହିଁ। ଭାରତୀୟ ଅର୍ଥନୀତିକୁ 'ଡେଡ ଇକୋନମି' ଏବଂ 'ଇଣ୍ଡିଆ ଓଭର ରେଟେଡ୍' ବୋଲି କହିବୁଲିଲେ। ଭିସା କଟକଣା ଲଗାଇଲେ। ବିଶ୍ୱ ବୈଷୟିକ ନବାଚାର ହବ୍ 'ଆମେରିକାନ ସିଲିକାନ ଭ୍ୟାଲି' କୁ ବେଖାତିର କଲେ। ଅନେକ ଭାରତୀୟଙ୍କୁ ଉଠାଇ ଆଣି ଭାରତରେ ଛାଡ଼ିଲେ। ଦ୍ରୁତ ଗତିରେ ବଢୁଥିବା ଭାରତୀୟ ଅର୍ଥନୀତିକୁ ଅବରୋଧ କରିବାକୁ ପ୍ରାଣପଣେ ଚେଷ୍ଟା କଲେ। ୪୦ ବର୍ଷର ଭାରତ ଆମେରିକା ସମ୍ପର୍କ ନୋବେଲ ମାୟା ତଳେ ଗୁମୁରି କାନ୍ଦିଲା। ଭାରତ ଆରଆଇସି(ରୁଷିଆ, ଇଣ୍ଡିଆ, ଚୀନ) ମଞ୍ଚରେ ମଜବୁତରେ ଠିଆ ହେଲା। ରୁଷିଆ ତ ଆମର ଅସଲ ବନ୍ଧୁ। ସେ ଆମ ପଛରେ ଠିଆ ହେଲା। ଟ୍ରମ୍ପଙ୍କ ପ୍ରଭାବ ସୀମିତ କହି ରୁଷିଆ ନିଜ ବଜାରକୁ ଭାରତ ପାଇଁ ଖୋଲି ଦେଲା। ଚୀନ ଭାରତର ଅଧିକ ଘନିଷ୍ଠ ହେଲା। ଭାରତ ପାଇଁ ସବୁ ସୁଯୋଗ ସୃଷ୍ଟି କଲା।

ଏବେ ଟାରିଫ ଯୁଦ୍ଧ ଯୋଗୁଁ ଖୋଦ୍ ଚାପରେ ଟ୍ରମ୍ପ। ନିଜ ଦେଶରେ ବି ନିନ୍ଦିତ ହେଲେ। ଉଚ୍ଚତମ ନ୍ୟାୟାଳୟ ମଧ୍ୟ ଭର୍ତ୍ସନା କଲେ। ଜିରୋ ଟାରିଫ ଲଗାଇବା ସହ ଭାରତକୁ କ୍ଷମା ମାଗିବା ଦରକାର ବୋଲି ନ୍ୟୁୟର୍କ ୟୁନିଭେର୍ସିଟିର ପ୍ରଫେସର ଏଡୱାର୍ଡ ପ୍ରାଇସ ଚରମବାଣୀ ଶୁଣାଇଛନ୍ତି। ନୋବେଲ ପାଇଁ ଭାରତ ସୁପାରିସ କଲା ନାହିଁ ବୋଲି ଟ୍ରମ୍ପ ଏମିତି ବାଚାଳାମୀ କରୁଛନ୍ତି ବୋଲି କହିଛନ୍ତି ଡେମୋକ୍ରାଟିକ ସାଂସଦ ରୋ ଖାନ। ଦୁନିଆର ୮୦% ସମସ୍ୟା ଏହି ବୃଦ୍ଧ ଜରଦଗବ ଶାସନ କାଳରେ ସୃଷ୍ଟି ହୋଇଛି ବୋଲି ପୂର୍ବତନ ରାଷ୍ଟ୍ରପତି ବାରକ ଓବାମା ଟିପ୍ପଣୀ କରିଛନ୍ତି। ରୁଷ ଉପରେ ଟାରିଫ ବୋଝ ନାହିଁ, ଅଥଚ ଭାରତ ଉପର ଟାରିଫ ବୋଝ କାହିଁକି ଲଦି ଦିଆଯାଉଛି ବୋଲି ପୋଲାଣ୍ଡର ଜଣେ ସାମ୍ବାଦିକଙ୍କର ପ୍ରଶ୍ନର ଉତ୍ତର ଦେବାକୁ ଯାଇ ଖୁବ ରାଗିଲେ। ପୁଣି ଆଉ ଏକ ଆଳ କଲେ ଟ୍ରମ୍ପ। ରୁଷିଆଠାରୁ ତେଲ ଆମଦାନୀ ବନ୍ଦ କରିବାକୁ ଚାପ ପକାଇଲେ। ରୁଷିଆଠାରୁ ତେଲ କିଣି ଭାରତ ରୁଷ ଓ ୟୁକ୍ରେନ ଯୁଦ୍ଧକୁ ପରୋକ୍ଷରେ ବଢ଼ାଉଛି ବୋଲି ମିଛ ପ୍ରଚାର କଲେ। ସେ ଭୁଲିଗଲେ ଯେ ଚୀନ ରୁଷ ଠାରୁ ସର୍ବାଧିକ(୪୭%) ତେଲ କିଣୁଛି। ରୁଷରୁ ଏଲଏନଜି ସବୁଠାରୁ ଅଧିକ କିଣେ ୟୁରୋପୀୟ ସଂଘ। ଭାରତ ଠାରୁ ତେଲ ନିଏ ୟୁକ୍ରେନ। ଭାରତ ଆମେରିକା ଠାରୁ ବି ତେଲ କିଣେ। ରୁଷ ଠାରୁ ମାତ୍ର ୩୮% ତେଲ କିଣେ ଭାରତ। ଆମେରିକା ଏବେବି ରୁଷଠାରୁ ସାର, ପଲ୍ଲାଡିଅମ, ୟୁରାନିୟମ, କୋଇଲା, ଇସ୍ପାତ, ଲୁହା ଆଦି ଆମଦାନୀ କରେ। ଏଥିରୁ ସ୍ପଷ୍ଟ ଜଣାପଡ଼େ ଯେ ତେଲ ଏକ ବାହାନା ଥିଲା। ଅସଲ ଉଦ୍ଦେଶ୍ୟ ଥିଲା ନୋବେଲ ପାଇଁ ଭାରତର ସମର୍ଥନ।

ମାରିୟା ଲୋକତନ୍ତ୍ରର ସୁରକ୍ଷା ପାଇଁ ଲଢ଼ିଛନ୍ତି। ଗଣତନ୍ତ୍ରର ଅଧିକାର ପାଇଁ ତାଙ୍କ ଲଢ଼େଇ ଜାରି ରହିଛି। ଏକଛତ୍ରବାଦର ଅନ୍ଧାର ଭିତରେ ଗଣତନ୍ତ୍ରର ମଶାଲ ଜାଳି ସମ୍ଭାବନା ଉଜ୍ଜୀବିତ ରଖିଛନ୍ତି। କେବେ ନୋବେଲ ପୁରସ୍କାର ପାଇଁ ଦାବି କରି ନାହାନ୍ତି କି କାହା ଦ୍ୱାରା ପ୍ରଚାର ପ୍ରସାର କରିନାହାନ୍ତି। ନିଜକୁ ଶାନ୍ତିର ଠିକାଦାର କହୁଥିବା ଟ୍ରମ୍ପ ସିରିଆର ଆତଙ୍କବାଦୀ ସହ ହାତ ମିଶାଇଲେ। କ୍ଷମତାକୁ ଆସିବାର ଦୁଇ ଦିନ ମଧ୍ୟରେ ରୁଷ ୟୁକ୍ରେନ ଯୁଦ୍ଧ ବନ୍ଦ କରିଦେବି କହି ଆମେରିକାର କ୍ଷମତା ହାସଲ କରିଥିବା ଟ୍ରମ୍ପ ଇରାନ ଇସ୍ରାଏଲ ଯୁଦ୍ଧକୁ ବଢ଼ାଇଲେ, ଇରାନ ଉପରେ ଆକ୍ରମଣ କଲେ, ୟୁକ୍ରେନର ପରୋକ୍ଷ ପକ୍ଷ ଭୁକ୍ତ ହୋଇ ଯୁଦ୍ଧ କଲେ, ଆତଙ୍କୀ କାରଖାନା ଚଳାଇଥିବା ପାକିସ୍ତାନ ସହ ବନ୍ଧୁତା ବଢ଼ାଇଲେ। ଟାରିଫକୁ ଆତଙ୍କବାଦ ପରି ବ୍ୟବହାର କରି ସାରା ବିଶ୍ୱରେ ଅଶାନ୍ତି ବାତାବରଣ ସୃଷ୍ଟି କଲେ। ତାଙ୍କ ରାଜୁତି କାଳରେ ସୁଦାନ, ଭୂମଧ୍ୟସାଗର, ଆଫ୍ରିକା, ମିଆଁମାର, ହାଇତି, ସିରିଆ, ନେପାଳ, ଇଥିଓପିଆ, ଆଫଗାନିସ୍ତାନ, ପାକିସ୍ତାନ, ବାଂଲାଦେଶ, ଶ୍ରୀଲଙ୍କା, ସାଇପ୍ରସ, ଲିବ୍ୟା, ମରକ୍କୋ, ତୁର୍କୀ, ୟେମେନ, ନାଇଜେରିଆ, ସୋମାଲିୟା ଆଦି ୪୫ ସ୍ଥାନରେ ଯୁଦ୍ଧ ଅବା ଗୃହ ଯୁଦ୍ଧ ଅବ୍ୟାହତ ରହିଲା। ବିଶ୍ୱ ଶାନ୍ତି ସୂଚକାଙ୍କ ରସାତଳଗାମୀ ହେଲା। ହାତୀ ଦାନ୍ତ ପରି କହିଲେ କିଛି କଲେ ଆଉ କିଛି। ଏପରି ଅଶାନ୍ତ ବାତାବରଣରେ ଶାନ୍ତି ପୁରସ୍କାର ଆଶା କରିବା ନିଶ୍ଚୟ ଏକ ଉଦ୍ଭଟ ପରିକଳ୍ପନା। ଶାନ୍ତି ତ ବଜାର ସାମଗ୍ରୀ ନୁହେଁ ଯେ, ତା'କୁ ଯିଏ ହାତ ପକାଇବ ସିଏ ପାଇଯିବ! ଟ୍ରମ୍ପଙ୍କ ପାଇଁ ଖୁସି ଖବର ହେଲା ମାରିୟା ପ୍ରାପ୍ତ ହେବାକୁ ଥିବା ପୁରସ୍କାରକୁ ଟ୍ରମ୍ପଙ୍କ ଉଦ୍ଦେଶ୍ୟରେ ଅର୍ପଣ କରିଛନ୍ତି। ନୋବେଲ ପାଇବା ପାଇଁ ଟ୍ରମ୍ପ ହିଁ ଯୋଗ୍ୟ ବ୍ୟକ୍ତି ବୋଲି କହିଛନ୍ତି। ଏବେ ଏବେ ଇସ୍ରାଏଲର ସର୍ବୋଚ୍ଚ ଶାନ୍ତି ସମ୍ମାନ ଟ୍ରମ୍ପଙ୍କୁ ଦିଆଯାଇଛି।

ଏବେ ୟୁରୋପିଆନ ଦେଶ ସହ ମିଶି ରୁଷକୁ ପାନେ ଦେବା ପାଇଁ ପ୍ରସ୍ତୁତ ହେଉଥିବା ଟ୍ରମ୍ପ କହିଛନ୍ତି। ନୋବେଲ ମିଳିଲାନି ବୋଲି ମାରିଆକୁ ଢାଲ କରି ଆମେରିକା ଭେନେଜୁଏଲା ଉପରେ ଆକ୍ରମଣ କରିପାରେ ବୋଲି ରୁଷ ଭବିଷ୍ୟବାଣୀ କରିଛି। ଯଦି ସେମିତି ହୁଏ ତେବେ ଭେନେଜୁଏଲା ପଛରେ ରୁଷ ଓ ଇରାନ ଠିଆ ହେବେ ବୋଲି ଜଣାପଡ଼ିଛି। ନୋବେଲ ପାଇଁ ଯୁଦ୍ଧ ଆଶଙ୍କା ସୃଷ୍ଟି ହୋଇଛି। ପାକ ଆଫଗାନିସ୍ତାନ୍ ମଧ୍ୟରେ କାତାର ଯୁଦ୍ଧବିରତି କରାଇପାରୁଛି। ଆମେରିକା ଚାହିଁଲେ ରୁଷ-ୟୁକ୍ରେନ ଯୁଦ୍ଧ ସମାପ୍ତ ହେବ। ଟ୍ରମ୍ପ ଚାହିଁଲେ ପାକିସ୍ତାନ ପରମାଣୁ ଅସ୍ତ୍ର ସମର୍ପଣ କରିଦେବ। ତା' ଦେଶରେ ସନ୍ତ୍ରାସ କାରଖାନା ବନ୍ଦ କରିଦେବ। କେବଳ ଭାରତକୁ ସାଥିରେ ରଖ। ସବୁ ସହଜ ହେବ। ଶାନ୍ତି ପାଇଁ ଆହୁରି ଅନେକ କିଛି କରିବାର ବାକି ଅଛି। ଟ୍ରମ୍ପଙ୍କଠାରୁ ବିଶ୍ୱ ବହୁତ କିଛି ଆଶା ରଖିଛି। ମାଗନ୍ତୁ ନାହିଁ। କିଛି କରିକି ପାଆନ୍ତୁ। ଆତ୍ମସନ୍ତୋଷ ମିଳିବ। ନୋବେଲ ଶାନ୍ତି ପୁରସ୍କାର ଆପଣଙ୍କ ଛାତିରେ ଶୋଭା ପାଇବ। ଆଜି ହେଲା ନାହିଁ, କାଲିକି ହେବ। ମାନବସଭ୍ୟତା ଧ୍ୱଂସମୁଖରୁ ବଞ୍ଚିଯିବ। ଆମେ ଜୀବନ ଚାହୁଁ, ଯୁଦ୍ଧ ନୁହେଁ। ଶାନ୍ତି ସମ୍ମାନ ମିଳୁକି ନ ମିଳୁ, ଆମେ ଶାନ୍ତି ଚାହୁଁ। ଟ୍ରମ୍ପଙ୍କ ନେତୃତ୍ୱରେ ତାହା ସମ୍ଭବ ହେବ। ବିଶ୍ୱର ଜୟ ହେବ, ମାନବିକତାର ଜୟ ହେବ, ଶାନ୍ତିର ଜୟ ହେବ। ନୋବେଲ ଶାନ୍ତି ପୁରସ୍କାରର ଜୟ ଜୟକାର ହେବ।

ସେମିଳିଗୁଡ଼ା(କୋରାପୁଟ),ମୋ: ୭୦୦୮୭୯୭୧୪୪

## ଟଟକା ପନିପରିବା: ସମସ୍ୟା ଓ ସମାଧାନ

**ଡ.ଲକ୍ଷ୍ମୀ ନାରାୟଣ କର**



ଆମ ରାଜ୍ୟ ରାଜଧାନୀ ଭୁବନେଶ୍ୱର ସହରର ବାସିନ୍ଦାମାନଙ୍କୁ ସୁଲଭ ମୂଲ୍ୟରେ ଟଟକା ପନିପରିବା ଯୋଗାଇ ଦେବାକୁ ରାଜ୍ୟ ସରକାର ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ମାଧ୍ୟମରେ ସହରରେ ୧୨ ଗୋଟି 'ଉଦ୍ୟାନଫ୍ରେସ' ଆଉଟ୍‌ଲେଟ ସମ୍ପୂର୍ଣ୍ଣ ଆଧୁନିକ ଭାବରେ ଶୀତତାପ ନିୟନ୍ତ୍ରିତ କରି ଖୋଲିଥିଲେ। ଲୋକମାନେ ଖୁବ୍ ଖୁସିର ସହିତ ସେହି ଆଉଟ୍‌ଲେଟଗୁଡ଼ିକୁ ଯାଇ ସବୁଜ ଟଟକା ପନିପରିବା କିଣି ଆଣୁଥିଲେ। କିନ୍ତୁ ଦୁଃଖର ବିଷୟ ଏହି ଯେ ଉଦ୍ୟାନଫ୍ରେସ ଆଉଟ୍‌ଲେଟଗୁଡ଼ିକ ସମ୍ପୂର୍ଣ୍ଣ ରୂପେ ବନ୍ଦ୍ ହୋଇଯାଇଛି। ତାହାର ପ୍ରକୃତ କାରଣ କେହି କହି ପାରୁନାହାନ୍ତି। ଏହାଫଳରେ ଲୋକମାନେ ଟଟକା ଓ ସୁଲଭ ମୂଲ୍ୟରେ ପନିପରିବା ପାଇବାରୁ ବଞ୍ଚିତ କେବଳ ହୋଇ ନାହାନ୍ତି ଯେ ଏଥିରେ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟର ଅପାରଗତା ଓ ଅବହେଳା ପଦାରେ ପଡ଼ିଯାଇଛି।

ମୁଁ ଯେତେବେଳେ କୃଷି ମହାବିଦ୍ୟାଳୟର କୃଷି ସମ୍ପ୍ରସାରଣ ବିଭାଗରେ କାର୍ଯ୍ୟରତ ଥିଲି, ତତ୍କାଳୀନ ନିର୍ଦ୍ଦେଶକଙ୍କୁ ଭୁବନେଶ୍ୱର ଆଖପାଖ ବ୍ଲକ ଅନ୍ତର୍ଗତ ଗାଁମାନଙ୍କରେ କଦଳୀ, ଅମୃତଭଣ୍ଡା, ସଜନା, ପିଜୁଳି, ଜାମୁ ଲଗାଇବା ପାଇଁ ପରାମର୍ଶ ଦେଇଥିଲି। କିନ୍ତୁ ସେ ଏହାକୁ ଗ୍ରହଣ କରି ନ ଥିଲେ ବା ଏହାଉପରେ କୌଣସି ଆଲୋଚନା କଲେ ନାହିଁ। ବର୍ତ୍ତମାନ ସମୟରେ ଭୁବନେଶ୍ୱରରେ ପ୍ରାୟ ବର୍ଷସାରା ପନିପରିବା ଦର ଆକାଶଛୁଆଁ ହେଉଛି, ଯାହା କି ସାଧାରଣ ଲୋକଙ୍କ ପାଇଁ କିଣିବା ଅତ୍ୟନ୍ତ କଷ୍ଟକର ହୋଇଯାଉଛି। ଭୁବନେଶ୍ୱର ବ୍ଲକରେ ଥିବା ଗାଁଗୁଡ଼ିକରେ ଧାନ ବ୍ୟତୀତ ଅନ୍ୟାନ୍ୟ ପନିପରିବା ଯଥା କୋବି, ବାଇଗଣ, ଟମାଟୋ, ଝୁଡୁଙ୍ଗ, କଲରା, ସଜନା, କଦଳୀ, ଅମୃତଭଣ୍ଡା, ଚାଷ ପାଇଁ ମାଟି ଯଥେଷ୍ଟ ପରିମାଣରେ ସୁହାଉଛି। ଯଦି ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟ ପକ୍ଷରୁ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରୁ କିଛି ଗାଁକୁ ପୋଷ୍ୟ ଭାବେ ଗ୍ରହଣ କରି ସେହି ସବୁ ଗାଁରେ ଆନ୍ତରିକତାର ସହ ଲୋକମାନଙ୍କ ସହିତ ବିଭିନ୍ନ ପ୍ରକାରର ଆଲୋଚନା କରି ସେମାନଙ୍କୁ ପରାମର୍ଶ ଦେଇ ପନିପରିବା ଚାଷ ପାଇଁ ଉତ୍ସାହିତ କରାଯାଇପାରନ୍ତା ଉଭୟ ଚାଷୀ ଓ ଖାଉଟି ଉପକୃତ ହୋଇପାରନ୍ତେ।

ଏହି ଯୋଜନାରେ ଚାଷୀମାନଙ୍କୁ ଉତ୍ସାହିତ କରିବା ସହିତ ସେମାନଙ୍କୁ ଉନ୍ନତ ମାନର ତାଲିମ ପ୍ରଦାନ, ଅଧିକ ଉତ୍ପାଦନକ୍ଷମ ବିହନ, ସାର, ଔଷଧ, ଚାରା ସୁଲଭ ମୂଲ୍ୟରେ ଯୋଗାଇ ଦେବାର ବ୍ୟବସ୍ଥା କରିବା ଉଚିତ୍। ପୁନଶ୍ଚ ପନିପରିବା ଚାଷ ପାଇଁ ଆବଶ୍ୟକ ପରିମାଣର ଜଳସେଚନର ବ୍ୟବସ୍ଥା, ବଳକା ପନିପରିବା ପାଇଁ ଉତ୍ତମ ମାନର ଶୀତଳଭଣ୍ଡାର, ସୁଲଭ ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ ଇତ୍ୟାଦିର ବ୍ୟବସ୍ଥା ମଧ୍ୟ ସରକାରୀ ସ୍ତରରେ ହେବା ଉଚିତ୍। ଉଦ୍ୟାନ ବିଭାଗର ନିର୍ଦ୍ଦେଶକ ଓ ବିଭାଗର ଉଚ୍ଚ ପଦାଧିକାରୀ, କୃଷି ବିଜ୍ଞାନୀ ସମୟ ସମୟରେ ସେହି ପୋଷ୍ୟ ଗ୍ରାମମାନଙ୍କୁ ଯାଇ ଲୋକମାନଙ୍କ ସହିତ ବିଭିନ୍ନ ଧରଣର ଚାଷର ଉନ୍ନତି ପାଇଁ ଆଲୋଚନା କରିବା ଆବଶ୍ୟକ। ଯଦି ଦରକାର ହୁଏ ତେବେ ଅତି ସହଜରେ କିପରି ବ୍ୟାଙ୍କ ଋଣ ବ୍ୟବସ୍ଥା ପାଇପାରିବେ ସେ ଦିଗରେ ଯତ୍ନବାନ ହେବା ଉଚିତ। ଉପଯୁକ୍ତ ଯତ୍ନ ଓ ଚାଷୀମାନଙ୍କ ସହିତ ଠିକ୍ ସମୟରେ ଠିକ୍ ଚାଷ ଉପରେ ଆଲୋଚନା କରି କିପରି ଚାଷୀ ଓ ଖାଉଟି ଉପକୃତ ହୋଇପାରିବେ ତାହା ନିହାତି ଦେଖିବା ଦରକାର।

ଆମ ମତରେ ଯଦି ଏହିପରି ବିଭିନ୍ନ ଉତ୍ସାହଜନକ କାର୍ଯ୍ୟକ୍ରମ କରାଯାଇ ଚାଷୀମାନଙ୍କୁ ଉତ୍ସାହିତ କରାଯାଇପାରିବ ତେବେ ଆମ ଭୁବନେଶ୍ୱର ସହରର ଆଖପାଖ ଅଞ୍ଚଳରେ ଥିବା ଗାଁଗୁଡ଼ିକରୁ ପ୍ରଚୁର ପରିମାଣରେ ଆଳୁ, ଦେଶୀ ଆଳୁ, ଟମାଟୋ, ମୂଳା, ବିନ୍, କୋବି, ବାଇଗଣ, ଲଙ୍କା, ପିଆଜ, ସାରୁ, କଖାରୁ, ଲାଉ ଇତ୍ୟାଦି ଅମଳ ହୋଇପାରିବ, ଯାହାକୁ ଚାଷୀମାନେ ଭୁବନେଶ୍ୱରର ଚାହିଦା ମେଣ୍ଟାଇ ଅନ୍ୟ ଜିଲ୍ଲା ଓ ରାଜ୍ୟ ବାହାରକୁ ମଧ୍ୟ ରପ୍ତାନି କରିପାରିବେ। ଏହାଦ୍ୱାରା ସେମାନଙ୍କ ରୋଜଗାର ପନ୍ଥା ଉନ୍ନତ ହେବ। ରାଜ୍ୟ ସରକାରଙ୍କ ଉଦ୍ୟାନ ବିଭାଗ ନିର୍ଦ୍ଦେଶାଳୟକୁ ଅନୁରୋଧ ଯେ ସେମାନେ ଏହିପରି ପୋଷ୍ୟ ଗ୍ରାମ ଯୋଜନା କରନ୍ତୁ। ଏହାଫଳରେ ଯେଉଁ ଉଦ୍ୟାନ ଫ୍ରେସ ଆଉଟ୍‌ଲେଟଗୁଡ଼ିକ ଯଥେଷ୍ଟ ପରିମାଣରେ ପନିପରିବା ଅଭାବରୁ ବନ୍ଦ ହୋଇ ଯାଇଛି ପୁଣି ସେଗୁଡ଼ିକ ଖୋଲା ଯାଇପାରନ୍ତା।

(ପୂର୍ବତନ ନିର୍ଦ୍ଦେଶକ, ଓଡ଼ିଶା କୃଷି ବିଶ୍ୱବିଦ୍ୟାଳୟ)
ଭୁବନେଶ୍ୱର, ମୋ: ୯୪୩୭୦୧୮୫୬୦୭

## ଗଙ୍ଗାମାତା ମଠ

**ଲୋକକଥାରେ ଲୋକଦେବତା**

**ସ୍ୱପ୍ନେଶ୍ୱର**

ଏକଦା ଭୁବନେଶ୍ୱର ନିକଟ ପଟିଆରେ ରାଜତ୍ୱ କରୁଥିବା ରାଜବଂଶର ଜନୈକ ରାଣୀ ଅନେକ ଓଷାବ୍ରତ କରି କନ୍ୟା ସନ୍ତାନଟିଏ ଲାଭ କଲେ। ଭବିଷ୍ୟତରେ ଦେବରାଜ ଇନ୍ଦ୍ରଙ୍କ ପତ୍ନୀ ସଚୀଙ୍କ ପରି ବିଳାସବ୍ୟସନରେ ଝିଅ ଜୀବନ ବିତେଇବ ବୋଲି ରାଜାରାଣୀ ବିଶ୍ୱାସ କରିବା ସ୍ୱାଭାବିକ ଥିଲା। ତେଣୁ ସେମାନେ ଝିଅର ନାଆଁ ଦେଇଥିଲେ ସଚୀ। କିନ୍ତୁ ସଚୀଙ୍କୁ ରାଜ ପରିବାରର ବିଳାସବ୍ୟସନ ଭଲ ଲାଗୁ ନ ଥିଲା। ବଡ଼ ହୋଇ ସେ ଜଗନ୍ନାଥ ମହାପ୍ରଭୁଙ୍କ କଥା ଶୁଣିବା ଦିନଠାରୁ ତାଙ୍କର ଅଧିକାଂଶ ସମୟ ମହାପ୍ରଭୁଙ୍କ ଆରାଧନାରେ କଟି ଯାଉଥିଲା। ଯୌବନାବସ୍ଥା ପ୍ରାପ୍ତ ହେବା ପରେ ସେ ଶ୍ରୀକ୍ଷେତ୍ରବାସୀ ହୋଇ ସନ୍ନ୍ୟାସିନୀ ଭାବେ ମହାପ୍ରଭୁଙ୍କ ଆରାଧନାରେ ଜୀବନ ବିତେଇବା ପାଇଁ ପୁରୀ ଚାଲିଗଲେ। ରାଜା ବାଲିସାହି ସ୍ଥିତ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଆଶ୍ରମରେ ସଚୀଙ୍କ ରହିବା ବନ୍ଦୋବସ୍ତ କରିଦେଲେ। ମହାନ ସନ୍ଥ ହରି ଦାସ ଠାକୁର ସଚୀଙ୍କର ଗୁରୁ ଥିଲେ।

ଥରେ ଗଙ୍ଗାନଦୀରେ ପବିତ୍ର ସ୍ନାନ ଯୋଗ ପଡ଼ିଲା। ସଚୀଦେବୀ ମଧ୍ୟ ଗଙ୍ଗାରେ ବୁଡ଼ ପକେଇବା ପାଇଁ ଇଚ୍ଛା କଲେ। କିନ୍ତୁ ପ୍ରତିଦିନ ସ୍ନାନ ପରେ ମହାପ୍ରଭୁଙ୍କୁ ଦର୍ଶନ ନ କଲେ ସେ ପାନାହାର ଗ୍ରହଣ କରୁ ନ ଥିଲେ। ଏଣୁ ଦ୍ୱନ୍ଦ୍ୱ ସମାଧାନ ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ। ଭକ୍ତବତ୍ସଳ ମହାପ୍ରଭୁ ଭକ୍ତବାଞ୍ଛା କଳ୍ପତରୁ। ସେ ସଚୀଦେବୀଙ୍କୁ ସ୍ୱପ୍ନରେ ଦର୍ଶନ ଦେଇ କହିଲେ- 'ମୋର ବାମନାବତାରରେ ଦେବୀ ଗଙ୍ଗା ମୋର ନଖ କୋଣରୁ ପ୍ରକଟ ହୋଇଥିଲେ। ସେ ପୁଣି ଥରେ ମୋ ନଖ କୋଣରୁ ପ୍ରକଟ ହୋଇ ତୁ ରହୁଥିବା ଆଶ୍ରମ ସାମନାରେ ଅବସ୍ଥିତ ପୁଷ୍କରିଣୀରେ ମିଳିତ ହେବେ। ତୁ ସ୍ନାନଯୋଗ ଦିନ ସେ ପୁଷ୍କରିଣୀରେ ସ୍ନାନ କଲେ ସାକ୍ଷାତ୍ ଗଙ୍ଗାସ୍ନାନର ପୁଣ୍ୟ ଲାଭ କରିବୁ।'

ପରଦିନ ଗଙ୍ଗା ସ୍ନାନଯୋଗ ଥିଲା। ରାତି ପାହିବା ପରେ ସରୋବରର ନେଳିଆ ପାଣି ଆଶ୍ଚର୍ଯ୍ୟଜନକ ଭାବେ ଶ୍ୱେତରଙ୍ଗ ଧାରଣ କରିଥିଲା। ସଚୀଦେବୀ ସରୋବର ପାଣିରେ ସ୍ନାନ ପାଇଁ ପ୍ରବେଶ କରିବା ପରେ ଅନୁଭବ କଲେ ଯେ ଏକ ପ୍ରଖରସ୍ରୋତ ତାଙ୍କୁ ପୋଖରୀର ଅଭ୍ୟନ୍ତରକୁ ଟାଣି ନେଉଛି। ସେ ଜ୍ଞାନଶୂନ୍ୟ ହୋଇଗଲେ। ସଂଜ୍ଞା ଫେରିବା ବେଳକୁ ସେ ନିଜକୁ ମହାପ୍ରଭୁଙ୍କ ଗର୍ଭଗୃହରେ ଆବିଷ୍କାର କଲେ। ସେ ଦେଖିଲେ ଯେ ଗର୍ଭଗୃହରେ ପବିତ୍ର ଗଙ୍ଗାଜଳର ପ୍ଲାବନ ହୋଇଥିଲା ଏବଂ ଅନେକ ଭକ୍ତ ସେଠାରେ ବୁଡ଼ ପକାଉ ଥିଲେ। ତା' ପରେ ସବୁ କିଛି ଅଦୃଶ୍ୟ ହୋଇଗଲା। ସଚୀଦେବୀ ଏକା ଗର୍ଭଗୃହରେ ଠିଆ ହୋଇଥିଲେ।

କବାଟ ଫିଟା ନୀତିରେ ସେବକମାନେ ଗର୍ଭଗୃହ ଖୋଲିବା ପରେ ସଚୀଦେବୀଙ୍କୁ ଏକା ସେଠାରେ ଥିବା ଦେଖି ଭାବିଲେ ଯେ ପୂର୍ବଦିନ ଗର୍ଭଗୃହ ବନ୍ଦ ହେବା ପୂର୍ବରୁ ସେ ସେଠାରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ଗହଣା ଚୋରି କରିବା ପାଇଁ ଲୁଚି ରହିଥିଲେ। ସେବକମାନେ ସଚୀଦେବୀଙ୍କୁ ବହୁତ ଅପମାନିତ କଲେ। ସଚୀଦେବୀ ଆଶ୍ରମକୁ ଯାଇ କାନ୍ଦିକାନ୍ଦି ସବୁ କଥା ମହାପ୍ରଭୁଙ୍କୁ ଜଣେଇଲେ। ଭକ୍ତର ଗୁହାରୀରେ ମହାପ୍ରଭୁଙ୍କ ରତ୍ନବେଦୀ ଦୋହଲି ଗଲା। ସେ ଗଜପତିଙ୍କୁ ସ୍ୱପ୍ନରେ ଆଦେଶ ଦେଇ କହିଲେ - 'ରାଉତ! ସେବକମାନେ ଯାହାକୁ ଗର୍ଭଗୃହରେ ଏକାକୀ ଆବିଷ୍କାର କରିଥିଲେ, ସେ ମୋର ପରମ ଭକ୍ତ ସଚୀଦେବୀ। ତା'ର ଗଙ୍ଗାସ୍ନାନ ଇଚ୍ଛା ପୂରଣ କରିବା ପାଇଁ ମୁଁ ଲୀଳା ରଚିଥିଲି। ଯେଉଁମାନେ ଚୋରଣୀ କହି ତା'କୁ ଅପମାନିତ କରିଛନ୍ତି, ସେମାନେ ମୋ ପାଖରେ ଦ୍ରୋହ କରିଛନ୍ତି। ସେମାନେ ତା' ପାଖରେ କ୍ଷମା ପ୍ରାର୍ଥନା ନ କଲେ ମୋର କ୍ଷମାର ପାତ୍ର ହୋଇରହିବେ ନାହିଁ।'

ଗଜପତି ମହାପ୍ରଭୁଙ୍କ ଉଦ୍ଦେଶ୍ୟରେ କୋଟିକୋଟି ପ୍ରଣାମ କରି ସକାଳ ହେବା ପରେ ସେବକମାନଙ୍କ ସହ ସଚୀଦେବୀଙ୍କ ଆଶ୍ରମରେ ପହଞ୍ଚିଲେ। ସମସ୍ତେ ସଚୀଦେବୀଙ୍କୁ କ୍ଷମା ପ୍ରାର୍ଥନା କଲେ ଏବଂ ରାଜା ସଚୀଦେବୀଙ୍କୁ ନିଜର ଗୁରୁ ପଦରେ ବରଣ କଲେ। ସଚୀଦେବୀଙ୍କର ମହାପ୍ରଭୁଙ୍କ ପ୍ରତି ଅଚଳା ଭକ୍ତି ଯୋଗୁଁ ଗଙ୍ଗା ଶ୍ରୀକ୍ଷେତ୍ରରେ ପ୍ରକଟ ହୋଇଥିବାରୁ ତାଙ୍କୁ ଶ୍ରୀକ୍ଷେତ୍ରବାସୀ ଶ୍ରଦ୍ଧାରେ ଗଙ୍ଗାମାତା ରୂପେ ସମ୍ବୋଧନ କରିବାକୁ ଲାଗିଲେ। ରାଜାଙ୍କ ପୃଷ୍ଠପୋଷକତାରେ ସେ ରହୁଥିବା ଆଶ୍ରମ ଏକ ମଠରେ ପରିଣତ ହେଲା ଏବଂ ମଠର ନାମ ଗଙ୍ଗାମାତା ମଠ ରଖାଗଲା। ଗଙ୍ଗାମାତା ସ୍ନାନ କରିଥିବା ପୋଖରୀରେ ପରମପାବନୀ ଗଙ୍ଗା ଆବିର୍ଭୂତା ହୋଇଥିବାରୁ ଏବଂ ଆବିର୍ଭାବ ପରେ ପୋଖରୀର ପାଣି ଶ୍ୱେତରଙ୍ଗ ଧାରଣ କରିଥିବାରୁ, ସେ ସରୋବରକୁ ଶ୍ୱେତଗଙ୍ଗା କୁହାଗଲା। ଏହା ଶ୍ରୀକ୍ଷେତ୍ରର ପଞ୍ଚତୀର୍ଥ ଭିତରୁ ଗୋଟିଏର ମାନ୍ୟତା ଲାଭ କଲା।

ମୋ: ୯୯୦୦୦୮୩୪୩୩

ସକାଳ
THE SAKALA

ଯୋଗାଯୋଗ ଠିକଣା

NEWS & INFO
news@thesakala.com

CIRCULATION
circulation@thesakala.com

ADVERTISEMENT
advt@thesakala.com

THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ପଛକୁ ପଛ...

ସୃଷ୍ଟି ହେଉଥିବା ତୃତୀୟ ଲଘୁଚାପ କ୍ଷେତ୍ର ତାମିଲନାଡୁ ଆଡ଼କୁ ଗତି କରିପାରେ। ତେବେ ଦ୍ୱିତୀୟ ଲଘୁଚାପର ପ୍ରଭାବ ଓଡ଼ିଶା ଉପରେ ପଡ଼ିବାର ସମ୍ଭାବନା ଥିବା ସେ ପୂର୍ବାନୁମାନ କରିଛନ୍ତି। ଯଦିଓ ବର୍ତ୍ତମାନ ବାତ୍ୟା ପାଇଁ ପାଗ ଅନୁକୂଳ ଅଛି; କିନ୍ତୁ ଏକାଧିକ ଲଘୁଚାପ ସୃଷ୍ଟି ହେବା କାରଣରୁ ଏଗୁଡ଼ିକ ଘନୀଭୂତ ହୋଇପାର ନାହିଁ ବୋଲି ସେ କହିଛନ୍ତି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ, ଗଜପତି, ରାୟଗଡ଼ା, କୋରାପୁଟ ଓ ମାଲକାନଗିରି ଆଦି ଜିଲ୍ଲାରେ ବର୍ଷା ଆଶଙ୍କା ରହିଛି।

ଲଘୁଚାପ ସ୍ଥିତିକୁ ଦେଖି ରାଜ୍ୟ ସରକାର ସତର୍କ ଥିବା ରାଜସ୍ୱମନ୍ତ୍ରୀ ସୁରେଶ ପୂଜାରୀ କହିଛନ୍ତି। ସେ କହିଛନ୍ତି ଯେ ଲଘୁଚାପଜନିତ ବର୍ଷା ନେଇ ଆଲର୍ଟରେ ପ୍ରଶାସନ ରହିଛି। ସବୁ ସ୍ଥିତିର ମୁକାବିଲା କରାଯାଇ ପାରିବ। ଭାରତୀୟ ପାଣିପାଗ ସଂସ୍ଥା ଏଯାଏଁ କେବଳ ବର୍ଷା ଆକଳନ କରିଛି। ଦକ୍ଷିଣ ଓଡ଼ିଶାରେ ଅଧିକ ବର୍ଷା ହେବା ସମ୍ଭାବନା ରହିଛି। ତେଣୁ ସରକାର ସତର୍କ ଥିବା ସେ କହିଛନ୍ତି।

## ଦୀପାବଳି ବେପାର...

ଇଲେକ୍ଟ୍ରୋନିକ୍ସ ଏବଂ ବୈଦ୍ୟୁତିକ (୮%), ପୋଷାକ ସାମଗ୍ରୀ (୭%), ଉପହାର (୭%) ଏବଂ ଗୃହ ସାଜସଜ୍ଜାରର ଯୋଗଦାନ ୫% ରହିଥିଲା। ଚଳିତଥର ଦୀପାବଳିରେ ୮୭% ଲୋକ ଚୀନ୍ ସାମଗ୍ରୀକୁ ପ୍ରତ୍ୟାଖ୍ୟାନ କରିଥିବା ଏହି ସର୍ଭେରୁ ଜଣାପଡ଼ିଛି।

କ୍ୟାଟ୍ ସ।।ଭେର୍ଭେ ରିପୋର୍ଟ ଅନୁଯାୟୀ ବମ୍ପର ବିକ୍ରିରେ ଦେଶର ଛୋଟ ଛୋଟ ବ୍ୟବସାୟୀଙ୍କ ଯୋଗଦାନ ୮୫% ରହିଛି। ୫୦ ଲକ୍ଷ ଲୋକଙ୍କୁ ଅସ୍ଥାୟୀ ନିଯୁକ୍ତି ମଧ୍ୟ ମିଳିଛି। ଏହି ସ।।ର୍ଭେ।।ରେ ୬୦ଟି ପ୍ରମୁଖ ସହରକୁ ଅନ୍ତର୍ଭୁକ୍ତ କରାଯାଇଥିଲା, ଯେଉଁଥିରେ ସମସ୍ତ ରାଜ୍ୟ ରାଜଧାନୀ ସହିତ ଟାୟର-୨ ଏବଂ ଟାୟର-୩ ସହର ମଧ୍ୟ ଅନ୍ତର୍ଭୁକ୍ତ। ଭାରତର ପାରମ୍ପରିକ ଖୁଚୁରା ବଜାର କେତେ ଦୃଢ଼ ଭାବରେ ପୁନରାଗମନ କରୁଛି ତାହାର ଏକ ଚିତ୍ର ବୟାନ କରୁଛି ବୋଲି ସର୍ଭେ ରିପୋର୍ଟରେ କୁହାଯାଇଛି।

କ୍ୟାଟ୍‌ର ଜାତୀୟ ସାଧାରଣ ସମ୍ପାଦକ ପ୍ରବୀଣ ଖଣ୍ଡେଲୱାଲଙ୍କ ଅନୁଯାୟୀ, ଲୋକାଲ୍ ଫର ଭୋକାଲ୍ ଏବଂ ସ୍ୱଦେଶୀ ଦୀପାବଳି ପାଇଁ ଦିଆଯାଇଥିବା ଆହ୍ୱାନ ବ୍ୟବସାୟୀ ଏବଂ ଗ୍ରାହକ ଉଭୟଙ୍କୁ ଅନୁପ୍ରାଣିତ କରିଥିଲା। ସର୍ଭେ ସାମିଲ ୮୭% ଗ୍ରାହକ ବିଦେଶୀ, ବିଶେଷକରି ଚୀନ୍ ଉତ୍ପାଦ ଅପେକ୍ଷା ଭାରତୀୟ ସାମଗ୍ରୀ କିଣିବାକୁ ପସନ୍ଦ କରିଥିଲେ। ଏହାର ସିଧାସଳଖ ପ୍ରଭାବରେ ଚୀନ୍ ଉତ୍ପାଦର ଚାହିଦାରେ ତୀବ୍ର ହ୍ରାସ ଘଟିଥିଲା। ବ୍ୟବସାୟୀମାନେ ନିଜେ ଗତ ବର୍ଷ ତୁଳନାରେ ଭାରତୀୟ ନିର୍ମିତ ସାମଗ୍ରୀର ବିକ୍ରିରେ ୨୫% ବୃଦ୍ଧି ହୋଇଥିବା ରିପୋର୍ଟ କରିଥିଲେ।

ଏହି ଦୀପାବଳି କାରବାରର ସବୁଠାରୁ ଆକର୍ଷଣୀୟ ଏବଂ ଗୁରୁତ୍ୱପୂର୍ଣ୍ଣ ଦିଗ ହେଉଛି ଯେ ଅଣ-କର୍ପୋରେଟ୍ ବ୍ୟବସାୟଗୁଡ଼ିକରେ ଆମର ପାରମ୍ପରିକ ବଜାର ଏବଂ କ୍ଷୁଦ୍ର ବ୍ୟବସାୟୀମାନେ ଏହି ବିଶାଳ ୬.୦୫ ଲକ୍ଷ କୋଟି (ପ୍ରାୟ ୮୫%) କାରବାରର ସୂତ୍ରଧର ଥିଲେ। ଏହା ପ୍ରମାଣିତ କରେ ଯେ ବଡ଼ ଇ-କମର୍ସ ପ୍ଲାଟଫର୍ମ ଏବଂ ମଲ୍‌ର ଉପସ୍ଥିତି ସତ୍ତ୍ୱେ, ସାଧାରଣ ବ୍ୟବସାୟୀ ଭାରତର ଅର୍ଥନୀତିର ମେରୁଦଣ୍ଡ ହୋଇ ରହିଛନ୍ତି। ଗତ ବର୍ଷ ଦୀପାବଳିରେ ମୋଟ ୪.୨୫ ଲକ୍ଷ କୋଟି ଟଙ୍କାର କାରବାର ହୋଇଥିଲ, ଚଳିତ ବର୍ଷ ତୁଏଥିରେ ୨୫% ବୃଦ୍ଧି ଘଟିଛି।

ମିଠା, ଖାଦ୍ୟ, ପୂଜା ସାମଗ୍ରୀ ଠାରୁ ଆରମ୍ଭ କରି ଫର୍ଣ୍ଣିଚର ଏବଂ ଜୋତା ପର୍ଯ୍ୟନ୍ତ, ସବୁଠି ଚାହିଦା ଦେଖିବାକୁ ମିଳିଥିଲା। ଏହାବ୍ୟତୀତ, ସେବା କ୍ଷେତ୍ର ମଧ୍ୟ ଚଳିତ ବର୍ଷ ଅସାଧାରଣ ପ୍ରଦର୍ଶନ କରିଛି। ପ୍ରଥମ ଥର ପାଇଁ ସେବା କ୍ଷେତ୍ର ୬୫ ହଜାର କୋଟି ଟଙ୍କାର କାରବାର ରେକର୍ଡ କରିଛି। ଦୀପାବଳି ସମୟରେ, ପ୍ୟାକେଜିଂ, ଆତିଥେୟତା (ହୋଟେଲ ଏବଂ ରେସ୍ତୋରାଁ), ଟ୍ୟାକ୍ସି ସେବା, ଯାତ୍ରା, ଇଭେଣ୍ଟ ପରିଚାଳନା ଏବଂ ସାଜସଜ୍ଜା ଭଳି ବ୍ୟବସାୟରେ ଅଭୂତପୂର୍ବ ଅଭିବୃଦ୍ଧି ଘଟିଛି। ଏହା ଦର୍ଶାଉଛି ଯେ ଉତ୍ସବ ଅର୍ଥନୀତି ଆଉ ସାମଗ୍ରୀ କ୍ରୟ ପର୍ଯ୍ୟନ୍ତ ସୀମିତ ନାହିଁ; ସେବାର ବ୍ୟବହାର ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଉଛି। ଏହି ରେକର୍ଡ ବିକ୍ରି ପଛରେ ଏକ ପ୍ରମୁଖ କାରଣ ହେଉଛି ଜିଏସ୍‌ଟି ହାରକୁ ସମାନ୍ତରରାଳ କରିବା। ସର୍ଭେରେ ସାମିଲ ହୋଇଥିବା ୭୨% ବ୍ୟବସାୟୀ ସହମତ ହୋଇଛନ୍ତି ଯେ ଜିଏସ୍‌ଟି ହାରରେ ହ୍ରାସ ସେମାନଙ୍କୁ ଗ୍ରାହକମାନଙ୍କୁ ଉତ୍ତମ ମୂଲ୍ୟ ପ୍ରଦାନ କରିବାରେ ସକ୍ଷମ କରିଛି, ଯାହା ଫଳରେ ବିକ୍ରି ବୃଦ୍ଧି ପାଇଛି।

## ଦିଲ୍ଲୀକୁ ଟପିଲା...

ଦୀପାବଳି ଦିନ ଭୋର ସମୟରେ ମାତ୍ର ରାଜଧାନୀର ବାୟୁସ୍ତର ବେଶ୍ ସ୍ୱଚ୍ଛ ଥିଲା ଓ ଏକ୍ୟୁଆଇ ୮୪ ରହିଥିଲା। ଦିନ ୧୨ ଟା ସୁଦ୍ଧା ପଟିଆ ଅଞ୍ଚଳରେ ଏକ୍ୟୁଆଇ୧୦୫ ରହିଥିବା ବେଳେ ଲିଙ୍ଗରାଜ ମନ୍ଦିର ଏରିଆରେ ଏକ୍ୟୁଆଇ ୧୩୮ ରହିଥିଲା। ହେଲେ ସନ୍ଧ୍ୟାରେ ବାଣ ଫୁଟା ଆରମ୍ଭ ସହ ସହରର ପ୍ରଦୂଷଣ ବଢ଼ିବାକୁ ଲାଗିଥିଲା। ଏମିତି କି କିଛି କିଛି ସ୍ଥାନରେ ସନ୍ଧ୍ୟା ୭ଟା ସୁଦ୍ଧା ଏକ୍ୟୁଆଇ ୬୦୦ରେ ପହଁଚିଯାଇଥିଲା। ଏହି ପ୍ରଦୂଷଣର ମାତ୍ରା ରାତି ସାଢ଼େ ୧୧ଟା ବେଳକୁ ୬୫୭ରେ ପହଁଚିଥିଲା। ଯାହାଦ୍ୱାରା ବାୟୁମଣ୍ଡଳ ବହୁ ମାତ୍ରାରେ ପ୍ରଦୂଷିତ ହୋଇପଡ଼ିଥିଲା। ଫଳରେ ନିଶ୍ୱାସ ପ୍ରଶ୍ୱାସ ନେବା ସହ ହୃଦ୍‌ରୋଗୀଙ୍କ ପାଇଁ ଏହା ଚିନ୍ତାଜନକ ପରିସ୍ଥିତି ସୃଷ୍ଟି କରିଥିଲା। ସାରା ରାଜଧାନୀର ସ୍ଥିତି ସାଂଘାତିକସ୍ତରରେ ପହଞ୍ଚିଥିଲା। ସେହିପରି ସହରର ବିଭିନ୍ନ ସ୍ଥାନରେ ୧୨୫ ଡେସିବେଲରୁ ଅଧିକ ପ୍ରଦୂଷଣ ଯୁକ୍ତ ବାଣ ଫୁଟାଯିବା ଦ୍ୱାରା ସ୍ଥିତି ଭୟଙ୍କର ହୋଇଥିଲା। କେବଳ ରାଜଧାନୀ ନୁହେଁ, କଟକ, ରାଉରକେଲା, ବ୍ରହ୍ମପୁର, ସମ୍ବଲପୁର, ପୁରୀ, ଅନୁଗୋଳ ଆଦି ସ୍ଥାନରେ ମଧ୍ୟ ଦୀପାବଳି ଯୋଗୁଁ ବାୟୁ ଅଧିକ ପ୍ରଦୂଷିତ ହୋଇଥିବା ରିପୋର୍ଟ ଆସିଛି।

ବାଣ ଫୁଟାଇବା ଦ୍ୱାରା କ୍ଷତିକାରକ ରାସାୟନିକ ପଦାର୍ଥ, କଣିକା ପଦାର୍ଥ, ସଲଫର ଡାଇଅକ୍ସାଇଡ୍, ନାଇଟ୍ରୋଜେନ୍ ଅକ୍ସାଇଡ୍ ପରି ଗ୍ୟାସୀୟ ପ୍ରଦୂଷକ ନିର୍ଗତ ହୁଏ। ଏଥିସହିତ ଭାରୀ ଧାତୁ ଏବଂ ବିଭିନ୍ନ ରଙ୍ଗ ପାଇଁ ବ୍ୟବହୃତ ବେରିୟମ୍, ଷ୍ଟ୍ରୋନସିୟମ୍, ତମ୍ବା, ଆଲୁମିନିୟମ୍, ସୋଡିୟମ୍ ପରି ଧାତବ ପଦାର୍ଥ ଏଥିରେ ରହିଛି। ଯାହାଦ୍ୱାରା ଏହା ସ୍ୱାସ୍ଥ୍ୟ ପ୍ରତି କ୍ଷତିକାରକ ସାବ୍ୟସ୍ତ ହୋଇଥାଏ। ଫଳରେ ଏହାଦ୍ୱାରା ଉଚ୍ଚ ରକ୍ତଚାପ, ଶ୍ୱାସକ୍ରିୟା ଜନିତ ରୋଗ, ମୁଣ୍ଡ ବିନ୍ଧା, ହୃଦଘାତ ଆଦି ରୋଗ ହୋଇଥାଏ। ତତ୍ ସହିତ ଏହି ପ୍ରଦୂଷଣ ବାୟୁକୁ ଯଦି ବୟସ୍କ ବ୍ୟକ୍ତି, ଗର୍ଭବତୀ ମହିଳା, ଛୋଟ ଛୁଆ, ହୃଦ୍‌ଘାତ ରୋଗୀ, ରୋଗାଗ୍ରାନ୍ତ ବ୍ୟକ୍ତି, ଏପରିକି ପଶୁପକ୍ଷୀ ବି ଏହି ବାୟୁରେ ଅଧିକ ପ୍ରଭାବିତ ହୋଇଥାନ୍ତି। ଏ ସମ୍ପର୍କରେ ପରିବେଶବିତ୍ ଜୟକୃଷ୍ଣ ପାଣିଗ୍ରାହୀ କହିଛନ୍ତି ଯେ ପରିବେଶର ଗୁଣାବକ ମାନ ବଜାୟ ରଖିବା ଦ୍ୱାରା ମଣିଷ, ଅନ୍ୟ ଜୀବଜନ୍ତୁ ଏବଂ ଉଦ୍ଭିଦ ସ୍ୱାସ୍ଥ୍ୟ ସମସ୍ୟାରୁ ମୁକ୍ତ ରହିବେ। ଏଥିସହିତ ସରକାର ଯେଉଁ କଟକଣା କରୁଛନ୍ତି ତାହାର ଉପଯୁକ୍ତ ଅନୁପାଳନ ହେଉନାହିଁ। ଯେଉଁମାନେ ଏହାର ଉଲ୍ଲଙ୍ଘନ କରୁଛନ୍ତି ପ୍ରଥମେ କିଛି ଲୋକଙ୍କୁ ଧରି କଠୋର ଦଣ୍ଡବିଧାନ କରାଗଲେ ଲୋକମାନେ ପରିବେଶ ପ୍ରତି ସଜାଗ ହେବେ ବୋଲି ସେ ମତ ଦେଇଛନ୍ତି।

## ଚୌଦ୍ୱାର ଜେଲ୍‌ରେ...

ନିଜର ସକାଳ ଜଳଖିଆ ତଳେ ପଡ଼ିଯିବା ପରେ କବି ଉତ୍‌କ୍ଷିପ୍ତ ହୋଇ ଏହାର ପ୍ରତିବାଦ କରିଥିଲା। ଏହା ଭିତରେ ୨ଜଣ ମଧ୍ୟରେ ପେଲାଠେଲା ହୋଇଥିଲା। ପାଖରେ ଥିବା ଜମାଦାର ଓ ୱାର୍ଡର ପହଞ୍ଚି ୨ଜଣଙ୍କୁ ବୁଝାସୁଝା କରିବା ପରେ ଗଣ୍ଡଗୋଳ ଶାନ୍ତ ପଡ଼ିଥିଲା। ଏହାପରେ କବି ନିଜ ୱାର୍ଡକୁ ଯାଇଥିବା ବେଳେ ଆକ୍ରମଣ କରିଥିବା ୩ନମ୍ବର ସେଲ୍‌କୁ ଯାଇଥିଲା।

ପୂର୍ବ ରାଗ ଶୁଝାଇବାକୁ ସୁଯୋଗ ଖୋଜୁଥିବା ସନ୍ତୋଷ ଆଜି ଭୋର୍ ସମୟରେ କବିର ୱାର୍ଡକୁ ଯାଇଥିଲା। ସାଙ୍ଗରେ ଏକ ମାଙ୍କଡ଼ା ପଥର ନେଇଥିଲା। କବି ଶୋଇଥିବା ଅବସ୍ଥାରେ ସେ ତା' ମୁଣ୍ଡ ଓ ମୁହଁକୁ ବାରମ୍ବାର ଛେଚି ଚାଲିଥିଲା। ପ୍ରବଳ ରକ୍ତସ୍ରାବ ହେବା ପରେ କବି ଅଚେତ ହୋଇପଡ଼ିବାରୁ ଆକ୍ରମଣକାରୀ ସନ୍ତୋଷ ନିଜ ୱାର୍ଡକୁ ଚାଲି ଆସିଥିଲା। ଏହାପରେ ଜେଲ୍ କର୍ତ୍ତୃପକ୍ଷ କବିକୁ ଉଦ୍ଧାର କରି ଏସ୍‌ସିବି ମେଡିକାଲକୁ ଆଣିଥିଲେ। ସେ ଗୁରୁତର ଅବସ୍ଥାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ଅନ୍ୟପଟେ ଆକ୍ରମଣ କରିଥିବା ସନ୍ତୋଷ ଏବଂ ଆକ୍ରମଣର ଶିକାର ହୋଇଥିବା କବି ଉଭୟଙ୍କ ଘର ହେଉଛି କଟକ ଗାନ୍ଧୀପଲ୍ଲୀ ବସ୍ତିରେ। ଜେଲ୍ ଯିବା ପୂର୍ବରୁ ଉଭୟଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ସନ୍ତୋଷ ପୂର୍ବ ରାଗ ଶୁଝାଇବାକୁ ଏହି ଆକ୍ରମଣ କରିଥାଇପାରେ ବୋଲି ଚୌଦ୍ୱାର ଥାନା ପୁଲିସ କହୁଛି। କିନ୍ତୁ ଜେଲ୍ କର୍ତ୍ତୃପକ୍ଷଙ୍କ ଜାଣତରେ ୨ଗୋଷ୍ଠୀ ବିବାଦ ମୁଣ୍ଡ ଟେକିଥିବା ସ୍ପଷ୍ଟ ହୋଇଛି।

ସକିଲ୍ ଭଳି କଟକର ଏକାଧିକ ହାର୍ଡକୋର୍ କ୍ରିମିନାଲ୍ ଜେଲ ଭିତରେ ସଜା କାଟୁଥିବା ବେଳେ ସେମାନେ ଗୋଷ୍ଠୀ କରି ଜେଲ୍ ଭିତରେ ଆତଙ୍କରାଜ ଚଳାଇଛନ୍ତି। ଏହି ଗୋଷ୍ଠୀରେ ଏକାଧିକ ଅପରାଧୀଙ୍କୁ ସାମିଲ୍ କରି ନିଜନିଜ ଭିତରେ ଗଣ୍ଡଗୋଳ ଭିଆଉଛନ୍ତି। ମୋବାଇଲ ଜେଲ୍ ଭିତରେ ଅବାଧରେ ବ୍ୟବହାର କରାଯାଉଛି। ସେହିଭଳି ବିଭିନ୍ନ ମାଧକଦ୍ରବ୍ୟ ଜେଲ୍ ମଧ୍ୟକୁ ନିଆଯାଉଛି। ରେଷ୍ଟୁରାଣ୍ଟ ଖାଦ୍ୟଠାରୁ ଆରମ୍ଭ କରି ବିଭିନ୍ନ ମନୋରଞ୍ଜନ ଜେଲ୍ ଭିତରେ କରାଯାଉଛି। ଏସବୁ ଜାଣି ଜେଲ୍ କର୍ତ୍ତୃପକ୍ଷ ଆଖି ବୁଜି ଦେଇଥିବା ବେଳେ ରାଜ୍ୟ ସରକାର ଏଥିପ୍ରତି ଉଦାସୀନତା ପ୍ରଦର୍ଶନ କରୁଛନ୍ତି। ଅନ୍ୟପଟେ ବିହାର ରାଜ୍ୟର ମୁଫସିଲ ଥାନା ଅଧିନ ଲୋହିଆ ନଗର ଅଞ୍ଚଳର ରାଜା ସାହାଣି ଓ ଗୌର ଥାନା ରାମପୁର ଗ୍ରାମର ମଧୁକାନ୍ତ କୁମାର ନାମକ ୨ଜଣ ଦୁର୍ଦ୍ଧାନ୍ତ ଅପରାଧୀ ଏଠାରେ ସଜା କାଟୁଥିବା ବେଳେ ଜେଲର ପାଚେରୀ ଡେଇଁ ଫେରାର ହୋଇଯାଇଥିଲେ। ଏଯାବତ୍ ଉଭୟଙ୍କୁ ଠାବ କରାଯାଇପାରିନାହିଁ। ଏହି ଘଟଣାରେ ଜଣେ ଜେଲରଙ୍କ ବଦଳି ହୋଇଥିବା ବେଳେ ୨ଜଣ ୱାର୍ଡର ନିଲମ୍ବିତ ହୋଇଥିଲେ। ଚୌଦ୍ୱାର ଜେଲ୍‌ରେ ଏଭଳି ଘଟଣା ବଢ଼ି ଚାଲିଥିବା ବେଳେ ଏଥିପ୍ରତି କର୍ତ୍ତୃପକ୍ଷ ଆଦୌ ଗୁରୁତ୍ୱ ଦେଉନାହାନ୍ତି।

## ରେଡ୍ ଫ୍ଲାଗ୍ ଅନ୍ତର୍ଭୁକ୍ତ...

ଜାଣିବାକୁ ପାଇଥିଲା। ପ୍ରଥମେ ସିସିଟିଭି ଫୁଟେଜରୁ ଅଟୋ ଓ ପରେ ଚାଳକକୁ ଚିହ୍ନଟ କରିଥିଲା ପୁଲିସ। ସେ ଉକ୍ତ ନାବାଳିକାକୁ ଲକ୍ଷ୍ମୀସାଗର ଅଞ୍ଚଳରୁ ଆଣିଥିବା କହିବା ପରେ ପୁଲିସ ସେଠାରେ ଚଢ଼ଉ କରିଥିଲା। ଆଳୁ ଖୋଳୁଖୋଳୁ ମହାଦେବ ବାହାରିବା ଭଳି ଦୁଷ୍କର୍ମ ଘଟଣାରୁ ସେକ୍ସ-ରାକେଟ୍‌ର ଗୁମର ଖୋଲିଥିଲା। ଦୁଇ କିଙ୍ଗପିନ୍ ମଞ୍ଜୁ ସେଠୀ, ମମତା ସାହୁ ଏବଂ ଘର ମାଲିକ ସଞ୍ଜୀବ କୁମାର ଦାସଙ୍କୁ ପୁଲିସ ଗିରଫ କରିଥିଲା। ପରେ ଏହି ଘଟଣାରେ ପୁଲିସ ଅବିନାଶ ମୁଦୁଲିକୁ ଗିରଫ କରିଥିଲା।

ଏଥିସହିତ ୩ଜଣ ପୀଡ଼ିତାଙ୍କୁ ଉଦ୍ଧାର କରିଥିଲା। ଗତକାଲି ସେହି ଘରକୁ ସିଲ୍ କରିବା ସହ ଏକ କାର ଜବତ କରିଥିଲା। ଘର ଭିତରୁ ଏକ ନାଲି ଡାଏରୀକୁ ପୁଲିସ ଜବତ କରିଛି। ଉକ୍ତ ଡାଏରୀରେ ବହୁ ଗରାଖଙ୍କ ପୁଲିସ ହାତରେ ଲାଗିଛି।

## ରାଜ୍ୟରେ ବନ୍ଦ...

ଗ୍ରାମବାସୀମାନେ ଏନେଇ ଜିଲ୍ଲାପାଳ ବା ଡିଇଓଙ୍କ ନିକଟରେ ଅଭିଯୋଗ କରିପାରିବେ ବୋଲି କୁହାଯାଇଛି। ବନ୍ଦ ହୋଇଥିବା ବିଦ୍ୟାଳୟ ଖୋଲିବା ପାଇଁ ନିର୍ବାଚନି ପ୍ରତିଶ୍ରୁତି ଦେଇଥିବା ବିଜେପି ସରକାରକୁ ଆସିବା ପରେ ଦୋହରା ଆଭିମୁଖ୍ୟ ଆପଣାଇଛି। ଶିକ୍ଷାବିତ୍ ଓ ଅଭିଭାବକମାନେ ଏହାର ପ୍ରତିବାଦ କରିବା ସହ ସରକାରଙ୍କ ଏପରି ନିଷ୍ପତ୍ତି ଭାରି ପଡ଼ିବ ବୋଲି ଚେତାବନୀ ଦେଇଛନ୍ତି।

## ଘରୁ ଘୋଷାଡ଼ି ଆଣି...

ସେଠାରେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଘରୁ ବାହାରି ଆସିବାକୁ କହିଥିଲେ। ରଶ୍ମି ନ ଆସିବାରୁ ଅନିରୁଦ୍ଧ ତାଙ୍କ ଘର ଭିତରେ ପଶି ରଶ୍ମିଙ୍କୁ ବାହାରକୁ ଘୋଷାଡ଼ି ଆଣି ଗାଁ ଦାଣ୍ଡରେ ମାଡ଼ ମାରିଥିଲେ। ଏହା ଦେଖି ରଶ୍ମିଙ୍କ ସ୍ୱାମୀ ଦୁଃଖୀଶ୍ୟାମ ରାଉତ ଓ ପୁଅ ପହଞ୍ଚି ତାଙ୍କୁ ଉଦ୍ଧାର କରିବାକୁ ଚେଷ୍ଟା କରିଥିଲେ। କିନ୍ତୁ ଅନିରୁଦ୍ଧଙ୍କ ସହ ମିଶି ବର୍ଷା ରାଉତ, ବିମଳା ରାଉତ ଓ ସଞ୍ଜୁ ଜେନା ପ୍ରମୁଖ ସେମାନଙ୍କୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ପରେ ଏକ କାଠଫାଳିଆରେ ଆକ୍ରମଣ କରିବାରୁ ରଶ୍ମିଙ୍କ ମୁଣ୍ଡ ଫାଟି ରକ୍ତସ୍ରାବ ହୋଇଥିଲା। ସ୍ଥାନୀୟ ଲୋକଙ୍କ ସହାୟତାରେ ରଶ୍ମିଙ୍କୁ ଜଗତସିଂହପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ତାଙ୍କର ଚିକତ୍ସା ଚାଲିଛି। ରଶ୍ମିଙ୍କ ଏତଲା ଆଧାରରେ ପୁଲିସ ଏକ ମାମଲା ରୁଜୁ କରିଥିବା ବେଳେ ପ୍ରତିପକ୍ଷ ପକ୍ଷରୁ ପାଲଟା ଏତଲା ଦିଆଯାଇଛି। ଦୁଇଟିଯାକ ଏତଲା ଉପରେ ମାମଲା ରୁଜୁ ହୋଇଥିବା ବେଳେ କାହାରିକୁ ଗିରଫ କରାଯାଇ ନ ଥିବା ଆଇଆଇସି ସରୋଜ ସାମଲ ସୂଚନା ଦେଇଛନ୍ତି।

## କଥାକଥାକେ...

ଚୂରମାର୍ କରିଦେଇଥିଲେ। ଢାବାର କର୍ମଚାରୀମାନେ ଏହାକୁ ବିରୋଧ କରିବାରୁ ସେମାନଙ୍କୁ ବନ୍ଧୁକ ଦେଖାଇ ଧମକଚମକ ଦେବା ସହ ମାଡ଼ ମଧ୍ୟ ମାରିଥିଲେ। ଆକ୍ରମଣରେ ଆଶିଷଙ୍କ ଗୋଟିଏ ଆଖିରୁ ରକ୍ତସ୍ରାବ ହେବା ସହ ସେ ଚେତାଶୂନ୍ୟ ହୋଇ ତଳେ ପଡ଼ିଯାଇଥିଲେ। ପୁଲିସ ପହଞ୍ଚିବା ବେଳକୁ ଆକ୍ରମଣକାରୀମାନେ ଫେରାର୍ ହୋଇଯାଇଥିଲେ।

ଭଞ୍ଜପୁର ପୁଲିସ ଘଟଣାସ୍ଥଳରେ ପହଞ୍ଚି ସିସିଟିଭି ଯାଞ୍ଚ କରିଛନ୍ତି। ଆକ୍ରମଣରେ ଢାବା ମାଲିକ ଗୁରୁତର ଥିବାରୁ ଚିକିତ୍ସା ଜାରି ରହିଛି। ଢାବା ମାଲିକଙ୍କ ପୁତୁରା ସହ ଆକ୍ରମଣକାରୀଙ୍କ ମଧ୍ୟରେ ନିକଟରେ ଥିବା ଏକ ବିଦେଶୀ ମଦ ଦୋକାନରେ କୌଣସି କାରଣରୁ ଯୁକ୍ତିତର୍କ ହୋଇଥିଲା। ପରେ ସେମାନେ ସଂଘବଦ୍ଧ ଭାବେ ଢାବାରେ ପହଞ୍ଚି ମାଲିକଙ୍କୁ ମାଡ଼ ମାରିଥିଲେ ବୋଲି ଜଣାଯାଇଛି।

## ବିଦ୍ୟୁତ୍ ଆଘାତରେ...

ଦୀପସ୍ମିତା ରାୟ ପ୍ରାଥମିକ ଚିକିତ୍ସା ପରେ ଆହତଦ୍ୱୟଙ୍କୁ ଅଧିକ ଚିକିତ୍ସା ନିମନ୍ତେ ସାକ୍ଷୀଗୋପାଳ ଡାକ୍ତରଖାନାକୁ ସ୍ଥାନାନ୍ତର କରିଥିଲେ। କିନ୍ତୁ ସେଠାରେ ଦୁହିଁଙ୍କର ମୃତ୍ୟୁ ହୋଇଯାଇଥିଲା। ମୃତଦ୍ୱୟଙ୍କ ପରିଚୟ ଜଣାପଡ଼ିନାହିଁ। ସତ୍ୟବାଦୀ ପୁଲିସ ଶବଦ୍ୱୟକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇବା ସହ ନମ୍ବର ୨୬/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ଫୋରେନ୍‌ସିକ୍ ଟିମ୍ ଉଭୟ ମୃତକଙ୍କ ଫଟୋ, ଆଙ୍ଗୁଠି ଛାପ ଓ ଡିଏନ୍‌ଏ ପରୀକ୍ଷା ନିମନ୍ତେ ନମୁନା ସଂଗ୍ରହ କରିଛନ୍ତି। ମୃତକଦ୍ୱୟଙ୍କ ପରିଚୟ ଜଣା ନପଡ଼ିବାରୁ ଚିହ୍ନଟ ନିମନ୍ତେ ସତ୍ୟବାଦୀ ପୁଲିସ ତରଫରୁ ସେମାନଙ୍କ ଫଟୋ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମରେ ବ୍ୟାପକ ପ୍ରସାର କରାଯିବ ବୋଲି ସତ୍ୟବାଦୀ ଆଇଆଇସି ବିଜୟକେତନ ବେହେରା ସୂଚନା ଦେଇଛନ୍ତି। ସେହିପରି, ବରଗଡ଼ ଜେଲ୍‌ରେ ଆଜି ଜଣେ ବିଚାରାଧୀନ କଏଦୀଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ଘଟିଛି। ମୃତ କଏଦୀଜଣଙ୍କ ହେଲେ, ଅତାବିରା ଥାନା ଅଞ୍ଚଳ ଜନ୍‌ହାପଡା ଗାଁର ଗିରିଧାରୀ ରୋହିଦାସ (୪୦)। ଘଟଣାକୁ ନେଇ ପୁଲିସର ଛାନଭିନ ଜାରି ରହିଛି। ସିସି କ୍ୟାମେରାରୁ ଜଣାପଡ଼ିଛି ଯେ ରାତି ପ୍ରାୟ ଗୋଟାଏ ବେଳେ ଗିରିଧାରୀ ଇନ୍‌ଭର୍ଟର୍ ତାରକୁ ଖୋଲି ଦାନ୍ତରେ ଛିଣ୍ଡାଇଥିଲେ। ତାକୁ ହାତରେ ଧରି ଝରକାର ରେଲିଂକୁ ଧରି ଦେବାରୁ ତାଙ୍କୁ ବିଦ୍ୟୁତ୍ ଆଘାତ ଲାଗିଥିଲା ଓ ସେ ତଳେ ପଡ଼ିଯାଇଥିଲେ।


यूनियन बैंक ऑफ इंडिया Union Bank of India
भारत सरकार का उपक्रम | A Government of India Undertaking

**କ୍ଷେତ୍ରୀୟ କାର୍ଯ୍ୟାଳୟ: ସମ୍ବଲପୁର**
୧ମ ମହଲା, ବାଲାଜୀ ମିଡ୍‌ଟାଉନ୍, ବୁଢ଼ାରାଜା, ସମ୍ବଲପୁର - ୭୬୮୦୦୪, ଜିଲ୍ଲା: ସମ୍ବଲପୁର, ଓଡ଼ିଶା

**ସୁନା ନିଲାମ ବିଜ୍ଞପ୍ତି**

ଏତଦ୍‌ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ ନିମ୍ନଲିଖିତ ସୁନା ଋଣଗ୍ରହୀତାମାନଙ୍କୁ ବ୍ୟାଙ୍କ ବାରମ୍ବାର ନୋଟିସ୍ ଦ୍ୱାରା ସୂଚାଇ ଦେଇଥିବା ସତ୍ତ୍ୱେ ସେମାନେ ଋଣ ପରିଶୋଧ କରୁନାହାଁନ୍ତି। ଯଦି ସେମାନେ ନିଲାମ ତାରିଖ ପୂର୍ବରୁ ସେମାନଙ୍କର ବକେୟା ଋଣ ପରିଶୋଧ ନ କରନ୍ତି, ତାହେଲେ **ଆମର ସମ୍ପୃକ୍ତ ଶାଖା ପରିସରରେ ତା୨୯.୧୦.୨୦୨୫ରିଖ ପୂର୍ବାହ୍ନ ୧୧.୦୦ ଘଟିକା ସମୟରେ** ସେମାନଙ୍କର ବନ୍ଧକଥିବା ସୁନା ଅଳଙ୍କାରଗୁଡ଼ିକୁ ନିଲାମ କରାଯିବ। ଋଣଗ୍ରହୀତାମାନଙ୍କର କୌଣସି ଅସୁବିଧା ବା କ୍ଷୟକ୍ଷତି ପାଇଁ ବ୍ୟାଙ୍କ ଦାୟୀ ହେବ ନାହିଁ ଓ ଆବଶ୍ୟକ ସ୍ଥଳେ ବ୍ୟାଙ୍କର କ୍ଷୟକ୍ଷତି ଘଟିଲେ ବ୍ୟାଙ୍କ ସେମାନଙ୍କ ବିରୁଦ୍ଧରେ ଅଦାଲତର ଆଶ୍ରୟ ନେବ। ଋଣଗ୍ରହୀତାମାନେ ନିଲାମ ସମୟ ପୂର୍ବରୁ ବକେୟା ଋଣ ପରିଶୋଧ କରି ଅଳଙ୍କାରଗୁଡ଼ିକ ନେଇପାରିବେ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଏବଂ ଠିକଣା / ଆକାଉଣ୍ଟ ନଂ | ବକେୟା ଦେୟ + ସେବାବଦ ସୁଧ | ନେଟ୍ ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ଆମ୍ବଗାଁ ଶାଖା (୪୫୫୬୦), ୦୨୬ଆରଓୟୁ, ଆମ୍ବଗାଁ ଶାଖା, ଡି-୬୩, ୧ମ ମହଲା, କୋଏଲ ନଗର, ରାଉରକେଲା, ଜିଲ୍ଲା: ସୁନ୍ଦରଗଡ - ୭୬୯୦୧୪, ମୋ: ୬୨୮୭୩୮୧୮୩୬** | | |
| ୧. | **ସୁନିଲ ନାୟକ,** ଏଚ୍ ନଂ.: ପିଭିଏମ୍ ୬୬, ଜଗଦା, ଝରିପାନି, ରାଉରକେଲା ୪୨, ଜିଲ୍ଲା: ସୁନ୍ଦରଗଡ - ୭୬୯୦୪୨ / **୪୫୫୬୦୬୬୩୦୦୦୦୦୭୫** | ଟ.୧,୦୧,୩୭୩/- + ସେବାବଦ ସୁଧ | ୨୦.୦୦ |
| | **ଡୁଙ୍ଗୁରିପାଲି ଶାଖା (୨୮୭୧୧), ସା/ପୋ: ଡୁଙ୍ଗୁରିପାଲି, ଜିଲ୍ଲା: ସୁବର୍ଣ୍ଣପୁର, ଓଡ଼ିଶା - ୭୬୭୦୨୩, ମୋ: ୯୮୬୧୦୧୮୧୪୦** | | |
| ୧. | **ପ୍ରତାପ କେଶରୀ ବାରିକ,** ପିତା: ଗିରିଜା ପ୍ରସାଦ ବାରିକ, ସା: ଗଧପାଲି, ପୋ: ଡମମୁରା, ଡୁଙ୍ଗୁରିପାଲି, ସୋନପୁର, ଓଡ଼ିଶା - ୭୬୭୦୨୩ / **୨୮୭୧୧୬୫୪୦୦୦୦୦୭୧** | ଟ.୧,୪୫,୧୩୮/- + ସେବାବଦ ସୁଧ | ୩୬.୫୦ |
| | **ସୁନ୍ଦରଗଡ ଶାଖା (୨୮୭୧୧), ମେଘ ମହ୍ଲାର ବିଲ୍ଡିଂ, ହସ୍ପିଟାଲ ରୋଡ, (ମିସନ୍ ରୋଡ), ସୁନ୍ଦରଗଡ - ୭୭୦୦୦୧, ମୋ ନଂ.: ୬୩୯୬୭୦୦୪୩୯/୭୦୬୪୩୧୦୬୬୬** | | |
| ୧. | **ରେବତୀ ବେହେରା,** ସା: ଗାଇଲୋ, ପୋ: ରଣପୁର, ଥାନା: ଜଳସର, ସୁନ୍ଦରଗଡ, ଓଡ଼ିଶା - ୭୭୦୦୧୪ / **୭୧୭୮୦୬୫୪୦୦୦୦୧୨୯** | ଟ.୧୨,୧୭୮/- + ସେବାବଦ ସୁଧ | ୨.୫୦ |
| ୨. | **ମହମ୍ମଦ ୱାସିମ୍,** ଡେଙ୍ଗିଭାଡ, ରାଜଗାଙ୍ଗପୁର, ଓଡ଼ିଶା - ୭୭୦୦୦୧ / **୭୧୭୮୦୬୫୪୦୦୦୦୦୬୫** | ଟ.୧୧,୩୦୭/- + ସେବାବଦ ସୁଧ | ୨.୫୦ |
| | **ଝାରସୁଗୁଡ଼ା ଶାଖା (୩୫୪୦୦), ସରବାହାଲ ମେନ୍ ରୋଡ, ଇନ୍‌କମ୍ ଟ୍ୟାକ୍ସ ଅଫିସ୍ ନିକଟ, ବିଶାଲ ମେଗା ମାର୍ଟ ବିପରୀତ, ଜିଲ୍ଲା: ଝାରସୁଗୁଡା, ପିନ୍ - ୭୬୮୨୦୧, ମୋ: ୯୫୮୪୨୧୦୭୧୮** | | |
| ୧. | **ସୁନିତା ପ୍ରଜାପତି,** ସ୍ୱାମୀ: କୈଳାସ ପ୍ରଜାପତି, ମାଳିପଡା, ୱାର୍ଡ ନଂ.: ୪, ଜିଲ୍ଲା: ଝାରସୁଗୁଡା-୭୬୮୨୦୧ / **୩୫୪୦୦୬୫୪୦୦୦୦୧୬୯** | ଟ.୧,୦୯,୪୭୨/- + ସେବାବଦ ସୁଧ | ୨୨.୭୦ |
| ୨. | **ଉଜାଗର ସେଠ୍,** ପିତା: ଶ୍ରୀ ବିଛନ ସେଠ୍, ସା/ପୋ.: ସାହସପୁର, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା-୭୬୮୨୧୫ / **୩୫୪୦୦୬୫୪୦୦୦୦୧୧୮** | ଟ.୭,୩୦୭.୬୦ + ସେବାବଦ ସୁଧ | ୧.୯୭ |
| ୩. | **ଆରତୀ ନାୟକ,** ପିତା: ✓ ଉଗ୍ରେସେନ ନାଏକ, ସା: ଖୋଣ୍ଡାମାଳ, ପୋ: ସୁଡୁଙ୍ଗ, ଥାନା: ଲାଇକେରା, ଜିଲ୍ଲା: ଝାରସୁଗୁଡା - ୭୬୮୨୧୫ / **୩୫୪୦୦୬୫୪୦୦୦୦୧୨୧** | ଟ.୭,୭୭୪.୩୦ + ସେବାବଦ ସୁଧ | ୨.୨୫ |
| | **ଆଇଜି ମାର୍କେଟ ଶାଖା (୫୫୧), ଡେଲି ମାର୍କେଟ, ମେନ୍ ରୋଡ, ବୁର୍ଲା, ଓଡ଼ିଶା - ୭୬୮୦୧୭, ମୋ: ୭୦୧୮୫୦୭୩୪୨** | | |
| ୧. | **ମାନା ଛତ୍ରିଆ,** ପିତା: ବିଶ୍ୱନାଥ ଛତ୍ରିଆ, ଦୀନଦୟାଲ ନଗର, ଡ଼ିପପଡା, ବୁର୍ଲା - ୭୬୮୦୧୭ / **୦୦୫୫୧୬୫୪୦୦୦୧୨୬୬** | ଟ.୩୫,୯୩୭/- + ସେବାବଦ ସୁଧ | ୯.୦୦ |
| ୨. | **ରଞ୍ଜିତ ସିଂହ,** ପିତା: ସୁରେନ୍ଦରଜିତ ସିଂହ, ସା: କଣ୍ଡ୍ରାକ୍ଟରସ କଲୋନୀ, ବୁର୍ଲା, ପୋ/ଥାନା: ବୁର୍ଲା - ୭୬୮୦୧୭ / **୦୦୫୫୧୬୫୪୦୦୦୧୦୨୬** | ଟ.୨୪,୯୨୪.୧୦ + ସେବାବଦ ସୁଧ | ୫.୫୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମ ଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରିବେ:**

୧) ନିଲାମ ଡାକିବା ପାଇଁ ଇଚ୍ଛୁକ ବ୍ୟକ୍ତିଙ୍କୁ ନିଲାମର ନିର୍ଦ୍ଧାରିତ ସମୟର ୨ ଘଣ୍ଟା ପୂର୍ବରୁ **ଟ.୧,୦୦୦/-** ଅମାନତ ଆକାରରେ ଜମା ଦେବାକୁ ହେବ।
୨) ଅମାନତ ଦାଖଲ ପରେ, ନିଲାମ ପାଇଁ ନିର୍ଦ୍ଧାରିତ ଅଳଙ୍କାରଗୁଡ଼ିକୁ ନିଲାମ ସମୟରେ ନିଲାମ ଧରିବାକୁ ଇଚ୍ଛୁକ ଥିବା ବ୍ୟକ୍ତିମାନେ ଯାଞ୍ଚ କରିପାରିବେ।
୩) ସର୍ବୋଚ୍ଚ ନିଲାମ ଡାକ ଡାକିଥିବା ବ୍ୟକ୍ତିଙ୍କୁ ଉକ୍ତ ଡାକର ଶତକଡା ୨୫ ଭାଗ ସଙ୍ଗେ ସଙ୍ଗେ ବ୍ୟାଙ୍କରେ ଜମା କରିବାକୁ ପଡିବ। ଯଦି କୌଣସି ବ୍ୟକ୍ତି ସର୍ବୋଚ୍ଚ ଡାକ ଡାକିଲା ପରେ, ଡାକର ଶତକଡା ୨୫ ଭାଗ ଜମା କରିବାକୁ ଅସମର୍ଥ ହୁଅନ୍ତି, ତେବେ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି ହୋଇଯିବ ଓ ଉକ୍ତ ବ୍ୟକ୍ତିଙ୍କୁ ଆଉ ଥରେ ନିଲାମ ଡାକିବାକୁ ଅନୁମତି ଦିଆଯିବ ନାହିଁ।
୪) ଗୋଟିଏ ଆକାଉଣ୍ଟର ନିଲାମ ଡାକ ଓ ଟଙ୍କା ଜମା ଇତ୍ୟାଦି ସରିଲା ପରେ ହିଁ ଅନ୍ୟ ଆକାଉଣ୍ଟ ପାଇଁ ନିଲାମ କାର୍ଯ୍ୟ ଆରମ୍ଭ ହେବ।
୫) ବ୍ୟାଙ୍କ କୌଣସି ନିଲାମ ଡାକ ମାନିନେବାକୁ ବାଧ୍ୟ ନୁହେଁ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମକୁ ରଦ୍ଦ କରିପାରେ।
୬) ଯେଉଁ ବ୍ୟକ୍ତିଙ୍କ ସର୍ବୋଚ୍ଚ ଡାକ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଦ୍ୱାରା ଗ୍ରହଣୀୟ ହେବ ଉକ୍ତ ବ୍ୟକ୍ତି ନିଲାମ ଚୂଡାନ୍ତ ହୋଇଥିବା ସୂଚନା ପାଇବାର ୩ ଦିନ ମଧ୍ୟରେ ନିଲାମର ଶତକଡା ୭୫ ଭାଗ ଟଙ୍କା ଜମା କରିବାକୁ ବାଧ୍ୟ ହେବେ। ନଚେତ୍ ପୂର୍ବରୁ ଜମା ଦେଇଥିବା ଶତକଡା ୨୫ ଭାଗ ଟଙ୍କା ଏବଂ ଅମାନତ ଟଙ୍କା ବାଜ୍ୟାପ୍ତି ହେବ।
୭) ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖା କାର୍ଯ୍ୟାଳୟ ଯଦି କୌଣସି ଉଚ୍ଚ ନିଲାମ ଡାକକୁ ନାକଚ/ରଦ୍ଦ କରନ୍ତି, ତେବେ ଜମା ହୋଇଥିବା ଶତକଡା ୨୫ ଭାଗ ଟଙ୍କା, ଅମାନତ ଟଙ୍କା ଉକ୍ତ ଜମାକାରୀଙ୍କୁ ବିନା ସୁଧରେ ଫେରାଇ ଦିଆଯିବ।
୮) ନିଲାମରେ ରଖାଯାଇଥିବା ଅଳଙ୍କାର ଗୁଡିକର ଗୁଣ, ଓଜନ ଓ ବିଶୁଦ୍ଧତା ପାଇଁ ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ କୌଣସି ପ୍ରକାର ଦାୟୀ ହେବ ନାହିଁ।
୯) ନିଲାମରେ ଭାଗ ନେଇଥିବା କୌଣସି ବ୍ୟକ୍ତି ଉପରୋକ୍ତ ନିୟମକୁ ନ ମାନିଲେ ବ୍ୟାଙ୍କ ତାଙ୍କର ଅମାନତ ଟଙ୍କା ବାଜ୍ୟାପ୍ତି କରିପାରିବ।

**ସ୍ଥାନ: ସମ୍ବଲପୁର, ତାରିଖ: ୨୧.୧୦.୨୦୨୫** | **କ୍ଷମତାପ୍ରାପ୍ତ ଅଧିକାରୀ, ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ**

**AFFIDAVIT**
I 6506571H, Rank SEP Mukesh Chandra Behera of 876 AT Coy ASC(GS/MA) my father's name changed from Kartik Chandra Behera to Kartika Chandra Behera. By virtue of an affidavit sworn before Executive magistrate, Soro, Balasore, Odisha on 18.10.2025.

**AFFIDAVIT**
I, Bijaya Keshari Behera, S/o- Sadananda Behera, Resident of Ward No-13, Sripadganj, Baripada Town, Dist.: Mayurbhanj, Odisha PIN-757001, declared by this Affidavit No.1235/2025, Dated: 18.10.2025. That now onwards I shall be known as **BIJAY KESHARI BEHERA** for all future Purposes.

**PUJA OFFER SALE**
Book Now 2/3 BHK Flats Price Starts from 72 Lakhs Gadhwal Heights, Goutam Nagar, Gadhwal Grand 4, Jagamara, Gadhwal SB Homes, Ghatikia, Bhpl Krishna, Bharatpur, Bhpl Rudra, Ghatikia, Ready to move RJ Palace, Samantarapur, Bhubaneswar. Contact Gadhwal Group.
**9437015112**

**AFFIDAVIT**
I, Mohammed Majid Usman, aged about 61 years, S/o- Mohammed Usman, resident of Mangali Street, Kotpad, Po- Kotpad, Ps- Kotpad, Dist- Koraput, Odisha, PIN- 764058 declare by this affidavit No. 2143, dtd- 19/10/2025, that now onwards I shall be known as **ABADUL MAJID** for all future purposes

**AFFIDAVIT**
BY virtue of an affidavit sworn before the Executive Magistrate, Panposh, Rourkela, No. A/20, dated 20/03/2025, I Deelip Kumar Sahoo father of SAISHREE SHTHITAPRAJNA of A/79, Sector -15, Rourkela declare that I have changed the name of my son from "SAISHREE SHASHWOTA STHITAPRAJNYA" to SAISHREE STHITAPRAJNA". Henceforth, he shall be known as **SAISHREE STHITAPRAJNA** for all purposes.

**ସର୍ବସାଧାରଣ ବିଜ୍ଞପ୍ତି**
[illegible]
ଦିଆଯାଇଛି ବୋଲି ଧରାଯିବ। ୧୪ ଦିନ ସମାପ୍ତ ହେବା ପରେ କୌଣସି ଆପତ୍ତି ସମ୍ପତ୍ତି କିମ୍ବା ଆମ ଗ୍ରାହକଙ୍କ ଉପରେ ବାଧତାମୂଳକ ହେବ ନାହିଁ।
ଉପରୋକ୍ତ ଉଲ୍ଲେଖିତ ସିଡ୍ୟୁଲ୍ (ସମ୍ପତ୍ତିର ବିସ୍ତୃତ ବିବରଣୀ) ଖାତା ସଂ ୭୫/୩୪୫ ପ୍ଲଟ୍ ସଂ ୪୪/୧/୭୪୭ ଏବଂ ଖାତା ସଂ ୭୫/୪୨୦ ପ୍ଲଟ୍ ସଂ ୪୪/୧/୭୭୪ ମୌଜା-ସାଙ୍କାର, ତହସିଲ-ମାଛକୁଣ୍ଡ, ଜିଲ୍ଲା-କୋରାପୁଟ।
ସ୍ଥାନ: ଜୟପୁର, ତାରିଖ ୧୮ ଅକ୍ଟୋବର ୨୦୨୫
ନାମ ଏବଂ ଆଡଭୋକେଟ୍ ପ୍ୟାନେଲର ଠିକଣା
ଶ୍ରୀ ସୁବାଷ ଚନ୍ଦ୍ର ପଣ୍ଡା, ମୋ.: ୯୪୩୭୨୩୪୨୬୪
ମେନ୍ ରୋଡ୍, ଜୟପୁର, କୋରାପୁଟ, ୭୬୪୦୦୧

**AFFIDAVIT**
I, Bikash Kumar Mohanty, aged about 66 years, S/o- Sapenswar Mohanty, resident of Tarang Sagar Pur, PO- Tarang Sagar Pur, PS- Mangalpur, Dist- Jajpur, PIN- 755006, Odisha declared by this affidavit No. 2145, dtd- 21/10/2025 that now onwards I shall be known as **BIKASH CHANDRA MOHANTY** for all future purposes.

**AFFIDAVIT**
I, MIR Mahemuddin, aged about 68 years, S/o- MIR Isumuddin, resident of Plot No. 90, MIR Mahalla, Jadupur, PO- Dumuduma H.B Colony, Bhubaneswar, Dist- Khurda, PIN- 751019, Odisha declared by this affidavit No. 2146, dtd- 21/10/2025 that now onwards I shall be known as **MIR MAHEEMUDDIN** for all future purposes.

**AFFIDAVIT**
I, Priyanka Priyadarshni Panda, W/o- Debasish Nanda, Resident of At/PO: Tentulipada, Sub-Dist.: Tritol, Dist.: Jagatsinghpur, Odisha, PIN- 754136, declared by this Affidavit No.: 1195/2025 Dated: 15.10.2025. That now onwards I shall be known as PRIYANKA PRIYADARSHINI PANDA for all future Purposes.

**AFFIDAVIT**
I, Debasish Mohanty, S/o- Bhramar Bag, Resident of Gobinda Chandra Behera Resident of At/PO: Balipatana, Pattamundai, Dist.: Kendrapara, Odisha, PIN-754215, declared by this Affidavit No.1257/2025 Dated: 21.10.2025. That now onwards I shall be known as **DEBASISH MOHANTY** for all future Purposes.

**AFFIDAVIT**
I, Shyam Sundar Mohanty, aged about 83 years, S/o- Nanda Mohanty, resident of At- East Nabara Near Matha, Ps- Singla, Dist- Baleswar, Pin- 756081, Odisha declared by this affidavit No. 2148, dtd- 21/10/2025 that now onwards I shall be known as **SHYAMASUNDAR MOHANTY** for all future purposes.

**ନାମ ପରିବର୍ତ୍ତନ**
ମୁଁ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ବୟସ ୪୪ବର୍ଷ, ସ୍ୱା-ଅଜୟ ସେଠୀ, ଗ୍ରାମ/ପୋ-ନାଲଗୁଣ୍ଡା, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକ, ଏହିକି ମୋର ଭୋଟର ପରିଚୟପତ୍ର, ବ୍ୟାଙ୍କ ପାସ୍ ବହି ଓ ଆଧାର କାର୍ଡ଼ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ଉଲ୍ଲେଖ ଥାଇ ଏଲ୍‌ଆଇସି ପଲିସି ବଣ୍ଡ ନଂ-**597931754** ରେ ମୋର ନାମ ଅନ୍ନପୂର୍ଣ୍ଣା ସେଠୀ ପରିବର୍ତ୍ତେ ପାର୍ବତୀ ସେଠୀ (ମୂଳ ସାର୍ଟିଫିକେଟ୍ ଅନୁଯାୟୀ) ବୋଲି ଉଲ୍ଲେଖ ଅଛି। ଏକ୍‌ଜିକ୍ୟୁଟିଭ୍ ମାଜିଷ୍ଟ୍ରେଟ୍ ଚାନ୍ଦବାଲିଙ୍କ ନିକଟରେ ଏଫିଡାଭିଡ୍ ନଂ**-6680,** ତା-**14/10/2025** ବଳରେ ମୁଁ ଏବେ ମୋର ସମସ୍ତ ଦରକାରୀ କାଗଜପତ୍ରରେ ଶ୍ରୀମତୀ ଅନ୍ନପୂର୍ଣ୍ଣା ସେଠୀ, ସ୍ୱା-ଅଜୟ ସେଠୀ, ନାମରେ ପରିଚିତ ହେବି।

**AFFIDAVIT**
BY virtue of an affidavit sworn before the Executive Magistrate, Panposh, Rourkela, No.A/57, dated 27/03/2025, I Deelip Kumar Sahoo, F/o Vidishaditya Shubhadarshini Sahoo of A/79, Sector-15, Rourkela, declare that I have changed the name of my daughter from "VIDISHADITYA SHUBHADARSHINEE" to VIDISHADITYA SHUBHADARSHINI SAHOO". Henceforth, she shall be known as **VIDISHADITYA SHUBHADARSHINI SAHOO** for all purposes.
Sd/-Deelip Kumar Sahoo

**AFFIDAVIT**
I, Jamil Moulabi, aged about 45 years, S/o- Salim Mohammed, resident of Khaja Street, 2nd Lane, Berhampur, Dist- Ganjam, PIN- 760001, Odisha declared by this affidavit No. 2147, dtd- 21/10/2025 that now onwards I shall be known as **JAMIL AHEMMAD** for all future purposes.

**AFFIDAVIT**
I, Atulya Kumar Das, aged about 52 years, S/o- Brundaban Das, resident of Plot No. 818/5975, Jagamara, PS- Khandagiri, Bhubaneswar, Dist- Khordha, PIN- 751030, Odisha declared by this affidavit No. 2141, dtd- 20/10/2025 that now onwards I shall be known as **ATULYA DAS** for all future purposes.

**ଡକୁମେଣ୍ଟ ହଜିଛି**
[illegible]

**AFFIDAVIT**
By virtue of an affidavit before the Notary Public, Sukinda, Jajpur Road, Jajpur, I, Alinbindu Routray, S/o- Rajat Kumar Rout and Nirupama Rout, At- Kopanda, P.O./P.S.- Jajpur Road, Dist.- Jajpur, do hereby declare that my name has been recorded as Alinbindu Routray in my Aadhar Card, Voter ID Card, PAN Card but in my educational certificates, my name recorded as Alinibindu Routaray, S/o- Rajat Kumar Routaray and Nirupama Routaray. That both names are one and the same person.

**AFFIDAVIT**
I, Sanjay Kumar Agrawal, aged about 47 years, S/o- Nawal Kishore Agrawal, resident of Jay Bharat Chowk, Radharani Para, Po- Balangir, Ps- Town Bolangir, Dist- Balangir, Odisha, Pin- 767001, declare by this affidavit No. 2144, dtd- 19/10/2025, that now onwards I shall be known as **SANJAY AGRAWAL** for all future purposes.

**ପୂର୍ବ ତଟ ରେଳପଥ**
ଫାଇଲ ସଂ. DRM/Engg/KUR/25-26/ E-Tender/79, ତା.16.10.2025ରିଖ

(1) ଟେଣ୍ଡର ସଂ. e-TenderSouthKUR-260-2025, ତା.07.10.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ସିନିୟର ସେକ୍ସନ ଇଂଜିନିୟର (P.Way)/କାଳୁପଡ଼ାଘାଟ ଅଧୀନସ୍ଥ ଖୋର୍ଦ୍ଧା ରୋଡ୍ ଠାରୁ ବାଲୁଗାଁ ମଧ୍ୟରେ କି.ମି. 457.200 ଠାରୁ 515.00 ପର୍ଯ୍ୟନ୍ତ 30/9/2026 ପର୍ଯ୍ୟନ୍ତ ସମୟାବଧି ନିମନ୍ତେ P.Way ଜୋନାଲ (Zonal) କାର୍ଯ୍ୟଗୁଡ଼ିକର ସମସ୍ତ ମରାମତି ଏବଂ ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 125.69 ଲକ୍ଷ, **EMD :** ₹ 2,12,900/-

(2) ଟେଣ୍ଡର ସଂ. e-TenderSouthKUR-259-2025, ତା.07.10.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ଦକ୍ଷିଣ) ପରିସୀମା ଅଧୀନରେ ଷ୍ଟିଲ ଚ୍ୟାନେଲ୍ ସ୍ଲିପର ସହିତ ଆଲାଇନମେଣ୍ଟ ରିଟେନର୍ସ ଏବଂ TOPI ନଟ୍ ଲଗାଇବା ସହ ଗର୍ଡର ବ୍ରିଜଗୁଡ଼ିକରେ ଟ୍ରାକ୍‌ର ରକ୍ଷଣାବେକ୍ଷଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 201.18 ଲକ୍ଷ, **EMD :** ₹ 2,50,600/-

(3) ଟେଣ୍ଡର ସଂ. e-TenderSouthKUR-256-2025, ତା.07.10.2025ରିଖ
**ବିବରଣୀ :** "ଖୋର୍ଦ୍ଧା ରୋଡ୍ ମଣ୍ଡଳର ପଲାସା ଷ୍ଟେସନର ଡାଉନ୍ ଲାଇନ୍ ପାର୍ଶ୍ୱରେ ହାଇ ଲେଭେଲ ଯାତ୍ରୀ ପ୍ଲାଟଫର୍ମ ସହିତ ଏକ ଅତିରିକ୍ତ ଲାଇନର ବ୍ୟବସ୍ଥା" ସମ୍ବନ୍ଧୀୟ P.WAY ଲିଙ୍କିଙ୍ଗ କାର୍ଯ୍ୟ ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 113.67 ଲକ୍ଷ, **EMD :** ₹ 2,06,800/-

(4) ଟେଣ୍ଡର ସଂ. eTender-HqKUR-258-2025, ତା.07.10.2025ରିଖ
**ବିବରଣୀ :** ଖୋର୍ଦ୍ଧା ରୋଡ୍ ମଣ୍ଡଳର ଖୋର୍ଦ୍ଧା ରୋଡ୍-ପୁରୀ ସେକ୍ସନର ବିଭିନ୍ନ ୟାର୍ଡଗୁଡ଼ିକରେ 7.977 କି.ମି. ଲମ୍ବ ନିମନ୍ତେ CTR(S) ର ସମ୍ପାଦନ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 257.90 ଲକ୍ଷ, **EMD :** ₹ 2,79,000/-

(5) ଟେଣ୍ଡର ସଂ. eTender-hq-kur-257-2025, ତା.08.10.2025ରିଖ
**ବିବରଣୀ :** ବରିଷ୍ଠ ମଣ୍ଡଳ ଯନ୍ତ୍ରୀ (ମୁଖ୍ୟାଳୟ) / ଖୋର୍ଦ୍ଧା ରୋଡ୍ ଅଧିକାର ପରିସୀମା ଅଧିନସ୍ଥ ଖୋର୍ଦ୍ଧା ରୋଡ୍ ସେଟେଲମେଣ୍ଟ ଠାରେ ନୂଆ ଷ୍ଟାଫ କ୍ୱାର୍ଟର (08 ୟୁନିଟ୍ ଟାଇପ୍-II)ର ନିର୍ମାଣ।
**କାର୍ଯ୍ୟର ଆନୁମାନିକ ମୂଲ୍ୟ :** ₹ 257.90 ଲକ୍ଷ, **EMD :** ₹ 2,95,800/-

**ଶେଷ ହେବା ଅବଧି :** 12 (ବାର) ମାସ (ସମସ୍ତ କ୍ରମ ସଂ. ନିମନ୍ତେ)।
**ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ :** ତା.29.10.2025ରିଖ 1500 ଘଟିକାରେ (ସମସ୍ତ ଟେଣ୍ଡର ନିମନ୍ତେ)।

ଏହି ଇ-ଟେଣ୍ଡରଗୁଡ଼ିକ କ୍ଷେତ୍ରରେ ଡାକ/କୋରିୟର/ଫାକ୍ସ ମାଧ୍ୟମରେ କିମ୍ବା ବ୍ୟକ୍ତିଗତ ରୂପେ ପଠାଯାଇଥିବା କୌଣସି ପ୍ରକାର ମାନୁଆଲ ଅଫର ଗ୍ରହଣଯୋଗ୍ୟ ହେବ ନାହିଁ, ଯଦ୍ୟପି ଏଗୁଡ଼ିକ ଫାର୍ମ (Firm)ର ଲେଟର ହେଡ୍‌ରେ ଦାଖଲ କରାଯାଇଥିବ ଏବଂ ଯଥା ସମୟରେ ଗ୍ରହଣ କରାଯାଇଥିବ। ଏହିଭଳି ସମସ୍ତ ମାନୁଆଲ ଅଫରଗୁଡ଼ିକ ଅବୈଧ ବୋଲି ଧରାଯିବ ଏବଂ କୌଣସି ବିଚାର ବିନା ବିଧିବଦ୍ଧ ରୂପେ ନାକଚ କରାଯିବ। ଉପରୋକ୍ତ ଇ-ଟେଣ୍ଡରର ସମସ୍ତ ବିବରଣୀ ଇ-ଟେଣ୍ଡର ନଥିପତ୍ର ସହିତ ୱେବସାଇଟ୍ www.ireps.gov.in ରେ ଉପଲବ୍ଧ ଅଟେ।

**ଦ୍ରଷ୍ଟବ୍ୟ :** ଏହି ଇ-ଟେଣ୍ଡର ନିମନ୍ତେ ଜାରି କରାଯାଇଥିବା କୌଣସି ପରିବର୍ତ୍ତନ/ଶୁଦ୍ଧିପତ୍ରକୁ ଧ୍ୟାନ ଦେବା ନିମନ୍ତେ ଟେଣ୍ଡର ବନ୍ଦ ହେବା ତାରିଖର 10 (ଦଶ) ଦିନ ପୂର୍ବରୁ ୱେବସାଇଟକୁ ପୁନଃ ପରିଦର୍ଶନ କରିବା ପାଇଁ ଆଶାୟୀ ଟେଣ୍ଡରଦାତାମାନଙ୍କୁ ପରାମର୍ଶ ଦିଆଯାଉଅଛି। ଟେଣ୍ଡରଦାତା/ ବିଡ଼ରମାନଙ୍କ ପାଖରେ ନିଶ୍ଚିତ ଭାବେ କ୍ଲାସ-III ଡିଜିଟାଲ ସ୍ୱାକ୍ଷର ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ସେମାନେ ନିଶ୍ଚିତ ଭାବେ IREPS ପୋର୍ଟାଲରେ ପଞ୍ଜୀକୃତ ହୋଇଥିବେ। କେବଳ ପଞ୍ଜୀକୃତ ଟେଣ୍ଡରଦାତା / ବିଡ଼ରମାନେ ଇ-ଟେଣ୍ଡରିଙ୍ଗରେ ଅଂଶଗ୍ରହଣ କରିପାରିବେ।

ମଣ୍ଡଳ ରେଳ ପ୍ରବନ୍ଧକ (ଇଂଜିନିୟରିଂ), ଖୋର୍ଦ୍ଧା ରୋଡ୍
PR-700/Q/25-26

# ଧାନ ଚାଷରେ ପତ୍ରପୋଡ଼ା ରୋଗ ଚାଷୀ ମୁଣ୍ଡରେ ଚଡ଼କ

କାଳିପଦା, ୨୧।୧୦ (ସମିସ)

ଖରିଫ ଧାନ ଚାଷରେ ଏବେ ବହୁଳ ଭାବେ ପତ୍ର ପୋଡା ରୋଗ ଦେଖାଦେଇଛି। ଫଳରେ ଫସଲ ଅମଳ ନେଇ ଚାଷୀ ଆଶଙ୍କାରେ ରହିଛନ୍ତି। ଧାନ ଗଛ ଗୁଡିକର ଉପର ପତ୍ର ଗୁଡିକ ଶୁଖି ଶୁଖି ଯାଉଛି। ଗଛ ଗୁଡିକ ମଧ ଦୁର୍ବଳ ହେଉଥିବା ଦେଖିବାକୁ ମିଳିଛି। ସରକାରଙ୍କ କୃଷି ବିଭାଗ ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଚଳିତ ବର୍ଷ ବାଲିଆପାଳ ବ୍ଲକରେ ବନ୍ୟା ଦାଉ ସାଧିଥିବା ବେଳେ ଏବେ ପତ୍ର ପୋଡା ରୋଗ ଚାଷୀ ମୁଣ୍ଡରେ



ଚଡକ ପଡିବା ସଦୃଶ ହୋଇଛି। ଏବେ ଧାନ ଗଛରେ କେଣ୍ଡା ବାହାରିବା କଥା। ମାତ୍ର ରୋଗ ପୋକ ଯୋଗୁଁ କେଣ୍ଡା ଠିକ ଭାବରେ ବାହାରି ପାରୁ ନାହିଁ। ଯେଉଁ ଚାଷୀମାନେ ସମବାୟ ସମିତି ଓ ଜାତୀୟ କାରଣ ବ୍ୟାଙ୍କରୁ ଋଣ ଆଣିଥିଲେ ସେମାନେ ଏବେ ଋଣ ଶୁଝିବା ଚିନ୍ତାରେ ରହିଛନ୍ତି। ବାଲିଆପାଳ ବ୍ଲକରେ ସୁବର୍ଣ୍ଣ ରେଖା ନଦୀକୂଳ ଜମି ବନ୍ୟା ଯୋଗୁଁ ଖରିଫ ଧାନ ଚାଷ ନାହିଁ କହିଲେ ଚଳେ। ଅବଶିଷ୍ଟ ପାଣ୍ଡ ଜମି ଓ ବନ୍ୟା ରହିତ ଜମିରେ ଚାଷ ମୋଟା ମୋଟି ଭାବେ ହୋଇଛି। ଏବେ ପତ୍ର ପୋଡା ଓ କାଣ୍ଡ ବିନ୍ଧା ରୋଗ ଯୋଗୁଁ ବହୁ କ୍ଷତି ହେବ ବୋଲି ଗଗନ ବିହାରୀ ଜେନା, ମୃତ୍ୟୁଞ୍ଜୟ ନାୟକ, ସୁବଳ କୁମାର ବିଶ୍ୱାଳ, ଧନଞ୍ଜୟ ସାହୁ, ବନ ବିହାରୀ ଦାସ, ମୁକୁନ୍ଦ ମୁରାରୀ ଟୁଡୁ, ଘନଶ୍ୟାମ ବେହେରା, ମନ୍ମଥ କୁମାର ପାତ୍ର, ସୁବୋଧ କାନ୍ତ ପାତ୍ର ପ୍ରମୁଖ କହିଛନ୍ତି।

## ନାକେଦମ କଲେଣି ୩୦ ଟିକିଆ ହାତୀପଲ

ଜଳେଶ୍ୱର/ଜଳେଶ୍ୱର ବ୍ଲକ, ୨୧।୧୦ (ସମିସ): ସନ୍ଧ୍ୟା ହେଲେ ରାଇବଣିଆ ଜଂଗଲରେ ଥିବା ହାତୀପଲ ଗାଁ ମୁହାଁ ହେଉଛନ୍ତି। ଗାଁ ନିକଟ ଧାନ କିଆରିରୁ ଧାନ ଖାଇବା ସହ ଦଳିମକଚି ଦେଉଛନ୍ତି। କାଳିକ ପଞ୍ଚାୟତର ରଙ୍ଗମାଟିଆ ଗାଁକୁ ହାତୀପଲ ଆସି ଭୋର ୪ଟା ସମୟରେ ମୋହନ ମାରାଣ୍ଡିଙ୍କ ରୋଷେଇ ଘର କାନ୍ଥକୁ ଭାଙ୍ଗିଥିବା ଜଣାଯାଇଛି। ଫଳରେ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ରହୁଛନ୍ତି। ହାତୀ ଗୁଡିକ ୮ ଦିନ ତଳେ ମୟୂରଭଞ୍ଜ ଜିଲାରୁ ଆସି ରାଇବଣିଆ ଜଂଗଲରେ ରହିଛନ୍ତି। ଦିନ ତମାମ ଘଂଚ ଜଂଗଲରେ ରହୁଥିବା ବେଳେ ରାତି ହେଲେ ପାଖ ଗାଁକୁ ଆସି ଚାଷଜମିରୁ ଫସଲ ଖାଉଛନ୍ତି। ଆଜି ଗଂଗାମାଟିଆ, ସୁରେଇସାହି, ବାଗବୁଡା, ଭାତ୍ରାପଦା ଇତ୍ୟାଦି ଗାଁ ନିକଟ ଜଂଗଲରେ ରହିଥିବାବେଳେ ବନ ବିଭାଗ ପକ୍ଷରୁ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ହାତୀ ଗୁଡିକ ବିଭିନ୍ନ ଦଳରେ ବିଭକ୍ତ ହେଉଥିବାବେଳେ ମୁଖ୍ୟତଃ ୨ଟି ଦନ୍ତା ସେମାନଙ୍କର ନେତୃତ୍ୱ ନେଉଛନ୍ତି। ବନପାଳ ପ୍ରହଲାଦ ନାଇକଙ୍କ ନେତୃତ୍ୱରେ ୪ଟି ଟିମ ଗଠନ କରାଯାଇ ହାତୀ ମାନଙ୍କ ଗତିବିଧି ଉପରେ ସତର୍କ ଦୃଷ୍ଟି ରଖାଯାଇଛି। ଜଂଗଲ ପାଖ ଗାଁ ଗୁଡିକରେ ବିଦ୍ୟୁତ ସରବରାହ ବନ୍ଦ ରଖାଯାଇଥିବାରୁ ଲୋକେ ଆତଙ୍କିତ ଅବସ୍ଥାରେ ଅନ୍ଧକାର ରେ ରହୁଛନ୍ତି। କାଳିକ ପଞ୍ଚାୟତର ରଙ୍ଗମାଟିଆ ଗାଁରେ ମୋହନ ମାରାଣ୍ଡିଙ୍କ ରୋଷେଇ ଘର କାନ୍ଥକୁ ହାତୀମାନେ ଭାଙ୍ଗିଥିବା ବେଳେ ପରିବାର ଲୋକେ ଅଳ୍ପକେ ରକ୍ଷା ପାଇଛନ୍ତି। ହାତୀ ଗୁଡିକ ଗାଁ ମୁହାଁ ନହେବାର ସ୍ଥାୟୀ ସମାଧାନ ଲାଗି ପୂର୍ବରୁ ଖୋଳାଯାଇ ଥିବା ଟ୍ରେଞ୍ଚ ର ପୁନଃଉଦ୍ଧାର ଓ ପ୍ରସ୍ତାବିତ ନୂତନ ଟ୍ରେଞ୍ଚ ଖୋଳିବା ସହିତ ପର୍ଯ୍ୟପ୍ତ ବାଉଁଶ ଜଂଗଲ ସୃଷ୍ଟି କରାଯିବାକୁ ଦାବି ହେଉଛି।

## ପୂର୍ବଶତ୍ରୁତାରୁ ଗଣ୍ଡଗୋଳ, ୬ ଗିରଫ

ସୋର, ୨୧।୧୦ (ସମିସ): ସୋର ଥାନା ଅନନ୍ତପୁର ପଞ୍ଚାୟତ ଅଇଁରୀ ଗ୍ରାମରେ ଗତକାଲି ରାତିରେ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଗଣ୍ଡଗୋଳ ହୋଇଥିବା ବେଳେ ସୋର ପୁଲିସ ଉଭୟ ପକ୍ଷରୁ ୬ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳଙ୍କ ସହିତ ବର୍ତନା ଗ୍ରାମର ସଞ୍ଜୟ କୁମାର ପାତ୍ରଙ୍କ ପୂର୍ବ ଶତ୍ରୁତା ଥିଲା। ତେବେ ଗତକାଲି ରାତିରେ ସଞ୍ଜୟ ଅଇଁରୀ ଗ୍ରାମରେ ଅନ୍ୟ ମାନଙ୍କ ସହିତ ଯାଉଥିବା ବେଳେ ସେଠାରେ ଗଣ୍ଡଗୋଳ ହୋଇଥିଲା। ଫଳରେ ସିକ୍ୟୁରିଟି ଗାର୍ଡ ଭାବେ କାର୍ଯ୍ୟ କରୁଥିବା ଭଦ୍ରକ ହଳଦିଆ ଅଞ୍ଚଳର ଶସଧର ରାଉଳ (୪୨) ଆହତ ହୋଇଥିଲେ। ଖବର ପାଇ ଅନନ୍ତପୁର ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ଛଅ ଜଣଙ୍କୁ ଥାନାକୁ ଆଣି ଅଟକ ରଖିଥିଲା। ଏ ବାବଦରେ ଉଭୟ ପକ୍ଷରୁ ସୋର ଥାନାରେ ଅଭିଯୋଗ ହେବାପରେ ପୁଲିସ ଦୁଇଟି ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ଅପରାହ୍ନରେ ଥାନାରେ ଅଟକ ଥିବା ଅଇଁରୀ ଗ୍ରାମର ଦେବବ୍ରତ ବିଶ୍ୱାଳ (୨୨), ରମେଶ ପରିଡା (୩୬), ଦିଗବିଜୟ ବାରିକ (୨୧), ବର୍ତନା ଗ୍ରାମର ସଞ୍ଜୟ ପାତ୍ର (୨୦), ଅରଡ଼ା ଗ୍ରାମର ରାଜୁ ମଳିକ (୨୩) ଏବଂ ଭଦ୍ରକ ହଳଦିଆ ଗ୍ରାମର ଶସଧର ରାଉଳ (୪୨)କୁ ଗିରଫ କରିଥିଲେ। ପୁଲିସ ଶସଧର ନିକଟରୁ ଏକ ବନ୍ଧୁକ ଏବଂ ବାଇକକୁ ଜବତ କରିଥିଲା। ସନ୍ଧ୍ୟାରେ ସୋର ମେଡିକାଲରେ ସମସ୍ତଙ୍କର ଡାକ୍ତରୀ ମାଇନା ପରେ ପୁଲିସ ସମସ୍ତଙ୍କୁ କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଅନ୍ୟ ମାନଙ୍କୁ ଖୁବ ଶୀଘ୍ର ଗିରଫ କରାଯିବ ବୋଲି ପୁଲିସ ସୂଚନା ଦେଇଛି।

## କଂଗ୍ରେସର ସାଂଗଠନିକ ବୈଠକ

ଭୋଗରାଇ,୨୧।୧୦(ସମିସ): ଭୋଗରାଇ ବ୍ଲକ ମନ୍ଦାରସାହି ପଞ୍ଚାୟତର କାଳାହି ଗ୍ରାମର ଦେବବ୍ରତ ଦାସ ମହାପାତ୍ରଙ୍କ ବାସଭବନରେ କଂଗ୍ରେସର ଏକ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ କଂଗ୍ରେସର ହାତମୁଠାକୁ ଟାଣ କରିବା ପାଇଁ ତୃଣମୂଳଠାରୁ ସଂଗଠନକୁ ମଜବୁତ କରିବା ଆଦି କଂଗ୍ରେସ ନେତା ମାନେ ଆହ୍ୱାନ ଦେଇଥିଲେ। ପଞ୍ଚାୟତର ନୂତନ ସଭାପତି ଦେବବ୍ରତ ଦାସ ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ୩୩ ନମ୍ବର ଜୋନର ଜିଲ୍ଲା ପରିଷଦ ସଦସ୍ୟ ସନ୍ତୋଷ କୁମାର ଜେନା, ମନ୍ଦାର ସାହି ସରପଞ୍ଚ ମମତା ସାହୁ, କଂଗ୍ରେସର ପୂର୍ବତନ ପଞ୍ଚାୟତ ସଭାପତି ଅତୁଲ ଜେନା, ଶଶାଙ୍କ ଗିରି, ଅତୁଲ ଚନ୍ଦ୍ର ମହାନ୍ତି, ନାଏବ ସରପଞ୍ଚ ସୁଦର୍ଶନ ଗିରି, ଦିଲବର ଶାହା, ସରସ୍ୱତୀ ଗିରି, ସୁଭଦ୍ରା ପାତ୍ର, ବିଜୟ ତୋଳା, ଯୋଗେଶ୍ୱର ସାହୁ, ଧରଣୀ ଜେନା, ହରିଶ ଚନ୍ଦ୍ର ଗିରି, ସରୋଜ ଦାସ, ସୁବଳ ମହାନ୍ତି, ପରେଶ ଦାସ ମହାପାତ୍ର ପ୍ରମୁଖ ଉପସ୍ଥିତ ହୋଇ ସଂଗଠନ ବାବଦରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତର କଂଗ୍ରେସ କର୍ମୀମାନେ ଅଂଶଗ୍ରହଣ କରିଥିଲେ।

## ଶ୍ରମିକ ସଂଗଠନର ବନ୍ଧୁମିଳନ

ବାଲେଶ୍ୱର,୨୧।୧୦(ସମିସ): ଷ୍ଟେସନ କ୍ଳବଠାରେ ବାଲେଶ୍ୱର ଜିଲ୍ଲାର ବିଭିନ୍ନ ଶ୍ରମିକ ସଂଗଠନ ମଧ୍ୟରୁ ଧାମରା ଶ୍ରମିକ ସଂଗଠନ ପକ୍ଷରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ହିନ୍ଦ୍ ମଜଦୁର ସଭାର ସଭାପତି ଅରୁଣ କୁମାର ସ୍ୱାଇଁ ସଭାପତିତ୍ୱ କରି ଆଗାମୀ ଦିନରେ ହିନ୍ଦ୍ ମଜଦୁର ସଭା ଶ୍ରମିକ ମାନଙ୍କର ନ୍ୟାର୍ଯ୍ୟ ଦାବି ପାଇଁ ଲଢେଇ ଜାରି ରଖିବ ବୋଲି କହିଥିଲେ। ଏହି ବନ୍ଧୁ ମିଳନ କାର୍ଯ୍ୟକ୍ରମରେ ପୌରପାଳିକାର ପୂର୍ବତନ ଅଧ୍ୟକ୍ଷ ଆଲୋକ ସାହୁ, ଆଇନଜୀବୀ ସୁଧାଂଶୁ ଶେଖର ଦାସ, ପ୍ରିୟବ୍ରତ ନାୟକ, ତୁଷାର ନାୟକ, ଯୁବନେତା ପପୁ ଲେଙ୍କା, ଶ୍ରମିକ ନେତା ଶାନ୍ତନୁ ଦାସ, ଶ୍ରୀକାନ୍ତ ବାଗୁଡେଇ, ହ୍ରିତିକ ନାୟକ, ନରହରି ମହାଲିକ, ରାକେଶ ଦାସ, ଅଭୟ ଦାସ, ଯୋଗେନ୍ଦ୍ର ତାପସି, ମନୋଜ ପୃଷ୍ଟି ଓ ବିଭିନ୍ନ ଶିଳ୍ପାନୁଷ୍ଠାନରୁ ଆସିଥିବା ଶ୍ରମିକମାନେ ଉପସ୍ଥିତ ଥିଲେ।

## କୁଣ୍ଡଳୀରେ କାଳୀପୂଜା ଓ ରକ୍ତଦାନ ଶିବିର

ଲଙ୍ଗଳେଶ୍ୱର, ୨୧।୧୦ (ସମିସ) : ବାଲିଆପାଳ ବ୍ଲକ କୁଣ୍ଡଳୀ ମହାମାୟା ମାର୍କେଟ ରେ କାଳୀପୂଜା ଉତ୍ସବ ଅନୁଷ୍ଠିତ ହୋଇଛି। ଏହି ଅବସରରେ ରକ୍ତଦାନ ଶିବିର ସମାଜସେବୀ ଭିଷ୍ମ ଚରଣ ମଲ୍ଲିକଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ମଙ୍ଗଳବାର ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସାମ୍ବାଦିକ ରବିରଞ୍ଜନ ତ୍ରିପାଠୀ ଯୋଗଦେଇ ଶିବିରକୁ ଉଦଘାଟନ କରିଥିବା ବେଳେ ଶିକ୍ଷାବିତ ବନମାଳୀ ସାହୁ, ବରିଷ୍ଠ ପାଲା ଗାୟକ ରାମହରି ଜେନା, ଅମିୟ ରଞ୍ଜନ ଜେନା, ଡାକ୍ତର ସୂର୍ଯ୍ୟ ପ୍ରକାଶ ରାଉତରାୟ ପ୍ରମୁଖ ଯୋଗଦେଇ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ବାଲେଶ୍ୱର ରକ୍ତଭଣ୍ଡାର କର୍ମଚାରୀ ରକ୍ତ ସଂଗ୍ରହ କରିଥିଲେ। ଏହି ଶିବିରରୁ ୨୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଛି। କମଳାକାନ୍ତ ପଟ୍ଟାୟତ, ମନ୍ଦୋଦରୀ ବେହେରା, ଅଞ୍ଜନା ମଲ୍ଲିକ, ଯମୁନା ମଣୀ ମଲ୍ଲିକ ପ୍ରମୁଖ ପରିଚାଳନା କରିଥିଲେ।

## ସ୍ୱେଚ୍ଛାସେବୀ ସଂଗଠନ ପକ୍ଷରୁ ପକ୍ଷାଘାତ ରୋଗୀଙ୍କୁ ସହାୟତା




ରାଜଘାଟ, ୨୧।୧୦ (ସମିସ): ଆଲୋକର ପର୍ବ ଦୀପାବଳି ଉତ୍ସବ ଓ ପବିତ୍ର କାଳୀପୂଜା ଅବସରରେ "ଦୁଃଖୀ ଦରବାର' ପରିବାର ତରଫରୁ ଆମ୍ବକୁଡୁଚି ଗ୍ରାମର ଜଣେ ଅସହାୟା ମା' ବୃନ୍ଦାବତୀ ଗୋଛାୟତ ଯିଏକି ଦୀର୍ଘ ତିନିବର୍ଷ ହେବ ପକ୍ଷାଘାତ ରୋଗରେ ଆକ୍ରାନ୍ତ ହୋଇ ଜୀବନଯୁଦ୍ଧ ସହ ସଂଗ୍ରାମ କରୁଛନ୍ତି। ଆଉ ତାଙ୍କ ମୁହଁରେ ଆଜିର ଏହି ଖୁସି ଦିନରେ ଟିକିଏ ହସ ଫୁଟେଇବା ପାଇଁ ଶୀତବସ୍ତ୍ର, ଖାଦ୍ୟ ସାମଗ୍ରୀ ଏବଂ ତାଙ୍କ ପାଟିରେ ମିଠା ଖୁଆଇ ସଂଗଠନର ସଦସ୍ୟମାନେ ମା କାଳୀଙ୍କ ନିକଟରେ ସେହି ମା'ଙ୍କର ଦୀର୍ଘାୟୁ ଜୀବନ କାମନା କରିଥିଲେ। ସଂଗଠନର ମୁଖ୍ୟ ଉପଦେଷ୍ଟା ଜ୍ୟୋତିର୍ମୟ ନନ୍ଦଙ୍କ ଆହ୍ୱାନ କ୍ରମେ ଉଦୀୟମାନ ଯୁବକ କାର୍ତ୍ତିକ ଚନ୍ଦ୍ର ଜେନା, ସାଗର ଘୋଷ, ଲକ୍ଷ୍ମୀଧର ଜେନା, ଜୀବନକୃଷ୍ଣ ଜେନାଙ୍କ ସହାୟତାରେ ତଥା ସଂଗଠନର ସଦସ୍ୟ ମନୋଜ ବେହେରା, ବିଜୟ ଜେନା, ବିଶ୍ୱଜିତ ଧଳ, ଆଶୁତୋଷ ବାରିକ, ଜୟନ୍ତ ସେନାପତି, ବିଜୟ ବାରିକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସୋର ମାରାଥନ କମିଟି ପକ୍ଷରୁ କର୍ମକର୍ତ୍ତା ମନୋନୟନ

ସୋର,୨୧।୧୦(ସମିସ): ସୋର ମାରାଥନ କମିଟି ପକ୍ଷରୁ ପୌରପାଳିକା ଅନ୍ତର୍ଗତ ଅବସରପ୍ରାପ୍ତ କର୍ମଚାରୀ ସଙ୍ଘ ବିଶ୍ରାମଗୃହରେ ଏକ ସାମ୍ବାଦିକ ସମ୍ମିଳନୀ କମିଟି ସଭାପତି ସଞ୍ଜୟ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହେବା ସହିତ ନୂତନ କର୍ମକର୍ତ୍ତା ମନୋନୟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସୋର ମାରାଥନ ଏ ବର୍ଷ ଚତୁର୍ଥ ବର୍ଷରେ ପଦାର୍ପଣ କରିଥିବା ବେଳେ ଆସନ୍ତା ନଭେମ୍ବର ୩୦ ତାରିଖରେ ଏହି ମାରାଥନ ଅନୁଷ୍ଠିତ ହେବ। ଏହା ୧୦ କିମି ଏବଂ ୫ କିମି ଦୁଇଟି ଦୁଇଟି ବିଭାଗରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଉଭୟ ମହିଳା ଏବଂ ପୁରୁଷ ପ୍ରତିଯୋଗୀ ଏଥିରେ ଅଂଶ ଗ୍ରହଣ କରିପାରିବେ। ଉଭୟ ପୁରୁଷ ଏବଂ ମହିଳା ବିଭାଗରେ ପାଞ୍ଚ ପାଞ୍ଚ ଜଣ ଲେଖାଏଁ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯିବ। ଏଥିପାଇଁ ଉଭୟ ଅନ ଲାଇନ ଏବଂ ଅପ ଲାଇନରେ ରେଜିଷ୍ଟ୍ରେସନ ଆରମ୍ଭ ହୋଇଯାଇଛି ଏବଂ ଏହା ନଭେମ୍ବର ୧୫ ପର୍ଯ୍ୟନ୍ତ ଚାଲୁରହିବା ସହିତ




ଅପ ଲାଇନରେ ସୋର ପୌର ପାଳିକାରେ ପାଞ୍ଚଟି ରେଜିଷ୍ଟ୍ରେସନ କାଉଣ୍ଟର ଖୋଲାଯାଇଥିବା ସୂଚନା ଦିଆଯାଇଛି। ରାଜ୍ୟର ବିଭିନ୍ନ ଜିଲ୍ଲାରୁ ପ୍ରତିଯୋଗୀ ମାନେ ଏଥିରେ ଅଂଶ ଗ୍ରହଣ କରିବାକୁ ଥିବା ବେଳେ ପ୍ରତିଯୋଗୀଙ୍କୁ ଉତ୍ସାହିତ କରିବା ପାଇଁ ବହୁ ସେଲିବ୍ରିଟି ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି ଏବଂ ୩୦ ତାରିଖ ଅପରାହ୍ନ ଏବଂ ଡିସେମ୍ବର ୧ ତାରିଖ ପୂର୍ବାହ୍ନରେ ରାଧାନାଥ ପଡିଆରେ ଯୋଗ ଶିବିର ଅନୁଷ୍ଠିତ ହେବ ବୋଲି ସାମ୍ବାଦିକ ସମ୍ମିଳନୀରେ ସୂଚନା ଦିଆଯାଇଛି। କମିଟି ୩ ବର୍ଷ ପୂରଣ କରି ସାରିଥିବାରୁ ସାମ୍ବାଦିକ ସମ୍ମିଳନୀ ପୂର୍ବରୁ କମିଟିର ଏକ ବୈଠକ ବସି ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ସଭାପତି ଭାବେ ସଞ୍ଜୟ କୁମାର ଦାସ, ଉପସଭାପତି ଭାବେ ଅବଦୁଲ ଉଦୁତ ଖାନ, ରଶ୍ମିତା ସାହୁ, କୃଷ୍ଣଚନ୍ଦ୍ର ସାହୁ, ସମ୍ପାଦକ ଭାବେ ସୌମ୍ୟଶାନ୍ତ ଅମୃତ ପଟ୍ଟନାୟକ, ସହ ସମ୍ପାଦକ ଭାବେ ଭଗବାନ ଲେଙ୍କା, ପ୍ରଦୀପ କୁମାର ବିଶ୍ୱାଳ,ସଂଗ୍ରାମ ଗୁଇଁ ଏବଂ ଆଦ୍ୟାଶା ଦାସ କୋଷାଧକ୍ଷ ଭାବେ ରମେଶ ପ୍ରଧାନ ଏବଂ ମିଡ଼ିଆ ସଂଯୋଜକ ଭାବେ ଦାମୋଦର ଦାଶମହାପାତ୍ରଙ୍କୁ ସର୍ବ ସମ୍ମତି କ୍ରମେ ମନୋନୀତ କରାଯାଇଥିଲା।

## ଅର୍ଥନୀତି ବିଭାଗର ବନ୍ଧୁମିଳନ

ଜଳେଶ୍ୱର ବ୍ଲକ, ୨୧।୧୦(ସମିସ): ଜଳେଶ୍ୱରର ଦୀନକୃଷ୍ଣ ମହାବିଦ୍ୟାଳୟର ଅର୍ଥନୀତି ବିଭାଗର (୨୦୧୫-୧୮) ବ୍ୟାଚ ତରଫରୁ ଏକ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ରାଇବଣିଆ ଦୁର୍ଗରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ମୁଖ୍ୟ ସମୀର କୁମାର ଦାସ ଯୋଗ ଦେଇ ବନ୍ଧୁମିଳନର ମୂଲ୍ୟବୋଧ ଓ ଆବଶ୍ୟକତା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବରେ ଅଧ୍ୟାପକ ରଞ୍ଜନ କୁମାର ମାଝୀ ଯୋଗ ଦେଇଥିଲେ। ସଭା ଶେଷରେ ପୁରାତନ ଛାତ୍ର ଗୌତମ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୁରାତନ ଛାତ୍ର ହରିଶଙ୍କର ବେହେରା, ରତୀନ୍ଦ୍ର ବେହେରା, ରାଜେଶ କୁମାର ଘୋଷ, ସତ୍ୟଜିତ ଜେନା, ରଂଜିତ ବେହେରା, ଜଗନ୍ନାଥ କମିଲା, ସୂର୍ଯ୍ୟକାନ୍ତ ଗିରି, ଦେବବ୍ରତ ଦେ, ଶୁଭଦୀପ ଚକ୍ରବର୍ତ୍ତୀ ପ୍ରମୁଖ ଯୋଗ ଦେଇଥିଲେ।

## ଗୋଚର ଜମିରୁ ଗଛ କାଟିନେଲେ

ରାଜଘାଟ, ୨୧।୧୦ (ସମିସ): ଛୁଟିଦିନ ଦେଖି ମଉକାରେ ଚଉକା ମାରିନେଲେ ସରପଞ୍ଚ। ବସ୍ତା ଥାନା ଭେଲୋରା ପଞ୍ଚାୟତର ତାରିଣୀ ଛକ ନିକଟରେ ଥିବା ଏକ ସରକାରୀ ଗୋଚର ଜାଗାରୁ ବେଆଇନ ଭାବେ ଏକ ଗଛକୁ କାଟି ସ୍ଥାନୀୟ ସରପଞ୍ଚ କାଟି ନେଇଥିବା ଅଭିଯୋଗ ହୋଇଛି। ଭେଲୋରା ମୌଜାର ତାରିଣୀ ଛକ ନିକଟ ଗୋଚର ଜାଗାରୁ ସ୍ଥାନୀୟ ପଦିମା ଗ୍ରାମର ବିଦ୍ୟାଧର ସିଂହ ୩ଟି ମୂଲ୍ୟବାନ ଗଛ କାଟୁଥିବାର ସ୍ଥାନୀୟ ଲୋକଙ୍କଠାରୁ ଖବର ପାଇ ଭେଲୋରା ଗ୍ରାମର ଜୟନ୍ତ କୁମାର ଭଦ୍ର, ସପନ ବାଗ ତାପସ ମହାନ୍ତି ଲମ୍ବୋଧର କମିଲା ଓ କିଛି ଗ୍ରାମବାସୀ ଘଟଣା ସ୍ଥଳରେ ପହଞ୍ଚିଥିଲେ। ତେବେ ବିନା ଅନୁମତିରେ ସରକାରୀ ଜାଗାରୁ ଗଛ କଟା ବାବଦରେ ପଚାରିବାରୁ ସ୍ଥାନୀୟ ସରପଞ୍ଚଙ୍କ ପରାମର୍ଶରେ ଗଛ



କାଟୁଥିବାର ଶ୍ରୀ ସିଂହ ପ୍ରକାଶ କରିଥିଲେ। ଏ ନେଇ ଅଭିଯୋଗକାରୀଙ୍କ ତରଫରୁ ଗୁଡିଖାଲ ରାଜସ୍ୱ ନୀରିକ୍ଷକ ତଥା ବସ୍ତା ତହସିଲଦାରଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରାଯାଇଥିଲେ ସୁଦ୍ଧା କେହି ଫୋନ୍ ରିସିଭ କରିନଥିଲେ। ଏ ବାବଦରେ ସରପଞ୍ଚ ଦୁର୍ଗାରାଣୀ ଜେନାଙ୍କୁ ପଚାରିବାରୁ ସେଠାରେ ଏକ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ ହେବା କହୁଥିବା ବେଳେ ଗଛ କଟା ବାବଦରେ ଅବଗତ ନ ଥିବା କହିଥିଲେ। ଗୋଚର ଜମିରେ କୌଣସି ସରକାରୀ ନିର୍ମାଣ କାର୍ଯ୍ୟ ନହେବାର ନିୟମ ଥିବାବେଳେ ସରପଞ୍ଚଙ୍କ ଏଭଳି ମନ୍ତବ୍ୟ ତାଙ୍କର ଦୋଷକୁ ପଦାରେ ପକାଇଛି। ବନ ବିଭାଗ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଲୋକେ ଦାବି କରିଛନ୍ତି।

## ଇଂରାଜୀ ପୁସ୍ତକ 'ଗ୍ଲିମସେସ୍ ଅଫ୍ ଇଣ୍ଡିଆନ ଇକୋନୋମି' ଉନ୍ମୋଚିତ




କାଳିପଦା, ୨୧।୧୦ (ସମିସ): ବାଲିଆପାଳ ବରିଷ୍ଠ ନାଗରିକ ପରିଷଦର ମାସିକ ବୈଠକରେ ପରିଷଦର ସଦସ୍ୟ ତଥା ଅବସର ପ୍ରାପ୍ତ ଅଧ୍ୟକ୍ଷ ଡ଼ ବିଜୟ କୁମାର ଦେ ଙ୍କର ଇଂରାଜୀ ପୁସ୍ତକ " ଗ୍ଲିମସେସ ଅଫ ଇଣ୍ଡିଆନ ଇକୋନୋମି' ମୁଖ୍ୟଅତିଥି ଦୀନକୃଷ୍ଣ ସ୍ମୃତି ପରିଷଦର ସମ୍ପାଦକ ବିପିନ ବିହାରୀ ବିଶ୍ୱାଳଙ୍କ କରକମଳରେ ଉନ୍ମୋଚିତ ହୋଇଯାଇଛି। ବୈଠକରେ ପୂର୍ଣ୍ଣଚନ୍ଦ୍ର ରାଜ ପୌରହିତ୍ୟ କରିଥିବା ବେଳେ ମୁଖ୍ୟ ବକ୍ତା ତଥା ପୁସ୍ତକ ସମୀକ୍ଷକ ଭାବେ କବି ବ୍ରଜେନ୍ଦ୍ର ନାଥ ଗିରି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ରୂପେ ଅବସର ପ୍ରାପ୍ତ ଶିକ୍ଷାବିତ ଚିତ୍ତରଞ୍ଜନ ଦାସ, ସମ୍ପାଦକ ଡ. ବଙ୍କିମ ଚନ୍ଦ୍ର ଜେନା, ଲେଖକ ଡ଼ ବିଜୟ କୁମାର ଦେ ପ୍ରମୁଖ ମଂଚାସୀନ ହୋଉଥିଲେ। ବେଦପାଠ ସହିତ ମଞ୍ଚ ଆହ୍ୱାନ ଓ ଅତିଥି ପରିଚୟ କବି ତଥା ସାହିତ୍ୟିକ ସନ୍ନ୍ୟାସୀ ବେହେରା କରିଥିବାବେଳେ ଲେଖକ ଡ. ବିଜୟ କୁମାର ଦେ ନିଜ ପୁସ୍ତକ ସମ୍ବନ୍ଧରେ ସ୍ୱାଗତ ଭାଷଣ ଦେଇଥିଲେ । ପରିଷଦର ବରିଷ୍ଠ ସଦସ୍ୟ ବିଜୟ କୁମାର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ବିଷ୍ଣୁପୁରରେ ଅସହାୟଙ୍କୁ ରିଲିଫ୍ ବଣ୍ଟନ

ବାଲିଆପାଳ, ୨୧।୧୦ (ସମିସ): ଦୀପାବଳି ଅବସରରେ ୱାଏମସିଏ ସ୍ୱେଚ୍ଛାସେବୀ ସଂଗଠନ ଓ ଚନ୍ଦ୍ର ଶେଖର ଆଜାଦ ଫାଉଣ୍ଡେସନର ମିଳିତ ସହଯୋଗରେ ଅସହାୟ ଲୋକଙ୍କୁ ବିଷ୍ଣୁପୁର ପଞ୍ଚାୟତରେ ନୟାବାଲି ଗ୍ରାମର ସମାଜସେବୀ ପରେଶ ଚନ୍ଦ୍ର କରଙ୍କ ବାସଭବନରେ ରିଲିଫ ବଣ୍ଟନ କରାଯାଇଛି। ବାଲିଆପାଳ ବ୍ଲକରେ ସୁବର୍ଣ୍ଣ ରେଖା ନଦୀରେ ଚଳିତ ବର୍ଷ ସାତ ଥର ବନ୍ୟା ଆସି ଲୋକଙ୍କ ଧନଜୀବନକୁ ପ୍ରଭାବିତ କରିଛି। ଲୋକଙ୍କ ମୁହଁରେ ହସ ଫୁଟାଇବା ପାଇଁ ଲୋକଙ୍କୁ ମାସକର



ରାସନ୍, ଚାଉଳ, ପିଲା ମାନଙ୍କ ଉଦ୍ଦେଶ୍ୟରେ ସ୍କୁଲ ବ୍ୟାଗ୍ ଥିବା ୧୦୦ରୁ ଉର୍ଦ୍ଧ୍ୱ ପ୍ୟାକେଟ୍ ଦିଆଯାଇଛି। ଅତିଥି ଭାବେ ବସ୍ତା ଏସଡିପିଓ ମାନସ ଦେଓ, ପ୍ରକୃତିବନ୍ଧୁ ସୁମନ୍ତ ଜେନା, ସଂଗଠନର ଜିଲ୍ଲା ସଭାପତି ସଞ୍ଜୟ କୁମାର ମହାପାତ୍ର, ପ୍ରୋଗ୍ରାମ ଅଫିସର୍ ସାଲେସ ବିକ୍ରମ କୁମାର, କଷାଧକ ବିନୟ ଭୂଷଣ ସିଂ, ବରିଷ୍ଠ ସାମ୍ବାଦିକ ସୁବଳ ଚନ୍ଦ୍ର ଦାସ,ଅରି ପାଷ୍ଟରର ଜେନେରାଲ ମ୍ୟାନେଜର ରାମକୃଷ୍ଣ ପାଢୀ ପ୍ରମୁଖ ଯୋଗଦେଇ ଥିଲେ।

## ଗଡ଼ିଲା ସାଇବର ସୁରକ୍ଷା ସଚେତନତା ରଥ



ନୀଳଗିରି, ୨୧।୧୦ (ସମିସ): ନୀଳଗିରି ଆଇଆଇସି ଗୋବର୍ଦ୍ଧନ ନାୟକଙ୍କ ନେତୃତ୍ୱରେ ଆଜି ସାଇବର ପୁଲିସ ଓ ନୀଳଗିରି ପୁଲିସ ଟିମ୍ ପକ୍ଷରୁ ନୀଳଗିରିରେ ସାଇବର ସୁରକ୍ଷା ଅଭିଯାନ ୨୦୨୫ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନୀଳଗିରି ସହରର ବିଭିନ୍ନ ସ୍ଥାନରେ ସାଇବର ସୁରକ୍ଷା ସଚେତନତା ରଥ ଗଡିବା ସହିତ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଚେତନତା ରଥ ନୀଳଗିରି ସହର ପରିକ୍ରମା କରିବା ସହିତ ପୋଲିସ ଟିମ୍ ଲୋକଙ୍କୁ ସଚେତନତା ପତ୍ର ପ୍ରଦାନ କରିଛନ୍ତି। ନୀଳଗିରି ଥାନା ଓ ବାଲେଶ୍ୱର ସାଇବର ପୁଲିସ ଟିମ୍‌ର ମିଳିତ ସହଯୋଗ ରେ ଏହି ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ କ୍ଷେତ୍ରରେ ଲୋକେ ସାଇବର ଠକାମିରେ ଶିକାର ହେଉଥିବାରୁ ପୋଲିସ୍ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିବା ଜଣାପଡିଛି।

## ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ; ଡିଜେ ଲଭର ଚାମ୍ପିଅନ

ବାଲିଆପାଳ, ୨୧।୧୦ (ସମିସ)

ବାଲିଆପାଳ ବ୍ଲକ ଦେଭୋଗ ପଞ୍ଚାୟତ ବିଷ୍ଣୁପୁର ଗ୍ରାମର ବୁଢ଼ୀ ବରଗଛ ଖେଳପଡ଼ିଆଠାରେ ଦୀପାବଳି ଏବଂ କାଳୀପୂଜା ଅବସରରେ ଶ୍ରୀରାମପୁର ପଞ୍ଚାୟତର ମଇଁଷାମୁଣ୍ଡା ଆଦିବାସୀ ମା' ଭଗବତୀ କ୍ଲବ ଆନୁକୂଲ୍ୟରେ ଦୁଇ ଦିନ ଧରି ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ସୋମବାର ଉଦଯାପିତ ହୋଇଯାଇଛି । ଟୁର୍ଣ୍ଣାମେଣ୍ଟରେ ୧୬ଟି ଫୁଟବଲ୍ ଦଳ ଅଂଶଗ୍ରହଣ କରିଥିଲେ। ଚିତ୍ତାକର୍ଷକ ଫାଇନାଲ ଖେଳରେ ଗଜାନନ ଏଫ. ସି. ଛଡ଼ା ଦଳକୁ ହରାଇ ଡ଼ି. ଜେ. ଲଭର (ମୟୂରଭଞ୍ଜ) ଦଳ ଚାମ୍ପିଅନ ହୋଇଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ବସ୍ତା ବିଧାୟିକା ସୁବାସିନୀ ଜେନା ଯୋଗଦେଇ ଫୁଟବଲ୍ ଖେଳାଳିମାନଙ୍କୁ



ଉତ୍ସାହିତ କରିଥିଲେ। ଆଦିବାସୀ ଗୁରୁଜନ, ଯୁବକ ଓ ମହିଳା ମାନେ ବିଧାୟିକା ଶ୍ରୀମତୀ ଜେନାଙ୍କୁ ପାରମ୍ପରିକ ବାଦ୍ୟ ବଜାଇ ନାଚି ନାଚି ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧିତ କରିଥିଲେ। ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ ଅନୁଷ୍ଠାନର ସଭାପତି ରାମ ବେଶ୍ରା ଉତ୍ସବରେ ସଭାପତିତ୍ୱ କରିଥିଲେ। ସମ୍ମାନିତ ଅତିଥି ଭାବେ ଶ୍ରୀରାମପୁର ପଞ୍ଚାୟତର ସରପଞ୍ଚ ଦେବ କୁମାର ଦେ, ସମିତି ସଦସ୍ୟାଙ୍କ ପ୍ରତିନିଧି ଭଜନ ବେହେରା, ବିଷ୍ଣୁପୁର ଗ୍ରାମର ମୁଖ୍ୟ ଅବସରପ୍ରାପ୍ତ ସେନାଧିକାରୀ ତ୍ରିଭୁବନ ନାଥ, ଦେଭୋଗ ପଞ୍ଚାୟତ ସରପଞ୍ଚଙ୍କ ପ୍ରତିନିଧି ମୃତ୍ୟୁଞ୍ଜୟ ନାୟକ, ଶ୍ରୀରାମପୁର ପଞ୍ଚାୟତ ପୂର୍ବତନ ସରପଞ୍ଚ ବିଜୟ କୃଷ୍ଣ ବେହେରା, ପୂର୍ବତନ ସମିତି ସଦସ୍ୟ ଝାଡ଼େଶ୍ୱର ବେହେରା, ଜିଲ୍ଲା ପରିଷଦ ସଦସ୍ୟ ନିଶାକର ସେଠୀ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇ ଥିଲେ । ସେହିପରି ଭାବେ ପ୍ରୀତମ ମାଝୀ, ମୋହନ ବେଶ୍ରା, ଏବଂ କାଳି ଚରଣ ମୁର୍ମୁ ପ୍ରମୁଖ ଖେଳକୁ ପରିଚାଳନା କରିଥିଲେ। ମଇଁଷାମୁଣ୍ଡା ଆଦିବାସୀ ସାହି ମା' ଭଗବତୀ କ୍ଲବର ସଦସ୍ୟମାନେ ଟୁର୍ଣ୍ଣାମେଣ୍ଟ ପରିଚାଳନାରେ ସହଯୋଗ କରିଥିଲେ। ଫୁଟବଲ୍ ଖେଳକୁ ଉପଭୋଗ କରିବାକୁ ଆଖ ପାଖ ଅଞ୍ଚଳରୁ ବହୁ ଜନ ସମାଗମ ଦେଖିବାକୁ ମିଳିଥିଲା।

# କାଳୀପୂଜା ମେଳା ପାଇଁ ଜିଲ୍ଲା ଉତ୍ସବମୁଖର






କେନ୍ଦୁଝର, ୨୧।୧୦(ସମିସ): କେନ୍ଦୁଝରର ପ୍ରସିଦ୍ଧ କାଳୀପୂଜା ମେଳା ମଙ୍ଗଳବାର ସଂଧ୍ୟାରୁ ଆରମ୍ଭ ହୋଇଛି। ସହରଯାକ ଝକମକ ଆଲୋକରେ ଦୀପାବଳି ଏବଂ କାଳିମେଳାର ମାହୋଲକୁ ଦ୍ୱିଗୁଣିତ କରୁଛି। ସୋମବାର ବିଭିନ୍ନ କାଳୀ ପୂଜା ମଣ୍ଡପରେ ପୂଜାନୀତି ଅନୁଷ୍ଠିତ ହୋଇଥିବାବେଳେ ମଙ୍ଗଳବାରଠାରୁ ବିଭିନ୍ନ ମେଢରେ ଶ୍ରଦ୍ଧାଳୁଙ୍କ ଭିଡ଼ ଜମିବାରେ ଲାଗିଛି। କାଳୀତୀର୍ଥର ସାମନ୍ତରାୟପୁର ପୁଷ୍କରିଣୀରେ କଳସପୂଜା କରାଯାଇଥିଲା। ଟେଲିଫୋନ ଏକ୍ସଚେଞ୍ଜ କାଳୀପୂଜା କମିଟିର ରିଜର୍ଭ ପୋଖରୀରେ କଳସ ବୁଡାଯାଇ ଅଣାଯାଇଥିଲା। କେନ୍ଦୁଝରରେ କାଳୀ ମେଳା ଆରମ୍ଭ ହେଉଥିବାରୁ ଦିନ ବେଳାରୁ ଅନେକ ଶ୍ରଦ୍ଧାଳୁ ମେଳାକୁ ଆସୁଥିବା ଲକ୍ଷ୍ୟ କରାଯାଇଛି। କେନ୍ଦୁଝର କାଳୀମେଳା ରାଜାରାଜୁଡା ଅମଳରୁ ଖ୍ୟାତି ଅର୍ଜନ କରିଥିବାବେଳେ ମା' କାଳୀଙ୍କର ପୂଜା ଅନୁଷ୍ଠିତ ହେଉଛି। ମେଳାକୁ ଅନେକ ଦୋକାନବଜାର ଆସିଥିବା ସହ ପ୍ରଥମ ପର୍ଯ୍ୟାୟରେ ମେଲୋଡି ପରେ ଅପେରା ସୋ ହେବାକୁ ଥିବା ଯୋଗୁଁ ଚଳିତ ବର୍ଷ ଅଧିକ ସଂଖ୍ୟାରେ ଦର୍ଶକ ତଥା ଶ୍ରଦ୍ଧାଳୁ ଆସିବାର ସମ୍ଭାବନାରୁ କମିଟି ତାର ପ୍ରସ୍ତୁତି ଚୂଡ଼ାନ୍ତ କରିଛି। ସୁରକ୍ଷା ବ୍ୟବସ୍ଥାକୁ ଆଖି ଆଗରେ ରଖି ମେଳା ପାଇଁ ବ୍ୟାପକ ପୁଲିସ ନିୟୋଜିତ ହେବେ।


କାଳୀତୀର୍ଥ କେନ୍ଦୁଝର କାଳୀପୂଜାକୁ ୮୫ ବର୍ଷରେ ପଦାର୍ପଣ କରୁଥିବାରୁ ବ୍ୟାପକ କାର୍ଯ୍ୟକ୍ରମ ରଖାଯାଇଛି। ସେହିପରି ଟେଲିଫୋନ୍ ଏକ୍ସଚେଞ୍ଜ ଛକ କାଳୀପୂଜା ଚଳିତ ବର୍ଷ ୫୬ ବର୍ଷରେ ପଦାର୍ପଣ କରୁଛି। କମିଟି ପକ୍ଷରୁ ପ୍ରତିବର୍ଷ ଭଳି ବନ୍ଧୁମାନଙ୍କ ଗହଣରେ ଏଥର ମଧ୍ୟ ଲଟେରୀ ରଖାଯାଇଛି। କାଳୀତୀର୍ଥ ପଡିଆରେ ପ୍ରଥମ ପର୍ଯ୍ୟାୟରେ ମେଲୋଡି ଏବଂ ୨ୟରେ ଅପେରା ସୋ ମଞ୍ଚସ୍ଥ ହେଉଛି।

କେନ୍ଦୁଝର ସହରର ଥାନା ଛକଠାରୁ ଚର୍ଚ୍ଚ ଛକ, ଏକ୍ସଚେଞ୍ଜ ଛକରୁ ପାର୍କଲାଇନ, ଏକ୍ସଚେଞ୍ଜ ଛକରୁ ଟାଲିଫୋନ ଅଫିସ ଗଳି, ନଗରଭବନ ରାସ୍ତାକଡ଼, ବାଲୁଙ୍କେଶ୍ୱର ପଡିଆ, କାଳୀତୀର୍ଥ, ସିନେମା ହଲ ସମ୍ମୁଖ ଆଦି ସ୍ଥାନରେ ମୀନାବଜାର ସାଙ୍ଗକୁ ବିଭିନ୍ନ ଘରକରଣା ସାମଗ୍ରୀ ଦୋକାନ ଆକର୍ଷଣର କେନ୍ଦ୍ରବିନ୍ଦୁ ସାଜିଛି। ସେପଟେ ଜନଜାତି ସାଧନ କେନ୍ଦ୍ର ସମ୍ମୁଖରେ ଭଳିକି ଭଳି ଖାଦ୍ୟଷ୍ଟଲ, କାଳୀମେଳା ପ୍ରବେଶ ପଥର ଡାହାଣ ପଟ ଖାଦ୍ୟଷ୍ଟଲ ମେଳା ଏବଂ ମେଢ ଦେଖିବାକୁ ଆସୁଥିବା ଲୋକଙ୍କ ପାଇଁ ଖାଦ୍ୟର ମଜା ଉଠାଇବା ସ୍ଥାନ ହୋଇଥିବାରୁ ସେହି ଷ୍ଟଲଗୁଡ଼ିକରେ ବିଶେଷତଃ ମହିଳା ଏବଂ ଛୋଟ ପିଲାଙ୍କ ପ୍ରଥମଦିନରୁ ଭିଡ଼ ପରିଲକ୍ଷିତ ହେଉଛି।

ଅନ୍ୟପକ୍ଷରେ, ପ୍ରସିଦ୍ଧ କାଳୀମେଳା ଅବସରରେ ଜେଲ ଛକ ନିକଟରେ ରାସ୍ତାକଡ଼ରେ ସରକାରଙ୍କ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ବିଭାଗର ପ୍ରାୟୋଜନରେ ବୟନିକା ଦ୍ୱାରା ହେବାକୁ ଥିବା ଷ୍ଟଲ ଲୋକଙ୍କ ଅନ୍ୟତମ ଆକର୍ଷଣର କେନ୍ଦ୍ରବିନ୍ଦୁ ହେବାକୁ ଯାଉଛି। ମଣ୍ଡୁଆ କାଶୀପୁରଠାରେ ଶ୍ମଶାନ କାଳୀଙ୍କ ପୂଜା ଧୂମାଧାମରେ ପାଳିତ ହେଉଥିବାବେଳେ ସୁଉଚ୍ଚ ସୁନ୍ଦର ତୋରଣ ଲୋକଙ୍କୁ ଆକର୍ଷିତ କରୁଛି। ଏଥିସହ ମାଇନିଂଠାରେ କାଳୀପୂଜା କାର୍ଯ୍ୟକ୍ରମ ସହରରେ କାଳୀପୂଜା ମାହୋଲକୁ ଅଧିକ ରୁଦ୍ଧିମନ୍ତ କରୁଛି। ସେପଟେ ମାଧପୁର କାଳୀ ମନ୍ଦିର, ସାରାସ କାଳୀ ମନ୍ଦିରରେ ବିଶେଷ ପୂଜାନୀତି ଅନୁଷ୍ଠିତ ହୋଇଛି। ମୁଖ୍ୟମନ୍ତ୍ରୀଙ୍କ ତିନିଦିନିଆ କେନ୍ଦୁଝର ଗସ୍ତ ଅବସରରେ ସମସ୍ତ କାଳୀ ମେଢ଼ ପରିଦର୍ଶନ କାର୍ଯ୍ୟକ୍ରମ ହେବ ବୋଲି ସୂଚନା ମିଳିଛି।

**ଆନନ୍ଦପୁର:** ଘସିପୁରା ବ୍ଲକ ଗଡ଼ବାନ୍ଧଗୋଡା ଗ୍ରାମରେ ୪୫ତମ ମା' ଶ୍ୟାମାକାଳୀ ପୂଜା ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଆଚାର୍ଯ୍ୟ ବିଜୟ କୁମାର ରଥ, ଚଣ୍ଡୀ ପାଠକ ଉପେନ୍ଦ୍ର କୁମାର ପଣ୍ଡା, ଆଚାର୍ଯ୍ୟ ଜୟକେତନ ମିଶ୍ର, ଶିବପ୍ରସାଦ ରଥ, ରାକେଶ ମିଶ୍ର, ସଦାନନ୍ଦ କରଙ୍କ ଦ୍ୱାରା କଳସ ଯାତ୍ରାରେ ଗ୍ରାମ ପୁଷ୍କରିଣୀରୁ କଳସ ବୁଡ଼ାଇ ପୂଜା ମଣ୍ଡପରେ ସ୍ଥାପନା ପରେ ରୀତିନୀତିରେ ପୂଜାର୍ଚ୍ଚନା ଏବଂ ପୂର୍ଣ୍ଣାହୁତି ସମ୍ପନ୍ନ ହୋଇଯାଇଛି। ମୁଖ୍ୟକର୍ତ୍ତା ରାମଚନ୍ଦ୍ର ଚକ୍ରଙ୍କ ସହ ତ୍ରିଲୋଚନ ବିଶ୍ୱାଳ, ଦିଲୀପ ପାତ୍ର, ପଦ୍ମନାଭ ପଲେଇ, ବିଜୟ ରାଉତ, ବିମଳ ନାୟକ, ଶିବପ୍ରସାଦ ବେହେରା, ହୃଦାନନ୍ଦ ଦାଶ, ଅନିଲ ଚକ୍ର, ପ୍ରଫୁଲ୍ଲ ନାୟକ, ସୁରେଶ ବାରିକ, ମନୋଜ ଚକ୍ର ପୂଜା ସଙ୍କଳ୍ପରେ ବସିଥିଲେ। ତିନିଦିନ ଧରି ପ୍ରତି ସନ୍ଧ୍ୟାରେ ଆଧ୍ୟାତ୍ମିକ ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।

**ବେଲବାହାଳି:** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ବେଲବାହାଳି ଗ୍ରାମରେ ସାର୍ବଜନୀନ କାଳୀପୂଜା ପାଇଁ ସମଗ୍ର ଅଞ୍ଚଳ ଏବେ ଉତ୍ସବ ମୁଖର ହୋଇଉଠିଛି। ପୂଜାକମିଟିର କର୍ମକର୍ତ୍ତାଙ୍କ ମିଳିତ ସହଯୋଗରେ କୁସେଇ ନଦୀରୁ କଳସ ବୁଡାଇ ଗ୍ରାମ ପରିକ୍ରମା କରିବା ପରେ ଘଟସ୍ଥାପନ ପରେ ଯଥାରୀତି ପୂଜାର୍ଚ୍ଚନା କରାଯାଇଥିଲା। ସୋମବାର ବିଳମ୍ବିତ ରାତିରେ ଆରମ୍ଭ ହୋଇଥିବା ଏହି ପୂଜା ପାହାନ୍ତିପ୍ରହରରେ ଶେଷ ହୋଇଥିଲା। କଳସଧାରୀ ଓ ସଂକଳ୍ପରେ ମୁଖ୍ୟକର୍ତ୍ତା ଭାବେ ରାମଚନ୍ଦ୍ର ସାହୁ, ପୂଜକ ପ୍ରଭାକର କର, ମହେଶ୍ୱର ପାଢ଼ୀଙ୍କ ବେଦପାଠ ପରେ ପାଦୁକ ପାଇ ହବିଷ୍ୟାନ୍ନ ଭୋଜନ କରିଥିଲେ। ପୂଜା ୫୬



ବର୍ଷରେ ପଦାର୍ପଣ କରିଥିବା ବେଳେ ପୂଜାମଣ୍ଡପର ସାଜସଜ୍ଜା, ପୂରା ବଜାର ଅଞ୍ଚଳକୁ ଆଲୋକ ମାଳାରେ ସଜାଯାଇଛି। ପୂଜା କମିଟିର ସଭାପତି ତାପସ କୁମାର ଜେନା, ସମ୍ପାଦକ ମୋହନ ଚରଣ ସାହୁ, ଉପଦେଷ୍ଟା ସଞ୍ଜୟ ଦାସଙ୍କ ନେତୃତ୍ୱରେ ଚଳିତବର୍ଷ ୮ ଦିନ ଧରି ମା' ଶ୍ୟାମାକାଳୀଙ୍କ ପୂଜାର୍ଚ୍ଚନା ସହ ପ୍ରତିସନ୍ଧ୍ୟାରେ ମୀନାବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ରହିଛି। ୨୩ ତାରିଖ କଳିଙ୍ଗ ସଙ୍ଗୀତ ସାଧନା କେନ୍ଦ୍ର, ୨୪ ସୋମାଦେବୀ ଡ୍ୟାନ୍ସ ଗ୍ରୁପ, ୨୫ ସନ୍ଧ୍ୟାରେ ଶ୍ରୀଜଗନ୍ନାଥ ଭଜନ ସନ୍ଧ୍ୟା ଏବଂ ୨୬ ତାରିଖ ସମ୍ପର୍କ ମ୍ୟୁଜିକ ତରଫରୁ ମେଲୋଡି ପରିବେଷଣ ସହ ୨୩ରୁ ୨୬ ତାରିଖ ପର୍ଯ୍ୟନ୍ତ "ଯାତ୍ରା ଧଉଳି' ଯାତ୍ରା ପରିବେଷଣ କରାଯିବ। ୪ରୁ ୬ ତାରିଖ ପର୍ଯ୍ୟନ୍ତ ଯାତ୍ରା ସମ୍ରାଟ ତୁଳସୀ ଗଣନାଟ୍ୟ ପରିବେଷଣ କରିବା ନେଇ କମିଟି ପକ୍ଷରୁ ଜଣାଯାଇଛି। କମିଟିର ସଦସ୍ୟ ହିମାଂଶୁ ଭୂଷଣ ସାହୁ, ଗୋବର୍ଦ୍ଧନ ଦାସ, ନବଘନ ପଣ୍ଡା, କାର୍ତ୍ତିକ ସାହୁ, ଗଣେଶ୍ୱର ସାହୁ, ସଞ୍ଜୟ ସାହୁ, ମାନସ ସାଉ, ସିପୁ ସାହୁ, ସୁଶାନ୍ତ ଜେନା, ସନା ସାହୁ, ହରପ୍ରସାଦ ସାହୁ, ପୂର୍ଣ୍ଣ ଜେନା, ବାପୁନ ସାହୁ, ରାମ ସାହୁ, ସଞ୍ଜୟ ଦାସ, ହେମନ୍ତ ମାଝୀ, ରଞ୍ଜନ ସାହୁ, ତ୍ରିଲୋଚନ ସାହୁ, ପ୍ରତାପ ସାହୁ, ନିରଞ୍ଜନ ସାହୁ, ପପୁ ସାହୁ, ବିଷ୍ଣୁ ସାହୁ, ପ୍ରଶାନ୍ତ ସାହୁ ସହଯୋଗ କରୁଛନ୍ତି।

**ତୁରୁମୁଙ୍ଗା:** ପାଟଣା ମୁଖ୍ୟାଳୟ ବଜାର ଏବଂ ତୁରୁମୁଙ୍ଗା ବଜାରରେ ବଣିକ ସଙ୍ଘ ପକ୍ଷରୁ ସୋମବାର ରାତି ଶ୍ୟାମା କାଳୀ ପୂଜା ଅନୁଷ୍ଠିତ ହୋଇଛି। ପାଟଣାରେ କର୍ତ୍ତା ଭାବେ ମୁରଲୀ ବେହେରା ଓ ଅଞ୍ଜନା ବେହେରା ଏବଂ ପୂଜକ ରବୀନ୍ଦ୍ର ପାଣି ଓ ସମ୍ବିତ କୁମାର ପାଣି କାର୍ଯ୍ୟ ସମ୍ପାଦନ କରିଥିଲେ। ବଣିକ ସଙ୍ଘ ସଭାପତି ବୁଲୁ ଭଞ୍ଜ ଓ ସମ୍ପାଦକ ଅଜୟ କୁମାର ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହେଉଥିବା ବେଳେ ଦାଶରଥୀ ଦାଶ, ଅଜୟ ଦାଶ, ପ୍ରଦୀପ ବେହେରା, ଦକ୍ଷପ୍ରସାଦ ସାହୁ, ବିଟୁ ରାମ, ସହଦେବ ବେହେରା, ଲୋକନାଥ ବେହେରା ପରିଚାଳନା କରୁଛନ୍ତି। ଗୁରୁବାର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ସେହିପରି ତୁରୁମୁଙ୍ଗା ବଣିକ ସଂଘ ପକ୍ଷରୁ ନିହୁଆଁ ପଡିଆରେ କାଳୀପୂଜାରେ କର୍ତ୍ତା ରାଜକିଶୋର ସାହୁ, ପୂଜକ ବାପି ପଣ୍ଡା ଓ ଭାନୁ ପାଣି କାର୍ଯ୍ୟ ସମ୍ପନ୍ନ କରିଛନ୍ତି। ବଣିକ ସଙ୍ଘ ସଭାପତି ତାପସକୁମାର ସାହୁ ଓ ସଂପାଦକ ଶ୍ରବଣ ସାହୁ, କ୍ଷେତ୍ରମୋହନ



ସାହୁ, ତପନ ସାହୁ, ସୁବଳ ସାହୁ, ରତିରଞ୍ଜନ ପୃଷ୍ଟି, ଶମ୍ଭୁନାଥ ସାହୁ ସହଯୋଗ କରୁଛନ୍ତି। ସାଂସ୍କୃତିକ କାର୍ଯ୍ୟକ୍ରମରେ ପାଲା, ମ୍ୟାଜିକ ଶୋ ଓ ଡ୍ୟାନ୍ସ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।




## ୭୬ତମ ପୁଲିସ ସହିଦ୍ ଦିବସ ପାଳିତ



କେନ୍ଦୁଝର, ୨୧।୧୦(ସମିସ): ମଙ୍ଗଳବାର କେନ୍ଦୁଝର ରିଜର୍ଭ ପୁଲିସ ପଡ଼ିଆଠାରେ ୭୬ତମ ପୁଲିସ ସହିଦ ଦିବସ ଭାବଗମ୍ଭୀର ପରିବେଶ ମଧ୍ୟରେ ପାଳିତ ହୋଇଯାଇଛି। ଏକ ସମ୍ମିଳିତ ପାରେଡରେ ପଶ୍ଚିମାଞ୍ଚଳ-ରାଉରକେଲା ଡିଆଇଜି ବ୍ରିଜେଶ ରାୟ, କେନ୍ଦୁଝର ଆରକ୍ଷୀ ଅଧୀକ୍ଷକ ନିତିନ କୁଶଲକର ଅଭିବାଦନ ଗ୍ରହଣ କରିବା ସହ ସହିଦଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। କର୍ତ୍ତବ୍ୟ ସମୟରେ ଦେଶ ପାଇଁ ପ୍ରାଣବଳି ଦେଇ ସହୀଦ ହୋଇଥିବାରୁ ତାଙ୍କର ସ୍ମୃତିଚାରଣ କରାଯିବା ସହ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ରାଜ୍ୟପାଳ ଓ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା ପାଠ କରାଯାଇଥିଲା। କେନ୍ଦୁଝର ରିଜର୍ଭ ଇନସ୍ପେକ୍ଟର ପ୍ୟାରେଡ ପରିଚାଳନା କରିଥିବାବେଳେ ସରଜେଣ୍ଟ ସହଯୋଗ କରିଥିଲେ। ଡିଏଫ୍‌ଓ ଏଚଡି ଧନରାଜ, ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ, ଡିଆଇବି ଡିଏସ୍‌ପି ଜ୍ୟୋତିର୍ମୟ ଭୁକ୍ତା, ଟାଉନ ଥାନାଧିକାରୀ ଶ୍ରୀକାନ୍ତ ସାହୁଙ୍କ ସମେତ ଜିଲ୍ଲାସ୍ତରୀୟ ପୁଲିସ ଅଧିକାରୀ ସହିଦଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ।

## ବାଣ ନିଆଁରେ ଜଳିଗଲା ୩ ବଖରା ଚାଳ ଘର

### ୫ ଗୋରୁ ଜୀବନ୍ତ ଦଗ୍ଧ

ହାଟଡ଼ିହୀ,୨୧।୧୦(ସମିସ): ହାଟଡ଼ିହୀ ବ୍ଲକ ଅନ୍ତର୍ଗତ ଜମ୍ବିରା ପଞ୍ଚାୟତ ସାନ ଆମ୍ବଗଡିଆ ଗ୍ରାମ ୫ ନଂ ୱାର୍ଡରେ ଅଗ୍ନିକାଣ୍ଡ ଘଟି ୩ବଖରା ଚାଳ ଘର ସହ ୫ ଗୋରୁ ଜୀବନ୍ତ ଦଗ୍ଧ ହୋଇଯାଇଛନ୍ତି। ସୋମବାର ରାତି ସାଢ଼େ ୧୧ଟା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ଘରର ଚାଳ ଉପରେ ନିଆଁ ଲାଗିବା କ୍ଷଣି ଆଖି ପିଛୁଳାକେ ୩ବଖରା ଘର ନିଆଁରେ ପୋଡ଼ି ଛାରଖାର ହୋଇଯାଇଥିଲା। ନିଆଁର ପ୍ରକୋପରେ ୨ଟି ଗାଈ, ୩ଟି ଗୋରୁଙ୍କୁ ଉଦ୍ଧାର କରିବା ସମ୍ଭବ ହୋଇପାରି ନଥିଲା। ଗାଈ ଏବଂ ଗୋରୁ ନିଆଁରେ ପୋଡ଼ି ଜୀବନ୍ତ ଦଗ୍ଧ ହୋଇଯାଇଥିଲେ। ଏଥିସହ ଘରୋଇ ଉପକରଣ ସହ ଚାଷ ଉପକରଣ ଏବଂ ପାଣିମଟର, ଧାନ, ଚାଉଳ, ପଲଙ୍କ, ଆଲମାରୀ ସହ କିଛି ଦରକାରୀ କାଗଜପତ୍ର ନିଆଁରେ ପୋଡ଼ି ଯାଇଥିବା ନେଇ ଘର ମାଲିକ ଶ୍ରୀ ମିଶ୍ର କହିଛନ୍ତି। ଖବର ପାଇ ହାଟଡ଼ିହୀ ଦମକଳ ବାହିନୀ ପହଞ୍ଚିଥିଲେ ସୁଦ୍ଧା ସେତେବେଳେ ସବୁକିଛି ଜଳି ସାରିଥିଲା। ଘର ମାଲିକ କୋଦଣ୍ଡଧର ମିଶ୍ରଙ୍କ କହିବାନୁସାରେ, ଦୀପାବଳି ଥିବାରୁ ଗ୍ରାମର କିଛି ଯୁବକ ଉଚ୍ଚ ଶବ୍ଦ ବାଣ ଫୁଟାଉଥିବା ସମୟରେ ଏହି ଅଗ୍ନିକାଣ୍ଡ ଘଟିଥିଲା। ବାଣ ନିଆଁରୁ ଏଭଳି ଅଗ୍ନିକାଣ୍ଡ ଘଟିଥାଇପାରେ ବୋଲି କୋଦଣ୍ଡ ସନ୍ଦେହ କରିଛନ୍ତି।



## ଆନ୍ତଃଜିଲ୍ଲା ବନ୍ୟଜନ୍ତୁ ଶିକାରୀ ଗିରଫ

### ଦେଶୀ ବନ୍ଧୁକ ଓ ବାଇକ୍ ଜବତ

କେନ୍ଦୁଝର, ୨୧।୧୦(ସମିସ): କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳରୁ ଜଣେ ଆନ୍ତଃଜିଲ୍ଲା ବନ୍ୟଜନ୍ତୁ ଶିକାରୀକୁ ବନ ବିଭାଗ ଗିରଫ କରିଛି। ଶିକାରୀଙ୍କ ନିକଟରୁ ବନ୍ୟଜନ୍ତୁ ଶିକାରରେ ବ୍ୟବହୃତ ସିଙ୍ଗଲ ବ୍ୟାରେଲ ଦେଶୀ ବନ୍ଧୁକ, ଏକ ବାଇକ, ଓଜନ କଣ୍ଟା ଏବଂ ମୋବାଇଲକୁ ମଧ୍ୟ ଜବତ କରାଯାଇଥିବା ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳ ଅଧିକାରୀ ନୟନକାନ୍ତ ସାହୁ ପ୍ରକାଶ କରିଛନ୍ତି। ଦେବଗଡ଼ ଜିଲ୍ଲା ବାରକୋଟ ଥାନା ଅନ୍ତର୍ଗତ ସରୁଆଳି ଅଞ୍ଚଳର ଅକ୍ଷୟ ନାୟକ (୫୫) କେନ୍ଦୁଝର ବନଖଣ୍ଡ ଭୂୟାଁ ଜୁଆଙ୍ଗ ପିଢ଼ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ଲୁଚାଛପାରେ



ବନ୍ୟଜନ୍ତୁ ଶିକାର କରୁଥିଲା। ସୂଚନା ଆଧାରରେ ବନ କର୍ମଚାରୀ ସତର୍କତାର ସହ ବନାଞ୍ଚଳର ବିଭିନ୍ନ ଅଞ୍ଚଳରେ ତୀକ୍ଷ୍ଣ ନଜର ରଖିଥିଲେ। ଶିକାରୀ ଜଣକ ସହରପୁର ସଂରକ୍ଷିତ ଜଙ୍ଗଲରେ ଥିବା ବେଳେ ବନାଞ୍ଚଳ ଅଦଧିକାରୀ ଏବଂ ଅନ୍ୟ ବନ କର୍ମଚାରୀ ଚଢ଼ଉ କରିଥିଲେ। ତେବେ, ଅଭିଯୁକ୍ତ ଅକ୍ଷୟ ସେଠାରୁ ଫେରାର ହୋଇଯାଇଥିଲା। ବନ ବିଭାଗ ବହୁ ଖୋଜାଖୋଜି ପରେ ତାକୁ ଚମ୍ପାଝରରେ ଜଣଙ୍କ ଘରେ ଲୁଚିକି ରହିଥିବା ଜାଣି ତାକୁ ସେଠାରୁ କାବୁ କରିଥିଲେ। ଶିକାରୀ ନିକଟରୁ ଦେଶୀ ବନ୍ଧୁକ, ଓଡି-୨୮ବି-୪୫୯୮ ନମ୍ବର ବାଇକ, ମୋବାଇଲ ଫୋନ ଏବଂ ଜନ୍ତୁ ଶିକାର ପରେ କାଟି ବିକ୍ରୟ ପାଇଁ ବ୍ୟବହୃତ ଛୁରି, ଓଜନ କଣ୍ଟାକୁ ବନ ବିଭାଗ ଜବତ କରିଛି। ଏକ ମାମଲା ରୁଜୁକରି ଅଭିଯୁକ୍ତକୁ କୋର୍ଟ ଚାଲାଣ ହୋଇଥିବା ସୂଚନା ମିଳିଛି।

## ଗ୍ରାମାଞ୍ଚଳ ଫୁଟ୍‌ବଲ: ସଲେଇକେନା ଚାମ୍ପିଅନ



ତେଲକୋଇ, ୨୧।୧୦(ସମିସ): ତେଲକୋଇ ବ୍ଲକ ମୁଖ୍ୟାଳୟ ହାଲପୋଡ଼ି ଗ୍ରାମ ଖେଳ ପଡିଆଠାରେ ମା' ନାଗପାଟ ସ୍ପୋର୍ଟସ କ୍ଲବ ଆନୁକୂଲ୍ୟରେ ତିନ ଦିନ ଧରି ଚାଲିଥିବା ନବମ ବାର୍ଷିକ ମା' ନାଗପାଟ ଗ୍ରାମାଞ୍ଚଳ ଫୁଟବଲ ପ୍ରତିଯୋଗିତା ମଙ୍ଗଳବାର ଉଦଯାପିତ ହୋଇଯାଇଛି। ରବିବାର ଏହି ଟୁର୍ଣ୍ଣାମେଣ୍ଟରେ ଅତିଥି ଭାବେ ସ୍ଥାନୀୟ ସରପଞ୍ଚ ରଶ୍ମିତା ନାୟକ, ଚାରିଗଡ଼ ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧକ୍ଷ ମାନଗୋବିନ୍ଦ ସାହୁ ସାମିଲ ହୋଇଥିଲେ। ଏଥିରେ ସମୁଦାୟ ୧୬ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ପୁରୁଣାପାଣିକୁ ୧-୦ ଗୋଲରେ ହରାଇ ସଲେଇକେନା ଚାମ୍ପିଅନ ହୋଇଛି। ମୁଖ୍ୟଅତିଥି ଭାବେ ବିଧାୟକ ଡ଼ାକ୍ତର ଫକୀର ମୋହନ ନାଏକ ଏବଂ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ବରିଷ୍ଠ ବିଜେପି ନେତା ପ୍ରଫୁଲ୍ଲ ସାହୁ, ଗ୍ରାମର ବରିଷ୍ଠ ବ୍ୟକ୍ତି ବିଜୟ ପ୍ରଧାନ, ଦୟାନିଧି ପ୍ରଧାନ, ଅରକ୍ଷିତ ପ୍ରଧାନ, ଲୋକନାଥ ପ୍ରଧାନ, ହୃଷୀକେଶ ସାହୁ, ପ୍ରମୋଦ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ରେଫରୀ ଭାବେ ସଂଜୟ ବେହେରା, ରାଜେଶ ପ୍ରଧାନ, ଯଯାତି ସାହୁ ଓ ଜୟନ୍ତ ବେହେରା ପରିଚାଳନା କରିଥିଲେ। ଗୁପ୍ତେଶ୍ୱର ନାୟକ ନାରଣ ସାହୁ ଧାରା ବିବରଣୀ ପ୍ରଦାନ କରିଥିଲେ। କ୍ଲବର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

ଆଞ୍ଚଳିକ କ୍ରୀଡ଼ା

## ଦାନ୍ତିଆରେ ଫୁଟ୍‌ବଲ୍ ଫାଇନାଲ: ଧୂଳିଆପଶି ଚାମ୍ପିଅନ

ବେଲବାହାଳି,୨୧।୧୦(ସମିସ): ଘସିପୁରା ବ୍ଲକ ଗଡବାନ୍ଧଗୋଡା ପଞ୍ଚାୟତ ଅନ୍ତର୍ଗତ ଦାନ୍ତିଆ ଗ୍ରାମରେ ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ୍ୟ ମା' ଲକ୍ଷ୍ମୀ କ୍ଲବ ଆନୁକୂଲ୍ୟରେ ୧୫ତମ ଜିତେନ୍ଦ୍ର ମେମୋରିଆଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଯାଇଛି। ସ୍ୱର୍ଗତ ଜିତେନ୍ଦ୍ର ସ୍ୱାଇଁଙ୍କ ସ୍ମୃତିରେ ଆୟୋଜିତ ହୋଇଆସୁଥିବା ଏହି ପ୍ରତିଯୋଗିତାରେ ଚଳିତର୍ଷ ୮ଟି ଦଳ ଅଂଶଗ୍ରହଣ କରିଥିଲେ। ଫାଇନାଲରେ ବ୍ରାହ୍ମଣୀପାଳ ଏକାଦଶକୁ ଧୂଳିଆପଶି ଏକାଦଶ ୨-୦ ଗୋଲରେ ଚାମ୍ପିଅନ ହୋଇଥିଲେ। ମୁଖ୍ୟଅତିଥି ଭାବେ ବିଜେପି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ପୃଥୁରାଜ୍ କୁଅଁରଙ୍କ ସହ ସମାଜସେବୀ ଯଜ୍ଞପ୍ରସାଦ ସାହୁ ଓ କେନ୍ଦୁଝର ବିଜେପି ସମ୍ପାଦକ ଦୀପକ ଜେନା ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଦିବାକର ସ୍ୱାଇଁ, ତରଣିସେନ ରାଉତ, କିଶୋର ରାଉତ, ଦୁର୍ଯ୍ୟୋଧନ ପଣ୍ଡା, ଭ୍ରମରବର ରାଉତ, ବିଭୂତି ଭୁଷଣ ମଲ୍ଲିକ ଓ ହରିହର ଦାସଙ୍କୁ କମିଟିର ଯୁବକ ସମ୍ମାନିତ କରିଥିଲେ। ଗ୍ରାମର ସୁବଳ ସନାତନ ସ୍ୱାଇଁ, ପବିତ୍ର ସ୍ୱାଇଁ, ସରୋଜ ମଲ୍ଲିକ, ପ୍ରଦୀପ ମଲ୍ଲିକ, ଦୁର୍ଯ୍ୟୋଧନ ମଲ୍ଲିକ, ବଙ୍କିମ ମଲ୍ଲିକ, ଆଶିଷ ମଲ୍ଲିକ, ତୋଫାନ ମଦିକ, କୋଲ୍ହୁ ମଳିକ, ଦୀପକ ମଳିକ, ଧର୍ମରାଜ ମଲ୍ଲିକ, ଅଙ୍ଗଦ ମଲ୍ଲିକ, କିଶନ ମଲ୍ଲିକ, ବିଷ୍ଣୁ ମଲ୍ଲିକ, ପ୍ରଭାତ ମଲ୍ଲିକ, କହ୍ନେଇ ଜେନା, ସୂର୍ଯ୍ୟମଣି ଜେନା, ଶ୍ୟାମସୁନ୍ଦର ଦାସ ସହଯୋଗ କରିଥିଲେ।



## ଶିଳାନ୍ୟାସ ଉତ୍ସବରେ ସମିତି ସଭ୍ୟଙ୍କୁ ଦୁର୍ବ୍ୟବହାର ଅଭିଯୋଗ

# ନିର୍ଦ୍ଦିଷ୍ଟ ରାଜନୈତିକ ଦଳର ଗାମୁଛା ପକାଇ ପ୍ରକଳ୍ପ ଉନ୍ମୋଚନ

ବେତନଟୀ,୨୧।୧୦(ସମିସ):

ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ୍‌ରେ ଏକ ବିଚିତ୍ର ଘଟଣା ସାମ୍ନାକୁ ଆସିଛି। ଯାହା ସରକାରୀ ଅଧିକାରୀମାନଙ୍କର ଆଚରଣ, ରାଜନୀତିକ ନିରପେକ୍ଷତା ଏବଂ ଗ୍ରାମୀଣ ଉନ୍ନୟନ ଯୋଜନାଗୁଡ଼ିକର କାର୍ଯ୍ୟାନ୍ୱୟନ ପ୍ରତି ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବେତନଟୀ ବିଡିଓ ସୁଶାନ୍ତ କୁମାର ସୁତାର ଏବଂ ପଞ୍ଚାୟତର ସମିତି ସଭ୍ୟ ରଣଜିତ ସିଂଙ୍କ ମଧ୍ୟରେ ହୋଇଥିବା ଫୋନ୍‌କଲ୍‌ର ଅଡିଓ ରେକର୍ଡିଂ ସୋସିଆଲ୍ ମିଡିଆରେ ଭାଇରାଲ୍ ହୋବାରେ ଲାଗିଛି। ଯେଉଁଥିରେ ବିଡିଓଙ୍କ ଧମକ ପୂର୍ଣ୍ଣ ଉତ୍ତର ସ୍ପଷ୍ଟ ଭାବେ ଶୁଣାଯାଉଛି। ଘଟଣା ଆଦିବାସୀ ଅଧ୍ୟୁଷିତ ଏହି ଅଞ୍ଚଳରେ ସରକାରୀ ଅଧିକାରୀମାନଙ୍କ ଦାୟିତ୍ୱବୋଧ ଏବଂ ଜନପ୍ରତିନିଧିଙ୍କ ସହ ସହଯୋଗର ଅଭାବକୁ ଲୋକଲୋଚନକୁ ଆଣିଛି; ଯାହା ଉଚ୍ଚସ୍ତରୀୟ ତଦନ୍ତର ଆବଶ୍ୟକତା ରହିଛି। ସୂଚନାନୁଯାୟୀ, ଗତ ଗୁରୁବାର ବେତନଟୀ ପଞ୍ଚାୟତ ସମେତ ବିଭିନ୍ନ ପଞ୍ଚାୟତ ଅଞ୍ଚଳରେ 'ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ଅଧୀନରେ ପ୍ରାୟ ୧ କୋଟି ୫୭ ଲକ୍ଷ ଟଙ୍କାର ବ୍ୟୟ ଅଟକଳରେ ୧୬ଟି ସ୍ଥାନରେ ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମରେ ବେତନଟୀ ବିଡିଓ ସୁଶାନ୍ତ କୁମାର ସୂତାର ଏବଂ ବଡ଼ସାହି ବିଧାୟକ ସନାତନ ବିଜୁଳି ଉପସ୍ଥିତ ଥିଲେ। କିନ୍ତୁ କାର୍ଯ୍ୟକ୍ରମରେ ସଂପୃକ୍ତ ପଞ୍ଚାୟତର ସରପଞ୍ଚ ବା ସମିତି ସଭ୍ୟମାନଙ୍କୁ ନିମନ୍ତ୍ରଣ କରାଯାଇ ନ ଥିଲା। ଯାହା ସ୍ଥାନୀୟସ୍ତରରେ ସରକାରୀ ଯୋଜନାଗୁଡ଼ିକର ପାରଦର୍ଶିତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି। ବିଶେଷକରି ବେତନଟୀ ପଞ୍ଚାୟତର ସମିତି ସଭ୍ୟ ରଣଜିତ ସିଂଙ୍କୁ କୌଣସି ଖବର ଦିଆଯାଇ ନ ଥିଲା। ଯାହାକୁ ନେଇ ସେ ବିଡିଓଙ୍କୁ ଫୋନ୍ ଯୋଗେ ପ୍ରଶ୍ନ କରିଥିଲେ। ଭାଇରାଲ୍ ଅଡିଓରୁ ପରିପ୍ରକାଶ ଯେ, ରଣଜିତ ସିଂ ବିଡିଓଙ୍କୁ ଏହି ଅଣଦେଖାର କାରଣ ପଚାରିଥିଲେ; କିନ୍ତୁ ବିଡିଓ ସନ୍ତୋଷଜନକ ଉତ୍ତର ଦେବା ପରିବର୍ତ୍ତେ ପ୍ରଥମେ ଫାଙ୍କି ଦେବାକୁ ଚେଷ୍ଟା କରିଥିଲେ। କିନ୍ତୁ ସମିତି ସଭ୍ୟ ଅଡି ବସିବାରୁ ବିଡିଓ ସୂତାର ଧମକ ପୂର୍ଣ୍ଣ ଭାଷା ବ୍ୟବହାର କରିଥିଲେ। ଗଣମାଧ୍ୟମ ପ୍ରତିନିଧିଙ୍କ ସହ କଥାବାର୍ତ୍ତାରେ ରଣଜିତ ସିଂ କହିଛନ୍ତି ଯେ "ଜଣେ ବିଧାୟକ କିମ୍ବା ସାଂସଦ ଯେପରି ସିଧାସଳଖ ଜନତାଙ୍କଠାରୁ ଭୋଟ୍ ନେଇ ନିର୍ବାଚିତ ହୁଅନ୍ତି ଏବଂ ସେମାନଙ୍କ ପାଇଁ କାମ କରନ୍ତି, ଠିକ୍ ସେହିପରି ତ୍ରିସ୍ତରୀୟ ପଞ୍ଚାୟତ ରାଜ୍ ବ୍ୟବସ୍ଥାରେ ଜଣେ ସମିତି ସଭ୍ୟ ନିଜ ଅଞ୍ଚଳର ଜନତାଙ୍କଠାରୁ ଭୋଟ୍ ନେଇ ନିର୍ବାଚିତ ହୁଅନ୍ତି। ସେମାନଙ୍କ ପାଇଁ କାମ କରନ୍ତି ତାସହିତ ସେମାନେ ଭୋଟ ଦେଇ ପଞ୍ଚାୟତ ସମିତିର ଅଧ୍ୟକ୍ଷଙ୍କୁ ନିର୍ବାଚିତ କରନ୍ତି। ଅଧ୍ୟକ୍ଷ ବ୍ଲକ୍‌ର ମୁଖ୍ୟ ହୋଇଥିବା ବେଳେ ବିଡିଓ ହେଉଛନ୍ତି ସରକାରୀ ମୁଖ୍ୟ। ବ୍ଲକ୍ ଅଞ୍ଚଳର ଉନ୍ନୟନ କାର୍ଯ୍ୟରେ ସମିତି ସଭ୍ୟଙ୍କୁ ଜଣାଇବା ଏବଂ ଉପସ୍ଥିତ ରଖିବା ଆବଶ୍ୟକ। ସେ ଆହୁରି ଅଭିଯୋଗ କରିଛନ୍ତି ଯେ ପଞ୍ଚାୟତ ଦ୍ୱାରା ପଲ୍ଲୀସଭା ଓ ଗ୍ରାମସଭା କରି ଯେଉଁ ପ୍ରକଳ୍ପଗୁଡିକ ପାଇଁ ଚିଠା ପ୍ରଦାନ କରାଯାଇଥିଲା, ତାକୁ ବାଦ୍ ଦେଇ ଗୋଟେ ନିର୍ଦ୍ଦିଷ୍ଟ ଦଳର ଗୋଟିଏ ଗୋଷ୍ଠୀର କିଛି ଲୋକଙ୍କୁ ସୁହାଇଲା ଭଳି ଚିଠା ପ୍ରସ୍ତୁତ କରି କାମ ସବୁ କରାଯାଉଛି। ଏଥିସହିତ ବିଡିଓ ସରକାରୀ ଚାକିରି କରି ଏକ ନିର୍ଦ୍ଦିଷ୍ଟ ରାଜନୀତିକ ଦଳର ଗାମୁଛା ପକାଇ ରାଜନୀତି କରୁଛନ୍ତି। ଯାହା ସରକାରୀ ଅଧିକାରୀମାନଙ୍କ ନିରପେକ୍ଷତା ଓ ସରକାରୀ କର୍ମଚାରୀଙ୍କ ଆଚରଣ ନିୟମାବଳୀର ଉଲ୍ଲଙ୍ଘନ। ଯୋଜନାର ପୃଷ୍ଠଭୂମି ଅନୁସନ୍ଧାନ କରିବାରୁ ଜଣାପଡୁଛି ଯେ, ବିକଶିତ ଗାଁ, ବିକଶିତ ଓଡ଼ିଶା' ଯୋଜନା ବେତନଟୀ ବ୍ଲକ୍‌ରେ ସ୍ୱତନ୍ତ୍ର ଭାବେ ଶୁଭାରମ୍ଭ ହୋଇଥିଲା। ପରବର୍ତ୍ତୀ ସମୟରେ ଗ୍ରାମସଭା ମାଧ୍ୟମରେ ବିଭିନ୍ନ ଯୋଜନାର ଚିଠା ପ୍ରସ୍ତୁତି ପାଇଁ ପଞ୍ଚାୟତଗୁଡ଼ିକୁ ସରକାରୀ ନିର୍ଦ୍ଦେଶ ଦିଆଯାଇଥିଲା। ଚିଠାଗୁଡ଼ିକ ବ୍ଲକ୍‌କୁ ଆସିବା ପରେ ବ୍ଲକ ପ୍ରଶାସନ ଦ୍ୱାର ଚିଠାଗୁଡ଼ିକୁ ଯାଞ୍ଚକରି ଗୋଟେ ନିର୍ଦ୍ଦିଷ୍ଟ ଦଳର ତଥା ଉକ୍ତ ଗୋଷ୍ଠୀର କିଛି ଲୋକଙ୍କୁ ସୁହାଇଲା ଭଳି ଚିଠା ପ୍ରସ୍ତୁତ କରି ପ୍ରକଳ୍ପ ଗୁଡିକର ଶିଳାନ୍ୟାସ ଉତ୍ସବ ଆୟୋଜିତ ହୋଇଥିଲା। ତେଣୁ ସରପଞ୍ଚ ଓ ସମିତି ସଭ୍ୟଙ୍କୁ ଜାଣିଶୁଣି ଅଣଦେଖା କରାଯାଇଥିବା ଅଭିଯୋଗ ହୋଇଛି।


## ଲେଖକ ସମବାୟ ସମିତିର ପ୍ରସ୍ତୁତି ବୈଠକ

ଆନନ୍ଦପୁର, ୨୧।୧୦ (ସମିସ): ଆନନ୍ଦପୁର ଲେଖକ ସମବାୟ ସମିତିର ସାମ୍ବତ୍ସରିକ ଉତ୍ସବ ପାଳନ କରାଯିବା ନେଇ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଘସିପୁରା ସାହିତ୍ୟ ଖଟିରେ ଅନୁଷ୍ଠିତ ହୋଇଥିବା ଏ ବୈଠକର ସିଦ୍ଧାନ୍ତ ପ୍ରକାରେ ୨୦୨୫ ଡିସେମ୍ବର ଦ୍ୱିତୀୟ ରବିବାର ଉତ୍ସବ ପାଳନ କରାଯିବା ପାଇଁ ଦିନ ଧାର୍ଯ୍ୟ ହୋଇଛି। ବିଗତ ବର୍ଷ ଭଳି ଚଳିତବର୍ଷ ମଧ୍ୟ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ପ୍ରତିଭାଙ୍କୁ ରାଜ୍ୟସ୍ତରୀୟ ସମ୍ମାନ ଅର୍ପଣ କରାଯିବା ସହ ଅନୁଷ୍ଠାନର ମୁଖପତ୍ର ଅବର୍ଣ୍ଣା ଲୋକାର୍ପଣ ହେବ। ମୁଖପତ୍ର ପାଇଁ ଲେଖାମାନ ଚଳିତ ଅକ୍ଟୋବର ଶେଷ ସୁଦ୍ଧା ସଂପାଦକ ରତ୍ନାକର ଦାସଙ୍କ ଇ-ମେଲ୍ କିମ୍ବା ମୋବାଇଲ ଟାଇପ ହୋଇଥିବା ଲେଖା ୯୪୩୭୭୫୧୭୩୩କୁ ପଠାଇବା ପାଇଁ ଅନୁରୋଧ କରାଯାଇଛି। ବୈଠକରେ ଡ ରାମଚନ୍ଦ୍ର ନାୟକ, ପ୍ରଫୁଲ୍ଲ କୁମାର ଚକ୍ର, ଡ ପ୍ରଦୀପ ମହାନ୍ତି, କୀର୍ତ୍ତନ ସାହୁ, ଡ ଅଶୋକ ପୁହାଣ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।




## ବିଭିନ୍ନ ସ୍ଥାନରେ କାଳୀପୂଜା

କୁଆମରା,୨୧।୧୦(ସମିସ): ଗୋପବନ୍ଧୁନଗର ବ୍ଲକର ବିଭିନ୍ନ ସ୍ଥାନରେ ସାର୍ବଜନୀନ କାଳୀପୂଜା ସଂପନ୍ନ ହୋଇଛି। ସୋମବାର ରାତିରେ ମାଆଙ୍କ ପୂଜା ମଣ୍ଡପ ନିକଟରେ ମୃଣ୍ମୟ ମୂର୍ତ୍ତି ସ୍ଥାପନ କରାଯାଇ ବିଧି ଅନୁଯାୟୀ ସ୍ଥାନୀୟ ଜଳାଶୟରୁ ଘଟ ଆସିବା ପରେ ପୂଜା ଅର୍ଚ୍ଚନା କରିବା ସହ ଚଣ୍ଡୀପାଠ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା। ବ୍ରାହ୍ମଣମାନଙ୍କ ଦ୍ୱାରା ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଛି। ବ୍ଲକର ମୋଟ ୬ଟି ସ୍ଥାନରେ କାଳୀପୂଜା ସଂପନ୍ନ ହୋଇଛି। କୁଆମରାଠାରେ ଏହି ପୂଜା ୨୪ ବର୍ଷରେ ପଦାର୍ପଣ କରିଛି। ପୂଜା କମିଟି ସଭାପତି ନିତ୍ୟାନନ୍ଦ ମହାନ୍ତି, ସଂପାଦକ ଖଗେଶ୍ୱର ବେହେରାଙ୍କ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ସେହିପରି ପୁରୁଣା ବାରିପଦାରେ ଏହି ପୂଜନା ୩୪ ବର୍ଷରେ ପଦାର୍ପଣ କରିଛି। ରଶ୍ମିରଞ୍ଜନ ହୋତା ଓ ଦିବ୍ୟ ସାଗର ମହାପାତ୍ର ପୂଜା କାର୍ଯ୍ୟ ସମ୍ପନ୍ନ କରିଥିଲେ। ସେହିପରି ବରଡିହି ପଞ୍ଚାୟତର ଗୋଡାଠାରେ ମଧ୍ୟ ୩୪ ବର୍ଷ ଧରି ଗ୍ରାମବାସୀଙ୍କ ଦ୍ୱାରା ପୂଜା କାର୍ଯ୍ୟ ଅନୁଷ୍ଠିତ ହୋଇଆସୁଛି। ପରମ୍ପରା ଅନୁଯାୟୀ ଦେହୁରୀଙ୍କ ଦ୍ୱାରା ଏଠାରେ ପୂଜା କାର୍ଯ୍ୟ ସମ୍ପନ୍ନ ହୋଇଥାଏ। ସେହିପରି ଖୁଣ୍ଟାଠାରେ ମଧ୍ୟ ସର୍ବପୁରାତନ ୭୫ ବର୍ଷର ପୂଜା ବହୁ ଆଡମ୍ବର ସହକାରେ ପାଳିତ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ମଙ୍ଗଳବାରଠାରୁ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଯାତ୍ରା ପରିବେଷଣ ହେବ।





## ରକ୍ତଦାନ ଶିବିରରୁ ୫୧ ୟୁନିଟ ସଂଗୃହୀତ

ବୈଶିଙ୍ଗା, ୨୧।୧୦(ସମିସ): ବୈଶିଙ୍ଗା ସ୍ଥିତ ପ୍ରିୟଂସୀ ରାଧେ ଯୁକ୍ତ ୨ ଘରୋଇ ବିଦ୍ୟାଳୟର ସମ୍ପାଦକଙ୍କ ଜନ୍ମଦିବସ ଉପଲକ୍ଷେ ମଙ୍ଗଳବାର ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ସମ୍ପାଦକ ଈଶାନ କୁମାର ସାହୁଙ୍କ ଜନ୍ମଦିବସ ଅବସରରେ। ଆୟୋଜିତ ଉକ୍ତ ଶିବିରର ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବିଧାୟକ ସନାତନ ବିଜୁଳି ଓ ସମ୍ମାନିତ ଅତିଥି ଭାବେ ବୈଶିଙ୍ଗା ଥାନା ଅଧିକାରୀ ବାରିଣୀ ଦାସ, ବାଲେଶ୍ୱର ବ୍ଲଡ଼ ବ୍ୟାଙ୍କ ଅଧିକାରୀ ଡା ବସନ୍ତ କୁମାର ଉପାଧ୍ୟାୟ ଯୋଗଦାନ ପୂର୍ବକ ଫିତା କାଟି ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଦ୍ୟାଳୟର ଅଧ୍ୟକ୍ଷ ସୁଶାନ୍ତ ନାୟକ, ପ୍ରିନ୍ସିପାଲ ରାଧାରମଣ ଦଳେଇ, ସୁବ୍ରତ ଦଣ୍ଡପାଟ, ସୁମନ ନାୟକ, ଅଞ୍ଜନା ନାୟକ, ମୋନାଲିସା ବାରିକ, ଗୀତାଞ୍ଜଳି ବେହେରା, ଗୀତାଞ୍ଜଳି ନାୟକ, ଅଲିଭା ମଲ୍ଲିକ, ପ୍ରଦୀପ ମହାନ୍ତ, ରଣଜିତ ନାୟକ, ସାମ୍ବାଦିକ ଅବିନାଶ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରୁ ମୋଟ ୫୧ ୟୁନିଟ ରକ୍ତସଂଗୃହୀତ ହୋଇଥିଲା। ବୈଶିଙ୍ଗା ପ୍ରେସ କ୍ଲବ ସଭାପତି ଦୀପକ କୁମାର ସିଂହ ଧନ୍ୟବାଦ ଅର୍ପଣ କରିଥିଲେ।



## ବାଣ ଫୁଟି ଶିଶୁକନ୍ୟା ସହ ୨ ଗୁରୁତର

ଆନନ୍ଦପୁର, ୨୧।୧୦(ସମିସ): ଦୀପାବଳି ପାଳନ ବେଳେ ବାଣ ଫୁଟାଇ ଘସିପୁରା ବ୍ଲକ ବଳରାମପୁର ପଞ୍ଚାୟତ କଇନିପୁରା ଗ୍ରାମର ମିଟୁ ପାତ୍ର (୧୮) ଗୁରୁତର ଆହତ ହୋଇଛନ୍ତି। ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ତାଙ୍କ ହାତରେ ଗୁରୁତର ଆଘାତ ହୋଇଛି। ତେବେ, ସେ ଏବେ ସୁସ୍ଥ ଥିବା ଜଣାପଡିଛି। ସେହିପରି ଘସିପୁରା ବ୍ଲକ ଗୋହିରା ପଞ୍ଚାୟତ ତାଳଗାଁ ଗ୍ରାମର ସନ୍ତୋଷ ପାତ୍ରଙ୍କ ଝିଅ ରୁଦ୍ରି (୩ ବର୍ଷ)ଙ୍କ ହାତରେ ବାଣ ଫୁଟିଯିବାରୁ ସେ ଗୁରୁତର ହୋଇଛନ୍ତି। ପରିବାର ଲୋକେ ତାଙ୍କୁ ଆନନ୍ଦପୁର ଡାକ୍ତରଖାନାରେ ଭର୍ତ୍ତି କରାଇଛନ୍ତି।



## ଅବସରପ୍ରାପ୍ତ ଶିକ୍ଷକଙ୍କ ବିୟୋଗ

ତୁରୁମୁଙ୍ଗା, ୨୧।୧୦(ସମିସ): କେନ୍ଦୁଝର ଜିଲ୍ଲା ପାଟଣା ବ୍ଲକ ରାଜନଗର ଗ୍ରାମର ଅବସରପ୍ରାପ୍ତ ହାଇସ୍କୁଲ ଶିକ୍ଷକ ପ୍ରଫୁଲ୍ଲ କୁମାର ମିଶ୍ରଙ୍କ ୭୬ ବର୍ଷ ବୟସରେ ମଙ୍ଗଳବାର ସକାଳ ୭ଟା ସମୟରେ କେନ୍ଦୁଝର ହସ୍ପିଟାଲରେ ପରଲୋକ ହୋଇଛି। ସେ ମଧୁମେହ ରୋଗରେ ପୀଡ଼ିତ ଥିଲେ। ଅତ୍ୟନ୍ତ ଅମାୟିକ, ବନ୍ଧୁବତ୍ସଳ ବ୍ୟକ୍ତି ଥିଲେ। ମୃତ୍ୟୁଶଯ୍ୟା ନିକଟରେ ପୁଅ ରଜନୀକାନ୍ତ, ସୀତାକାନ୍ତ, ଶ୍ରୀକାନ୍ତ, ଝିଅ ଶ୍ରଦ୍ଧାଞ୍ଜଳି, ସ୍ନେହାଞ୍ଜଳି ଉପସ୍ଥିତ ଥିଲେ। ପାଟଣା ବିଧାୟକ ଅଖିଳଚନ୍ଦ୍ର ନାଏକ, ଶିକ୍ଷାବିତ ଅକ୍ଷୟ ନାରାୟଣ ମିଶ୍ର, ଧରଣୀଧର ଦାସ, ଅବସରପ୍ରାପ୍ତ ରେଞ୍ଜର ରଞ୍ଜନ ପାଣି, ପ୍ରତାପଚନ୍ଦ୍ର ରଣା, ଦିଲ୍ଲୀପ ସିଂ, ବିଜେଡି ନେତା ଶତ୍ରୁଘନ ସିଂ, ସାମାଜିକ କର୍ମୀ ବିଜୟ ଦୀକ୍ଷିତ, ଜିତେନ୍ଦ୍ର ସିଂ, ପ୍ରଫୁଲ୍ଲ ରାଉତ ଶେଷ ଦର୍ଶନ କରିଥିଲେ। ରାଜନଗର ବୈତରଣୀ କୂଳରେ ଅପରାହ୍ନରେ ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ବଡ଼ପୁଅ ମୁଖାଗ୍ନି ଦେଇଥିଲେ।



### ୩୨ବର୍ଷରେ ପଦାର୍ପଣ କଲା ଚିତ୍ରଡା କାଳୀପୂଜା

## ମା'ଙ୍କ ନିକଟରେ ବଳିପଡେ କଦଳୀ

ମୋରଡ଼ା,୨୧।୧୦(ସମିସ): ମୋରଡ଼ା ବ୍ଲକ ଅଧିନ ଚିତ୍ରଡା ବଜାର ଛଉ ପେଣ୍ଡାଲରେ ଧୁମଧାମରେ କାଳୀପୂଜା ଅନୁଷ୍ଠିତ ହୋଇଛି। ଦୀର୍ଘ ୩୨ବର୍ଷ ଧରି ମା'ଙ୍କ ପୂଜା ଅନୁଷ୍ଠିତ ହେଉଥିବାବେଳେ ଉକ୍ତ ମଣ୍ଡପରେ ସ୍ୱତନ୍ତ୍ର ରୀତିନୀତି ମୁତାବକ କୌଣସି ରକ୍ତ ବଳି ଦିଆଯାଇ ନ ଥାଏ। ତେଣୁ ମା'ଙ୍କ ନିକଟରେ କଦଳୀ ବଳି ପଡିଥାଏ। ଏହା ବ୍ୟତୀତ ସୂର୍ଯ୍ୟ ଉଦୟ ହେବା ପୂର୍ବରୁ ମା'ଙ୍କ ପୂଜାର୍ଚ୍ଚନା ସମାପ୍ତ କରି ବିସର୍ଜନ ଦିଆଯାଇଥାଏ। କାର୍ଯ୍ୟକ୍ରମକୁ କାଳୀପୂଜା କମିଟିର ସଦସ୍ୟମାନେ ଆୟୋଜନ କରିଥିବା ବେଳେ ତିନିଜଣ ପୁରହିତ ପୂଜାର୍ଚ୍ଚନା କରିଥିଲେ। ସୋମବାର ରାତି ୧୧ଟା ୩୦ରେ ଡକେଇ ପୋଖରୀରୁ ମା' କାଳୀ ଓ ଶ୍ରୀ ଗଣେଶଙ୍କ ଘଟ ଉତ୍ତୋଳନ କରାଯାଇ ମଣ୍ଡପରେ ସ୍ଥାପନ କରାଯାଇଥିଲା। ସନ୍ଧ୍ୟାରେ ଶତାଧିକ ଭକ୍ତ ଓ ମହିଳା ଦୀପଦାନ କରିକରିଥିଲେ। ରାତିରେ ହୋମଯଜ୍ଞ ସହ ମା'ଙ୍କ ପୂଜାର୍ଚ୍ଚନା ରୀତିନୀତି ମୁତାବକ ହୋଇଥିଲା।



## ମା' ଧନେଇ ସେବାସଂଘର ବୃକ୍ଷରୋପଣ




ଆନନ୍ଦପୁର, ୨୧।୧୦ (ସମିସ): ଘସିପୁରା ବ୍ଲକ ପୁରୁଣା ବାନ୍ଧଗୋଡା ପଞ୍ଚାୟତର ନାନିକାବାହାଲୀ ଓ କୀର୍ତ୍ତନପାଟିଆ ଆଦିବାସୀ ବସ୍ତିରେ ନୂତନ ଭାବେ ଗଢି ଉଠିଥିବା ମା' ଧନେଇ ସେବାସଂଘ କେନ୍ଦୁଝର ତରଫରୁ ବୃକ୍ଷରୋପଣ ଓ ଛାତ୍ରଛାତ୍ରୀଙ୍କୁ ଶିକ୍ଷା ସାମଗ୍ରୀ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ରାମଚନ୍ଦ୍ରପୁର ଥାନା ଇନ୍ସପେକ୍ଟର ଶାନ୍ତନୁ ଜେନା, ରାମଚନ୍ଦ୍ରପୁର ବନପାଳ କେଦାର ପାତ୍ର, ପୁରୁଣା ବାନ୍ଧଗୋଡା ସରପଞ୍ଚ ସୁଧାରାଣୀ ଧିର ଟାଟା ଆସ୍ପିୟାର ବ୍ଲକ ସଂଯୋଜକ ସୁଦର୍ଶନ ପ୍ରଧାନ ଯୋଗଦେଇଥିଲେ। ନିଜ ହାତ ଖର୍ଚ୍ଚରୁ ରକ୍ତଦାନ, ଅଙ୍ଗଦାନ, ଗରିବ ଅସହାୟଙ୍କୁ ଆର୍ଥିକ ସହାୟତା, ବୃକ୍ଷ ରୋପଣ, ଗ୍ରାମ ସଫେଇ ଆଦି ବିଭିନ୍ନ କାର୍ଯ୍ୟକ୍ରମ କରିବାକୁ ଏହି ସେବାସଂଘ ଗଠନ କରାଯାଇଥିବା ସୂଚନା ଦିଆଯାଇଛି। ଏହି ସେବା କାର୍ଯ୍ୟରେ ୧୫୦ରୁ ଊର୍ଦ୍ଧ୍ୱ ସଦସ୍ୟ ଯୋଗଦାନ କରିଥିଲେ।

### ● ପତ୍ନୀଙ୍କୁ ଧରି ଦାଦନ ଯାଇଥିଲେ; ମୃତଦେହ ଉଦ୍ଧାର

## ଶବ ଆଣିବାକୁ ପରିବାର ଲୋକଙ୍କ ଆକୁଳ ନିବେଦନ

ତେଲକୋଇ, ୨୧।୧୦(ସମିସ): କେନ୍ଦୁଝର ଜିଲ୍ଲା ତେଲକୋଇ ବ୍ଲକରେ ଦାଦନ ଦୁଃଖ ଦେଖିବାକୁ ମିଳିଛି। ଦେଉଳ ଡିହା ଗ୍ରାମ ର ଦମ୍ପତି ସୁଦୂର ବାଙ୍ଗାଲୋରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବା ବେଳେ ରହୁଥିବା ଭଡ଼ା ଘରୁ ସ୍ଥାନୀୟ ପୁଲିସ ଉଭୟ ଦମ୍ପତିଙ୍କ ମୃତଦେହ ଉଦ୍ଧାର କରିଛି। ମୃତ ଦମ୍ପତି ହେଲେ ରାକେଶ ପାତ୍ର (୨୫) ଓ ସୀମା ନାୟକ। ଦେଉଳ ଡିହା ଗ୍ରାମର ଟଙ୍କଧର ପାତ୍ରଙ୍କ ପୁଅ ସ୍ଥାନୀୟଛାମୁଣ୍ଡା ପଞ୍ଚାୟତ ସିରିଆ ବାହାଳ ଗ୍ରାମର ହୃଦାନନ୍ଦ ନାୟକଙ୍କ ଝିଅ ସୀମାକୁ ତିନି ଚାରି ବର୍ଷ ପୂର୍ବରୁ ପ୍ରେମ ବିବାହ କରିଥିଲେ। ବିବାହ ପରେ ରାକେଶ ପତ୍ନୀ ଙ୍କୁ ଧରି ବାଙ୍ଗାଲୋର ଚାଲିଯାଇ ଥିଲେ।ସେଠାରେ ରାକେଶ ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିଲେ। ଏକ ଭଡ଼ା ଘରେ ଉଭୟ ରହୁଥିଲେ।ବାଙ୍ଗାଲୋର ରେ ରହିବାର ତିନି ବର୍ଷ ମଧ୍ୟରେ ଉଭୟ ଦେଉଳ ଡିହା ସ୍ଥିତ ଗ୍ରାମକୁ ଥରେ କି ଦୁଇ ଥର ମଧ୍ୟ ଆସିଥିବା ଜଣାଯାଏ। ତେବେ ଆଜି ଉଭୟ ଙ୍କ ମୃତ ଦେହ ଉକ୍ତ ଭଡ଼ା ଘରୁ ବାଙ୍ଗାଲୋର ପୁଲିସ ଉଦ୍ଧାର କରିଛି। ଏହା ଆତ୍ମହତ୍ୟା କି ହତ୍ୟା ଜଣା ପଡିନାହିଁ। ଅନ୍ୟପଟେ ରାକେଶ୍ ଙ୍କ ପରିବାର ଅତ୍ୟନ୍ତ ଗରିବ ଶ୍ରେଣୀର ହୋଇ ଥିବାରୁ ପୁଅ, ବୋହୂଙ୍କ ମୃତଦେହ ପୈତୃକ ଗ୍ରାମକୁ ଆଣିବାକୁ ଅସମର୍ଥ ହୋଇ ପଡିଛନ୍ତି। ଏନେଇ ରାକେଶଙ୍କ ପରିବାର ଓ ଗ୍ରାମବାସୀ ପ୍ରଶାସନ ର ସହଯୋଗ ପାଇଁ ଗୁହାରି କରିଛନ୍ତି। ଏ ସମ୍ବନ୍ଧରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପୂର୍ଣ୍ଣଚନ୍ଦ୍ର ନାଏକଙ୍କୁ ପଚାରିବାରୁ ଜିଲ୍ଲା ଶ୍ରମ ଅଧିକାରୀଙ୍କ ସହ ଯୋଗାଯୋଗ କରାଯାଇଛି ପରବର୍ତ୍ତୀ ପଦକ୍ଷେପ ଶ୍ରମ ବିଭାଗ ନେବ ବୋଲି କହିଛନ୍ତି।



## ଆଲୋକର ପର୍ବ ଦୀପାବଳିରେ ମା'କାଳୀଙ୍କୁ ଆରାଧନା

ବିଶୋଇ,୨୧।୧୦ (ସମିସ): ଆଲୋକର ପର୍ବ ଦୀପାବଳି ପାଇଁ ବିଶୋଇ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି। ହି ଅବସରରେ ବିଶୋଇ ସାର୍ବଜନୀନ କାଳୀପୂଜା କମିଟି ପକ୍ଷରୁ ମା' ଶ୍ୟାମାକାଳୀ ପୂଜା ଆଡ଼ମ୍ବର ସହକାରେ ପାଳିତ ହୋଇଆସୁଛି। ଚଳିତବର୍ଷ ଏହି ପୂଜା ୬୫ ବର୍ଷରେ ପଦାର୍ପଣ କରିଛି। ସୋମବାର ରାତିରେ ମା'ଙ୍କ ପୂଜା ନିମନ୍ତେ ଘୋଟ ଉତ୍ତୋଳନ କରାଯିବା ପରେ ଯଥାରୀତି ନୀତିରେ ପୂଜାର୍ଚ୍ଚନା ସମାପନ କରାଯାଇଥିଲା। ଚଳିତ ବର୍ଷ ମଧ୍ୟ ବିଶୋଇ ବଜାରର ସମ୍ପୂର୍ଣ୍ଣ ରାସ୍ତା ଘାଟକୁ ରଙ୍ଗୀନ ଆଲୋକ ମାଳାରେ ସାଜସଜ୍ଜା କରାଯାଇଛି। ସେହିପରି ଆକର୍ଷଣୀୟ ବୃହତ ତୋରଣ ସାଙ୍ଗକୁ ମା'ଙ୍କ ସୁନ୍ଦର ମେଢ଼ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଖୋଲା ମଞ୍ଚରେ ଯାତ୍ରା ପରିବେଷଣ ଏହି ପୂଜାର ବିଶେଷତ୍ୱ ରହିଛି। ଦୀର୍ଘ ବର୍ଷ ଧରି କମିଟି ପକ୍ଷରୁ ଖୋଲା ମଞ୍ଚରେ ମାଗଣାରେ ଓଡ଼ିଆ ଅପେରା ଭଳି ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଯୋଗାଇ ଦିଆଯାଉଥିବା ବେଳେ ଚଳିତବର୍ଷ ମଧ୍ୟ ତିନିଦିନ ଧରି ଫ୍ରି ସୋ ଅପେରା ପରିବେଷଣ ହେବ।ସେହିପରି ଚାରିଦିନ ଧରି ମେଲୋଡି ଓ ଡ୍ୟାନ୍ସ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହେବ ବୋଲି କମିଟି ପକ୍ଷରୁ ସୂଚନା ମିଳିଛି।ବିଶୋଇ ଅଞ୍ଚଳର ଏହା ଏକମାତ୍ର ସର୍ବ ପୁରାତନ କାଳୀ ପୂଜା ହୋଇଥିବାରୁ ସବୁଦିନ ମା'ଙ୍କ ଦର୍ଶନ ପାଇଁ ଆଖପାଖ ଅଞ୍ଚଳର ଶତାଧିକ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିବ।ପୂଜା କମିଟିର ସମସ୍ତ ସଦସ୍ୟ ଶାନ୍ତିଶୃଙ୍ଖଳାର ସହିତ ପୂଜା ପରିଚାଳନା କରୁଛନ୍ତି।




### ପେଶା ଶିକ୍ଷକତା; ନିଶା ଗାଳ୍ପିକ ଓ ଲେଖକ

## ଅର୍ଦ୍ଧଶତାବ୍ଦୀର ଇତିହାସ ପୁସ୍ତକରେ ଲେଖିଛନ୍ତି ଚିତ୍ରଡ଼ାର ଗାଥା

ମୋରଡ଼ା,୨୧।୧୦(ଦୀପକ କୁମାର ବେହେରା)

ବହୁ ବର୍ଣ୍ଣରେ ବର୍ଣ୍ଣିଳ ଯାହାଙ୍କର ଜୀବନ ଧାରା ସେ ପୁଣି ସେହି ରଙ୍ଗମାନଙ୍କ ସହ ଖେଳଖେଳି ହେଲେ ଗାଳ୍ପିକ ଓ ଲେଖକ। ଗଳ୍ପ ଶୁଣିବା ମା'ଙ୍କ ପାଖରୁ ଥିଲା ପିଲା ଦିନର ନିଶା ସେଥିପାଇଁ ରାତିରେ ମାଙ୍କ ନିକଟରୁ ଗପ ଶୁଣୁ ଶୁଣୁ ସେ ଶୋଇ ଯାଉଥିଲେ। ତେବେ ସେ ଚିନ୍ତା କରୁଥିଲେ ଯେ ବଡହେଲେ ଅନେକ କାହାଣୀ ସୃଷ୍ଟି କରିବେ। ଶିକ୍ଷକତା ସମୟରେ ସେଇ ନିଶା ତାଙ୍କୁ କରିଦେଲା ଗାଳ୍ପିକ ଓ ସୁନାମଧନ୍ୟ ଲେଖକ। ସେ ହେଉଛନ୍ତି ମୋରଡ଼ା ବ୍ଲକ ହଳଦୀପାଳ ପଞ୍ଚାୟତର ସ୍ୱର୍ଗତ ଗଦାଧର ବେହେରା ଓ ଉମାରାଣୀ ବେହେରାଙ୍କ ପୁତ୍ର ଅବସରପ୍ରାପ୍ତ ଶିକ୍ଷକ, ଗାଳ୍ପିକ, ସ୍ତମ୍ଭକାର, ପ୍ରାବନ୍ଧିକ, ହୋମିଓପ୍ୟାଥିକ ଡାକ୍ତର ହୃଷିକେଶ ବେହେରା। ୧୯୯୬ମସିହା ଜାନୁଆରୀ ୨୬ତାରିଖରେ ସେ ଜଣେ ଶ୍ରେଷ୍ଠ ଶିକ୍ଷକ ଭାବେ ଏମ ରାମାନୁଜମଠାରୁ ରାଜ୍ୟ ଶିକ୍ଷକ ସମ୍ମାନ ଲାଭ କରିବା ପରେ ୨୦୦୩ ମସିହା ଗୁରୁଦିବସରେ ରାଷ୍ଟ୍ରପତି ଏପିଜେ ଅବଦୁଲ କାଲାମଙ୍କ ନିକଟରୁ ଜାତୀୟ ଶିକ୍ଷକ ସମ୍ମାନ ପାଇଛନ୍ତି। କୁମ୍ଭାର ପରିବାରରୁ ଆସିଥିବା ବେଳେ ବାପା ମାଟିରେ ତିଆରି ସାମଗ୍ରୀ ବିକ୍ରି କରି ୧୯୬୯ମସିହାରେ ମହାରାଜା ପୂର୍ଣ୍ଣଚନ୍ଦ୍ର କଲେଜରୁ କୃତିତ୍ୱର ସହ ପିୟୁ ଓ ପିସି ପାସ କଲେ। ପରେ କରଞ୍ଜିଆ ଡାଟୋ ଉଚ୍ଚ ବିଦ୍ୟାଳୟରେ ବେସରକାରୀ ସଂସ୍କୃତ ଶିକ୍ଷକ ଭାବେ ଶିକ୍ଷକତା ଆରମ୍ଭ କରିଥିଲେ। ଗତ ୧୯୭୧ ମସିହାର ଶେଷ ବେଳକୁ ସେ କପ୍ତିପଦା ବ୍ଲକ ଗେଣ୍ଡାଗଡ଼ିଆ ସରକାରୀ ପ୍ରାଥମିକ ବିଦ୍ୟାଳୟରେ ନୂତନ ଭାବେ ଶିକ୍ଷକ ଭାବେ ଯୋଗଦାନ କରିଥିଲେ। ତେବେ କଲେଜରେ ଅଧ୍ୟୟନ ସମୟରେ ଫୁରସତ ମିଳିଲେ ତାଙ୍କ କଲମରୁ ଝରି ପଡୁଥିଲା ଗଳ୍ପ ଓ କବିତା। ସେତେବେଳର ମୟୂରଭଞ୍ଜ ଜିଲ୍ଲାର ଗୀତିକାର ନିମାଇ ମହାନ୍ତିଙ୍କ ଏକ ମିନି ମେଗାଜିନ 'ରାକା'ରେ ତାଙ୍କର ପ୍ରଥମ କବିତା ପ୍ରକାଶ ପାଇଥିଲା। ପରେ ନିର୍ଯ୍ୟାଶୋଳ ପତ୍ରିକାରେ ୧୯୭୧ ମସିହାରେ "ଅନ୍ୱେଷଣ'ନାମକ ଏକ ଗଳ୍ପ ପ୍ରକାଶ ହୋଇଥିଲା। ୫୬ବର୍ଷରେ ଚାରୋଟି ପାଣ୍ଡୁଲିପିରେ ସେ ୩୦୦ରୁ ଊର୍ଦ୍ଧ୍ୱ ଗଳ୍ପ ଓ କବିତା ଲିଖନ କରିଛନ୍ତି। ସେଥିମଧ୍ୟରୁ"ମେଘମହ୍ଲାର, ଭୂମି, ସ୍ୱାମୀ, ଭରଷା, ଗଛର ପ୍ରତିଛବି, ସେଇ ଝିଅଟି, ଅକ୍ଟୋପାସ ଆଦି ଗଳ୍ପ ଲୋକଙ୍କ ମନକୁ ଛୁଇଁ ପାରିଥିଲା। ବାରିପଦାର ପ୍ରସାର ଭାରତୀରେ ତାଙ୍କର ବିଭିନ୍ନ ଗଳ୍ପ ଆକାଶବାଣୀ ମାଧ୍ୟମରେ ସ୍ରୋତାଙ୍କୁ ମନମୁଗ୍ଧ କରି ପାରିଥିଲା। ସେହିପରି ସଚିତ୍ର ବିଜୟାରେ ୧୯୯୭ମସିହାରେ ଦାରିଦ୍ର୍ୟର ଦ୍ୱୀପ ମଝିରେ ଦରଦୀ ବଂଶୀ ବାଦକ ନାମକ ଏକ ନିବନ୍ଧ ଯାହା ବାବାଜି ନାମକ ଏକ ଗରିବ ଶ୍ରେଣୀର ମୋଚି ପରିବାରରୁ ଆସିଥିବା ବଂଶୀ ବାଦକଙ୍କ ସମ୍ପର୍କରେ ବିଭିନ୍ନ ତଥ୍ୟ ଓ ଟୁସୁ କୁ ନେଇ ସ୍ୱତନ୍ତ୍ର ଲେଖା ତାଙ୍କୁ ବିଭିନ୍ନ ଅନୁଷ୍ଠାନ ତରଫରୁ ମଧ୍ୟ ସେ ସମ୍ବର୍ଦ୍ଧିତ ହୋଇଛନ୍ତି। ପରମ୍ପରା ଓ ରୀତିନୀତିକୁ ନେଇ ସଚିତ୍ର ବିଜୟା ସହ ବିଭିନ୍ନ ପୁସ୍ତକରେ ତାଙ୍କର ବହୁତ ଗଳ୍ପ ଲେଖା ସ୍ଥାନ ପାଇଛି। ୧୯୭୫ରୁ ୨୦୨୫ ପର୍ଯ୍ୟନ୍ତ ଅର୍ଦ୍ଧ ଶତାବ୍ଦୀର ଇତିହାସ ପୁସ୍ତକରେ ଅଭିବ୍ୟକ୍ତି ଚିତ୍ରଡାର ଇତିହାସ, କଳା (ଛଉ, ଝୁମର, ଡାଣ୍ଟା, ସଖି) ସାହିତ୍ୟ, ଶିକ୍ଷା, ସଂସ୍କୃତି, ରାଜନୀତି, ପରମ୍ପରା, ଯାନିଯାତ୍ରା, ଦେବାଦେବୀ, ବିଶିଷ୍ଟ ବ୍ୟକ୍ତିତ୍ୱ, ଧାର୍ମିକ ପରମ୍ପରା ଆଦି ଉପରେ ଏକ ପୁସ୍ତକ ରଚନା କରିଥିବା ପ୍ରକାଶ କରିଛନ୍ତି।



## ଆଜିର ରାଶିଫଳ

**ମେଷ:** ଆଜି ଦିନଟି ଆପଣଙ୍କ ପାଇଁ ଭଲ। ଅଚାନକ ଖୁସି ଖବର ପାଇପାରନ୍ତି। ରାଜନୈତିକ ଏବଂ ସାମାଜିକ କ୍ଷେତ୍ରରେ ସକ୍ରିୟ ରହିବେ। ପ୍ରେମୀଯୁଗଳଙ୍କ ମତାନ୍ତର ଦୂର ହେବ।

**ବୃଷ:** ଗୃହିଣୀମାନେ ଘର କାମରେ ବ୍ୟସ୍ତ ରହିବେ। ଇଂଜିନିୟରଙ୍କ ପାଇଁ ଦିନଟି ଭଲ। କୋର୍ଟ କଚେରୀ ମାମଲାର ଶୁଣାଣି ହେବ। ଲୋକ ସମ୍ପର୍କ ବଢ଼ିବ। ପଡୋଶୀଙ୍କ ସହ ମନୋମାଳିନ୍ୟ ହୋଇପାରେ।

**ମିଥୁନ:** ବାଦ ବିବାଦରୁ ଦୂରେଇ ରୁହନ୍ତୁ। ବ୍ୟବସାୟୀଙ୍କ ପାଇଁ ଦିନଟି ଭଲ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ଚକ୍ଷୁ ସମସ୍ୟା ଭୋଗି ପାରନ୍ତି। ପ୍ରେମୀ ଯୁଗଳ ସୁନ୍ଦର ସମୟ ଅତିବାହିତ କରିବେ।

**କର୍କଟ:** ସମୟର ସଦୁପଯୋଗ କରନ୍ତୁ। ବୁଝି ବିଚାରି କାମ କରନ୍ତୁ। ପରିବାର ସହିତ ଖୁସିର ସମୟ ଅତିବାହିତ କରିବେ। ଜମି କାରବାରରେ ସଫଳ ହେବେ। ଅଯଥା କାମରେ ସମୟ ନଷ୍ଟ ହେବ।

**ସିଂହ:** ନୂତନ ବ୍ୟବସାୟ ପାଇଁ ଅନୁକୂଳ ସମୟ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହେବ। ଅଫିସ୍‌ରେ ପଦୋନ୍ନତି ହୋଇପାରେ। ଆଣ୍ଠୁଗଣ୍ଠି ସମସ୍ୟା ଭୋଗି ପାରନ୍ତି। ଅଫିସ୍ କାମ ଠିକ୍ ସମୟରେ ଶେଷ କରିବେ।

**କନ୍ୟା:** ଅନ୍ୟମାନଙ୍କୁ ସହଜରେ ବିଶ୍ୱାସ କରନ୍ତୁନି। ଅଧିକ ଖର୍ଚ୍ଚରୁ ଦୂରେଇ ରୁହନ୍ତୁ। ଅଫିସ୍ ସହକର୍ମୀଙ୍କ ସହଯୋଗ ରହିବ। ଗୁରୁଜନଙ୍କ ସ୍ୱାସ୍ଥ୍ୟାବସ୍ଥାକୁ ନେଇ ଚିନ୍ତିତ ରହିପାରନ୍ତି।

**ତୁଳା:** ପରିବାର ସଦସ୍ୟଙ୍କ ସହ ସମୟ ଅତିବାହିତ କରିବେ। ନୂଆ ଚାକିରି ମିଳିବା ସମ୍ଭାବନା ଅଛି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍‌ବୁଝାମଣା ଦେଖା ଦେବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ।

**ବିଛା:** ମାନ ସମ୍ମାନ ବୃଦ୍ଧି ପାଇବ। ଉଧାର ଟଙ୍କା ଫେରି ପାଇବେ। ଯୋଗ ଏବଂ ପ୍ରାଣାୟମ କରନ୍ତୁ। ଯେକୌଣସି ପରିସ୍ଥିତି ସହିତ ଖାପଖୁଆଇ ଚଳନ୍ତୁ। ଧାର୍ମିକ କାର୍ଯ୍ୟରେ ସାମିଲ ହୋଇପାରନ୍ତି।

**ଧନୁ:** ଚାକିରି ପାଇଁ ବିଦେଶ ଯାତ୍ରା କରିବେ। ପ୍ରିୟଜନଙ୍କ କଥା ଦୁଃଖ ଦେବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। ପେଟ ଜନିତ ସମସ୍ୟା ଦେଖା ଦେବ। କାର୍ଯ୍ୟରୁ ଆଶାଜନକ ଲାଭ ମିଳିବ ନାହିଁ।

**ମକର:** ସମୟର ସଦୁପଯୋଗ କରିବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ। ଠକାମିର ଶିକାର ହେବେ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହୋଇପାରେ। କଳାକାରଙ୍କ ପାଇଁ ଦିନଟି ଭଲ।

**କୁମ୍ଭ:** ତରବରିଆ ଭାବେ ନିଷ୍ପତ୍ତି ନିଅନ୍ତୁ ନାହିଁ। ସନ୍ତାନଙ୍କ କ୍ୟାରିୟର୍‌କୁ ନେଇ ଚିନ୍ତାରେ ରହିବେ। ବ୍ୟାଙ୍କ ଓ ଆଇଟି କ୍ଷେତ୍ରରେ ସଫଳତା ମିଳିବ। ଚିନ୍ତା ଓ ଅବସାଦରେ ରହିବେ।

**ମୀନ:** ଦୀର୍ଘ ଦିନରୁ ଲାଗି ରହିଥିବା ସମସ୍ୟାର ସମାଧାନ ହେବ। ନୂତନ କାର୍ଯ୍ୟ ଆରମ୍ଭ କରିପାରନ୍ତି। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ବୈବାହିକ ଜୀବନ ସୁଖମୟ ହେବ।

## ଆଜିର ଇତିହାସ

- ୧୮୭୫- ଆର୍ଜେଣ୍ଟିନାରେ ପ୍ରଥମ ଟେଲିଗ୍ରାଫିକ୍ କନେକ୍ସନ୍ ଆରମ୍ଭ ହେଲା।
- ୧୮୮୩- ନ୍ୟୁୟର୍କରେ ଅପେରା ହାଉସ୍‌ର ଉଦ୍‌ଘାଟନ।
- ୧୯୦୦- ଭାରତୀୟ ସ୍ୱାଧୀନତା ସଂଗ୍ରାମୀ ଅଶଫାକ୍ ଅଲୀ ଖାଁଙ୍କ ଜନ୍ମ।
- ୨୦୦୮ -ଶ୍ରୀହରିକୋଟାର ସତୀଶ ଧାୱନ ମହାକାଶ କେନ୍ଦ୍ରରୁ ଚନ୍ଦ୍ରଯାନ-୧ର ସଫଳ ଉତ୍‌କ୍ଷେପଣ।
- ୨୦୧୬- ଭାରତ କବାଡ଼ି ବିଶ୍ୱକପ୍ ଜିତିଲା।

# ବଦଳିବ 'ଏସ୍‌ଏସ୍‌ଏମ୍‌ବି୨୯' ଫିଲ୍ମର ନାଁ 'ବାରଣାସୀ'କୁ ନେଇ ଚର୍ଚ୍ଚା



ଏସ୍. ଏସ୍ ରାଜମୌଳି କେବଳ ତେଲୁଗୁ ଇଣ୍ଡଷ୍ଟ୍ରୀ ନୁହଁନ୍ତି ସାରା ବିଶ୍ୱରେ ଜଣେ ଆଗଧାଡ଼ିର ନିର୍ଦ୍ଦେଶକ ଭାବେ ଜଣାଯାନ୍ତି। 'ବାହୁବଳି' ଫିଲ୍ମ ମାଧ୍ୟମରେ ସେ ତେଲୁଗୁ ଫିଲ୍ମକୁ ଅନ୍ତର୍ଜାତୀୟ ସ୍ତରରେ ପହଞ୍ଚାଇ ପାରିଥିଲେ। ଏବେ ସେ ମହେଶ ବାବୁଙ୍କୁ ନେଇ ଏକ ଫିଲ୍ମ ନିର୍ମାଣ କରୁଛନ୍ତି। ଫିଲ୍ମର ଟାଇଟଲ ରହିଛି ' ଏସ୍‌ଏସ୍‌ଏମ୍‌ବି୨୯ '। ଏହା ହଲିଉଡ୍ ଫିଲ୍ମ 'ଅବତାର' ଭଳି ନିର୍ମାଣ କରାଯିବ ବୋଲି ଚର୍ଚ୍ଚା ହେଉଛି। ଏବେ ଏହାର ସୁଟିଂ ଚାଲିଛି। ଫିଲ୍ମର ଟାଇଟଲ୍ 'ବାରଣାସୀ' ରଖାଯାଇପାରେ ବୋଲି ଚର୍ଚ୍ଚା ହେଉଛି। କାରଣ ଫିଲ୍ମର କାହାଣୀ ଏହି ସହର ଉପରେ ହିଁ ଗଢ଼ିଉଠିଛି। ପ୍ରଥମେ ସେ ଏହାକୁ ବାରଣାସୀରେ ସୁଟ୍ କରିବାକୁ ଚାହୁଁଥିଲେ। ବାରଣାସୀରେ ଭିଡ଼ ରହୁଥିବାରୁ ସେ ଏହି ସହର ଭଳି ସେଟ୍ ହାଇଦ୍ରାବାଦସ୍ଥିତ ରାମୋଜୀ ଫିଲ୍ମ ସିଟିରେ ନିର୍ମାଣ କରିଛନ୍ତି। ଏଥିପାଇଁ ସେ ୫୦ କୋଟି ଟଙ୍କା ଖର୍ଚ୍ଚ କରିଛନ୍ତି। ଫିଲ୍ମର ନୂଆ ଟାଇଟଲ୍ ନଭେମ୍ବରରେ ଘୋଷଣା କରାଯାଇପାରେ ବୋଲି ଜଣାପଡ଼ିଛି। ଏଥିରେ ମହେଶଙ୍କ ଚରିତ୍ର ହିନ୍ଦୁ ପୁରାଣରୁ ପ୍ରେରିତ ହେବ। ଏହି ଫିଲ୍ମକୁ ରାଜମୌଳି ୨୦୨୭ ରେ ପରଦାକୁ ଆଣିବା ପାଇଁ ଯୋଜନା କରିଛନ୍ତି। ଏଥିରେ ମହେଶ ବାବୁଙ୍କ ବିପକ୍ଷରେ ପ୍ରିୟଙ୍କା ଚୋପ୍ରା ନଜର ଆସିବେ।

# ପିଲାଙ୍କ ନାଁ ରଖିବା ପାଇଁ ୨୬ ଲକ୍ଷ




ପିଲାଙ୍କ ନାମକରଣ ପ୍ରତ୍ୟେକ ବାପାମାଆଙ୍କ ଲାଗି ଖୁବ୍ ଗୁରୁତ୍ୱ ବହନ କରେ। ତେଣୁ ପିଲାଟିର ନାଁ ରଖିବା ଉପରେ ବହୁତ ବିଚାର ବିମର୍ଶ କରାଯାଏ। ଏପରିକି ଅନେକଙ୍କ ପରାମର୍ଶ ବି ଲୋଡ଼ା ଯାଏ। ହେଲେ ଏବେ ପିଲାଙ୍କ ନାଁ ରଖିବା ପାଇଁ ବାପାମାଆମାନେ ଲକ୍ଷାଧିକ ଟଙ୍କା ମଧ୍ୟ ଖର୍ଚ୍ଚ କରୁଛନ୍ତି। ଏହାକୁ ନେଇ ନେମିଂ କନସଲଣ୍ଟାଣ୍ଟି ବ୍ୟବସାୟ ବି ଦେଖିବାକୁ ମିଳିଛି। ଆମେରିକାର ସାନ୍‌ଫ୍ରାନସିସ୍କୋରେ ରହୁଥିବା ଟେଲର ଏ. ହମ୍ପି ପିଲାଙ୍କ ନାମକରଣକୁ ନେଇ ବ୍ୟବସାୟ ଆରମ୍ଭ କରିଛନ୍ତି। ପିଲାଙ୍କ ନାଁ ରଖିବା ପାଇଁ ସେ ୨୬ ଲକ୍ଷ ଟଙ୍କା ନିଅନ୍ତି। ତାଙ୍କ ମତରେ ନାମ କେବଳ ଏକ ଶବ୍ଦ ନୁହେଁ, ଏହା ଜଣକର ପରିଚୟ, ସଂସ୍କୃତି ଏବଂ ବ୍ରାଣ୍ଡିଂର ଅଂଶ। ସେହିପରି ଟେଲର ଅନେକ ସେଲିବ୍ରିଟିଙ୍କ ପିଲାଙ୍କ ନାମକରଣ ଦାୟିତ୍ୱ ମଧ୍ୟ ହାତକୁ ନେଇଛନ୍ତି। ସେ ତାଙ୍କ ନେମିଂ କନସଲଟିଂ ବ୍ୟବସାୟରୁ କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି। ଏକ ଦଶକ ପୂର୍ବରୁ ସେ ତାଙ୍କର ଏହି ଯାତ୍ରା ଆରମ୍ଭ କରିଥିଲେ। ପିଲାଟି ବେଳୁ ତାଙ୍କର ନାଁକୁ ନେଇ ସଉକ ଥିଲା। ତେଣୁ ସେ ତାଙ୍କର ଏହି ଇଚ୍ଛା ଅନଲାଇନ୍‌ରେ ସେୟାର୍ କରିବା ଆରମ୍ଭ କଲେ। ଧୀରେ ଧୀରେ ତାଙ୍କର ପୋଷ୍ଟଗୁଡ଼ିକ ଭାଇରାଲ ହେବାରେ ଲାଗିଲା। ଏହାସହ ତାଙ୍କର ଇନଷ୍ଟାଗ୍ରାମ୍ ଏବଂ ଟିକ୍‌ଟକ୍‌ରେ ଲକ୍ଷେରୁ ଅଧିକ ଅନୁଗାମୀ ହେଲେ। ଏବେ ସୁଦ୍ଧା ସେ ୫୦୦ ପିଲାଙ୍କର ନାଁ ବାଛି ସାରିଲେଣି। ଅବଶ୍ୟ ଏ ଲାଗି ସେ ଅଲଗା ଅଲଗା ପ୍ୟାକେଜ୍ ଲୋକଙ୍କୁ ପ୍ରଦାନ କରନ୍ତି। ପ୍ରାରମ୍ଭିକ ପର୍ଯ୍ୟାୟରେ ସେ ୨୦୦ ଟଙ୍କା ନେଇ ବାପାମାଆଙ୍କୁ ଇ-ମେଲ୍ ମାଧ୍ୟମରେ କିଛି ନାମର ତାଲିକା ପଠାନ୍ତି। ଏହାବାଦ୍ ତାଙ୍କର ଏକ୍ସକ୍ଲୁସିଭ୍ ପ୍ୟାକେଜ୍ ୨୬ ଲକ୍ଷର ହୋଇଥାଏ। ଏଥିରେ ଜିନୋଲୋଜିକାଲ ରିସର୍ଚ୍ଚ, ଫ୍ୟାମିଲି ହିଷ୍ଟ୍ରି ସହିତ ବେବି ନେମ୍ ବ୍ରାଣ୍ଡିଂ ଭଳି ସେବା ବି ଉପଲବ୍ଧ ଅଛି। ସେହିପରି ଅନେକ ସମୟରେ ସେ ଅଭିଭାବକଙ୍କର କାଉନସିଲର ଏବଂ ମିଡିଏଟରର କାମ ମଧ୍ୟ କରୁଥିବା କହିଛନ୍ତି। ଅବଶ୍ୟ ତାଙ୍କୁ ଏନେଇ ଅନଲାଇନ୍‌ରେ ବି ମଝିରେ ମଝିରେ ଟ୍ରୋଲ କରାଯାଏ। ଏପରିକି ଲୋକେ ତାଙ୍କ କାମକୁ ନେଇ ମଜାକ୍ ଉଡ଼ାଉ ଥିବାବେଳେ ସେ କିନ୍ତୁ ନିଜ କାମକୁ ଗୁରୁତ୍ୱପୂର୍ଣ୍ଣ ବୋଲି ଭାବନ୍ତି। କାରଣ ଜଣକ ନାଁ ହିଁ ଜୀବନ ତମାମର ପରିଚୟକୁ ବହନ କରିଥାଏ। ତେବେ ସେ ଏହାକୁ ପେଶା ଭାବି ଆଗକୁ ବଢୁଛନ୍ତି। ଯଦ୍ଦ୍ୱାରା ତାଙ୍କର ଏହି ଲଗଜୁରି ବ୍ୟବସାୟ ଲଗାତାର ଆଗକୁ ବଢ଼ିଚାଲିଛି।

# ଏଆଇ ପ୍ରେମରେ ଆମେରିକୀୟ ମହିଳା

ଏମ୍‌ଆଇଟି (ମାସାଚୁସେଟସ୍ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲଜି) ର ଏକ ନୂତନ ଗବେଷଣାରୁ ଜଣାପଡ଼ିଛି ଏଆଇକୁ ବ୍ୟବହାର କରୁଥିବା ଲୋକଙ୍କ ମଧ୍ୟରେ ପ୍ରତି ପାଞ୍ଚ ଜଣ ମହିଳା ବିଶ୍ୱାସ କରନ୍ତି ମଣିଷ ଓ ଏଆଇ ମଧ୍ୟରେ ସତରେ ଭଲପାଇବା ହୋଇପାରେ। ସେହିପରି ହଜାରେ ଆମେରିକୀୟ ମହିଳାଙ୍କ ମଧ୍ୟରୁ ତିନି ପ୍ରତିଶତ କହିଛନ୍ତି, ସେମାନେ ପୂର୍ବରୁ ହିଁ ନିଜ ଚାଟ୍‌ବଟ୍‌କୁ ରୋମାଣ୍ଟିକ୍ ପାର୍ଟନର ଭଳି ବ୍ୟବହାର କରନ୍ତି। ସର୍ଭେ ଅନୁସାରେ, ତିନି ଜଣକ ମଧ୍ୟରେ ଜଣେ ଏଆଇ ବ୍ୟବହାରକାରୀ ନିଜ ଚାଟ୍‌ବଟ୍ ସହିତ ବ୍ୟକ୍ତିଗତ ଗୋପନୀୟତା ସେୟାର୍ କରିଥିବା କହିଛନ୍ତି। ସେହିପରି ପାଞ୍ଚଜଣରୁ ଜଣେ ନିଜ ଚାଟବଟ୍‌ର ସ୍ୱତନ୍ତ୍ର ନାଁ ରଖିଛନ୍ତି। ସେହିଭଳି ଅଧିକାଂଶ ମହିଳା ପ୍ରତି ସପ୍ତାହରେ ୩ରୁ ୫ ଘଣ୍ଟା ଏଆଇ ସହିତ କଥାବାର୍ତ୍ତା କରିବାରେ ସମୟ ଅତିବାହିତ କରନ୍ତି। ବିଶେଷଜ୍ଞଙ୍କ ଅନୁସାରେ, ଆଜିର ସମୟରେ ଏଆଇ ପ୍ରତି କ୍ଷେତ୍ରରେ ହଇଚଇ ସୃଷ୍ଟି କରିଛି। ଏହା ଯୋଗୁଁ କିଛି କ୍ଷେତ୍ରରେ ଲୋକଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଛି ଏବଂ କାମ ମଧ୍ୟ କିଛି ପରିମାଣରେ ସଫଳ ସାବ୍ୟସ୍ତ ହୋଇଛି। ସେହିପରି ଆଉ କିଛି ଚାକିରି ଉପରେ ବିପଦ ମଧ୍ୟ ସୃଷ୍ଟି ହୋଇଛି। ଗବେଷଣାରୁ ସାମ୍ନାକୁ ଆସିଛି ଯେ, ଆମେରିକାରେ ପ୍ରତି ପାଞ୍ଚ ମହିଳାଙ୍କର ଚାଟବଟ୍ ସହିତ ରୋମାଣ୍ଟିକ୍ ସମ୍ପର୍କ ରହିଛି। ସେହିଭଳି ପାଖାପାଖି ୧୯ ପ୍ରତିଶତ ଆମେରିକୀୟ ମହିଳା ରୋମାଣ୍ଟିକ୍ ସମ୍ପର୍କ ଲାଗି ଚାଟ୍‌ବଟ୍‌ର ବ୍ୟବହାର କରୁଥିବା ଜଣାପଡ଼ିଛି। ଅବଶ୍ୟ ଏହା ପଛରେ ଅନେକ କାରଣ ରହିଛି। ସେମାନେ ଏଆଇ ଚାଟ୍‌ବଟ୍ ସହିତ କଥାବାର୍ତ୍ତା କରିବାରେ ଭୟ କିମ୍ବା ଲଜ୍ଜ୍ୟାବୋଧ ଅନୁଭବ କରନ୍ତି ନାହିଁ। ମହିଳାମାନେ ନିଜର ଗୋପନୀୟତା ଓ ଭାବନାକୁ ସହଜରେ ଏଆଇ ସହିତ ସେୟାର୍ କରିଥାନ୍ତି। ଏହାବାଦ୍ ବ୍ୟସ୍ତବହୁଳ ଜୀବନ ଓ ଏକାକୀତ୍ୱ ଯୋଗୁଁ ଲୋକେ ଏଭଳି ସାଥୀର ସନ୍ଧାନ କରୁଛନ୍ତି, ଯିଏ ସେମାନଙ୍କୁ ସବୁବେଳେ ଶୁଣିପାରୁଥିବେ ଏବଂ ଉତ୍ତର ରଖିବାକୁ ସକ୍ଷମ ହେଉଥିବେ। ଅନେକ ଲୋକ ଏଆଇକୁ ବିଶ୍ୱାସଯୋଗ୍ୟ ସାଥୀ ବୋଲି ଭାବନ୍ତି। କିଛି ଏଆଇ କେବଳ ଚାଟ୍ ନ କରି ଖେଳ ସଙ୍ଗୀତ ଏବଂ ରୋମାଣ୍ଟିକ୍ କଥାବାର୍ତ୍ତା ମାଧ୍ୟମରେ ସମ୍ପର୍କ ବୃଦ୍ଧି କରିଥାଏ।



# ସମ୍ଭାବନା



## କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟ


**ଅନେକ ଜଣ କମଫର୍ଟ ଜୋନ୍‌ରେ ରହି କାମ କରିବାକୁ ଚାହାନ୍ତି। ଏଭଳି ଲୋକଙ୍କୁ ଲାଗେ କମଫର୍ଟ ଜୋନ୍‌ରେ ରହିଲେ ହିଁ କାମ କରି ହେବ। ହେଲେ ବାସ୍ତବରେ ସଫଳତା କମଫର୍ଟ ଜୋନ୍‌ରୁ ବାହାରିଲେ ମିଳେ। ତେବେ ଅସଲରେ କମଫର୍ଟ ଜୋନ୍‌ରୁ ବାହାରିବା ସେତେଟା ସହଜ ନୁହେଁ।**



କୌଣସି ବ୍ୟକ୍ତିଙ୍କ ଅଭ୍ୟାସ ଓ ରୁଟିନ୍ ଦ୍ୱାରା ତିଆରି ଏକ ସୀମା କମଫର୍ଟ ଜୋନ୍‌କୁ ବୁଝାଏ। ଏହା ହେଉଛି ସେହି ସ୍ଥିତି, ଯେଉଁ ସୀମା ଭିତରେ ରହି ଜଣେ ନିଜକୁ ସୁରକ୍ଷିତ, ସହଜ ଓ ସ୍ଥିର ଅନୁଭବ କରେ। ମସ୍ତିଷ୍କକୁ ସ୍ଥିରତା ପସନ୍ଦ। କୌଣସି ନୂଆ ପରିସ୍ଥିତିରେ ଫସିବା କିମ୍ବା ନୂଆ ଆହ୍ୱାନକୁ ସାମ୍ନା କରିବାକୁ ପସନ୍ଦ ନ ଥାଏ। କମଫର୍ଟ ଜୋନ୍ ହେଉଛି ତାହା, ଯେଉଁଥିରେ କୌଣସି ଭୟ କିମ୍ବା ସମସ୍ୟା ନ ଥାଏ। ତେବେ ଯେତେବେଳେ ଜଣେ କମଫର୍ଟ ଜୋନ୍‌ରୁ ବାହାରିବାକୁ ଚେଷ୍ଟା କରେ କିମ୍ବା କିଛି ନୂଆ କରିବାକୁ ଚିନ୍ତା କରେ, ସେତେବେଳେ ମସ୍ତିଷ୍କ ଫାଇଟ୍ କିମ୍ବା ଫ୍ଲାଇଟ୍‌ର ପ୍ରତିକ୍ରିୟା ଦେଇଥାଏ। ଫଳରେ କମଫର୍ଟ ଜୋନ୍‌ରୁ ବାହାରିବା କଷ୍ଟକର ହୋଇ ପଡ଼େ। ମସ୍ତିଷ୍କ କମଫର୍ଟ ଜୋନ୍‌ରୁ ବାହାରିବା ପରେ ଯାହା ସବୁ ସାମ୍ନା କରେ, ସେସବୁ ପ୍ରତି ଭୟ ସୃଷ୍ଟି ହେବା ଆରମ୍ଭ କରେ। ଏହି ଭୟ ହିଁ ବିଫଳତାର କାରଣ ହୁଏ। ଫଳରେ ଜଣେ ନିଜର କମଫର୍ଟ ଜୋନ୍‌ରେ ସେମିତି ଫଶି ରହେ। ତେବେ ଉନ୍ନତି ବା ଅଗ୍ରଗତି ସବୁବେଳେ କମଫର୍ଟ ଜୋନ୍‌ରୁ ବାହାରିବା ପରେ ହିଁ ମିଳିଥାଏ। ଭୟ ବା ବିପଦକୁ ସାମ୍ନା କରିବାର ସାହସ ରହିଲେ ହିଁ କମଫର୍ଟ ଜୋନ୍‌ରୁ ବାହାରି ହେବ। ଭୟ ଉପରେ ସଫଳତା ହାସଲ କଲେ ଆତ୍ମବିଶ୍ୱାସ ବୃଦ୍ଧି ପାଏ। ଏହାସହ ସଫଳତା ଧୀରେ ଧୀରେ ମିଳେ। କମଫର୍ଟ ଜୋନ୍‌ରୁ ବାହାରିବା ପାଇଁ ଛୋଟ ଛୋଟ ଆହ୍ୱାନକୁ ସ୍ୱୀକାର କରିବା ଦରକାର। ବିଫଳତାରେ ଭୟଭୀତ ହେବା ପରିବର୍ତ୍ତେ ସେଥିରୁ ଶିଖିବା ଆବଶ୍ୟକ। ନିଜକୁ ସଫଳ ଲୋକଙ୍କ ସହ ସାମିଲ କଲେ କମଫର୍ଟ ଜୋନ୍‌ରୁ ବାହାରିବା ଏକପ୍ରକାର ସହଜ ହୁଏ।

## ସମୟରେ ଛାଡ଼ନ୍ତୁ ଅଫିସ୍

**ଅଫିସ୍‌କୁ ଠିକ୍ ସମୟରେ ଆସି ଉଚିତ ସମୟରେ ଘରକୁ ଯିବା ଦରକାର। ଅଧିକାଂଶ କ୍ଷେତ୍ରରେ ଦେଖାଯାଏ, ସମୟ ପୂରା ହେବା ପରେ ବି ଘଣ୍ଟା ଘଣ୍ଟା ଧରି ଅଫିସ୍‌ରେ ବସିବାକୁ ପଡ଼େ। ହେଲେ ଅଫିସ୍‌ରୁ ଠିକ୍ ସମୟରେ ଘରକୁ ଯିବାର ଅନେକ କାରଣ ଅଛି।**



- ଜଣେ ଯେଭଳି ଅଫିସ୍ ସମୟରେ ଆସନ୍ତି। ଠିକ୍ ସେମିତି ଅଫିସ୍ ସମୟରେ ଛାଡ଼ିବା ଦରକାର। କାମ କେବେ ବି ଶେଷ ହେବ ନାହିଁ, ସେମିତି ଲାଗି ରହିବ। ତେଣୁ ସମୟରେ କାମ ପୂରା କରି ଅଫିସ୍‌ରୁ ଯିବାକୁ ଚେଷ୍ଟା କରିବା ଭଲ।
- ଅଫିସ୍ କେବଳ ଜୀବନ ନୁହେଁ; ମାନସିକ ଶାନ୍ତି ଜୀବନ ପାଇଁ ଖୁବ୍ ଜରୁରି। ତେଣୁ ଏହାକୁ ମଧ୍ୟ ସମୟ ଦେବା ଦରକାର। ସମୟରେ ଅଫିସ୍‌ରୁ ଘରକୁ ବାହାରିଲେ, ଏ ଲାଗି ବି ସମୟ ଦେଇପାରିବେ।
- ଅଫିସ୍‌ରୁ ଠିକ୍ ସମୟରେ ବାହାରିଲେ ସାଙ୍ଗସାଥୀ ଓ ପରିବାର ସଦସ୍ୟଙ୍କୁ ସମୟ ଦେବାର ସୁଯୋଗ ମିଳେ।
- ସେହିପରି କେବଳ ଅଫିସ୍‌କୁ ସମ୍ପୂର୍ଣ୍ଣ ସମୟ ନ ଦେଇ ନିଜକୁ ସମୟ ଦେବା ଉଚିତ। ଏହା ହେଲେ କାମରେ ବି ମନ ଲାଗେ।
- କାମ ଯେତିକି ଜରୁରି ନିଜର ଖୁସି ମଧ୍ୟ ସେତିକି ଜରୁରି। ତେଣୁ ଅଫିସ୍ ସମୟରୁ ବାହାରିଲେ ନିଜର ଅନ୍ୟ କାମ ପାଇଁ ସମୟ ବାହାର କରିପାରିବେ। ଏହା ଦ୍ୱାରା ଶାନ୍ତି ଅନୁଭବ କରିବେ।

## ଉପଯୋଗୀ ଏଆଇ ଟୁଲ୍

**ଏଆଇ ଯୁଗରେ ଚାଟ୍‌ଜିପିଟି ଏବଂ ଜେମିନିର ଚାହିଦା ବେଶି। ହେଲେ ଏହା ବ୍ୟତୀତ କିଛି ଟୁଲ୍ ଏଭଳି ଅଛି, ଯାହାର ଲୋକପ୍ରିୟତା ନ ଥିଲେ ବି ଖୁବ୍ ଉପଯୋଗୀ ସାବ୍ୟସ୍ତ ହୋଇଥାଏ। ବିଶେଷ କଥା ହେଉଛି, ଏହି ଟୁଲ୍‌ରେ ଗୀତ ତିଆରି କରିବା, ଥ୍ରୀଡି ମଡେଲ ଆଦି କାମରେ ସାହାଯ୍ୟ କରେ।**



**ସୁନୋ:** ଏହି ଟୁଲ୍ ମାଧ୍ୟମରେ ନିଜ ପସନ୍ଦର ଗୀତ ନିଜେ ତିଆରି କରିପାରିବେ। ଏହି ଟୁଲ୍ ଟେକ୍ସଟ୍‌ରୁ ଗୀତ ତିଆରି କରିଥାଏ। ଏହି ଟୁଲ୍ ଉଭୟ ବୋଲ୍ ଏବଂ ଟ୍ୟୁନ୍ ସାମିଲ କରିପାରେ। ଏହାକୁ ଅଲଗା ଅଲଗା ଷ୍ଟାଇଲ ଏବଂ ଜନର୍‌ରେ ଏଡିଟ୍ ତଥା ସେୟାର୍ କରାଯାଇପାରିବ। ଏହି ଏଆଇ ଟୁଲ୍‌କୁ ମେଟା ଏବଂ ଟିକ୍‌ଟକ୍‌ର ପୂର୍ବତନ କର୍ମଚାରୀ ମିଶି ତିଆରି କରିଛନ୍ତି।

**ଲିଓନାର୍ଡୋ ଏଆଇ:** ଲିଓନାର୍ଡୋ ଏଆଇ ଟୁଲ୍ ଚିତ୍ରକୁ ସୁନ୍ଦର ଭାବେ ତିଆରି କରିବାରେ ସାହାଯ୍ୟ କରେ। ଏହାକୁ ଉପଯୋଗ କରି ଆନିମେସନ, ଫଟୋ ଏବଂ ଥ୍ରୀଡି ମଡେଲ ସହଜରେ ତିଆରି କରିପାରିବେ। ଏଥିରେ ଫଟୋ ବଡ଼ କରିବା ଏବଂ ବ୍ୟାକଗ୍ରାଉଣ୍ଡ ଦୂର କରିବା ଭଳି ଅନେକ ଫିଚର୍ ମିଳିଥାଏ। ଏହାର ଉପଯୋଗରେ ଅସୀମିତ ଫଟୋ ତିଆରି କରିବା ସମ୍ଭବ।

**ବ୍ଲାକ୍‌ବକ୍ସ ଏଆଇ:** ବିଶେଷକରି ସଫ୍ଟୱେର ଡେଭଲପରଙ୍କ କାମକୁ ସୁପରଫାଷ୍ଟ କରିବା ପାଇଁ ଏହି ଟୁଲ୍ ତିଆରି କରାଯାଇଛି। ଏହି ଟୁଲ୍ ପୋଗ୍ରାମିଂର କଠିନ ସମସ୍ୟା ଏବଂ କୋଡିଂ କାମକୁ ଶୀଘ୍ର କରିପାରିବ। ଏହି ଏଆଇ ଟୁଲ କୋଡିଂ ଏବଂ ଟେଷ୍ଟିଂକୁ ସହଜ କରିଥାଏ। ଏହାବାଦ୍ ଏଥିରେ ଚାଟ୍‌ବଟ୍ ଏବଂ ରିସର୍ଚ୍ଚ ଆସିଷ୍ଟାଣ୍ଟ ଫିଚର ସାମିଲ ଅଛି।

**ଇଲେଭେନ ଲ୍ୟାବ୍:** ଏହା ଟେକ୍ସଟକୁ କଥା କହୁଥିବା ସ୍ୱରରେ ପରିବର୍ତ୍ତନ କରିବା। ଉଭୟ ପୁରୁଷ ଓ ମହିଳାଙ୍କର ଅନେକ ପ୍ରକାର ସ୍ୱରକୁ ସହଜରେ ତିଆରି ଏହି ଟୁଲ୍ ତିଆରି କରିପାରେ। ତେବେ ଏହି ଟୁଲ୍ ମାଧ୍ୟମରେ କୌଣସି ସ୍ୱରର ନକଲ କରିବାର ଉତ୍ତମ ଫିଚର ରହିଛି।

**ଜାନିଟର ଏଆଇ:** ନିଜ ମନପସନ୍ଦର ଏଆଇ ଚରିତ୍ରକୁ ଏହି ଟୁଲ୍ ମାଧ୍ୟମରେ ତିଆରି କରିପାରିବେ। କୌଣସି ଫିଲ୍ମ ତାରକାଙ୍କ ଏଆଇ ଚରିତ୍ରକୁ ଜାନିଟର ଏଆଇକୁ ବ୍ୟବହାର କରି ତିଆରି କରିପାରିବେ। ଏହା ତଥ୍ୟ ମୁତାବିକ ନିଜେ ସ୍ଥିର କରି ନିଏ ଯେ, ଚରିତ୍ର କିଭଳି କଥା କହିବ ଏବଂ ସେ କେଉଁ ଶୈଳୀ ଓ ସ୍ୱରରେ କଥା କହିବ।

## ବିନା ନମ୍ବରରେ ଚାଟିଂ




ଏବେ ସୁଦ୍ଧା ହ୍ୱାଟ୍ସଆପ୍‌ରେ କାହାରି ସହିତ କଥା ହେବା ପାଇଁ ମୋବାଇଲ ନମ୍ବର ଜରୁରି ହୋଇଥାଏ। ହେଲେ ଖୁବ୍‌ଶୀଘ୍ର ହ୍ୱାଟ୍ସଆପ୍‌ର ଏକ ନୂଆ ଫିଚର୍ ଆସିବାକୁ ଯାଉଛି। ଯେଉଁଥିରେ ବ୍ୟବହାରକାରୀ ୟୁଜରନେମ୍ ମାଧ୍ୟମରେ ପରସ୍ପର ସହିତ ଯୋଡ଼ି ହୋଇପାରିବ। ଫଳରେ ଏଥିରେ ମୋବାଇଲ ନମ୍ବର ସେୟାର୍ କରିବାକୁ ପଡ଼ିବ ନାହିଁ। ଏହା ଦ୍ୱାରା ଗୋପନୀୟିତା ସୁରକ୍ଷିତ ରହିବ। ତେବେ ୟୁଜରନେମ ପକାଇ ଚାଟ୍ କରିବା ଆଦୌ ସହଜ ପ୍ରକ୍ରିୟା ନୁହେଁ। ଅନ୍ୟପଟେ ହ୍ୱାଟ୍ସଆପ୍ ଏହା ସହିତ ଚାରି ଅଙ୍କ ବିଶିଷ୍ଟ ୟୁଜରନେମ୍ ଟେଷ୍ଟ କରୁଛି। ଅର୍ଥାତ୍ ବ୍ୟବହାରକାରୀ ନିଜ ୟୁଜର ନେମ୍ ସହିତ ଏହି ଚାରି ଅଙ୍କ କୋଡ୍ କାହାକୁ ଦେଇପାରିବେ। ତେବେ ଏବେ ଏହି ସୁବିଧା ହ୍ୱାଟ୍ସଆପ୍ ବେଟା ପୋଗ୍ରାମର କିଛି ବ୍ୟବହାରକାରୀଙ୍କୁ ପ୍ରଦାନ କରାଯାଇଛି। ଆଗାମୀ ଦିନରେ ଧୀରେ ଧୀରେ ଏହି ଫିଚର ସମସ୍ତଙ୍କ ପାଇଁ ଉପଲବ୍ଧ ହେବ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

### ■ ଏସିଆନ ୟୁଥ୍ ଗେମ୍ସ

## ପାକିସ୍ତାନକୁ ହରାଇଲା ଭାରତ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ବାହାରିନରେ ଚାଲିଥିବା ଏସିଆନ ୟୁଥ୍ ଗେମ୍ସର ତୃତୀୟ ସଂସ୍କରଣରେ ଭାରତୀୟ ବାଳକ କବାଡ଼ି ଦଳ ଦମ୍‌ଦାର ପ୍ରଦର୍ଶନ ଜାରି ରଖି ହ୍ୟାଟ୍ରିକ ବିଜୟ ହାସଲ କରିଛି। ମଙ୍ଗଳବାର ଖେଳାଯାଇଥିବା ଏକ ମ୍ୟାଚରେ ଭାରତ ୫୫ ପଏଣ୍ଟ (୮୧-୨୬)ରେ ଶୋଚନୀୟ ଭାବେ ପାକିସ୍ତାନକୁ ମାତ୍ ଦେଇଥିଲା। ଏଥିପୂର୍ବରୁ ଭାରତ ୮୯-୧୬ରେ ଶ୍ରୀଲଙ୍କାକୁ ଓ ୮୩-୧୯ ସ୍କୋରରେ ବାଂଲାଦେଶକୁ ହରାଇଥିଲା। ସେହିଭଳି ଭାରତୀୟ ବାଳିକା ଦଳ ମଧ୍ୟ କ୍ରମାଗତ ୪ର୍ଥ ବିଜୟ ହାସଲ କରି ଶ୍ରେଷ୍ଠ ପ୍ରଦର୍ଶନ କରିଛି। ମଙ୍ଗଳବାର ଇରାନକୁ ୨୬-୫୯ ପଏଣ୍ଟରେ ଭାରତ ପରାସ୍ତ କରିଥିଲା। ବାଳକ ବିଭାଗରେ ଭାରତ ଓ ପାକିସ୍ତାନ ମଧ୍ୟରେ ଖେଳାଯାଇଥିବା ମ୍ୟାଚ୍ ପୂର୍ବରୁ ହାଇଡ୍ରାମା ଦେଖିବାକୁ ମିଳିଥିଲା। କ୍ରିକେଟ୍ ଓ ହକି ପରେ ଏବେ କବାଡ଼ିରେ ମଧ୍ୟ ଭାରତୀୟ ଖେଳାଳି ପାକିସ୍ତାନ ଖେଳାଳିଙ୍କ ସହ ହାତ ମିଳାଇବାକୁ ମନା କରିଦେଇଥିଲେ। ଟସ୍ ପଡ଼ିବା ସମୟରେ ଭାରତୀୟ ଦଳର ଅଧିନାୟକ ଇଶାନ୍ତ ରାଠୀ ପ୍ରତିପକ୍ଷ ପାକିସ୍ତାନ ଅଧିନାୟକଙ୍କ ସହ ହାତ ନ ମିଶାଇବା ଚର୍ଚ୍ଚାର ବିଷୟ ରହିଥିଲା।

## ସମସ୍ତ ଫର୍ମାଟରୁ ଅବସର ନେଲେ ଜାମ୍ମୁ କ୍ରିକେଟର୍ ପରଭେଜ ରସୁଲ



ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି): ଜାମ୍ମୁ କାଶ୍ମୀରର ପ୍ରଥମ କ୍ରିକେଟର ଭାବେ ଭାରତୀୟ ଦଳରୁ ଖେଳିବାର ସୁଯୋଗ ଲାଭ କରିଥିବା ପରଭେଜ ରସୁଲ ସମସ୍ତ ପ୍ରକାର ଫର୍ମାଟରୁ ଅବସର ନେଇଛନ୍ତି। ୩୬ ବର୍ଷୀୟ ରସୁଲ ଅବସର ନେଇ ଭାରତୀୟ କ୍ରିକେଟର ସର୍ବୋଚ୍ଚ ସଂସ୍ଥା ବିସିସିଆଇକୁ ଜଣାଇଛନ୍ତି। ଏହି ଅଫ୍-ସ୍ପିନ ଅଲରାଉଣ୍ଡର ଭାରତ ପକ୍ଷରୁ ଗୋଟିଏ ଲେଖାଏ ଦିନିକିଆ ଓ ଟି-୨୦ ମ୍ୟାଚ୍ ଖେଳିବାର ସୁଯୋଗ ପାଇଥିଲେ। ୨୦୧୪ରେ ବାଂଲାଦେଶ ବିପକ୍ଷ ଦିନିକିଆ ଖେଳି ରସୁଲ ଅନ୍ତର୍ଜାତୀୟ କ୍ରିକେଟରେ ପାଦ ଥାପିଥିଲେ। ଜାମ୍ମୁର ପ୍ରଥମ ଖେଳାଳି ଭାବେ ସେ ଭାରତୀୟ ଦଳରୁ ଖେଳି ରେକର୍ଡ କରିଥିଲେ। ସେହିଭଳି ସେ ତାଙ୍କର ଏକମାତ୍ର ଟି-୨୦ ମ୍ୟାଚଟି ୨୦୧୭ରେ ଇଂଲଣ୍ଡ ବିପକ୍ଷରେ ଖେଳିଥିଲେ। ଅନ୍ତର୍ଜାତୀୟ କ୍ରିକେଟରେ ସେ ମାତ୍ର ୩ଟି ୱିକେଟ ନେଇଥିଲେ। ତେବେ ସେ ବେଶ ସକ୍ରିୟ ଥିଲେ। ୯୫ଟି ପ୍ରଥମଶ୍ରେଣୀ ଓ ୧୬୪ଟି ଲିଷ୍ଟ-ଏ ମ୍ୟାଚ୍ ଖେଳି ରସୁଲ ଯଥାକ୍ରମେ ୩୫୨ ଓ ୨୨୧ଟି ୱିକେଟ୍ ନେଇଛନ୍ତି। ସେ ମଧ୍ୟ ଆଇପିଏଲ୍‌ରେ ୩ଟି ମ୍ୟାଚ ଖେଳିବାର ସୁଯୋଗ ପାଇଥିଲେ।

### ■ ରାୱଲପିଣ୍ଡି ଟେଷ୍ଟ:

## ଷ୍ଟବ୍ସଙ୍କ ଲଢୁଆ ଅର୍ଦ୍ଧଶତକ



ରାୱଲପିଣ୍ଡି, ୨୧।୧୦ (ଏଜେନ୍ସି): ଘରୋଇ ପାକିସ୍ତାନ ବିପକ୍ଷରେ ଏଠାରେ ଚାଲିଥିବା ଦ୍ୱିତୀୟ ଟେଷ୍ଟରେ ଦକ୍ଷିଣ ଆଫ୍ରିକା ଦୃଢ଼ ଜବାବ ଦେଇଛି। ପାକିସ୍ତାନର ୩୩୩ ରନ ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ଭ୍ରମଣକାରୀ ଦକ୍ଷିଣ ଆଫ୍ରିକା ମଙ୍ଗଳବାର ୨ୟ ଦିବସ ଖେଳ ଶେଷ ସୁଦ୍ଧା ପ୍ରଥମ ଇନିଂସରେ ୪ ୱିକେଟ୍ ହରାଇ ୧୮୫ ରନ ସଂଗ୍ରହ କରିଛି। ଦୁଇ ଓପନର୍ ଅଧିନାୟକ ଆଇଡେନ ମାର୍କରମ (୩୨ ରନ) ଓ ର୍‌ୟାନ ରିକ୍ଲେଟନ (୧୪) ସଅଳ ପ୍ୟାଭିଲିୟନ ଫେରିଥିଲେ। ତେବେ ବ୍ୟାଟିଂକ୍ରମର ତୃତୀୟ ସ୍ଥାନରେ ଆସିଥିବା ଟ୍ରିଷ୍ଟାନ ଷ୍ଟବ୍ସ ଲଢୁଆ ଅପରାଜିତ ଅର୍ଦ୍ଧଶତକୀୟ ପାଳି ଖେଳି ଦଳକୁ ପ୍ରାରମ୍ଭିକ ବିପର୍ଯ୍ୟୟରୁ ଉଦ୍ଧାର କରିଥିଲେ। ଷ୍ଟବ୍ସ ୧୮୪ ବଲ୍ ସାମ୍ନା କରି ୬ ଚୌକା ଓ ୧ ଛକା ବଳରେ ୬୮ ରନ କରି ଶେଷ ପର୍ଯ୍ୟନ୍ତ ଅପରାଜିତ ରହିଥିଲେ। ସେ ତୃତୀୟ ୱିକେଟରେ ଟୋନି ଡି ଜୋରଜୀ (୫୫ ରନ)ଙ୍କ ସହ ୧୧୩ ରନର ଗୁରୁତ୍ୱପୂର୍ଣ୍ଣ ଭାଗୀଦାରି ଗଢ଼ିଥିଲେ। ୬ ୱିକେଟ୍ ବଳକା ଥାଇ ଦକ୍ଷିଣ ଆଫ୍ରିକା ଇନିଂସ ଅଗ୍ରଣୀ ଲାଗି ଆହୁରି ୧୪୯ ରନ ଆବଶ୍ୟକ କରୁଛି। ଘରୋଇ ପାକିସ୍ତାନ ପକ୍ଷରୁ ବାମହାତୀ ସ୍ପିନର ଆସିଫ୍ ଆଫ୍ରିଦୀ ୨ଟି ୱିକେଟ୍ ସଫଳତା ପାଇଥିଲେ। ପୂର୍ବରୁ ସିରିଜର ପ୍ରଥମ ମ୍ୟାଚକୁ ୯୩ ରନରେ ଜିତି ପାକିସ୍ତାନ ସିରିଜରେ ୧-୦ରେ ଅଗ୍ରଣୀ ରହିଛି।

### ଏସିଆ କପ୍ ଟ୍ରଫି ବିବାଦ

# ନକଭୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବିସିସିଆଇ

ନୂଆଦିଲ୍ଲୀ, ୨୧।୧୦ (ଏଜେନ୍ସି)





ଏସିଆ କପ୍ ଟ୍ରଫି ବିବାଦରେ ଭାରତୀୟ କ୍ରିକେଟ୍‌ର ସର୍ବୋଚ୍ଚ ସଂସ୍ଥା ବିସିସିଆଇ ବଡ଼ କାର୍ଯ୍ୟାନୁଷ୍ଠାନ ନେଇପାରେ। ଏସିଆ କ୍ରିକେଟ୍ ପରିଷଦ (ଏସିସି)ର ଅଧ୍ୟକ୍ଷ ମୋହସୀନ ନକଭୀଙ୍କଠାରୁ କୌଣସି ଉତ୍ତର ନ ପାଇବା ପରେ ବିସିସିଆଇ ପରବର୍ତ୍ତୀ ଆଇସିସି ବୈଠକରେ ଏହି ମାମଲାରେ ଅନ୍ତର୍ଜାତୀୟ ବୋର୍ଡର ହସ୍ତକ୍ଷେପ ଲୋଡ଼ିପାରେ। ବିସିସିଆଇ ଗତ ସପ୍ତାହରେ ଏକ ଚିଠି ପଠାଇ ଭାରତୀୟ ଦଳକୁ ଏସିଆ କପ୍ ଟ୍ରଫି ପ୍ରଦାନ କରିବାକୁ ଅନୁରୋଧ କରିଥିଲା। କିନ୍ତୁ ନକଭୀ କୌଣସି ଉତ୍ତର ଦେଇ ନ ଥିଲେ। ଏହି ଘଟଣାରେ ବିସିସିଆଇ ସ୍ପଷ୍ଟ କରିଛି ଭାରତୀୟ ଦଳକୁ ଟ୍ରଫି ପ୍ରଦାନ କରାଯିବା ଉଚିତ୍। ନଚେତ ଆଗାମୀ ଆଇସିସି ବୈଠକରେ ଏପ୍ରସଙ୍ଗ ଉଠାଇବ। ଏସିଆ କପ୍ ଟ୍ରଫି ବର୍ତ୍ତମାନ ଦୁବାଇରେ ରହିଛି। ଯେଉଁଠାରେ ଏହା ଏସିସି କାର୍ଯ୍ୟାଳୟରେ ରଖାଯାଇଛି। ଏସମ୍ପର୍କରେ ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ ଗଣମାଧ୍ୟମକୁ କହିଛନ୍ତି, ଭାରତୀୟ ବୋର୍ଡ ଆଇନ ମଧ୍ୟରେ ଆବଶ୍ୟକ ପଦକ୍ଷେପ ନେଉଛି।

ଉଲ୍ଲେଖଯୋଗ୍ୟ, ଏସିଆ କପ୍ ଫାଇନାଲରେ ଭାରତୀୟ ଦଳ ୫ ୱିକେଟ୍‌ରେ ପାକିସ୍ତାନକୁ ପରାସ୍ତ କରି ଚାମ୍ପିଅନ ହୋଇଥିଲା। କିନ୍ତୁ ଦୁଇଦେଶ ମଧ୍ୟରେ ରାଜନୈତିକ ବିବାଦ ଲାଗି ରହିଥିବାରୁ ଏସିସିର ଅଧ୍ୟକ୍ଷ ରହିଥିବା ପାକିସ୍ତାନର ନକଭିଙ୍କ ହାତରୁ ଟ୍ରଫି ନେବାକୁ ଭାରତୀୟ ଖେଳାଳି ମନାକରିଦେଇଥଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ନକଭି ପାଖାପାଖି ୧ ଘଣ୍ଟା ଷ୍ଟେଜ ଉପରେ ଅପେକ୍ଷା କରି ରହିଲେ ମଧ୍ୟ ଭାରତୀୟ ଖେଳାଳି ଟ୍ରଫି ନେବାକୁ ତାଙ୍କ ନିକଟକୁ ଯାଇ ନ ଥିଲେ। ଶେଷରେ ମୋହସିନ ନକଭି ଟ୍ରଫି ନେଇ ପଳାଇଥିଲେ। ସେପ୍ଟେମ୍ବର ୩୦ରେ ଅନୁଷ୍ଠିତ ଏସିସି ବୈଠକରେ ବିସିସିଆଇ ଯୁଗ୍ମ ସମ୍ପାଦକ ରାଜୀବ ଶୁକ୍ଲା ଏହି ଟ୍ରଫି ବିବାଦ ସମ୍ପର୍କରେ ପ୍ରଶ୍ନ ଉଠାଇଥିଲେ। ଟ୍ରଫିଟି ଏସିଆ କ୍ରିକେଟ୍ ପରିଷଦର ସମ୍ପତ୍ତି। ତେଣୁ ନକଭି ଏହାକୁ ବ୍ୟକ୍ତିଗତ ଭାବରେ ପଡ଼ିଆରୁ ନେବାର କୌଣସି ଅଧିକାର ନାହିଁ ବୋଲି ରାଜୀବ କହିଥିଲେ। ସେତେବେଳେ ନକଭି ଏସିସିର ସଦସ୍ୟମାନଙ୍କୁ କ୍ଷମା ମାଗିଥିଲେ ମଧ୍ୟ ଭାରତକୁ ଟ୍ରଫି ହସ୍ତାନ୍ତର କରିବାକୁ ମନା କରିଦେଇଥିଲେ।

## କୁରାନଙ୍କ ଶତକ; ବଡ଼ ଅଗ୍ରଣୀ ଅଭିମୁଖେ ଜିମ୍ବାୱେ

ହରାରେ, ୨୧।୧୦ (ଏଜେନ୍ସି): ଏଠାରେ ଆଫଗାନିସ୍ତାନ ବିପକ୍ଷରେ ଚାଲିଥିବା ଏକମାତ୍ର ଟେଷ୍ଟରେ ଘରୋଇ ଜିମ୍ବାୱେ ବୃହତ୍ ଅଗ୍ରଣୀ ଅଭିମୁଖେ ଅଗ୍ରସର ହୋଇଛି। ଏହି ଟେଷ୍ଟରେ ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଆଫଗାନିସ୍ତାନ ପ୍ରଥମ ଇନିଂସରେ ମାତ୍ର ୧୨୭ ରନ କରି ଅଲ୍‌ଆଉଟ୍ ହୋଇଯାଇଥିଲା। ଘରୋଇ ଦଳ ପକ୍ଷରୁ ମଧ୍ୟଗତିର ବୋଲର ବ୍ରାଡ୍ ଇଭାନ୍ସ ସର୍ବାଧିକ ୫ଟି ୱିକେଟ୍ ନେଇଥିଲେ। ଜବାବରେ ପ୍ରଥମ ଇନିଂସ ଆରମ୍ଭ କରିଥିବା ଜିମ୍ବାୱେ ମଙ୍ଗଳବାର ଦ୍ୱିତୀୟ ଦିବସ ଷ୍ଟମ୍ପ ସୁଦ୍ଧା ୮ ୱିକେଟ୍‌ରେ ୩୧୭ ରନ ସଂଗ୍ରହ କରିଛି। ଓପନର୍ ବେନ୍ କୁରାନ ଦମ୍‌ଦାର ଶତକୀୟ ପାଳି ଖେଳି ଜିମ୍ବାୱେକୁ ବୃହତ୍ ଅଗ୍ରଣୀ ଦେବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଇଂଲଣ୍ଡ କ୍ରିକେଟର୍ ସାମ୍ କୁରାନଙ୍କ ଭାଇ ବେନ୍ ୨୫୬ ବଲ୍ ଖେଳି ୧୫ ଚୌକା ସହାୟତାରେ ସର୍ବାଧିକ ୧୨୧ ରନ କରିଥିଲେ। ଆଫଗାନିସ୍ତାନର ଜିଆଉର୍ ରହମନ ଶରିଫିଙ୍କୁ ସର୍ବାଧିକ ୫ଟି ୱିକେଟ୍ ମିଳିଥିଲା। ଦୁଇ ୱିକେଟ୍ ବଳକା ଥାଇ ଜିମ୍ବାୱେ ୧୯୦ ରନରେ ଅଗ୍ରଣୀ ହାସଲ କରିଛି।

### ଆଇସିସି ମହିଳା ଦିନିକିଆ ବିଶ୍ୱକପ୍

## ଲୌରା ଶତକରୁ ବଞ୍ଚିତ



କଲମ୍ବୋ,୨୧।୧୦ (ଏଜେନ୍ସି): ଆଇସିସି ମହିଳା ଦିନିକିଆ ବିଶ୍ୱକପ୍‌ରେ ମଙ୍ଗଳବାର ଏଠାରେ ପାକିସ୍ତାନ ବିପକ୍ଷରେ ଖେଳାଯାଇଥିବା ମ୍ୟାଚରେ ଦକ୍ଷିଣ ଆଫ୍ରିକା ୩୧୨ ରନର ବିଶାଳ ସ୍କୋର କରିଛି। ବର୍ଷା ଯୋଗୁ ଏହି ମ୍ୟାଚ୍ ୪୦ ଓଭରବିଶିଷ୍ଟ ହୋଇଥିଲା। ଟସ୍ ହାରି ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ଦକ୍ଷିଣ ଆଫ୍ରିକା ଓପନର୍ ଲୌରା ଓଲଭର୍ଡଙ୍କ ଦ୍ରୁତ ଅର୍ଦ୍ଧଶତକ ବଳରେ ୯ ୱିକେଟ୍ ହରାଇ ୩୧୨ ରନ କରିଥିଲା। ଲୌରା ୮୨ ବଲରେ ୧୦ ଚୌକା ଓ ୨ ଛକା ବଳରେ ୯୦ ରନ କରି ଷ୍ଟମ୍ପ ଆଉଟ୍ ହେବା ସହ ଶତକରୁ ବଞ୍ଚିତ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ମାରିଜାନ କାପ୍ସ ୬୮, ସୁନେ ଲସ୍ ୬୧, ନାଦିନେ ଡି କ୍ଲାର୍କ ୪୧ ରନ କରିଥିଲେ। ବୋଲିଂରେ ପାକିସ୍ତାନର ସାଦିରା ଇକବାଲ ଓ ନଶ୍ରା ସାନ୍ଧୁ ୩ଟି ଲେଖାଏ ୱିକେଟ ନେଇଥିଲେ। ଜବାବରେ ବ୍ୟାଟିଂ ଆରମ୍ଭ କରିଥିବା ପାକିସ୍ତାନ ଦ୍ୱିତୀୟ ଓଭରରେ ଓପନର୍ ମୁନିବ ଅଲି (୫ ରନ)ଙ୍କ ୱିକେଟ୍ ହରାଇଛି। ଶେଷ ଖବର ସୁଦ୍ଧା ଦଳ ୨ ଓଭରରେ ଗୋଟିଏ ୱିକେଟ୍ ହରାଇ ୧୦ ରନ କରିଛି।

ପୂର୍ବରୁ ସୋମବାର ଅନୁଷ୍ଠିତ ଏକ ମ୍ୟାଚରେ ଶ୍ରୀଲଙ୍କା ୭ ରନରେ ବାଂଲାଦେଶକୁ ହରାଇଥିଲା। ଏହି ମ୍ୟାଚରେ ହସିନି ପେରେରାଙ୍କ ୮୫ ରନ ବଳରେ ଶ୍ରୀଲଙ୍କା ୨୦୨ ରନ କରି ଅଲ୍‌ଆଉଟ୍ ହୋଇଥିଲା। ଜବାବରେ ବାଂଲାଦେଶ ୫୦ ଓଭରରେ ୯ ୱିକେଟ୍ ହରାଇ ୧୯୫ ରନ କରିଥିଲା। ବିଶ୍ୱକପ୍‌ରେ ଶ୍ରୀଲଙ୍କାର ଏହା ପ୍ରଥମ ବିଜୟ ଥିଲା। ସେମିଫାଇନାଲ ଦୌଡ଼ରୁ ବାଦ୍ ପଡ଼ିସାରିଥିବା ଶ୍ରୀଲଙ୍କା ୬ ମ୍ୟାଚରୁ ୩ ପରାଜୟ, ୨ ବାତିଲ ଓ ଗୋଟିଏ ବିଜୟ ସହ ୪ ପଏଣ୍ଟ ଅର୍ଜନ କରିଛି। ବୁଧବାର ଅଷ୍ଟ୍ରେଲିଆ ଓ ଇଂଲଣ୍ଡ ମଧ୍ୟରେ ଇନ୍ଦୋରରେ ମ୍ୟାଚ୍ ଖେଳାଯିବ। ଏହି ଦୁଇ ଦଳ ପୂର୍ବରୁ ସେମିଫାଇନାଲରେ ପ୍ରବେଶ କରିସାରିଛନ୍ତି। ସେହିଭଳି ଗୁରୁବାର ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ଲଢ଼େଇ ଅନୁଷ୍ଠିତ ହେବ। ଏହି ମ୍ୟାଚରେ ବିଜୟୀ ଦଳ ୪ର୍ଥ ଦଳ ଭାବେ ସେମିଫାଇନାଲ ଖେଳିବାର ଯଥେଷ୍ଟ ସମ୍ଭାବନା ରହିଛି।

### ଦକ୍ଷିଣ ଆଫ୍ରିକା-ଏ ବିପକ୍ଷ ସିରିଜ

## ପନ୍ତଙ୍କୁ ଭାରତ-ଏ ଦଳର ନେତୃତ୍ୱ

**ମୁମ୍ବଇ, ୨୧।୧୦ (ଏଜେନ୍ସି):** ଘରୋଇ ଭାରତ-ଏ ଓ ଦକ୍ଷିଣ ଆଫ୍ରିକା-ଏ ଦଳ ମଧ୍ୟରେ ଦୁଇ ମ୍ୟାଚ୍‌ବିଶିଷ୍ଟ ଚାରିଦିବସୀୟ ଟେଷ୍ଟ ମ୍ୟାଚ୍ ଚଳିତ ମାସ ୩୦ରୁ ବେଙ୍ଗାଲୁରୁରେ ଆରମ୍ଭ ହେବ। ଏଥିଲାଗି ଘରୋଇ ଭାରତ-ଏ ଦଳ ମଙ୍ଗଳବାର ଘୋଷଣା କରାଯାଇଛି। ଅଭିଜ୍ଞ ୱିକେଟ୍‌କିପର ଋଷଭ ପନ୍ତଙ୍କୁ ଏହି ଦୁଇଟି ମ୍ୟାଚ୍ ଲାଗି ଦଳର ନେତୃତ୍ୱ ଭାର ପ୍ରଦାନ କରାଯାଇଛି। ଫଳରେ ଦୀର୍ଘ ମାସ ଧରି ଆହତ ସମସ୍ୟା ଦେଇ ଗତି କରୁଥିବା ପନ୍ତ ଅଧିନାୟକ ଭାବେ ପ୍ରତିଦ୍ୱନ୍ଦ୍ୱିତାମୂଳକ କ୍ରିକେଟ୍‌କୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ଅପରପକ୍ଷରେ ଅନ୍ୟତମ ଯୁବ ବାମହାତୀ ବ୍ୟାଟର୍ ସାଇ ସୁଦର୍ଶନଙ୍କୁ ଉପ-ଅଧିନାୟକ ଦାୟିତ୍ୱ ଦିଆଯାଇଛି। ତେବେ ମୁମ୍ବଇ ୱିକେଟ୍‌ରକ୍ଷକ ସର୍ଫରାଜ ଖାନଙ୍କୁ ଏହି ସିରିଜର କୌଣସି ମ୍ୟାଚରେ ସୁଯୋଗ ମିଳିନାହିଁ। ରଜତ ପାଟିଦାର ଓ ଆୟୂଷ ବଦୋନୀ ମଧ୍ୟ ଦଳରେ ସ୍ଥାନ ପାଇଛନ୍ତି। ଏହି ସିରିଜର ୨ୟ ମ୍ୟାଚ୍ ନଭେମ୍ବର ୬ରୁ ବେଙ୍ଗାଲୁରୁରେ ଅନୁଷ୍ଠିତ ହେବ। ଉଲ୍ଲେଖଯୋଗ୍ୟ, ଇଂଲଣ୍ଡ ବିପକ୍ଷ ଟେଷ୍ଟ ସିରିଜ ଖେଳୁଥିବାବେଳେ ପନ୍ତ ଆହତ ହୋଇ କ୍ରିକେଟରୁ ଦୂରେଇ ରହିଥିଲେ।

**ପ୍ରଥମ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ:** ଋଷଭ ପନ୍ତ, (ଅଧିନାୟକ), ସାଇ ସୁଦର୍ଶନ (ଉପ-ଅଧିନାୟକ), ଆୟୂଷ ମହାତ୍ରେ, ଏନ୍. ଜଗଦୀଶନ (ୱିକେଟ୍‌କିପର), ଦେବଦତ୍ତ ପାଡିକଲ, ରଜତ ପାଟିଦାର, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୁତାର, ଅଂଶୁଲ କାମ୍ବୋଜ, ଯଶ ଠାକୁର, ଆୟୂଷ ବଦୋନୀ, ସାରାଂଶ ଜୈନ

**ଦ୍ୱିତୀୟ ଚାରିଦିବସୀୟ ମ୍ୟାଚ୍ ଲାଗି ଭାରତ-ଏ ଦଳ:** ଋଷଭ ପନ୍ତ (ଅଧିନାୟକ), ସାଇ ସୁଦର୍ଶନ (ଉପଅଧିନାୟକ), ଲୋକେଶ ରାହୁଲ, ଧ୍ରୁବ ଜୁରେଲ, ଦେବଦତ୍ତ ପାଡିକଲ, ଋତୁରାଜ ଗାଏକ୍ୱାଡ, ହର୍ଷ ଦୁବେ, ତନୁଷ କୋଟିଆନ, ମାନବ ସୁତାର, ଖଲିଲ ଅହମ୍ମଦ, ଗୁରନୁର୍ ବ୍ରାର୍, ଅଭିମନ୍ୟୁ ଈଶ୍ୱରନ, ପ୍ରସିଦ୍ଧ କ୍ରିଷ୍ଣା, ମହମ୍ମଦ ସିରାଜ ଓ ଆକାଶଦୀପ।

## ଦୃଷ୍ଟିବାଧିତ ଫୁଟ୍‌ବଲ ତାଲିମ ଶିବିର ଉଦ୍‌ଯାପିତ




ଭୁବନେଶ୍ୱର, ୨୧।୧୦ (ସମିସ): ସାମାଜିକ ଅନୁଷ୍ଠାନ ବ୍ଲୁସ୍ୱଆଇ ପକ୍ଷରୁ ଜଟଣୀସ୍ଥିତ ଆଇଆଇସି କମ୍ପ୍ଲେକ୍ସରେ ଚାଲିଥିବା ରାଜ୍ୟସ୍ତରୀୟ ଦୃଷ୍ଟିବାଧିକ ଫୁଟ୍‌ବଲ ତାଲିମ ଶିବିର ଶନିବାର ଉଦ୍‌ଯାପିତ ହୋଇଯାଇଛି। ତିନିଦିନିଆ ଏହି ଶିବିରରେ ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ଥିବା ଦୃଷ୍ଟିବାଧିତ ବିଦ୍ୟାଳୟର ଖେଳ ଶିକ୍ଷକମାନେ ଅଂଶଗ୍ରହଣ କରିଥିଲେ। ଜାତୀୟ ଦୃଷ୍ଟିବାଧିତ ଫୁଟ୍‌ବଲ ଦଳର ସହ-ପ୍ରଶିକ୍ଷକ ନରେଶ ସିଂ ନୟାଲ ଏଥିରେ ମାଷ୍ଟର ଟ୍ରେନର ଭାବେ ପ୍ରଶିକ୍ଷଣ ଦେଇଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥିଭାବେ ରାଜ୍ୟ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଡେପୁଟୀ ସେକ୍ରେଟାରୀ ସନ୍ୟାସୀ କୁମାର ବେହେରା ଯୋଗଦେଇ ବ୍ଲୁସ୍ୱଆଇର ଏହି କାର୍ଯ୍ୟକ୍ରମକୁ ସାଧୁବାଦ ଜଣାଇଥିଲେ। ସେହିଭଳି ବିଭାଗର ଅତିରିକ୍ତ ଶାସନ ସଚିବ ଭାସ୍କର ରାଉତ, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ଦିଲ୍ଲୀପ କୁମାର ହିଆଲ, ଆଇଆଇସିର ଅଧ୍ୟକ୍ଷ ତ୍ରିନାଥ ପାଢ଼ୀ, ବିକେ ପିଙ୍କି ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହିଥିଲେ। ଏହି ଅବସରରେ ସ୍ୱତନ୍ତ୍ର ଅତିଥିଭାବେ ଭାରତ ସରକାରଙ୍କ ଭିନ୍ନକ୍ଷମ ବିଭାଗର ମୁଖ୍ୟ ଆୟୁକ୍ତ ପ୍ରବୀଣ କୁମାର, ରାଜ୍ୟର ବ୍ରତତୀ ହରିଚନ୍ଦନ ଯୋଗଦେଇଥିଲେ। ରାଜ୍ୟର କୋଣ ଅନୁକୋଣରୁ ଦୃଷ୍ଟିବାଧିତ ଖେଳାଳିମାନଙ୍କୁ ଆଣି ଜାତୀୟ ଓ ଅନ୍ତର୍ଜାତୀୟସ୍ତରରେ ପହଞ୍ଚାଇବା ବ୍ଲୁସ୍ୱଆଇର ମୁଖ୍ୟ ଲକ୍ଷ୍ୟ ବୋଲି ଅଧ୍ୟକ୍ଷ ତ୍ରିଲୋଚନ ବେଉରା କହିଛନ୍ତି।

### ଏକଦିବସୀୟ କ୍ରିକେଟ୍ ଇତିହାସରେ ପ୍ରଥମ

# ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କଲା ୱେଷ୍ଟଇଣ୍ଡିଜ




ଢାକା, ୨୧।୧୦ (ଏଜେନ୍ସି)

ଏକଦିବସୀୟ କ୍ରିକେଟ୍‌ର ୫୪ ବର୍ଷ ଇତିହାସରେ ମଙ୍ଗଳବାର ଏକ ବିରଳ ଘଟଣା ଦେଖିବାକୁ ମିଳିଛି। ସ୍ଥାନୀୟ ଶେର୍ ବାଂଲା ନ୍ୟାସନାଲ ଷ୍ଟାଡିୟମରେ ଘରୋଇ ବାଂଲାଦେଶ ବିପକ୍ଷରେ ଅନୁଷ୍ଠିତ ଏକଦିବସୀୟ ସିରିଜର ଦ୍ୱିତୀୟ ମୁକାବିଲାରେ ୱେଷ୍ଟଇଣ୍ଡିଜ ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କରିଥିଲା। ଯାହାକି ଦିନିକିଆ କ୍ରିକେଟ୍ ଇତିହାସରେ ପ୍ରଥମ ଘଟଣା ଥିଲା। ଏହି ମ୍ୟାଚରେ ପ୍ରଥମେ ବ୍ୟାଟିଂ କରିଥିବା ବାଂଲାଦେଶ ୫୦ ଓଭରରେ ୭ ୱିକେଟ୍ ହରାଇ ୨୧୩ ରନ କରିଥିଲା। ୱେଷ୍ଟଇଣ୍ଡିଜ ପକ୍ଷରୁ ୫ଜଣ ବୋଲର ଅକିଲା ହୋସେନ, ରୋଷ୍ଟନ ଚେଜ, ଗୁଡାକେଶ ମୋତି, ଖାରି ପିଏରେ ଓ ଆଲିକ ଅଥାନଜେ ୧୦ ଓଭର ଲେଖାଏ ବୋଲିଂ କରିଥିଲେ। ଏହି ସମସ୍ତ ୫ଜଣ ସ୍ପିନ ବୋଲର ରହିଥିଲେ। ସେମାନଙ୍କ ମଧ୍ୟରୁ ଅଥାନଜେ ଜଣେ ଓପନିଂ ବ୍ୟାଟର୍ ହୋଇଥିବାବେଳେ ସେ ପାର୍ଟଟାଇମ ଅଫ୍-ସ୍ପିନ ବୋଲିଂ କରିଥାନ୍ତି। ମ୍ୟାଚରେ ସେ ୧୦ ଓଭର ବୋଲିଂ କରି ୩ ମେଡେନ ସହ ୧୪ ରନ ବ୍ୟୟରେ ୨ଟି ୱିକେଟ୍ ନେଇ ବେଶ୍ ପ୍ରଭାବୀ ସାବ୍ୟସ୍ତ ହୋଇଥିଲେ। ଏପରିକି ୱେଷ୍ଟଇଣ୍ଡିଜର ଚୂଡ଼ାନ୍ତ ଏକାଦଶରେ ସ୍ଥାନ ପାଇଥିବା ଜଷ୍ଟିନ ଗ୍ରେଭେସ ଜଣେ ଦ୍ରୁତ ବୋଲର ହୋଇଥିଲେ ମଧ୍ୟ ଅଧିନାୟକ ସାଇ ହୋପ୍ ତାଙ୍କୁ ବୋଲିଂ ନ ଦେଇ ଅଥାନଜେଙ୍କୁ ପ୍ରାଥମିକତା ଦେଇଥିଲେ। ଯେହେତୁ ଏହି ପିଚ୍ ସ୍ପିନ ବୋଲରଙ୍କୁ ବହୁତ ସହାୟତା କରୁଥିଲା ତେଣୁ ହୋପ୍ ତାଙ୍କର ସ୍ପିନରଙ୍କ ଦ୍ୱାରା ସମ୍ପୂର୍ଣ୍ଣ ୫୦ ଓଭର ବୋଲିଂ କରାଇବା ନେଇ ଯୋଜନା କରିଥିଲେ। ତାଙ୍କର ଏହି ଯୋଜନା ମଧ୍ୟ ସଫଳ ହୋଇଥିଲା ଓ ବାଂଲାଦେଶ ୨୧୩ ରନର ଛୋଟିଆ ସ୍କୋର କରିପାରିଥିଲା।

### ସର୍ବାଧିକ ୪୪ ଓଭର ସ୍ପିନରଙ୍କୁ ଦେଇଥିଲା ଶ୍ରୀଲଙ୍କା

୧୯୭୧ ମସିହାରୁ ଦିନିକିଆ କ୍ରିକେଟ୍ ଆରମ୍ଭ ହୋଇଥିଲେ ମଧ୍ୟ କୌଣସି ଦଳ ସମ୍ପୂର୍ଣ୍ଣ ଓଭର ସ୍ପିନରଙ୍କ ବୋଲିଂ କରାଇ ନ ଥିଲେ। ୱେଷ୍ଟଇଣ୍ଡିଜ କିନ୍ତୁ ଏଥିରେ ବ୍ୟତିକ୍ରମ କରାଇ ସମ୍ପୂର୍ଣ୍ଣ ୫୦ ଓଭର ସ୍ପିନ ବୋଲିଂ କରିଥିଲା। ପୂର୍ବରୁ ଦିନିକିଆରେ ଗୋଟିଏ ମ୍ୟାଚରେ ସ୍ପିନରଙ୍କ ସର୍ବାଧିକ ଓଭର ବୋଲିଂ କରାଇବାର ରେକର୍ଡ ଶ୍ରୀଲଙ୍କା ନାମରେ ରହିଥିଲା। ୧୯୯୬ରେ ପୋର୍ଟ ଅଫ୍ ସ୍ପେନରେ ଅନୁଷ୍ଠିତ ୱେଷ୍ଟଇଣ୍ଡିଜ ବିପକ୍ଷ ମ୍ୟାଚରେ ସିଂହଳୀ ସ୍ପିନରମାନେ ୪୪ ଓଭର ବୋଲିଂ କରିଥିଲେ। ସେହି ମ୍ୟାଚରେ ମୁଥିୟା ମୁରଲୀଧରନ, ଅରବିନ୍ଦ ଡି ସିଲଭା, କୁମାର ଧର୍ମସେନା, ଉପୁଲ ଚନ୍ଦନା, ସନଥ ଜୟସୁରିୟା ଓ ହଶାନ ତିଳକରତ୍ନେ ସ୍ପିନ ବୋଲିଂ କରିଥିଲେ। ଦିନିକିଆ କ୍ରିକେଟ୍ ଇତିହାସରେ ଶ୍ରୀଲଙ୍କା ୩ଥର ସ୍ପିନରଙ୍କ ଦ୍ୱାରା ୪୪ ଓଭର ବୋଲିଂ କରାଇଛି।

**ଏକଦିବସୀୟରେ ସ୍ପିନରଙ୍କ ଦ୍ୱାରା ସର୍ବାଧିକ ଓଭର ବୋଲିଂ**

| ଓଭର | ଦଳ | ପ୍ରତିପକ୍ଷ | ବର୍ଷ |
|---|---|---|---|
| ୫୦ | ୱେଷ୍ଟଇଣ୍ଡିଜ | ବାଂଲାଦେଶ | ୨୦୨୫ |
| ୪୪ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୬ |
| ୪୪ | ଶ୍ରୀଲଙ୍କା | ନ୍ୟୁଜିଲାଣ୍ଡ | ୧୯୯୮ |
| ୪୪ | ଶ୍ରୀଲଙ୍କା | ଅଷ୍ଟ୍ରେଲିଆ | ୨୦୦୪ |
| ୪୩ | ଶ୍ରୀଲଙ୍କା | ୱେଷ୍ଟଇଣ୍ଡିଜ | ୧୯୯୫ |

## ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଉଦ୍‌ଯାପିତ



**ଭୁବନେଶ୍ୱର, ୨୧।୧୦ (ସମିସ):** ଓଡିଶା ରାଜ୍ୟ ବ୍ୟାଡ୍‌ମିଣ୍ଟନ ସଂଘ ଦ୍ୱାରା ଆୟୋଜିତ ୧୧ ଓ ୧୩ ରୁ କମ ବୟସ ବର୍ଗ ରାଜ୍ୟ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆଜି ଉଦଯାପିତ ହୋଇଯାଇଅଛି । ତିନି ଦିନ ବ୍ୟାପି ପୋଖରୀପୁଟସ୍ଥିତ ବିଜୁପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟେଡ଼ିଅମଠାରେ ଅନୁଷ୍ଠିତ ହୋଇଥିବା ଏହି ରାଜ୍ୟ ଚମ୍ପିୟାନସିପର ୧୩ ବର୍ଷରୁ କମ ବୟସ ବର୍ଗରେ ସମ୍ବଲପୁରର ଅୟଙ୍କ ସାହୁ ତ୍ରିମୁକୁଟ ଲାଭ କରିଛନ୍ତି। ଅୟଙ୍କ ସିଙ୍ଗଲ ଫାଇନାଲରେ ଖୋର୍ଦ୍ଧାର ଫସୁଲ ସେଠିଙ୍କୁ ସିଧାସଳଖ ୨୧/୧୮ , ୨୧/୯ ହରାଇ ଚମ୍ପିୟାନ ହୋଇଛନ୍ତି। ଡବଲସରେ ବାଲେଶ୍ୱରର ଅର୍ଣ୍ଣବ ଦାସଙ୍କୁ ସାଥୀକରି ରାୟଗଡା- ଖୋର୍ଦ୍ଧା ଯୋଡି ଅନୁରୂପ ସାହୁ ଓ ଫସୁଲ ସେଠିକୁ ୨୧/୧୬,୨୪/୧୪ ପଏଣ୍ଟ ରେ ପରାସ୍ତ କରିଛନ୍ତି । ସେହିପରି ମିକ୍ସ ଡବଲସରେ ଅୟଙ୍କ ଏଲିନା ରାଜଙ୍କୁ ସାଥ୍ କରି ସୁନ୍ଦରଗଡ ଓ କଟକ ଯୋଡି ଋତୁରାଜ ପୁଟେଲ ଓ ରିସିକା ଦାସଙ୍କୁ ସିଧା ସଳଖ ୨୧/୧୮ ,୨୧/୧୭ ପଏଣ୍ଟରେ ହରାଇ ଚମ୍ପିୟାନ ହେବ ସହ ହିଁ ମୁକୁଟ ଲାଭ କରିଛନ୍ତି। ୧୩ ବର୍ଷରୁ କମ ବାଳିକା ବିଭାଗ ରେ ଜଗତସିଂହପୁରର ଲକ୍ଷ୍ମୀପ୍ରିୟା ଗୋଛାୟତ ପ୍ରତିଯୋଗିତାରେ ବିମୁକୁଟ ଲାଭ କରିଛନ୍ତି । ସିଙ୍ଗଲ ରେ ଲକ୍ଷ୍ମୀପ୍ରିୟା ଖୋର୍ଦ୍ଧା ର ଆଦ୍ୟସା ଲେଙ୍କା କୁ ୨୧/୧୨,୨୧/୧୧ ପଏଣ୍ଟରେ ହରାଇ ଚମ୍ପିୟାନ ହୋଇଛନ୍ତି । ଡବଲସ ରେ ଖୋର୍ଦ୍ଧା ର ସାନଭି ସାହୁଙ୍କୁ ସାଥ୍ କରି ଖୋର୍ଦ୍ଧା ଯୋଡି ଦର୍ଶନା ଜଗଦେବ ଓ ସରୟା ପିନିଟିକୁ ହରାଇ ଚାମ୍ପିୟନ ହୋଇଛନ୍ତି। ଖୋର୍ଦ୍ଧାର ସମର ମହାନ୍ତି ପ୍ରତିଯୋଗୀତାରେ ବିମୁକୁଟ ଲାଭ କରିଛନ୍ତି । ସିଙ୍ଗଲରେ ସମର ନିଜ ଜିଲ୍ଲାର ସାଇ ଆଶିଷ ଙ୍କୁ ୨୧/୧୪,୨୧/୧୩ ପଏଣ୍ଟରେ ହରାଇ ଟାଇଟଲ ହାସଲ କରିଥିବାବେଳେ ଡବଲସରେ ମାଷ୍ଟର ଇଭାନଙ୍କୁ ସାଥ୍ କରି ନିଜ ଜିଲ୍ଲାର ସାଇ ଆଶିଷ ଓ ବିହାଳ ସାମନ୍ତ ରାୟ ଙ୍କୁ ୨୧/୧୭,୨୧/୧୧ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି। ବାଳିକା ବିଭାଗ ରେ ସମ୍ବଲପୁର ର ଆରନି ବେହେରା ଖୀର୍ଷା ଖେଳାଳୀ ସାଇପ୍ରିୟା ସୁବୁଦ୍ଧି ଙ୍କୁ ୨୭/୨୫,୨୨/୨୦ ପଏଣ୍ଟ ରେ ହରାଇ ଚମ୍ପିୟାନ ହୋଇଛନ୍ତି। ବାଳିକା ଡବଲସରେ ଖୋର୍ଦ୍ଧା-କଟକ ଯୋଡି ସାଇପ୍ରିୟା ଓ ବଂଶୀକା ମଲ୍ଲିକ ଖୋର୍ଦ୍ଧା ଯୋଡି ଅନାୟା ସାମନ୍ତରାୟ ଓ ବୃନ୍ଦନା ସୋନମ ଯୋଡିଙ୍କୁ ହରାଇ ଚମ୍ପିୟାନ ଆଖ୍ୟା ଲାଭ କରିଛନ୍ତି । ଆୟୋଜନ କମିଟି ସମ୍ପାଦକ ଅଜିତ ମହାନ୍ତି ଓ ଦୀପକ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ହେଇଥିବା ଉଦଯାପନୀ ସଭାରେ ଓସବା ଯୁଗ୍ମସମ୍ପାଦକ ଶୈଳେନ୍ଦ୍ର ଚୌଧୁରୀ ଓ ମୁଖ୍ୟ ରେଫରୀ ବିଜୟ ବାଗ କୃତି ଖେଳାଳୀଙ୍କୁ ମାନପତ୍ର, ଟ୍ରଫି ପ୍ରଦାନ କରିଥିଲେ ।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS